ବିନୋଦ ରାଉତରାୟ

ପ୍ରକାଶକ :

ଶ୍ରୀ ପ୍ରସନ୍ନକୁମାର ରାଉତରାୟ

ଗ୍ରାମ:ଘର କାଳିକା ପୁର

ପୋ: ପୁରୁଣାହାଟ ଶାସନ

କଟକ

ମୁଦ୍ରକ :

ଶ୍ରୀ ଅରବିନ୍ଦନାଥ ଦାଶ

ଶତଦଳ ପ୍ରେସ

କଟକ—୧

ପ୍ରକାଶନ :

ପ୍ରଥମ ପ୍ରକାଶ— ଏଗାର ଶହ

ଦଶହରା, ୧୯୫୯

( ସର୍ବସ୍ୱତ୍ୱ ସଂରକ୍ଷିତ )

ମୂଲ୍ୟ ଦୁଇଟଙ୍କା

# କହିବାର କଥା

୧୯୫୪ ରେ ଶାନ୍ତିନିକେତନରୁ ଫେରିଲି । ସେଠାରୁ ଏ ପର୍ଯ୍ୟନ୍ତ ପାଞ୍ଚବର୍ଷ ମଧ୍ୟରେ ଲିଖିତ ଏଗାରଟି ସମଧର୍ମୀ ପ୍ରବନ୍ଧର ଏହା ଏକ ସଂକଳନ ମାତ୍ର । ପ୍ରବନ୍ଧଗୁଡ଼ିକ ଯଥାସମୟରେ ଡଗର, ଉତ୍କଳ ସାହିତ୍ୟ, ମାତୃଭୂମି ଓ ମେହେର ପ୍ରଦୀପରେ ପ୍ରକାଶିତ ହୋଇଥିଲା । ସେ ସବୁ ପତ୍ରିକାର ସମ୍ପାଦକମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି ।

ଏବେ ସେ ଗୁଡ଼ିକୁ ଗୋଟିଏ ସୂତାରେ ଗୁନ୍ଥି ମାଳରଚନା କଲାବେଳେ ବହୁ ସ୍ଥାନରେ ଆଶାତୀତ ପରିବର୍ତ୍ତନ ଓ ପରିବର୍ଦ୍ଧନ କରାଯାଇଛି । ବହୁ ତତ୍କାଳୀନ ସମସ୍ୟା ଉପରେ ମନ୍ତବ୍ୟ ଦିଆହୋଇ ଥିବାରୁ, ସେଗୁଡ଼ିକର ସ୍ଥାୟୀମୂଲ୍ୟ ହୁଏତ ନାହିଁ । ଭିନ୍ନ ଭିନ୍ନ ସମୟରେ ଲେଖାଗୁଡ଼ିକ ଲିଖିତ ଓ ପ୍ରକାଶିତ ହୋଇଥିବାରୁ ବହୁ କ୍ଷେତ୍ରରେ ପୁନରୁକ୍ତି ମଧ୍ୟ ହୋଇଛି । ଯେଉଁଠି ବେଦନା ଥାଏ, ଥରକୁ ଥର ତାହାର ଚିନ୍ତା ହିଁ ମନକୁ ଆସେ । ମୁଁ ଯେତେବେଳେ ପ୍ରତି ଲେଖାରେ ଆମ ଦୁଃଖକାହାଣୀକୁ ଲିପିବଦ୍ଧ କରିବାକୁ ଚେଷ୍ଟାକରିଛି, ସେତେବେଳେ ଅନେକ କଥା ପୁନରୁକ୍ତ ହେବା ହିଁ ସ୍ୱାଭାବିକ ।

ଏ ସଂକଳନରେ ଅକୁଣ୍ଠିତ ଅଂଶଗ୍ରହଣ କରିଚନ୍ତି ମୋର ସାହିତ୍ୟିକ ବନ୍ଧୁ ଶ୍ରୀଯୁକ୍ତ ରାଜକିଶୋର ପଟ୍ଟନାୟକ, ଶ୍ରୀଯୁକ୍ତ ଅବନୀନ୍ଦ୍ରନାଥ ଦାଶ ଓ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାନ୍ତି । ସେମାନଙ୍କୁ ଆଜି ଶ୍ରଦ୍ଧାର ସହିତ ସ୍ମରଣ କରୁଚି । ଶତଦଳ ପ୍ରେସର ସଂଚାଳକ ପୁସ୍ତକଟିର ନିର୍ଭୁଲ ମୁଦ୍ରଣ ପାଇଁ ଯତ୍ନ କରିଚନ୍ତି । ତଥାପି କେତେକ କ୍ଷେତ୍ରରେ ଅମାର୍ଜନୀୟ ତ୍ରୁଟି ରହିଯାଇଚି । ବାସ୍ତବରେ ପୃଷ୍ଠା ତୃତୀୟ ଧାଡ଼ିରେ 'ଶିଳ୍ପୀ ଗଗନେନ୍ଦ୍ର ନାଥ' ହେବାସ୍ଥଳେ ଶିଳ୍ପୀ ଖଗେନ୍ଦ୍ର ନାଥ ହୋଇଯାଇଚି । ଏଥିପାଇଁ ମୁଁ ଦୁଃଖିତ ।

ମୁଁ ସାହିତ୍ୟିକ ନୁହେଁ । ଭାଷାର ବାଁଧି ଓ ବିକାଶକୁ ପରଖି ଦେଖିଲାଭଳି ଯୋଗ୍ୟତା ମୋର ନାହିଁ । ଏ ସଂକଳନରେ ସେ ଦିଗରୁ କୌଣସି ପ୍ରକାର ତ୍ରୁଟି ଥିଲେ, ତାହା ସଦୟ ପାଠକମାନେ ଆପଣା ଉଦାରତାରେ କ୍ଷମାକରିବେ ।

କଟକ
ତା ୭ । ୧୦ । ୫୯

ବିନୀତ
ବିନୋଦ ରାଉତରାୟ

ଶ୍ରୀଯୁକ୍ତ ଶରତଚନ୍ଦ୍ର ଦେଓ

ଶ୍ରୀଯୁକ୍ତ ଅଜୀତ୍‌କେଶରୀ ରାୟ

ଶ୍ରୀଯୁକ୍ତ ବପ୍ରଚରଣ ମହାନ୍ତି

ଶ୍ରୀଯୁକ୍ତ ରବିନାରାୟଣ ନାୟକ

ଆପଣମାନେ ଏ ଜାତିର ଚନ୍ଦ୍ରଭାଗା ଗଣ୍ଡିରେ ପ୍ରଥମ ପ୍ରସ୍ତର ଖଣ୍ଡ । ଆପଣମାନଙ୍କୁ ମୋର ନମ୍ର ନମସ୍କାର ଜଣାଉଛି ।

ପ୍ରଣତ

**ବିନୋଦ**

# ସୂଚୀ


| ବିଷୟ | ପ୍ରଥମ ପ୍ରକାଶ | ପୃଷ୍ଠା |
|---|---|---|
| ୧ । ରୂପଦେବତାଙ୍କ ଆବାହନ | ଉତ୍କଳ ସାହିତ୍ୟ | ୧ |
| ୨ । ଶବସଂଚରଣର ଭୂମିକା | ଉତ୍କଳ ସାହିତ୍ୟ | ୧୪ |
| ୩ । ସଚିତ୍ର ଶିଶୁ-ପୁସ୍ତକ | ମେହେର ପ୍ରଦୀପ | ୨୫ |
| ୪ । କଳା ଶିକ୍ଷା ଓ ଶିକ୍ଷାୟତନ | ମାତୃଭୂମି | ୩୪ |
| ୫ । ପୁଣ୍ୟ ପରଶ | ମେହେର ପ୍ରଦୀପ | |
| ୬ । ପ୍ରଗତିଶୀଳ କଳା ଓ ଓଡ଼ିଆ ଶିଳ୍ପୀର ବ୍ୟକ୍ତିତ୍ୱ | ଡଗର | ୫୬ |
| ୬ । ଚିତ୍ର ପ୍ରଦର୍ଶନୀର ଆବଶ୍ୟକତା | ମେହେର ପ୍ରଦୀପ | ୬୬ |
| ୮ । କଳା ଓ ସମାଜ | ଡଗର | ୭୬ |
| ୯ । କଳା ଓ ଜୀବନ | ମାତୃଭୂମି | ୯୨ |
| ୧୦ । କଳା ଓ ସୌନ୍ଦର୍ଯ୍ୟବୋଧ | ଡଗର | ୧୦୨ |
| ୧୧ । ରୂପାନ୍ୱେଷୀର ସ୍ୱାକ୍ଷର | ଡଗର | ୧୧୫ |

# ରୂପାନ୍ୱେଷୀର ସ୍ୱାକ୍ଷର

# ରୂପ ଦେବତାଙ୍କ ଆବାହନ

ଏ ଦେଶରେ 'ଡ଼ାନ୍‌ଲପ' ଚକା ଦେବି କେହି ବର୍ତ୍ତ କରି ଆଙ୍କିଦେଇ ପରେ, ସେ ଅର୍ଥ ପାଏ—ସମ୍ମାନ ବି ପାଏ । କଟକ ସହରର ଛକ ଉପରେ କଇଁଚ ମାର୍କା ସିଗାରେଟ ଛବିର ତାରିଫ କରିବା ପାଇଁ ସହସ୍ର ଲୋକ ପ୍ରସ୍ତୁତ ଅଛନ୍ତି । କିନ୍ତୁ ଗୌରୀଶଙ୍କର ପାର୍କ ପାଖରେ ରାଧାନାଥଙ୍କ ମୂର୍ତ୍ତିରେ ଧୂଳି ପଡ଼େ, ଆବର୍ଜନା ଜମେ, କେହି ଶୋଚନ୍ତି ନାହିଁ । ଆମ ଲୋକଙ୍କ ଆଖିରେ ଧୂଆ ମୂଳା ଓ ଅଧୂଆ ମୂଳା ସମାନ ।

ଗୋଟିଏ କଥାରେ ଅଛି—'ବିଶ୍ୱାସେ ମିଳଇ କୃଷ୍ଣ, ତର୍କେ ବହୁଦୂର ।' ବୈଷ୍ଣବ କବିର ଏ ସୂକ୍ତି ମୂଳରେ ବୈଜ୍ଞାନିକ ସତ୍ୟ କିଛି ଥାଉ ବା ନ ଥାଉ, ଏହା ଗୋଟିଏ ଧ୍ରୁବ ବାଣୀ । ସେହି ଭଳି କଳା-କୃଷ୍ଣ ହେଉଛି ବିଶ୍ୱାସର ବସ୍ତୁ । ଯେତିକି ବିଶ୍ୱାସ କରିବ ଓ ନୈବ ପୂର୍ଣ୍ଣ କରି ଗ୍ରହଣ କରିବ, ସେତିକି ହୃଦୟ ମଧ୍ୟରେ

ତାର ମହକ ମିଳିବ ! ଆପଣା ରୁଚି ସେତିକି ମାର୍ଜିତ ହେବ । ଯେଉଁଭଳି ଧାତବ-ଦ୍ରବ୍ୟ ମାର୍ଜିତ ହେଲେ, ଜ୍ୟୋତି ବିକୀରଣ କରେ; ସେଇଭଳି ରୁଚି ମାର୍ଜିତ ହେଲେ ରସବୋଧ ବିକଶିତ ହୁଏ । ଥରେ ଚିନା ଚିତ୍ରକାର Lasking (ଲସ୍କିଂ) ନିଜ ଅଙ୍କା ଗୋଟିଏ ଘାସ ଗୁଚ୍ଛର ଚିତ୍ରପଟକୁ ଦେଖାଇ କହିଥିଲେ-"ଏ ଘାସର ପ୍ରାଣରେ ଘାସ ଜଗତର ଇତିହାସ ଲୁଚି ରହିଛି । ଏ କେବଳ ହୀନ, ପଦଦଳିତ ଘାସର କ୍ଷଣିକ ଇତିକଥା ନୁହେଁ ।" ଏହା ରୂପ-ରଚନାର ଏକ ରୁଚିମନ୍ତ ଦୃଷ୍ଟିକୋଣ । ଆଖି ଭିତର ଦେଇ ଛବିକୁ ଯେତିକି ଅନୁଭବ କରାଯାଇ ପାରେ; ଅକ୍ଷର, କାନ ଓ ଶବ୍ଦ ଭିତର ଦେଇ ସେ ଅନୁଭବ ସମ୍ଭବ ନୁହେଁ । ଛବିର ଭାଷା ସର୍ବବୋଧ । ଛବିର ପ୍ରକାଶ ସାର୍ବଜନୀନ ।

ଆମ ଜନସାଧାରଣଙ୍କ ବୋଧଶକ୍ତି ବଡ଼ ଅପରିଚ୍ଛନ୍ନ ଓ ଅପରିପକ୍ୱ । ଏପରି କି ଚକ୍ଷୁଷ୍ମାନ ଲୋକଙ୍କ ମଧ୍ୟରେ ତୁଳି ସ୍ପର୍ଶର ମୂଲ୍ୟ ଅଳ୍ପ କେତେଜଣମାନ ବୁଝନ୍ତି । ସେମାନଙ୍କ ସଂଖ୍ୟା ଅଙ୍ଗୁଳିମେୟ । ଘରପାଖରେ ବ୍ୟଙ୍ଗ ଓ ବିଦ୍ରୂପ । ଜୀବନର ଆନନ୍ଦକୁ ମନୁଷ୍ୟ ତାର କର୍ମ ମଧ୍ୟରେ ପ୍ରକାଶ କରିବାକୁ ଅକ୍ଷମ । ସାମାଜିକ ସଂସ୍ଥା ମଧ୍ୟରେ ଚିତ୍ର-ଦୈନ୍ୟ ଗୋଟିଏ ଲଜ୍ଜାକର ବ୍ୟାଧି । ସ୍କୁଲ୍ ଓ କଲେଜର ପାଠ ପଢ଼ୁଆ ପଣ୍ଡିତଙ୍କଠାରୁ ଆରମ୍ଭ କରି ଅର୍ଦ୍ଧ ଶିକ୍ଷିତ ଓ ଅଶିକ୍ଷିତ ରିକ୍ସାବାଲା ପର୍ଯ୍ୟନ୍ତ ସମସ୍ତଙ୍କୁ ଏହା ଆକ୍ରମଣ କରିଛି । ସୌନ୍ଦର୍ଯ୍ୟବୋଧର ଦୈନ୍ୟ ଆମର ସାମାଜିକ ସ୍ୱାସ୍ଥ୍ୟ କେବଳ ଅପହରଣ କରିନାହିଁ; ରାଜନୈତିକ ଓ ଅର୍ଥ-ନୈତିକ ନଗ୍ନତାକୁ ବି ପ୍ରମାଣିତ କରୁଛି । ଶିକ୍ଷାୟତନକୁ ଗଲେ ଦେଖିବାକୁ ମିଳେ, ଛୋଟ ଛୋଟ ପିଲାଏ ବସି ଖାତା-ପେନ୍‌ସିଲ୍

ଧରି ଗ୍ରୀକ୍‌କପ୍ କିମ୍ବା ସୁରେଇଟିଏ କିପି କରୁଛନ୍ତି । ବଜାରକୁ ବାହାରିଲେ ଭଙ୍ଗା କାଗଜିଆ ଟିଣରେ ପାଣିବୁହା ଚାଲିଛି । ସଭ୍ୟ ଭଦ୍ରଲୋକମାନଙ୍କ ଘରକୁ ଗଲେ ସିନେମା ତାରକାମାନଙ୍କର ଶସ୍ତାରୁଚିର ଫଟୋ ଛପା କ୍ୟାଲେଣ୍ଡର ଉପରେ ସାର୍ଟ ଓ ପ୍ୟାଣ୍ଟ ଘରର ଶୋଭା ବର୍ଦ୍ଧନ କରୁଛି । ଗାଁ ଗହଳର ଝିଅ ବୋହୂମାନଙ୍କ ପାଦରେ ପାଉଁଝ-ପଞ୍ଚମ ତଳକୁ କାନ୍‌ପୁରୀ ଚପଲ ଶୋଭା ପାଉଛି । ଗାଉଁଲି ଯାତ୍ରାଦଳମାନଙ୍କରେ ବଙ୍ଗଳା ନାଟକର ବଚନ ଓଡ଼ିଆ ଅନୁବାଦ ସବୁ ଅଭିନୀତ ହେଉଛି । କୌଣସି ଅନୁଷ୍ଠାନର ଉଦ୍‌ଘାଟନ ଉତ୍ସବରେ ପ୍ରଦୀପଟିଏ ଜଳାଇ ଦେବା ଅପେକ୍ଷା ଆଜିର ସଭ୍ୟସମାଜ କଇଁଚି ଧରି ଫିତା କାଟିବାରେ ଅଧିକ ଗୌରବାନ୍ୱିତ ହେଉଛି । ମାଆ ସରସ୍ୱତୀଙ୍କ ଆବାହନର ବେଦମନ୍ତ୍ର ସହିତ ବ୍ୟାଣ୍ଡପାର୍ଟିର ଏକ ବଚନ ସମାବେଶ ପରଂପରାଗତ ଆଦର୍ଶ, ରୁଚି, ସୌନ୍ଦର୍ଯ୍ୟବୋଧର ମୁଣ୍ଡ ଖାଇ ବସିଛି । ସବୁ ଆଡ଼େ କମିଛି ଅସୁନ୍ଦର ଓ ଅଲକ୍ଷ୍ମୀର ରାଜତ୍ୱ । ଖାପଛଡ଼ା ଏକ କୃତ୍ରିମ ଜୀବନର ସ୍ରୋତ ହିଁ ଚାଲିଛି । ତରୁଣ ଓଡ଼ିଶାକୁ ଏସବୁ ଅସ୍ୱୀକାର କରିବାକୁ ପଡ଼ିବ । ବିଶ୍ୱକବିଙ୍କ ଭାଷାରେ କହିବାକୁଗଲେ—

"ଧୂଲ୍ୟେ ମୁଛେ ଯେତେ ହବେ ଏ ପାପ, ଏ ଲାଜ—
ଆଜ ହତେ ଜୀବନେର ଏଇ ଶେଷ କାଜ ।"

ଯନ୍ତ୍ର ସଭ୍ୟତା ଆମ ମନକୁ ଦିନକୁ ଦିନ ଅଧିକ ଯନ୍ତ୍ର କରି ଦେଉଛି ବୋଲି କେହି କେହି କହି ଥାଆନ୍ତି । ଯାନ୍ତ୍ରିକ ମଣିଷର ରୁଚି ବିଭ୍ରାଟରେ ଆମର ସଂସ୍କୃତିପୁରୁଷ ଦିନକୁ ଦିନ ଅଦ୍ଭୁତ

ବିଭୂଷଣରେ ଭୂଷିତ ହେଉଚି ବୋଲି ଯୁକ୍ତି ଦର୍ଶାଇ ଥାଆନ୍ତି । ସେମାନେ ଯନ୍ତ୍ର ସଭ୍ୟତାର ଆଦିଭୂମି ୟୁରୋପକୁ ଆଖି ଫେରାଇବା ଉଚିତ । ସେ ଦେଶର ଦୁଇଜଣ ସଂସ୍କୃତିପ୍ରେମୀ ଇଲୟୁଟ୍ ଓ ସ୍ପେଣ୍ଡର୍ସ ଯଥାକ୍ରମେ "The man of letters and the Future of Europe" ଓ 'Letters to his Son" ନାମକ ଦୁଇଗୋଟି ରମ୍ୟ ରଚନାରେ ଆଧୁନିକ ସଭ୍ୟତାର ଭୂତ ଦେଖି ଶଂକିତ ହୋଇ ଉଠିଚନ୍ତି । ଏ ଦେଶକୁ ବିଲାତ କରିବାପାଇଁ ଉନବିଂଶ ଶତାବ୍ଦୀର କେତେକ ସଂସ୍କାରକ ଚିନ୍ତା କରୁଥିଲେ । ସେଇ ପ୍ରକାରରେ ସେମାନେ ଆଧୁନିକ ହେବାପାଇଁ ଉଦ୍ୟମ କରୁଥିଲେ । ବିଲାତର ହୃଦୟ ନ ବୁଝି ଏକ ବିକାରଗ୍ରସ୍ତ ଅନୁକରଣରେ ଆମର ପୂର୍ବପୁରୁଷମାନେ ବହୁ ଆଡ଼ମ୍ବର ଦେଖାଇଲେ । ଏବେ ଆମେ ବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ପହଞ୍ଚି ମନରେ ଓ କର୍ମରେ ତାର ଦାୟାଦ ହୋଇ ରହିଯାଇଚୁ । ସବୁପ୍ରକାର ପରାଶ୍ରୟତାଠାରୁ ଅଧିକ ଭୟାବହ ଓ ମାରାତ୍ମକ ହେଉଚି ସାଂସ୍କୃତିକ ପରଧର୍ମ । ବିଲାତି କାଇଦା, କାନୁନ, ପୋଷାକ ଓ ଚଳଣି ଅନୁକରଣରେ ଆମେ ସବୁ ବେଳେ ବ୍ୟସ୍ତହୋଇ ପଡ଼ୁଚୁ । ଦୀର୍ଘ ଦେଢ଼ଶହ ବର୍ଷର ଆତ୍ମୀୟତା ଭିତରେ ତାହା ପରିପାକ କରି ଆମ ଆପଣା ସଂସ୍କୃତି ଓ ଭାବଧାରା ସହିତ ଯୋଡ଼ି କଲମ କରିପାରିନାହୁଁ । ଆନ୍ତର୍ଜାତିକ କ୍ଷେତ୍ରରେ ଆଗୁଆହୋଇ ପାରିନାହୁଁ । ବରଂ ଆମର ନିଜସ୍ୱ ପୁଞ୍ଜିକୁ ହଜାଇ ଦେଇ ଏକ ସଂକଟମୟ ପରିବେଶ ସୃଷ୍ଟି କରିଚୁ । ଏ ଶତାବ୍ଦୀର ଦରବାରରେ ଆମ ଆଧୁନିକତା ହାସ୍ୟରସ ସୃଷ୍ଟିର ଉପାଦାନ ହେଲାଣି । ଦୁଇଟି ମହାଯୁଦ୍ଧର ପରିସ୍ଥିତିକୁ ଜୟକରି ଆଜି ପୃଥିବୀର ସବୁ ଆଧୁନିକ, 'ଗୋଟିଏ ଆଧୁନିକ । ଓଡ଼ିଆ ବୋଲି କହିବାକୁ ହେଲେ କିମ୍ବା

ଭାରତୀୟ ବୋଲି ପରିଚୟ ଦେବାକୁ ହେଲେ, କୋଣାର୍କ ଯୁଗର କାହାଣୀ ଶୁଣାଇ ମୁଗ୍ଧ କରିବାକୁ ପଡୁଛି ।

ଏସବୁର ମୂଳ କାରଣ, ଆମେ ଦିଗ୍‌ଭ୍ରଷ୍ଟ ହୋଇଚୁଁ । ଆଖି ଆଗରୁ ଆଲୋକରେଖା କ୍ରମଶଃ ଅପସରି ଯାଇଛି । ବର୍ତ୍ତମାନ ମାଳିଁ ଧୂଆଁଳିଆ ଭ୍ରଷ୍ଟ ରୁଚିର ଛାୟା ମାତ୍ର ଅଛି । ଏ କ୍ଷେତ୍ରରେ ଆମର ଶିକ୍ଷା, ସଭ୍ୟତା ଓ ରସବୋଧ ଅନୁକୂଳ ହୋଇ ପାରୁନାହିଁ । ଏକ ଆବିଳ ନିର୍ଯାସ ଭିତରେ ଶିକ୍ଷାୟତନ ଗୁଡ଼ିକ ଦେଶର ଭବିଷ୍ୟତ ଲାଗି ଚୂନା ଯୋଗୁଛନ୍ତି । ଶୁଖିଲା ପୋଥିପାଠ; ଲିଖିତ ଆଦର୍ଶ, ଆଉ ଅର୍ଥନୈତିକ ପେଞ୍ଚପାଞ୍ଚ ଆମର ଟୋଲ ଚଟଶାଳୀଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ଉଚ୍ଚତମ ମହଲ ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି । ଯେଉଁ ବିଦ୍ୟା ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ହୃଦୟରେ କଲ୍ୟାଣର ଢେଉ ନଚାଇ ଦେଇ ଆଗକୁ ଯିବାର ପ୍ରେରଣା ଦିଏ, ସେଇ ଶିକ୍ଷା ହିଁ ଆମର ଦରକାର । ସେଥିରେ ଜାତିର ଅକାଳ ବାର୍ଦ୍ଧକ୍ୟ ଆସିବ ନାହିଁ । ଆମ ଶିଳ୍ପ ଶିକ୍ଷକ, ସାହିତ୍ୟ ଶିକ୍ଷକ, ଗଣିତ ଶିକ୍ଷକ ଓ ଇଂରାଜୀ ଶିକ୍ଷକଙ୍କ ମଧ୍ୟରେ କେବଳ ଅର୍ଥନୈତିକ ତାରତମ୍ୟ ନାହିଁ, ଆତ୍ମବଡ଼ିମା ଓ ସାମାଜିକ ସମ୍ମାନର ତାରତମ୍ୟ ବି ଅଛି । ଏହା ଯେକୌଣସି ଶିକ୍ଷାୟତନକୁ ଗଲେ ପରିଷ୍କାର ବୁଝି ପଡ଼ିବ । କଳାବିତ୍ ଗୋପାଳ କାନୁନ୍‌ଗୋ କିମ୍ବା ବସନ୍ତକୁମାର ପଣ୍ଡାଙ୍କର ଜୀବନର ଅଧିକାଂଶ ସମୟ ବିତି ଗଲାଣି କେବଳ ଶିକ୍ଷକତା ମଧ୍ୟରେ । ପ୍ରତିବର୍ଷ ମାଧ୍ୟମିକ ଶିକ୍ଷାର ପାଠ୍ୟକ୍ରମକୁ ଓଲଟାଇ ଓଲଟାଇ ଦୁଇଏକ ଛିଟା ଲାଗିବଣି । ଆପଣାର

ବିଦ୍ୟା ବୁଦ୍ଧି ଠିକକୁ ଦେଖିବାକୁ କିମ୍ବା ଦେଖାଇବାକୁ ସୁଯୋଗ ନାହିଁ । ସୁବିଧା ତ ଦୂରର କଥା ! ଯେତେଦିନ ଯାଏ ପ୍ରତିଭାର ଏଇଭଳି ଶସ୍ତା ସୁଯୋଗ ନିଆ ଯାଉଥିବ, ସେତେଦିନ ଯାଏ ଆମର ରୁଚି, ସଂସ୍କୃତି ଓ ସଭ୍ୟତା ରସାତଳରେ ପଡ଼ିଥିବ । ଏଥିରେ ସନ୍ଦେହ କରିବାର ଅବକାଶ ନାହିଁ । ଯଦି ବିଶ୍ୱକବି ରବୀନ୍ଦ୍ରନାଥଙ୍କୁ ଶିଶୁ ଶ୍ରେଣୀରେ ଅ, ଆ, କ, ଖ ପଢ଼ାଇ କାଳକ୍ଷେପଣ କରିବାକୁ ପଡ଼ି ଥାଆନ୍ତା; ତେବେ ଆମେ କେବଳ ଜଣେ ବିଶ୍ୱ ବିଶ୍ରୁତ ଅଖଣ୍ଡ ବ୍ୟକ୍ତିତ୍ୱକୁ ହରାଇ ନଥାନ୍ତୁ; ଆମ ନବଜୀବନର ସ୍ମରଣି କବିଙ୍କ ମଧୁର ପଦାବଳୀରୁ ବି ବଞ୍ଚିତ ହୋଇ ଥାଆନ୍ତୁ । ଭାରତୀୟ ମୂର୍ତ୍ତିକାର ରୂପେ ଯେଉଁ ଶ୍ରୀଧର ମହାପାତ୍ର ଆଜି ପୃଥିବୀର କଳା ଦରବାରରେ ସମ୍ମାନିତ ହୁଅନ୍ତି, ଓଡ଼ିଶା ତାଙ୍କର ମୂଲ୍ୟ ବୁଝେ ନାହିଁ । ଗ୍ରୀକ୍ ମୂର୍ତ୍ତି, ଚୀନା ମାଟିର ମୂର୍ତ୍ତି ଘର କୋଣରୁ ପଣେ ପଣେ ବାହାରେ ସତ; କିନ୍ତୁ ତାଙ୍କ ମୂର୍ତ୍ତିରୁ ଖଣ୍ଡିଏ ବି ଜାତୀୟ କଳାଗାରରେ ଦେଖିବାକୁ ମିଳେ ନାହିଁ । ଏ ଶ୍ରୀଧର ବାବୁ ଲକ୍ଷ୍ନୌର ନାଁ ଓଡ଼ିଶାର ? ଦେଶ ପରାଧୀନ ଥିଲାବେଳେ ଯେଉଁମାନେ ବିଦେଶୀ ବର୍ଜନର ପୁଣ୍ୟକର୍ମ କରୁଥିଲେ, ସେଇମାନେ ହିଁ ଦେଶ ସ୍ୱାଧୀନ ହେଲା ପରେ ସ୍ୱଦେଶୀର ମୂଲ୍ୟାଙ୍କନ କରିବାକୁ କୁଣ୍ଠିତ ।

ଆଦିମାନବ ଗଛର ବକଳରେ ଲଜ୍ଜାନିବାରଣ କରୁଥିଲା । ସେତେବେଳେ ସେ ସଭ୍ୟତା ମନ୍ଦିରର ପହିଲି ପଥରଟି ପକାଇଥିଲା । ପର୍ବତ ଗୁମ୍ଫାରେ ସେ ସ୍ୱପ୍ନ ଦେଖିଥିଲା ବାଇଶନ୍‌ର । ଆଜି ଗଛର ବକଳରୁ ଓ ଗଛର ଫଳରୁ ତାର ମହତ୍ କଳ୍ପନା, ସୂକ୍ଷ୍ମବସ୍ତ୍ର ଓ ମାର୍ଜିତ ରୁଚିର ପରିଚ୍ଛଦ ଯୋଗାଇବାକୁ ସକ୍ଷମ ହୋଇଛି । ଶିଳ୍ପୀ

ପିକାସୋ ବିଶ୍ୱଦରବାରରେ କଳ୍ପନାର କପୋତ ଉଡ଼ାଇ ଦେଇଚନ୍ତି । ଏଇ ହେଉଚି କଳାବୋଧର ମୌଳିକ ଗତି । କଥାଟାକୁ ଆଉଟିକେ ପରିଷ୍କାର କରି କହିବାକୁ ଗଲେ 'ସଭ୍ୟତା' ଓ 'ସଂସ୍କୃତି' ଶବ୍ଦ ଦୁଇଟିର ପାର୍ଥକ୍ୟ ବୁଝିବାକୁ ହେବ । ପ୍ରଥମେ ଆଦି ମଣିଷ ସଭ୍ୟହେବାକୁ ଚେଷ୍ଟାକରିଚି । ସମାଜିକ ବ୍ୟବସ୍ଥା, କୌଳିକ ପ୍ରଥା, ଅର୍ଥନୀତିରେ କ୍ରମ ବିବର୍ତ୍ତନ ଓ ବିଜ୍ଞାନର କ୍ରମୋନ୍ନତି ଦ୍ୱାରା ତାର ସଭ୍ୟତାସୃଷ୍ଟି ହୋଇଚି । ସଭ୍ୟ ମଣିଷ ଆପଣାର ପରିଚୟ ଦେଇଚି ସଂସ୍କୃତି ମାଧ୍ୟମରେ । ମାନସିକ ବିଳାସ ଓ ସଂଯମକୁ ସାହିତ୍ୟ, କଳା ଓ ସଙ୍ଗୀତ ମାଧ୍ୟମରେ ପରିବେଷଣ କରିଚି । ଏଣୁ କଳାର ପ୍ରଥମ ଓ ପ୍ରଧାନ ଉଦ୍ଦେଶ୍ୟ ହେଉଚି ଅପୂର୍ଣ୍ଣରୁ ପରିପୂର୍ଣ୍ଣ ଆଡ଼କୁ ଆଗେଇ ନେବା । ଅନ୍ଧାରରୁ ଆଲୋକ ଉଦ୍ଦେଶ୍ୟରେ ପଥ ନିର୍ଦ୍ଦେଶ କରିବା । ଅସୁନ୍ଦର ଉପରେ ସୁନ୍ଦରର ପ୍ରାଣ ପ୍ରତିଷ୍ଠା କରିବା । ପଙ୍କର ଗଭୀର ଗହ୍ୱର ଭେଦକରି ଆନନ୍ଦର ପଦ୍ମ ଫୁଲ ଫୁଟାଇ ଦେବା । ଭଗବାନଙ୍କ ସୃଷ୍ଟି ତ୍ରୁଟିଶୂନ୍ୟ ନୁହେଁ; କୁତ୍ସିତ, ଭଗ୍ନ, ବିକଳ, ଅପୂର୍ଣ୍ଣ ଓ ଅସୁନ୍ଦରର ସଂଖ୍ୟା ହିଁ ଅଧିକ । ସେଥିପାଇଁ ପକ୍ଷୀର ପକ୍ଷରେ, ପଲ୍ଲବର ମର୍ମରରେ, ସମୁଦ୍ରର ତରଙ୍ଗରେ, ରମଣୀର ଅପାଙ୍ଗରେ, ଫୁଲର ପାଖୁଡ଼ାରେ ଅଜସ୍ର ରୂପର ଇଙ୍ଗିତ ଭରି ରହିଚି । ସେ ସବୁ ଚିତ୍ତକୁ ଆକୃଷ୍ଟ କରେ । ହାତରେ ତୂଳି ଧରାଏ । ଶିଳ୍ପୀ ହିଁ ଆପଣାର ମୌଳିକ କଳ୍ପନା ଦ୍ୱାରା ଭଗବାନଙ୍କର ଅପୂର୍ଣ୍ଣ ସୃଷ୍ଟିକୁ ପରିପୂର୍ଣ୍ଣ କରେ । ନନ୍ଦନର ନିକାଞ୍ଚନରେ ପାରିଜାତର ପାଖୁଡ଼ା ହସାଏ । ବିଶ୍ୱକର୍ମାର ଆଶୀର୍ବାଦ ଘେନି ଶିଳ୍ପୀ ଏକ ପରିପୂର୍ଣ୍ଣ ଭାବରାଜ୍ୟର ପ୍ରତୀକ । ଗୋଟିଏ ସିଂହଳୀ ଗଳ୍ପରେ ଅଛି—ରାଜା ଥରେ ଶିଳ୍ପୀକୁ ପଚାରିଲେ, "ତମେ ଚେତାୟୁକୁ କିଭଳି ଆକାର ପ୍ରଦାନ କରିବ ?

ବିଶ୍ୱକର୍ମା ସେଇ ମୁହୂର୍ତ୍ତରେ ଶିଳ୍ପୀକୁ ପ୍ରେରଣା ଦେଲେ । ସେ ସ୍ୱର୍ଣ୍ଣ ପାତ୍ରରେ ପାଣି ନେଲେ ଏବଂ ଆଙ୍ଗୁଳରେ ଟିପା ମାରିବାରୁ ବୁଦବୁଦ ସୃଷ୍ଟି ହେଲା । ଶିଳ୍ପୀ କହିଲେ, "ମହାରାଜ, ଏଇ ବୁଦ୍-ବୁଦର ଆକାର ଦାନ କରିବ ।" ରାଜା ପରମ ସନ୍ତୁଷ୍ଟ ହୋଇ ଶିଳ୍ପୀକୁ ଏକ ହଜାର କାହାପାନ୍ (ସିଂହଳର ପ୍ରାଚୀନ ମୁଦ୍ରାବିଶେଷ) ମୂଲ୍ୟର ପୋଷାକ ଓ ବାରହଜାର କାହାପାନ୍ ଦାନ କରିଥିଲେ । ଏଇ ଧରଣର ଗଳ୍ପରୁ ଯେଉଁ ଉନ୍ନତ କଳା କଳ୍ପନା ଓ ରସିକ ଅନ୍ତରର ନୈପୁଣ୍ୟ ପ୍ରକାଶ ପାଏ, ଆଜି ତାର କାଣିଚାଏ ବି ନାହିଁ ।

ଆମେ କଦଳି ପତ୍ରରେ ଭାତ ଖାଉଁ ହୋଟେଲମାନଙ୍କରେ । ସେଥିପାଇଁ କଣ୍ଟା ଓ ଚାମୁଚ ବରାଦ କରି ବସୁଁ । ଏଇ ହୋଟେଲ ରୁଚିର ମୁନାଫା ଭିତରେ ଆମେ ରୂପର ସ୍ୱପ୍ନ ଦେଖୁଁ । ଶିଳ୍ପୀର ଶିଳ୍ପ ସହିତ ଫଟୋଗ୍ରାଫିର ଚେହେରାକୁ ବସି ବସି ତୁଳନା କରୁଁ । ମାଆ ସରସ୍ୱତୀଙ୍କ ମୁହଁରେ ନର୍ଗିସ୍‌ର ଗୃହାଣୀ ଖୋଜି ବୁଲୁଁ । କଟକରେ ବହୁତ କମ ଲୋକଙ୍କ ଘରେ ମୌଳିକ ଛବି ଖଣ୍ଡେ କିମ୍ବା ଉନ୍ନତ ଧରଣର ଛବିର ପ୍ରତିଲିପି ଦେଖିବାକୁ ମିଳେ । ପାନ ଦୋକାନରେ ଝୁଲୁଥିବା ଅତି ନିମ୍ନ ଧରଣର କ୍ୟାଲେଣ୍ଡର ମଧ୍ୟ ଫଟୋ ବନ୍ଧାହୋଇ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଗୃହର ସୌନ୍ଦର୍ଯ୍ୟବର୍ଦ୍ଧିତ କରୁଛି । ଏଭଳି ରୁଚିର ତୀବ୍ର ଦୁର୍ଗନ୍ଧରେ ଶିଳ୍ପୀ ବଗିଚାରେ ଫୁଲଟିଏ ବି ଫୁଟିବାକୁ ସାହସ ବାନ୍ଧି ପାରେ ନାହିଁ । ଏ ସବୁ ଦେଖି ଥରେ କବି ରବୀନ୍ଦ୍ରନାଥ କହିଥିଲେ—"ଯେଉଁସବୁ କାରିଗର ପ୍ରକୃତିର ଅବିକଳ ନକଲ କରନ୍ତି, ସେମାନେ ପ୍ରକୃତିଠାରୁ ଚୋରି କରନ୍ତି । ଏଇ ଚୌର୍ଯ୍ୟ ନୈପୁଣ୍ୟ ଦେଖି ଯେଉଁମାନେ ବାହାବା ଦିଅନ୍ତି, ସେମାନେ ମାନବ ଶିଳ୍ପର ମର୍ଯ୍ୟାଦା ବୁଝନ୍ତି ନାହିଁ ।"

ଆମ ପାଠକ ଗୋଷ୍ଠୀଙ୍କ ଧାରଣା, ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ବହି ପଠନଯୋଗ୍ୟ ନୁହେଁ । ସେଇଭଳି ପାଠ୍ୟପୁସ୍ତକ ଲେଖକଙ୍କୁ ଛାଡ଼ି ଦେଲେ ଅନ୍ୟମାନେ ଲେଖକ ବି ନୁହନ୍ତି । ଏବେ ଅବଶ୍ୟ ଡିଟେକ୍‌ଟିଭ୍ ଓ ପ୍ରେମମୂଳକ ଗଳ୍ପ-ଉପନ୍ୟାସର ବିକ୍ରୀ ବଢ଼ିଲାଣି । କିନ୍ତୁ ପ୍ରକାଶକ ଓ ପୁସ୍ତକ ବିକ୍ରେତାମାନେ ପାଠ୍ୟପୁସ୍ତକର ନିଶାରେ ବିଭୋର । ଓଡ଼ିଆ ବହିର ପାଠକ ହେଉଛନ୍ତି, ଓଡ଼ିଆ ଅଧ୍ୟାପକ ଓ ସେଇ ଶ୍ରେଣୀର ଛାତ୍ରମାନେ । ଏ ହେଲା ଦେଶର ସାହିତ୍ୟ ଓ ଜ୍ଞାନ ପିପାସାର ଗୋଟିଏ ଛୋଟିଆ ଉଦାହରଣ । ଏଇ ଉଦାହରଣକୁ ଆଶ୍ରାକରି କଳାଚର୍ଚ୍ଚା ଚଳେ । ଶିଳ୍ପୀର କେବଳ ମାତ୍ର ସଂପର୍କ ପାଠ୍ୟପୁସ୍ତକରେ ଛବି ତିଆରି କରିବା । ଓଡ଼ିଆରେ ଗଳ୍ପ, ଉପନ୍ୟାସ, କବିତା କିମ୍ବା ପ୍ରବନ୍ଧ ବହି ସଚିତ୍ର ହେବା କ୍ୱଚିତ୍ ଦେଖାଯାଏ । ମାସିକ ପତ୍ରିକାର ପ୍ରଚ୍ଛଦରୂପେ ବର୍ଷକ ପାଇଁ ଯେକୌଣସି ପ୍ରକାରର ଖଣ୍ଡିଏ ରଙ୍ଗିନ୍ ଛବି ଦିଆ ହୋଇଥାଏ । ସମଗ୍ର ଓଡ଼ିଶା ପାଇଁ ମାତ୍ର କଟକରେ ଗୋଟିଏ ବ୍ଲକ ତିଆରି କାରଖାନା ଅଛି । ସେଥିରେ ଯାହା ବ୍ଲକ ଉଠୁଛି ତାହା ଦେଖି ଶିଳ୍ପୀର ଛାତି ଦୁରୁ ଦୁରୁ ହୁଏ । ନାକ ଥିଲେ ଚୁନା ନାହିଁ କିମ୍ବା ଚୁନା ଥିଲେ ନାକ ନାହିଁ । ଭରସିକରି ଆଉ ଥରେ ସେମାନଙ୍କ ସହିତ ଯୋଗାଯୋଗ ସ୍ଥାପନପାଇଁ ସେ କୁଣ୍ଠିତ ହୁଏ । ରଙ୍ଗିନ୍ ଛବିର ବ୍ଲକପାଇଁ ବାହାରକୁ ଯିବାକୁ ହୁଏ । ଏଥିରେ ଦେଶର ରୁଚି କିପରି ମାର୍ଜିତ ହେବ ? ଏହା ଅପେକ୍ଷା ସହସ୍ର ଗୁଣରେ ବଡ଼ ଧରଣର ବ୍ୟାପକ ଆନ୍ଦୋଳନ ଆବଶ୍ୟକ । ସଚିତ୍ର ପତ୍ରିକାରୂପେ କୁଙ୍କୁମ ଓ ଆସନ୍ତା କାଲିର କଥା ଉଲ୍ଲେଖଯୋଗ୍ୟ । ସୁଦୂର ବୋମ୍ବେ ଭୂଇଁରୁ କୁଙ୍କୁମ ବେଶି ଦିନ ଠିଆହୋଇ ପାରିଲା ନାହିଁ । ଆସନ୍ତାକାଲି ଅବଶ୍ୟ ସୁରୁଚିପୂର୍ଣ୍ଣ ପାଠକ ସୃଷ୍ଟି କରିଚି;

କିନ୍ତୁ ସେ ଯେଉଁ ଧରଣର ଛବି ଓ ଫଟୋ ପରିବେଷଣ କରୁଛନ୍ତି, ସେଥିରେ ଜାତୀୟ କଳାର ଦୁର୍ଗତି ସୁନିଶ୍ଚିତ । ଏ ପ୍ରକାର ଅପରାଧ ଅକ୍ଷମଣୀୟ । ଅପରିପକ୍ୱରୁଚି ସଭ୍ୟତା ଓ ସଂସ୍କୃତିର ମାପକାଠି ହୋଇନପାରେ । ବରଂ ଯେଉଁଠି ଭଲଛବି ନ ମିଳୁଛି, ସେଠାରେ ପ୍ରାଚୀନ ପାରଂପରିକ ଛବି ବ୍ୟବହାର କରି ସମାଜର ଦୃଷ୍ଟି ତିଆରି କରିବା ବିଧେୟ ।

ପ୍ରାଚୀନ କାଳରୁ ଏଯାଏ ସମସ୍ତଙ୍କ ମୁହଁରେ ଓଡ଼ିଶୀ କଳାର ଅଜସ୍ର ପ୍ରଶଂସା ଶୁଣାଯାଉଥିଲେ ବି ଓଡ଼ିଶାରେ କଳାର ପ୍ରତିନିଧିତ୍ୱ କଲାଭଳି ଗୋଟିଏ ସୁଗଠିତ ମିଉଜିୟମ୍ ନାହିଁ । ମୁଷ୍ଟିମେୟ ପଣ୍ଡିତଙ୍କୁ ଘେନି ଭୁବନେଶ୍ୱରଠାରେ ଯେଉଁ ସଂଗ୍ରାହାଳୟଟି ଆଖିରେ ପଡ଼େ, ତାହା ନିତାନ୍ତ ଦରିଦ୍ର । ଦୁଇଧାଡ଼ି ପିଅନ୍‌ମାନଙ୍କ ରହିବା ଘରେ ଏକାର୍ଯ୍ୟଟି ପରିଚାଳିତ ହୁଏ । ଅଧାଭଙ୍ଗା ବିଶାଳକାୟ ମୂର୍ତ୍ତିସବୁ ବାରଣ୍ଡାରେ ଭିଡ଼ ଜମାନ୍ତି । କେବଳ ଭଙ୍ଗା ମୂର୍ତ୍ତି ଗୁଡ଼ିକ ସାଉଁଟି ରଖିବା ସଂଗ୍ରାହାଳୟର କାର୍ଯ୍ୟ ନୁହେଁ । ପ୍ରତି ଗ୍ରାମରେ ବୁଲି ଆସିଲେ କେତେ ରକମର ଦୀପ, ଗ୍ରାମଦେବତୀଙ୍କ ଘୋଡ଼ା, ମାଣ ଓ ପଲମ ଆଦି ମିଳିବ । ତାହା ଆମ ଲୋକରୁଚିର ଜୀବନ୍ତ ପ୍ରତୀକ । କଳା ବିଦ୍ୟାଳୟଟିଏ ଆସିବ କେଉଁଠୁ ? ଓଡ଼ିଆ ପିଲା ଯଦି କମ୍ ଖର୍ଚ୍ଚରେ ବିଦେଶରେ ରହି ସବୁ ସମୟରେ ଆଶାତୀତ ସୁଫଳ ଲାଭ କଲେ, ତେବେ ଅଧିକ ଖର୍ଚ୍ଚକରି ଗୋଟିଏ ଅନୁଷ୍ଠାନ ଗଢ଼ିବାରେ ପ୍ରୟୋଜନ କଣ ? ଠାକୁରଖାଇ, ଖଟୁଲିଖାଇ ମୁଣ୍ଡରେ ହାତପୋଛି ନାଚିବାରେ ବି ନିଷ୍ପ୍ରୟୋଜନୀୟତା କିଛି ନ ଥାଏ । ଯୁକ୍ତିର ଭଣ୍ଡତା ଆଉ କେତେଦିନ ଜାତିକୁ ନିଶା ଖୁଆଇ ରଖିବ,

ତାର ଠିକଣା ନାହିଁ । ଶେଷକଥା କହିବାକୁ ଗଲେ ଆମ ଶିଳ୍ପୀମାନଙ୍କର ଏକାଠିହୋଇ ଅନ୍ୟ ଆଗରେ ପରିଚିତ ହେଲଭଳି ଅନୁଷ୍ଠାନଟିଏ ନାହିଁ ।

ଉପଯୁକ୍ତ ପ୍ରଚାର ଓ ପ୍ରସାର ଅଭାବରେ ଆମର ଜାତୀୟକଳା ମ୍ଳାନ ହୋଇ ପଡ଼ିରହିଛି । ଭାରତୀୟ କଳାର ଦୁହାଇ ଦେଇ ଅନେକ ଅର୍ବାଚୀନ ଆଜି ନିଜର ଦୁର୍ବଳତାକୁ ଶ୍ରେଷ୍ଠ ଆସନ ଦେଉଛନ୍ତି । ଏଥର ଭୁବନେଶ୍ୱର ଯାଇ ଶୁଣିବାକୁ ପାଇଲି, ଏଭଳି ଜଣେ କାରିଗର ଅଛନ୍ତି, ସେ ପ୍ରାଚୀନ ଭଗ୍ନମୂର୍ତ୍ତି ଗୁଡ଼ିକର ବିନଷ୍ଟ ଅଂଶକୁ ସିମେଣ୍ଟ୍ ଦ୍ୱାରା ଗଢ଼ି ଦେଉଛନ୍ତି । ବଡ଼ ଦୁଃଖ ଲାଗିଲା । ଆଜି ବି ଆମର ଜ୍ଞାନଦାନ୍ତ ଉଠିବାକୁ କେଜାଣି କେତେ ଡେରି ଅଛି ! ଏମାନେ ସମାଜର ଶତ୍ରୁ । ରାଷ୍ଟ୍ରମଧ ଶତ୍ରୁ ! ଏଥିରେ ସନ୍ଦେହ ନାହିଁ । ଶିଳ୍ପ କେବଳ ଗଣିତ ଶାସ୍ତ୍ରର ମାପଚୁପ ନୁହେଁ । ତାହା ଶିଳ୍ପୀର ଅନ୍ତର ଓ ବାହାରକୁ ନିୟନ୍ତ୍ରିତ କରୁଛି । ଅନ୍ତରର ସୌନ୍ଦର୍ଯ୍ୟବୋଧ ବଳରେ ମୂର୍ତ୍ତି ଗୁଡ଼ିକ ଲାବଣ୍ୟମୟ ହୋଇଛି ଏବଂ ବାହାରର ପ୍ରମାଣବଳରେ ମାପଚୁପ୍ ଅଭ୍ରାନ୍ତ ହୋଇଛି । ଆମେ ହୁଏତ ବାହାରର ପ୍ରମାଣ ଅନୁସାରେ ମୂର୍ତ୍ତିକୁ ପରିପୂର୍ଣ୍ଣ ରୂପେ ଗଢ଼ିଦେଇ ପାରିବା; କିନ୍ତୁ ସୁଷମା ଗର୍ଭିକ କରିପାରିବା କି ? ଅନ୍ତରର ପ୍ରମାତୃଚୈତନ୍ୟ କେବଳ ନୀରବ ଦର୍ଶକ ହୋଇ ରହିବ । ମିଲୋଙ୍କର ଭେନସ ମୂର୍ତ୍ତିର ଭାଙ୍ଗି ଯାଇଥିବା ହାତଦୁଇଟି ତ ସହସ୍ର ଚେଷ୍ଟାସତ୍ତ୍ୱେ ଯୋଡ଼ିଦେବା ସମ୍ଭବ ହୋଇ ପାରିଲାନାହିଁ । ଇତିହାସ ପୃଷ୍ଠାକୁ ଅସ୍ୱୀକାର କରି ପିତୃପୁରୁଷଙ୍କ କୃତିକୁ ବିଭତ୍ସକରି ଆମେ କଣ ଏବେ ଉନ୍ନତ ରୁଚିର ପରିଚୟ ଦେଉଛୁ ? ପୁରାଣ ଭୁବନେଶ୍ୱରର ମହାନ୍‌ଶିଳ୍ପୀକୁଳ

ହୁଏତ ଭ୍ରମରେ ବି ଏହା ଭାବି ନଥିବେ । ଅଭିଯୋଗଟି ଯଦି ସତ ହୋଇଥାଏ, ଦେଶର ନାୟକମାନେ ଏଥିପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ । ଆମେ ନୂଆହୋଇ ଜାଇଉଠୁ ବା ନ ଉଠୁ, ଆମ ଭିତରେ ପରଂପରା କ୍ରମରେ ଜୀବନର ଯେଉଁ କ୍ଷୀଣଧାରଟି ପ୍ରବାହିତ, ଚିରଦିନ ଲାଗି ତାହା ଶୁଖି ନଯାଉ ।

ପ୍ରତିଭାର ଅଭିଶାପ ଭୂଇଁ ଉତ୍କଳ । ଯାଜପୁରର ଧନେଶ୍ୱର ମହାରଣା, ଭୁବନେଶ୍ୱରର ଦାମୋଦର ମହାରଣା ଓ ପୁରୀର ଭୁବନେଶ୍ୱର ମହାପାତ୍ର ଏଇ ଭୂଇଁର ତିନୋଟି ଅଭିଶପ୍ତ ପ୍ରତିଭା । ଏମାନେ ପାରଂପରିକ ଶିଳ୍ପୀ । ଏମାନଙ୍କ ହାତରୁ କାଠ ଓ ପଥର, ଲହୁଣୀଭଳି କୋମଳ ହୋଇ ଜନ୍ମନିଏ । କିନ୍ତୁ ଜନତା-ବିଦ୍ରୂପର କଷାଘାତରେ ଏମାନେ ସଦା ତିରସ୍କୃତ । ସାଗରପାଶରେ ଲୁଣି ହାଓ୍ୱା ଓ ରେଲ୍‌ୱେ ଟାଇମ୍ ଟେବଲ୍ ଦେଖି ୨ ଆମେ ତୀର୍ଥ ଯାତ୍ରା ଶେଷ କରୁ । ଆମ କଳାର କୋଣାର୍କ ସମୁଦ୍ର ବାଲିରେ ଭୁସୁଡ଼ି ପଡ଼େ । ବିନା ଦ୍ୱିଧାରେ ଭୁବନେଶ୍ୱରର ମୂର୍ତ୍ତିଗୁଡ଼ିକ ସିମେଣ୍ଟ ଦ୍ୱାରା ବିଭିତ୍ସହୁଏ । ସେଇ ଅର୍ଥରେ ଏଇ ଉପରୋକ୍ତ କଳାକାର ମାନଙ୍କଠାରୁ ଅତି ଉନ୍ନତ ଧରଣର ମୂର୍ତ୍ତି କିପରି ମିଳିବ, ସେକଥା ଆଦୌ ଚିନ୍ତା କରୁ ନାହିଁ । ଫୁଲଟିଏ ନେଇ ବିଜ୍ଞାନାଗାରରେ ବିଶ୍ଳେଷଣ କରି ତତ୍ତ୍ୱ ଖୋଜି ବାହାର କରିବା ପୂର୍ବରୁ ଫୁଲର ନିର୍ମଳ କାନ୍ତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ଦୃଷ୍ଟି ଦେବା ବି କର୍ତ୍ତବ୍ୟ । ରୁଷଦେଶୀୟ ବିଖ୍ୟାତ ଶିଳ୍ପୀ ରୋରିକ୍ ଠିକ୍ କଥାଟାଏ କହିଥିଲେ—"କାରାଗାରର କକ୍ଷଗୁଡ଼ିକ ସୁନ୍ଦର ସୁନ୍ଦର ଛବି ଦ୍ୱାରା ସୁସଜ୍ଜିତ କରିଦିଅ, ତାହାହେଲେ କାରାଗାରର ଯନ୍ତ୍ରଣା ଆଉ କ୍ଳେଶକର ମନେହେବ ନାହିଁ ।"

ଦିନେ କର୍ମ କରି ଓଡ଼ିଆ କୂର୍ମ ହୋଇ ଯାଇଥିଲା ବୋଲି ପ୍ରବାଦ ଅଛି । ସେତେବେଳେ ପଦୁଟିଏ ବଢ଼ାଇ କରି କହିବାର ଅବସର ନଥିଲା । ଆଜି ଚାରିଆଡ଼େ ଗୋଟିଏ ଅମାର୍ଜନୀୟ ଦୁଷ୍ଟ ବାୟୁମଣ୍ଡଳ ସୃଷ୍ଟି ହୋଇଚି । ଆମେ ଆତ୍ମପ୍ରୀତିରେ ଆକାଶ ଫଟାଇ ଦେଇପାରୁଚୁ । ରାଜଦାଣ୍ଡି ଓ ଖବର କାଗଜରେ ଶସ୍ତା ସ୍ଲୋଗ'ନର ସୁଅ ଛୁଟାଇ ଦେବାର ସୁବିଧା ଆମ ଗୃହପାଖରେ । ଜାତିର ଜୀବନକୁ ଜୀଆଇ ରଖିବାପାଇଁ ନେତା ନୁହେଁ, ଦେବତାର ଆବଶ୍ୟକ । ଯେଉଁ ବ୍ୟକ୍ତି ଆଟଣୀକୁ ନିଶ୍ଚି କରି ଅମୃତ ଉଦ୍ଧାର କରିପାରିବ, ଡ଼ାନ୍‌ଲପ 'ଟକା ବଦଳରେ ଘାସଗଛଟିଏ ଉପହାର ଦେଇ ପାରିବ ।

କାଳିକାପୁର

୧୯୫୫

# ଭାବ-ସଂଚରଣର ଭୂମିକା

ଗୋଟିଏ ରାତି ମଧ୍ୟରେ ରାଜନୀତି କ୍ଷେତ୍ରରେ ପରିବର୍ତ୍ତନର ଯାଦୁବିଦ୍ୟା ଦେଖାଇ ଦିଆଯାଇପାରେ । କିନ୍ତୁ ଶିଳ୍ପ କଳାରେ ଯେଉଁ ପରିବର୍ତ୍ତନ ଦେଖାଯାଏ, ତାହା ହଠାତ୍ ବଢ଼ିପାଣିଭଳି ମାଡ଼ିଆସେ ନାହିଁ । ସେ ଆସେ ନିଃଶବ୍ଦରେ । ଯେତେ ଶବ୍ଦହୀନ ଭାବରେ ଆସିଲେ ମଧ୍ୟ, ଫଳ ତାର ଅମୋଘ । ଶ୍ରେଷ୍ଠ ପିଲାଟିଠାରୁ ଆରମ୍ଭକରି ପରିଣତ ବୟସର ବୟସ୍କମାନଙ୍କ ପର୍ଯ୍ୟନ୍ତ ଏଇ ବିପ୍ଳବକୁ ଧୀରସ୍ଥିର ଭାବରେ ଲକ୍ଷ କରିବା କଥା । ଭାରତବର୍ଷର ବିଶିଷ୍ଟ ହାସ୍ୟ ରସିକ ପତ୍ରିକାର ଶ୍ରୀଯୁକ୍ତ ଶଙ୍କର ବିଗତ କେତେକ ବର୍ଷ ହେଲା ଦିଲ୍ଲୀଠାରେ ଶିଶୁ କଳାର ପ୍ରଦର୍ଶନୀ କରି ଆସୁଛନ୍ତି । ଗଲାବର୍ଷଠାରୁ ଏ ପ୍ରଦର୍ଶନୀଟି ସାରା ପୃଥିବୀରେ ଶିଶୁମାନଙ୍କର ଚିତ୍ରକୁ ଏକାଠି କରିବାପାଇଁ ଦାୟିତ୍ୱ ନେଇଛି । ଏଇଭଳି ଆନ୍ତର୍ଜାତୀୟ ପ୍ରଦର୍ଶନୀ ଗୁଡ଼ିକରୁ ଶିଶୁ ମନର ମୌଳିକ ଅଭିବ୍ୟକ୍ତି ତଥା ଶିଶୁ ସମାଜର ପ୍ରଗତି ଉତ୍ତମରୂପେ ଲକ୍ଷ୍ୟ କରାଯାଏ ।

ବ୍ୟକ୍ତିଗତ ଭାବରେ ଦେଖିଲେ, ପ୍ରତ୍ୟେକ ଶିଶୁ ଆପଣା ସୁକୁମାର ମନଦ୍ୱାରା ପ୍ରଭାବିତ ହୋଇ ଅନେକ ପ୍ରକାର ଶିଳ୍ପ ସାମଗ୍ରୀ ସୃଷ୍ଟି କରିବାକୁ ଚେଷ୍ଟା କରିଥାଏ । ତାର ଇନ୍ଦ୍ରିୟମାନଙ୍କ

ଦ୍ୱାରା ଯାହା ଅନୁଭବ କରେ, ସରଳ ମନ ଉପବନରେ ଯେଉଁ କଳ୍ପନା କୁସୁମିତ ହୁଏ, ତାହାକୁ ଅନ୍ୟ ଆଗରେ ବ୍ୟକ୍ତ କରିବାପାଇଁ ସେ ହୁଏତ ଅଧିକ ବ୍ୟଗ୍ର ହୋଇ ଉଠେ । ଏଇ ବ୍ୟକ୍ତ କରିବାର ପ୍ରେରଣା ତାହାକୁ ଶିଳ୍ପୀ କରେ । ସହଜ, ସରଳ ମନରେ ଥରକୁ ଥର ଆଘାତ କରି ସେ ଚିଆଇଁ ଦିଏ । ଅନେକ ସମୟରେ ଦେଖାଯାଏ, କିଏ ଯଦି ମନକୁମନ ଅସ୍ପଷ୍ଟ ସ୍ୱରରେ ଗୀତ ଗାଇ ବୁଲୁଛି, କିଏ ଏଣେ କାନ୍ଥ, ବାଡ଼ ଓ କବାଟ ମାନୁନାହିଁ—ଦୁର୍ବୋଧ ଓ ଜଟିଳ ରେଖା ଗୁଡ଼ିଏ ଟାଣି ସନ୍ତୁଷ୍ଟ ହେଉଛି । ଆଉ କିଏ ଆପଣା ଛାଇ ଆଗରେ ମନର ରୂପକଥା ଶୁଣାଉଛି ଅନନ୍ତ ଶୂନ୍ୟକୁ । ଏଇମାନେ ଆମ ସମାଜର ଆଗାମୀ କବି, ଚିତ୍ରକର ଓ ସଙ୍ଗୀତଜ୍ଞ । ମନସ୍ତାତ୍ତ୍ୱିକମାନେ ଏହାକୁ Constructive Faculity କହନ୍ତି । ସ୍ୱଳ୍ପ ଅନୁଭୂତି ଓ ସୌନ୍ଦର୍ଯ୍ୟବୋଧର ଏହିଭଳି ସହଜ ବିକାଶକୁ ଦେଖିଲେ କେବଳ ମନ ପୂରି ଉଠେନାହିଁ; ସେମାନଙ୍କ ସହିତ ଯୋଗ ଦେଇ ପିଲା ହୋଇ ଯିବାକୁ ଇଚ୍ଛା ହୁଏ । ଆଦିମାନବର **Hieroglyphy** ଭଳି ଶିଶୁର ରୂପରଚନା ଏକ ଚମତ୍କାର ଶୈଳୀର ପରିପ୍ରକାଶ ।

ଶିଶୁଚିତ୍ରକଳାର ବିଚାରକ ହେବା ପୂର୍ବରୁ କଳାର ସହଜ ଓ ସାର୍ବଜନୀନ ଗତି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଏ ତତ୍ତ୍ୱଟି ଧରି ପାରିଲେ କଳା ସମୀକ୍ଷା ସହଜ ହୋଇଥାଏ । ଆମ୍ଭେମାନେ ଯାହାକୁ ଛବି କହୁଁ, ଚୀନା ଭାଷାରେ ତାହାକୁ ସେଙ୍ଗ ବା ଭାବ-ସଂଚରଣ କହି ଥାଆନ୍ତି । ଏହି ଭାବ-ସଂଚରଣ ଶବ୍ଦଟି ଅତି ସଂକେତପୂର୍ଣ୍ଣ । ଏହାଦ୍ୱାରା ଛବି ଓ ଫଟୋ ମଧ୍ୟରେ ଥିବା ଫରକ ସହଜରେ ବୁଝି ହୋଇଯାଏ । ଭାବର ଅଭିବ୍ୟକ୍ତି ହିଁ କଳାର ସବ

ପ୍ରଥମ ଓ ସର୍ବ ପ୍ରଧାନ ଉଦ୍ଦେଶ୍ୟ । ଭାବର ଅଭିବ୍ୟକ୍ତି ଲୋକଶିଳ୍ପୀ ଓ ପ୍ରବୀଣ ଶିଳ୍ପୀମାନଙ୍କ ହାତରେ ଯେଉଁଭଳି ସହଜ ଓ ସାବଲୀଳ ହୋଇଥାଏ, ଶିଶୁମାନଙ୍କ ହାତରେ ଠିକ୍ ସେଇଭଳି ହୋଇଥାଏ । ପିଲାଦିନେ ମୋର ପ୍ରଥମ କବିତା ଲେଖିଥିଲି—'ରାତି ପାହିଲା ।' ସେଥିରେ ପ୍ରଥମ ପଦ ଥିଲା—

"ରାତି ପାହିଲା,
ନାଲି ଘୋଡ଼ାଟିଏ ଖୁନ୍ଦି ଆଇଲା ।
ଆଲୁଅ ହେଲା
ଅନ୍ଧାର ଗଲା ।
ଦୁଆରେ ଆମର କାଉ ଡାକିଲା···" ପ୍ରଭୃତି ।

ତାହା 'ମୋଦେଶ'ର ତତ୍‌କାଳୀନ ସମ୍ପାଦକ ବୀରବାବୁଙ୍କଠାରୁ ଆଶାତୀତ ପ୍ରଶଂସା ପାଇଥିଲା । କହିବା ବାହୁଲ୍ୟ, ଏବେ ସେଇ ଧରଣର ତରଳ କବିତା ଲେଖିବାକୁ ବହୁଥର ଲୋଭ ହୋଇଛି, କିନ୍ତୁ ପାରିନାହିଁ । ଶାନ୍ତିନିକେତନ ଆଶ୍ରମରେ ଥିଲାବେଳେ ଛୋଟପିଲାଙ୍କ ସାହିତ୍ୟସଭାରୁ ଥରେ ଶୁଣିଥିଲି—

"ଆମିଗିୟେଛିନୁ କଲକାତା,
ଗାଡ଼ିତେ ହଇଲ ମାଥାବ୍ୟଥା ।"

ଏ କବିତାର ଲେଖକ ୧୦।୧୨ବର୍ଷର ବାଳକ ମାତ୍ର । କିନ୍ତୁ କବିତାଟିର ରଚନା ପ୍ରୟାସ ଅତି ସହଜ ଓ ସୁନ୍ଦର ! ସହସ୍ର ସହସ୍ର ଲୋକଗୀତ ମଧ୍ୟରୁ ମଧ୍ୟ ଏଭଳି ଅଭିବ୍ୟକ୍ତି ଓ ପ୍ରାଣ ସ୍ପନ୍ଦନ ଅନୁଭୂତ ହୁଏ । ଲୋକଶିଳ୍ପୀର ଶିଳ୍ପ ପ୍ରଥମରୁ ଭାବପ୍ରଧାନ । ପ୍ରବୀଣ ଶିଳ୍ପୀମାନଙ୍କ ସୃଷ୍ଟିରେ ଅଯଥା ଆଡ଼ମ୍ବର ବ୍ୟତୀତ ଭାବର ପ୍ରାଧାନ୍ୟ ପରିଲକ୍ଷିତ ହୁଏ ।

ଭାବଭୋଳା ଶିଶୁ ମନରେ ଯାହା ସ୍ଥାନ ପାଏ, ତାହା ଉପରେ କୌଣସି ଆବରଣ ବା ପ୍ରଲେପ ନ ଥିବାରୁ ତାହା ପ୍ରବୀଣ ଓ ଲୋକଶିଳ୍ପୀଙ୍କ ରଚନାର ସମକକ୍ଷ ହୋଇଥାଏ ।

ଉପରୋକ୍ତ ଉଦାହରଣ ଦୁଇଟିରୁ ବେଶ୍ ଜଣାଯାଏ, ଶିଶୁର ଅନୁଭୂତ ସରଳ । ଶିଶୁମନର କଳ୍ପନା ମଧ୍ୟ ସହଜ । ଶିଶୁର କଅଁଳ ମନ ଯେଉଁଦିଗକୁ ଅଧିକ ଆକୃଷ୍ଟ ହୁଏ, ସେଇସବୁ ଦିଗର ଅଭିବ୍ୟକ୍ତ ତାର କଳା ମାଧ୍ୟମରେ ରୂପ ଗ୍ରହଣ କରେ । ଏଣେ ସୃଷ୍ଟି ପଛରେ କୌଣସି ବଶିଷ୍ଟ ଯୁକ୍ତିର ଜାଲ ନଥାଏ କିମ୍ବା ବିଚାର ଓ ବିଶ୍ଳେଷଣର ଗଣିତ ନଥାଏ । କଳ୍ପନା ତାହା ପାଖରେ ବାସ୍ତବ ଓ ନିରାଟ ବାସ୍ତବକୁ କଳ୍ପନାର କରଣୀରେ ମାଠି ମୁଠି ସେ ସରସ କରେ । ହୁଏତ ଗୋଟିଏ ଶିଶୁ ଗୋଟିଏ ଗାଈର ଚିତ୍ର ଅଙ୍କନ କରିବାକୁ ଗଲାବେଳେ ଗାଈର କାନ, ଲାଞ୍ଜ ଓ ଶିଙ୍ଗ ଇତ୍ୟାଦି ତାହା ମନରେ କୌତୁହଳ ସୃଷ୍ଟି କରୁଚି । ସବୁଠାରୁ ଶିଙ୍ଗ ହିଁ ଅଧିକ ଭୟପ୍ରଦ ମନେ ହେଉଚି । ତେଣୁ ପ୍ରଥମକରି ସେ ନିଜର କଳ୍ପନା ଓ ବାସ୍ତବକୁ ମିଶାଇ ଏଇ ବିଶେଷ ଆକର୍ଷଣୀୟ ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକୁ ବଡ଼କରି ଅଙ୍କନ କରେ । ତାହା ତୁଳନାରେ ଅନ୍ୟସବୁ ଅବୟବ ଗୁଡ଼ିକର ସ୍ଥାନ ଗୌଣ । ଥରେ ଗୋଟିଏ ଶିଶୁ ଚିତ୍ର-ପ୍ରଦର୍ଶନୀରେ ଛବିଟିଏ ଦେଖିଥିଲି । ସେଥିରେ ଗାଈ ପ୍ୟାଣ୍ଟ, ସାର୍ଟ ପିନ୍ଧିଚି, ବାବୁ ହୋଇଚି । ଏହା ଗୋଟିଏ ମଜା ସମ୍ବାଦ । ସରଳ ଶିଶୁର ମନ ଭେଦ ଅଭେଦର ତଫାତ୍ ବୁଝେ ନାହିଁ । ମଣିଷ ଓ ପଶୁ ମଧ୍ୟରେ ଥିବା ପାର୍ଥକ୍ୟକୁ ଖାତିର୍ କରେ ନାହିଁ । ତେଣୁ ଦୁନିଆର ସବୁ ସାମଗ୍ରୀକୁ ମଣିଷଭଳି ଠିଆକରାଇବା

ତାହା ପକ୍ଷରେ ବଡ଼ବଡ଼ ନୁହେଁ । ସେଥିଲାଗି ସେ ଖାଲି ଘରେ ଟେବୁଲ୍ ଚୌକୀ ଓ ଆସବାବ୍ ପତ୍ର ସହିତ କଥା କହେ । ପଡ଼ିଗଲେ ବି ମାଟିକୁ ଗୋଇଠାମାରି ସେ ପ୍ରତିଶୋଧ ନେବାକୁ ଚେଷ୍ଟାକରେ ।

ଜେମସ୍, ଓୟାଟ୍‌ସନ, ଥର୍ଣ୍ଡାଇକ୍ ଓ ବର୍ଗେସଁଙ୍କର ବିଚିତ୍ର ଯୁକ୍ତିଗୁଡ଼ିକୁ ବାଦ୍ ଦେଲେ ସ୍ୟାଣ୍ଡ୍‌ଫୋର୍ଡ୍‌ଙ୍କଭଳି ମନସ୍ତାତ୍ତ୍ୱିକ ମତ ଦିଅନ୍ତି ଯେ, "ଗୋଟିଏ ମାତ୍ର ଜୀବକୋଷ ଦ୍ୱାରା ଗଠିତ ପ୍ରାଣୀଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ଲକ୍ଷ୍ୟ କଲେ ଜଣାଯାଏ, ପ୍ରାଣୀଜଗତ ଯେତେ ଉପରକୁ ଯାଉଛି, ତାହାର ଦେହ ଯନ୍ତ୍ର ସେତିକି ଜଟିଳ ଓ ସୁସମୃଦ୍ଧ ହେଉଛି । ଦେହ ଯନ୍ତ୍ରର ସମୃଦ୍ଧି ସଙ୍ଗେ ସଙ୍ଗେ ଆଚରଣରେ ମଧ୍ୟ ଜଟିଳତା ପ୍ରକାଶ ପାଉଛି ।" ଏ ଜଟିଳତାକୁ ମନସ୍ତାତ୍ତ୍ୱିକମାନେ ପ୍ରବୃତ୍ତି ବୋଲି କହିଥାଆନ୍ତି । ସାଧାରଣତଃ ବଞ୍ଚିରହିବାପାଇଁ ନିମ୍ନତମ ଜୈବ-କ୍ରିୟାଠାରୁ ଆରମ୍ଭକରି ବୁଦ୍ଧିର ବିପୁଳତମ ବିକାଶ ପର୍ଯ୍ୟନ୍ତ ସମସ୍ତକର୍ମ ଓ ଧର୍ମ ଏଇ ପ୍ରବୃତ୍ତିର ଅନ୍ତର୍ଗତ । ଏଥିପାଇଁ ପ୍ରତି କ୍ଷେତ୍ରରେ ଭିନ୍ନ ଭିନ୍ନ ମନୋବେଗ ବା (Emotion) ପ୍ରକାଶ ପାଇଥାଏ । କଳାକୁ ଜୀବନ୍ତ କରିବା ପାଇଁ ମନୋବେଗର ଆବଶ୍ୟକତା ଅପରିହାର୍ଯ୍ୟ । ପ୍ରାଣର ସବୁ ପ୍ରକାର ଆନନ୍ଦ, ଆବେଗ ଓ ଉନ୍ମାଦନାକୁ ଏଇ ମନୋବେଗ ମାଧ୍ୟମରେ ଚିତ୍ରିତ କରାଯାଇଥାଏ । ଶିଳ୍ପୀମାନଙ୍କ ଭାଷାରେ ଏହାକୁ ପ୍ରାଣଛନ୍ଦ ବୋଲି କହିଥାଆନ୍ତି । ଶିଶୁମାନଙ୍କର ଦେହ ଯନ୍ତ୍ର ଜଟିଳତମ ସ୍ତରକୁ ଉଠି ନ ଥିବାରୁ ସେମାନଙ୍କ ଛବିରେ ପ୍ରାଣଛନ୍ଦର ପ୍ରକାଶ ସହଜରେ ଲକ୍ଷ୍ୟ କରାଯାଇ ପାରେ । ଠିକ୍ ଏଇ କଥାର ସଙ୍କେତ ଦେବାକୁ ଯାଇ ଆଚାର୍ଯ୍ୟ ନନ୍ଦଲାଲ୍ କହିଛନ୍ତି—"ପ୍ରାଣ ଛନ୍ଦର ଜ୍ଞାନ ମଣିଷ ପକ୍ଷରେ ସ୍ୱାଭାବିକ । ଏପରିକି

ଶ୍ରେଷ୍ଠ ପିଲଙ୍କ ଅଙ୍କିତ ଛବିରେ ବି ତାର ବ୍ୟତିକ୍ରମ ହୁଏ ନାହିଁ । ଶ୍ରେଷ୍ଠ ପିଲଙ୍କ ଛବିରେ ବରଂ ପ୍ରାଣଛନ୍ଦ ସ୍ପଷ୍ଟହୁଏ; କାରଣ ସେମାନେ ଏଇଠାରୁ ହିଁ ଆରମ୍ଭ କରିଥାନ୍ତି ।”

ଶିଶୁଟିଏ ଛବି ଆଙ୍କିବା କିମ୍ବା କବିତା ଲେଖିବା ପାଇଁ ଚେଷ୍ଟାକଲେ ସେଥିରେ ଗଠନଗତ ଦୋଷ ଦୁର୍ବଳତା ଅନେକ ଥାଏ । ତଥାପି ତାର ଯେଉଁ ସଜୀବ ପ୍ରକାଶଭଙ୍ଗୀ ଓ ଦର୍ଶନୀୟ ବସ୍ତୁର ଏକ ମୌଳିକ ବିଗ୍ରହ ନିହିତ ଅଛି, ତାହା ପ୍ରଥମେ ହିଁ ଦୃଷ୍ଟି ଆକର୍ଷଣ କରେ । କିନ୍ତୁ ସେତିକରେ କୌଣସି ଶିଶୁର ମନ ସ୍ଥାଣୁ ହୋଇ ଅଟକି ଯାଏ ନାହିଁ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ରୁଚି ଓ ରଚନା ଉପରେ ତା’ର ଆସ୍ଥା ଆସେ । ତାର ଚିର ରସଳିପ୍ସୁ ମନ ଅନାହୁତ ଭାବରେ ଅଧିକ ଆଲୋକ ଓ ଅଧିକ ଗତି ଆଶା କରେ । ନିତ୍ୟ ନୂତନ ରସାନୁଭୂତି ସନ୍ଧାନର ପରିସରକୁ ବଢ଼ାଇ ଦିଏ । ମଣିଷ କିମ୍ବା ମଣିଷଠାରୁ ଇତର ଜୀବଜନ୍ତୁ, ପଶୁ ପକ୍ଷୀ, ଡାହାଣୀ, ଭୂତ, ଅସୁର, ସ୍ୱର୍ଗ, ମର୍ତ୍ତ, କଳ୍ପନା ଓ ବାସ୍ତବକୁ ଏକାଠି କରି ଛବି ରଚନା କରିବାକୁ ପଡ଼େ । ଆଈ ମାଆର ରୂପକଥା ଓ ଗାଁ ଦାଣ୍ଡର ଧୂଳି ଘର ଉଭୟ ଏଥିରେ ରୂପ ପାଏ । ଚିନ୍ତନ ସ୍ତରର କ୍ରମୋନ୍ନତି ଘଟେ । ଅଧେ ପ୍ରକାଶ ଓ ଅଧେ ଅପ୍ରକାଶ ମଧ୍ୟରେ ଏ ରୂପର ରୂପାୟନ କହିଲେ ଚଳେ । ଅନେକ କଳା ସମୀକ୍ଷକ ଆଦିମ ଶିଳ୍ପ ଓ ଶିଶୁ ଶିଳ୍ପକୁ ଗୋଟିଏ ମାନଦଣ୍ଡରେ ବିଗ୍ରହ କରି ଥାଆନ୍ତି । **Levy-Bruhl**ଙ୍କ ମତରେ ଯୁକ୍ତି ପୂର୍ବ-ମନୋବୃତ୍ତି **(Pre-logical)** ଓ ଆଉ କେତେକ ସାଧାରଣ ଦୃଷ୍ଟିଭଙ୍ଗୀ ଉଭୟ ଶିଳ୍ପରୁ ସମାନ ଭାବରେ ଅନୁଭବ କରାଯାଏ ।

ଶିଶୁ ଭଳି ଅତି ସହଜ ସୁନ୍ଦର ଦୃଷ୍ଟିକୋଣରୁ ଶିଶୁ-କଳାକୁ ଶ୍ରଦ୍ଧାର ସହିତ ଅନୁଧ୍ୟାନ କଲେ, ବିଶିଷ୍ଟ ଶିଳ୍ପଠାରୁ ତାହା କମ

ଆନନ୍ଦ ଦିଏନାହିଁ । ଆଜି କଳା କ୍ଷେତ୍ରରେ ଯେଉଁଭଳି ଚତୁଷ୍କୋଣ-ବାଦ, ନୈରୂପ୍ୟବାଦ, ପ୍ରତିଚ୍ଛାୟାବାଦ, ଦ୍ୱନ୍ଦ୍ୱବାଦ, ଗତିବାଦ ଓ ଆବର୍ତ୍ତବାଦ ପ୍ରଭୃତି ବିଭିନ୍ନଦୃଷ୍ଟିକୋଣର ପରିଚୟ ମିଳିଲାଣି, ସେଥିରେ ଶିଶୁ-କଳାର ଆସ୍ଥାନ ଦିନକୁ ଦିନ ଦୃଢ଼ ହେଉଛି । ଆମର ଜାତୀୟ ବିଗ୍ରହ ଜଗନ୍ନାଥଙ୍କ ସହିତ ଶିଶୁ-କଳାର ଗୋଟିଏ ସୁନ୍ଦର ସଂପର୍କ ଟିଆ କରାଯାଇ ପାରେ । ଋକ୍ ବେଦରେ ଭୂମା ବିଶ୍ୱପତିଙ୍କ ଚିତ୍ର ଦେବାକୁ ଯାଇଁ କବି ସାନ୍ତ୍ରଇନ୍ଦ୍ରିୟଦ୍ୱାରା ପ୍ରକାଶକ୍ଷମ ହୋଇ ନପାରି ସହସ୍ରାକ୍ଷ, ସହସ୍ର ପାଦ, ସଭୂମି, ସର୍ବସତିଷ୍ଠାଙ୍କୁ ଦଶ ଆଙ୍ଗୁଳିରେ ଧରି ରଖିବାକୁ ଚେଷ୍ଟା କରିଚନ୍ତି । ସେଇ ବିଶ୍ୱପତିଙ୍କ ବିଗ୍ରହକୁ ରୂପ ଦେବାକୁ ଯାଇଁ ସୃଷ୍ଟି ହୋଇଚି ଜଗନ୍ନାଥ ବିଗ୍ରହ । କୌଣସି ଅଂଶକୁ ସୀମାବଦ୍ଧ କରି ନ ରଖିବା ଲଗି ଶିଳ୍ପୀ ଯଥାସମ୍ଭବ ଚେଷ୍ଟା କରିଚି । ଆଜି ଏଇ କଥାଟିକୁ ପଣ୍ଡିତମାନେ କନଭେନ୍-ସନାଲ ଆର୍ଟ ନାମରେ ନାମିତ କରୁଚନ୍ତି ।

ଶିଶୁ-କଳାକୁ ସମ୍ବଳ କରି ସମଗ୍ର ପୃଥିବୀରେ ଆଜି ନୂଆ-ଧରଣର ଶିକ୍ଷାନ୍ଦୋଳନ ମୁଣ୍ଡ ଉଠାଇ ଥିଲେ ମଧ୍ୟ, କୌଣସି ଗୋଟିଏ ହେଲେ ସ୍ପଷ୍ଟ ନେତୃତ୍ୱ ଦେବା ଭଳି ଅବସ୍ଥାକୁ ଆସି ନାହାନ୍ତି । ରୁସୋ ହିଁ ପ୍ରଥମେ ଶିଶୁ ଚିତ୍ରକୁ ସମ୍ମାନ ଦେବାପାଇଁ ନିବେଦନ କରିଥିଲେ । କିନ୍ତୁ ତାଙ୍କର ନିବେଦନ ପ୍ରାଥମିକ ହୋଇଥିବାରୁ ସେଥିରେ କେତେକ ପ୍ରମାଦ ରହି ଯାଇଥିଲା । ରୁସୋଙ୍କ କହିବା ଅନୁସାରେ ପ୍ରକୃତିର ଅଧ୍ୟୟନ ଓ ଅନୁକରଣଦ୍ୱାରା କଳାବୋଧ ସଜୀବ ହେଉଥିଲା ସତ, କିନ୍ତୁ ସେଥିରେ କଳ୍ପନାର ବିଚିତ୍ର ବିକାଶ ନ ଥିଲା । ଏଇ ଅସ୍ୱାଭାବିକତା ରସ୍କିନ୍ ହିଁ ପ୍ରଥମେ ଅନୁଭବ

କରିଥିଲେ । ଏବେ ଜାପାନ ଓ ଇଟାଲି ଦେଶର ଶିଶୁମାନଙ୍କୁ ଧୂଳି ସାହାଯ୍ୟରେ ପ୍ରଥମେ କଳାଶିକ୍ଷା ଦିଆଯାଏ । ବିଗତ ବର୍ଷ ଶ୍ରୀଯୁକ୍ତ ଶଙ୍କରଙ୍କର ଶିଶୁ-କଳା ପ୍ରଦର୍ଶନୀରେ ଗୋଟିଏ ଜାପାନୀ ଶିଶୁର ଛବି ପ୍ରଥମସ୍ଥାନ ଅଧିକାର କରିଛି । ସେ ଦେଶମାନଙ୍କରେ ସମସ୍ତେ ହୁଏତ ଶିଳ୍ପୀ ନୁହଁନ୍ତି ( ହେବା ମଧ୍ୟ ସମ୍ଭବ ନୁହେଁ) କିନ୍ତୁ ପିଲଦିନରୁ ସେମାନଙ୍କ ମନରୁ କଳାବୋଧ ଓ ଆତ୍ମଚେତନାର ମୌଳିକ ଧାରାକୁ ନଷ୍ଟକରି ଦିଆଯାଏ ନାହିଁ । ଚୀନ ଦେଶର ପିଲାଙ୍କ କଥା ତ ଆହୁରି ଅଦ୍‌ଭୁତ । ସେ ଦେଶର ପିଲାଏ କାଳି ଓ ତୂଳି ସାହାଯ୍ୟରେ ଅତି ପିଲାଟି ଦିନରୁ ଚୀନା ବର୍ଣ୍ଣମାଳା ଶିକ୍ଷା କରିବା ପାଇଁ ଲାଗି ପଡ଼ନ୍ତି । ପ୍ରତିଦିନ ଘଣ୍ଟାଏ ଦୁଇ ଘଣ୍ଟା କରି ତାହା ଅଭ୍ୟାସ କରିବା ଫଳରେ ସେମାନଙ୍କ ମନ ମଧ୍ୟରେ ଏକ ପ୍ରକାର ବଳିଷ୍ଠ କଳାନୁଭୂତି ଜନ୍ମଲାଭ କରେ । ବୁଦ୍ଧ ଓ କନ୍‌ଫୁସିୟସ ଭଳି ମହାପୁରୁଷଙ୍କର ଧର୍ମଭାବନା ଯିମିତି ଚୀନର ସାମାଜିକ ଜୀବନକୁ ସ୍ୱଚ୍ଛ ଓ ସହଜ କରାଇଛି, ସେଇଭଳି ଅକ୍ଷର ଲିଖନ ଶିଳ୍ପ ଚୀନାବାସୀଙ୍କ ସୌନ୍ଦର୍ଯ୍ୟବୋଧକୁ ଅନ୍ତଃସମୃଦ୍ଧ କରିଛି । ସେମାନଙ୍କ ଅକ୍ଷର ଲିଖନ ଶିଳ୍ପ ସଂପର୍କରେ କିଛି ନ ଜାଣି ଚୀନ ଦେଶର ଶିଶୁ-କଳା ଉପରେ ବକ୍ତୃତା କରିବା ମୂର୍ଖତା ବ୍ୟତୀତ ଅନ୍ୟ କିଛି ନୁହେଁ । ଆମ ଦେଶର ବିଦ୍ୟାଳୟମାନଙ୍କରେ ଅକ୍ଷର ଲିଖନ ଶିଳ୍ପର ପରାକାଷ୍ଠା ନାହିଁ । ବରଂ ଯେଉଁ କଳା ଶିକ୍ଷା ଦିଆଯାଏ, ତାହା ଅତି ନିକୃଷ୍ଟ ଧରଣର । ଶ୍ରେଣୀମାନଙ୍କରେ ଅତି ଅବହେଳିତ ରୂପେ ଡ୍ରଇଂ ଓ ସଙ୍ଗୀତ ପିରିୟଡ଼ ଗୁଡ଼ିକ ଥାଏ । ଶିଶୁର ମନ ଗହନର କୋମଳବୃତ୍ତିକୁ ଆମ ଦେଶରେ ଯେଉଁ ଭଳି ଅତି ନିର୍ମମ ଭାବରେ ଦଳି ଦିଆଯାଏ, ତାହା ପ୍ରକାଶ କରିବା ପାଇଁ ଯୋଗ୍ୟ ଭାଷାର ଅଭାବ । ଚିତ୍ର, ସଙ୍ଗୀତ ଓ ଅନ୍ୟାନ୍ୟ ସୂକ୍ଷ୍ମକଳା ମଧ୍ୟ ଦେଇ ଶିଶୁର ସୃଷ୍ଟି କର୍ତ୍ତୃତ୍ୱ

ଗୁଏ ଗୁଏଁ ଜନ୍ମଲାଭ କରେ । ସୃଷ୍ଟି କର୍ତ୍ତୃତ୍ୱର ପ୍ରଥମ ଓ ପ୍ରଧାନ ଲକ୍ଷଣ ହେଉଛି, ଆତ୍ମ କର୍ତ୍ତୃତ୍ୱ ! ଆତ୍ମ କର୍ତ୍ତୃତ୍ୱ ଥିବା ଶିଶୁ ଜୀବନ ପଥରେ କେବେହେଲେ ପଥଭ୍ରଷ୍ଟ ହେବନାହିଁ । ଆମର ଆତ୍ମ କର୍ତ୍ତୃତ୍ୱକୁ ଅତି ନିର୍ମମ ଭାବରେ ଦଳି ଦିଆଯାଇଥିବାରୁ, ଆଜି ଆମେ ସବୁ ପ୍ରକାର ଅନ୍ୟାୟକୁ ସହିବାପାଇଁ ଟିକିଏହେଲେ କୁଣ୍ଠିତ ହେଉନାହୁଁ । ଯେଉଁ ଦିଗରେ ମେଘ ଉଠାଉଛି ସେ ଦିଗକୁ ଛତା ବୁଲାଇ ଦେବାକୁ ଏକ ସୁଚତୁର ବୁଦ୍ଧିର ପରିଚୟ ବୋଲି ମନେ କରୁଚୁ । ଇଂରାଜୀରେ ଗୋଟିଏ ପ୍ରବାଦ ଅଛି— "ଆମେ ଗ୍ରୀଷ୍ମ ଦିନେ ସ୍କେଟ୍ ଖେଳୁ ଓ ଶୀତ ଦିନେ ପହଁରା ଶିଖୁଁ ।" ଓଡ଼ିଆରେ ଏଇ ଅନୁରୂପ ପ୍ରବାଦ ହେଉଛି—"ବାଜିଲାବେଳେ ବାଜଇ ନାହିଁ, ନ ବାଜିଲାବେଳେ ଟଂ...।" ଆମେ ପିଲାଙ୍କ କଳ୍ପନାକୁ ଅତି ସୁକୁମାର ଅବସ୍ଥାରୁ ଶତଚ୍ଛିନ୍ନ କରି ପବନରେ ଉଡ଼ାଇ ଦେଲା ପରେ, ବଡ଼ ଦିନକୁ ସେମାନଙ୍କ ଜୀବନ ପଥର ମୌଳିକତା ଖୋଜି ବୁଲୁ । ଏହାଠାରୁ ହାସ୍ୟକର ବ୍ୟାପାର ଆଉ କଣ ଥାଇ ପାରେ ?

- ପିଲା ମନର ମୌଳିକ ପ୍ରେରଣାକୁ ଦବାଇ ଦେଇ ଉଇଂ ଶିକ୍ଷକ ଗୋଟିଏ ବୃତ୍ତ ମଧ୍ୟରେ ତିନୋଟି ଶ୍ରେଣି ସଜାଇ ରଖିବାକୁ ହୁକୁମ୍ ଦିଅନ୍ତି । ବୁଢ଼ୀ ଅସୁରୁଣୀ ଗଳ୍ପ ବଦଳରେ ଗଡ଼ୁଟିଏ ଆଙ୍କିଲେ ପରୀକ୍ଷା ଖାତାମାନଙ୍କରେ ନମ୍ବର ମିଳିଥାଏ । କବିତା କିମ୍ବା ଗଳ୍ପ ଲେଖିଲେ ତ ଶିକ୍ଷକମାନଙ୍କର ପିଲାଙ୍କ ପ୍ରତି ବିଚିତ୍ର ଧାରଣା ହୋଇଯାଏ । ଏବେ ବହୁକ୍ଷେତ୍ରରେ ଶିଶୁମାନଙ୍କୁ ନାଚଗୀତ ଆନନ୍ଦ କରିବାକୁ ସୁଯୋଗ ଦିଆ ହେଉଛି । କିନ୍ତୁ ସେଇ ବୈଷ୍ଣବ କବିର ପ୍ରେମ ସଙ୍ଗୀତ ଓ ରାଧାକୃଷ୍ଣଙ୍କ ପ୍ରେମର ବିରହ—ମିଳନ

କାହାଣୀ ହିଁ ଶିଶୁ ନୃତ୍ୟ ଓ ସଙ୍ଗୀତର ପୃଷ୍ଠଭୂମି ହୋଇ ରହୁଚି । ବଡ଼ ମଣିଷର ମାନସିକ ବିକାର ଓ ବିଳାସ ପାଇଁ ଶ୍ରେଷ୍ଠ ପିଲାଙ୍କୁ ଏଇ ସବୁ ନୃତ୍ୟ ନାଟିକାରେ ଅଂଶ ଗ୍ରହଣ କରିବାକୁ ଯେତିକି ପ୍ରବର୍ତ୍ତା ଯାଉଚି, ସେତିକି ଏ ଦେଶର ନୈତିକ ଚରିତ୍ର ଦୁର୍ବଳ ହୋଇ ପଡ଼ୁଚି । ଏଥିରେ ସନ୍ଦେହର ଅବକାଶ ନାହିଁ । ପିଲାଙ୍କୁ ସେମାନଙ୍କର ଆପଣା ଭାବ-ଭଙ୍ଗୀକୁ ପ୍ରକାଶ କଲାଭଳି ସୁଯୋଗ ଦେବାପାଇଁ ଉଦାର ଦୃଷ୍ଟି ଟିକିକ ଆମେ ହଜାଇ ଦେଇଚୁ । ଆମେ ପରିଣତ ମଣିଷ । ଆମ ସହିତ ଶିଶୁମାନଙ୍କର ସମ୍ପର୍କ ଅଳ୍ପ । ମାନସିକ ବିଳାସ ଓ ବିକାଶ ଦିଗରୁ ଚିନ୍ତା କଲେ ଆଦୌ ସମ୍ପର୍କ ନାହିଁ ବୋଲି ସ୍ୱୀକାର କରିବାକୁ ପଡ଼ିବ । ଗୋଟିଏ ବେଙ୍ଗ ଫୁଲକୁ ଯଦି ବେଙ୍ଗ ବୋଲି ଧରାଯାଏ, କିମ୍ବା ଗୋଟିଏ ଏଣ୍ଡି ପୋକକୁ ଯଦି ବିଚିତ୍ର ପ୍ରଜାପତି ବୋଲି ଧରାଯାଏ, ସେଥିରେ ଯେଉଁ ପରି-ମାଣରେ ଭ୍ରମାଦର ଖାଦ ରହିଯିବ; ଗୋଟିଏ ଶିଶୁକୁ ପରିପୂର୍ଣ୍ଣ ମଣିଷର ମାନସିକ ବିଳାସ ଦୃଷ୍ଟିରୁ ବିଗ୍ଭର କଲେ ସେଇ ପରିମାଣରେ ପ୍ରମାଦର ଖାଦ ରହିଯିବ ।

ଏ ପ୍ରବନ୍ଧରେ ମୁଖ୍ୟତଃ ଚିତ୍ରକଳା ସମ୍ପର୍କରେ ସୂଚନା ଦିଆ ହୋଇଥିଲେ ମଧ୍ୟ ଶିଶୁ-କଳାରୂପେ ଗୁରୁକଳାର ସମସ୍ତ ବିଭାଗକୁ ଗ୍ରହଣ କରିବାକୁ ପଡ଼ିବ । ସାରା ଓଡ଼ିଶାର ପିଲାଏ ରସିକ ହୋଇ ଛବି ଆଙ୍କିବେ, କବିତା ଲେଖିବେ କିମ୍ବା ବଂଶୀ ବଜାଇବେ ବୋଲି କୁହାଯାଉ ନାହିଁ । ତାହା କେବେହେଲେ ସମ୍ଭବ ମଧ୍ୟ ନୁହେଁ । ମନସ୍ତାତ୍ତ୍ୱିକମାନେ କହନ୍ତି କର୍ମ ପ୍ରେରଣା ସହିତ ଜ୍ଞାନ-ବୁଦ୍ଧିର ସମାନୁପାତ ସମ୍ପର୍କ ଅଛି । ମୋଟା ବୁଦ୍ଧିଆ ପିଲାଏ କୌଣସି ପ୍ରକାର ସୂକ୍ଷ୍ମ କିମ୍ବା ଜଟିଳ ଗତିବାନ୍ କର୍ମ କରିପାରନ୍ତି ନାହିଁ ।

ଗୋଟିଏ ପ୍ରଥମ ଶ୍ରେଣୀର ମାନସ-ଯନ୍ତ୍ର ବିକଶିତ ହେବାପାଇଁ ଗୋଟିଏ ପ୍ରଥମ ଶ୍ରେଣୀର ଦେହ-ଯନ୍ତ୍ରର ସାହାଯ୍ୟ ଲୋଡ଼ିଥାଏ । କିନ୍ତୁ ସମସ୍ତଙ୍କର ଅଳ୍ପ ବହୁତ କଳାର ବିଚାରଶକ୍ତି ରହିବା ଆବଶ୍ୟକ । କଳାର ବିଚାର କହିଲେ, ଭଲ ଓ ଭେଲର ବିଚାର, ଆଲୁଅ ଓ ଅନ୍ଧାରର ବିଚାର ବୁଝିବାକୁ ହେବ । ବିନୋବାଜୀ ଥରେ ମହିଳାଶ୍ରମର ଶିକ୍ଷକଙ୍କୁ ବୁଝାଇବାକୁ ଯାଇଁ ଠିକ୍ ଏଇକଥା କହିଥିଲେ—"ଯାହାକୁ ଚିତ୍ର କଳାର ଦୃଷ୍ଟି ମିଳିବ, ସେ ଲୋକ ବ୍ୟବହାରିକ ଜୀବନରେ ଅପାଣ୍ଟଣା କାମ କରିବ ନାହିଁ ।" ଏହା ବ୍ୟତୀତ ସୌନ୍ଦର୍ଯ୍ୟବୋଧ ମଣିଷକୁ ସ୍ନେହଶୀଳ କରିଥାଏ । ପ୍ରେମରେ ହୃଦୟ ସହିତ ହୃଦୟ ଯୋଡ଼ି ହୋଇ ବିଶାଳ ହୃଦୟର ପ୍ରକାଶ ଘଟିଥାଏ । ଯୋଡ଼ି ହେବାର ବା ଏକୀଭୂତ ହେବାର ସୃଷ୍ଟି ପ୍ରେରଣା ହିଁ କଳାର ସାଧନା ମଧ୍ୟରେ ନିହିତ, ସୌନ୍ଦର୍ଯ୍ୟାନୁଭୂତିକୁ ଜୀବନ-ଯାତ୍ରାର ବିଶିଷ୍ଟ ଅଙ୍ଗ ରୂପେ ଗ୍ରହଣ ନ କଲେ, ଭବିଷ୍ୟତରେ ଉଦାର ପୃଥିବୀରେ ଆମେ ଅପାଂକ୍ତେୟ ହୋଇ ରହିବା ।

ଏ ଦେଶରେ ବାରବର୍ଷର ଶିଶୁ ଧରମା କୋଣାର୍କ ମନ୍ଦିରର ଚୂଳ ମାରିଥିଲା ବୋଲି ଗଳ୍ପ ଅଛି । ବାରବର୍ଷର ଶିଶୁ ବାଜି ରାଉତ ଅପୂର୍ବ ସାହାସର ପରିଚୟ ଦେଇଥିଲା । ଆଜିକାର ଶିଶୁ ପ୍ରାଣର ବିଚିତ୍ର ଆବିଷ୍କାର ହୁଏତ ଦିନେ ରହସ୍ୟ-ମଣିଷ-ମନର ଦୁର୍ଗମ ଦୁର୍ଗପଥ ମୁକ୍ତ କରିବ ? ଦୀନ, ଦୁର୍ବୋଧ୍ୟ ଶିଶୁ-ଶିଳ୍ପ ଆମର ମହନୀୟ ଭବିଷ୍ୟତର ପ୍ରସୂତି ବେଦନା !

କାଳିକାପୁର
୧୯୫୪

# ସଚିତ୍ର ଶିଶୁ ପୁସ୍ତକ

ପ୍ରତି କ୍ଷେତ୍ରରେ ଦେଖାଯାଉଛି, ପ୍ରକାଶକମାନଙ୍କର ମନ ହଠାତ୍ କିମିତି ବହୁ ଦିନରୁ ଅବହେଳିତ ଶିଶୁମାନଙ୍କ ପ୍ରତି ଆକୃଷ୍ଟ ହୋଇ ପଡ଼ିଛି । ଗତକାଲି ପସରା ମେଲାଇ ବସୁଥିବା ବହି ଦୋକାନୀର ବାରଣ୍ଡା ମାଡ଼ିଲେ, ସେ ବି ଅଭିଜ୍ଞ ବ୍ୟବସାୟୀ ଭଳି ଶିଶୁ-ସାହିତ୍ୟ ଉପରେ ଛୋଟିଆ ବକ୍ତୃତାଟିଏ ଶୁଣାଉଛି । ପିଲାଙ୍କ ପାଇଁ ବହି ଲେଖିବା ଓ ଲେଖାଇବାକୁ ପ୍ରକାଶକ ଯେତିକି ଉତ୍ସାହିତ କରୁଛି, ତାହା ଅପେକ୍ଷା ପରିବେଷଣର ପରିପାଟିକୁ ସୁନ୍ଦର ଓ ମନୋଜ୍ଞ କରିବା ପାଇଁ ଅଧିକ ସଚେତନ ହୋଇ ଉଠୁଛି । କଟକରେ ବହୁ ପ୍ରକାଶକଙ୍କର ପୁଅ, ଝିଅ, ସ୍ତ୍ରୀ ଓ ଅନ୍ୟକେହି ଆତ୍ମୀୟ ସୁହୃତ୍‌ଙ୍କ ମଧ୍ୟରେ ଶିଶୁ-ସାହିତ୍ୟ କିମ୍ବା ପାଠ୍ୟପୁସ୍ତକର ଲେଖକ ପାଲଟି ଯାଉଛନ୍ତି । ଏସବୁ ଆଜି ଲଙ୍କାରେ ରାମନାମ ଭଳି ଶୁଣା ଯାଉଛି । ପାଠ୍ୟପୁସ୍ତକ ବିକ୍ରୟ କିମ୍ବା ଭାରତୀୟ ସାହିତ୍ୟ ଏକାଡ଼େମୀର ପୁରସ୍କାର ପାଇବା ଲୋଭ ଏହାର ଗୋଟିଏ ଦିଗ ହୋଇ ପାରେ । କିନ୍ତୁ ଅନ୍ୟ ଦିଗଟି ଯେ; ଶିଶୁମାନଙ୍କ ପ୍ରତି ଏକ ସମ୍ବେଦନଶୀଳ ମନୋଭାବର ସୂଚନା ଦିଏ, ଏଥିରେ ସନ୍ଦେହ ନାହିଁ । ଅତି କ୍ଷୀଣ ହେଲେ ମଧ୍ୟ, ଶିଶୁମାନଙ୍କର ଅବୋଧ ଜ୍ଞାନକୁ କରୁଣା କଲି ଭଳି ଦରଦି ହୃଦୟ ସେମାନଙ୍କର ଅଛି । ଏ ଧରଣର ଉଦ୍ୟମ ସର୍ବଦା ପ୍ରଶଂସନୀୟ । ସାଧୁ !

ହୁଏତ ୩୦।୩୫ ବର୍ଷତଳେ 'ସଚିତ୍ର ଶିଶୁ-ପୁସ୍ତକ' ସମ୍ପର୍କରେ ଆଲୋଚନା କଲାଭଳି ପୃଷ୍ଠଭୂମି ଏ ଦେଶରେ ତିଆରି ହୋଇ ନଥିଲା । କେବଳ ଭକ୍ତକବି ମଧୁସୂଦନଙ୍କର ବର୍ଣ୍ଣବୋଧ ଓ ଚନ୍ଦ୍ରମୋହନଙ୍କର କଥାବଳୀ ଆଦି କେତେ ପାଠ୍ୟପୁସ୍ତକକୁ ବାଦ ଦେଲେ, ପିଲଙ୍କ ଜ୍ଞାନ ପିପାସା ମେଣ୍ଟାଇବାପାଇଁ ଅନ୍ୟ କୌଣସି ସଜୀବ ଉଦ୍ୟମ ହୋଇ ନଥିଲା । ବିଦେଶୀ କମ୍ପାନୀ ହାତରେ ମୁଦ୍ରିତ ଓ ପ୍ରକାଶିତ ଏଇ ବର୍ଣ୍ଣବୋଧ ପୁସ୍ତକର ଘୋଡ଼ାଠାରୁ ଆରମ୍ଭ କରି ବାଘ ପର୍ଯ୍ୟନ୍ତ ପ୍ରତ୍ୟେକ ପୃଷ୍ଠା ଏକ ବିଚିତ୍ର ରସସମ୍ଭାର ପରିବେଷଣ କରୁଥିଲା । ପ୍ରଚ୍ଛଦପଟ କହିଲେ, ତତ୍‌କାଳୀନ ଭାରତସମ୍ରାଟଙ୍କର ଆବକ୍ଷ ଫଟୋ ଖଣ୍ଡିକ ହିଁ ଯଥେଷ୍ଟ ଥିଲା । ଏ ଧରଣର ଚିତ୍ର ଶିଶୁ ମନରେ କୌଣସି ପ୍ରକାର ଗାର ଟାଣିପାରେ ନାହିଁ । ମଧୁସୂଦନ ରାଓଙ୍କର ସାହିତ୍ୟ ଆମ ଶିଶୁମାନଙ୍କର ଯେତିକି ଆଦରଣୀୟ, ତାହାର ଅଲଂକରଣ ପରିପାଟୀ ସେତିକି ବର୍ଜନୀୟ । ସହଜ ସରଳ କବିତା ପଢ଼ିଦେଇ ଶିଶୁ ଯେତେବେଳେ ଗୋଟିଏ କୁକୁର କିମ୍ବା ମଇଁଷି କିମ୍ବା ଛେଳି ଆଡ଼କୁ ଦୃଷ୍ଟି ଫେରାଉଥିଲା, ସେତେବେଳେ ସେ ଛବି ଓ କବି ମଧ୍ୟରେ ବିରାଟ ବ୍ୟବଧାନ ଅନୁଭବ କରୁଥିଲା । ସେଇ ବ୍ୟବଧାନକୁ ଅତିକ୍ରମ କରି ନ ପାରି ଆପେ ଆପେ ସଙ୍କୁଚିତ ହୋଇ ଯାଉଥିଲା । ମନସ୍ତାତ୍ତ୍ୱିକଙ୍କ ଭାଷାରେ କହିବାକୁ ଗଲେ ହୀନଭାବର ଗୁରୁତ୍ୱ ମାଡ଼ରେ ସେ କ୍ରମେ କ୍ରମେ କ୍ରିୟା ହୀନ ହୋଇ ପଡ଼ୁଥିଲା । ପିଲମାନଙ୍କପାଇଁ ଏଭଳି ପାଠ୍ୟପୁସ୍ତକର ପରିଧି ଯେତିକି କ୍ଷୁଦ୍ର, ପରିଧି ବାହାରେ ଅଜଣା ବସ୍ତୁପାଇଁ ଆଗ୍ରହ ସେତିକି ପ୍ରବଳ । ଯେଉଁ ସୂର୍ଯ୍ୟମୁଖୀର ସ୍ୱର୍ଣ୍ଣପାଖୁଡ଼ା ପ୍ରଥମ ସୂର୍ଯ୍ୟର ମଧୁର ଉତ୍ତାପ ପାଇଁ ଆପଣାକୁ ମୁକୁଳିତ କରୁଥିଲା, ଦିନ ଶେଷରେ ଅତି ନିରାଶ ଓ ନିରସ୍ପୃହ ରୂପେ ସେ ମୁଣ୍ଡ ନୁଆଁଇ ଦେଉଥିଲା । ଅନେକ ସମୟରେ

ଅଭିଭାବକମାନେ ପିଲା ହାତରେ ବଙ୍ଗଳାର ସଚିତ୍ର ଶିଶୁ ପୁସ୍ତକ ଧରାଇ ଦେଇ ନିଜର କର୍ତ୍ତବ୍ୟ ଶେଷକରୁଥିଲେ । ଏଇଭଳି ଏକ ପରିସ୍ଥିତିରେ ପଡ଼ି ଓଡ଼ିଆ ପିଲାଏ ଅତି ପିଲାଟି ଦିନରୁ ବଙ୍ଗଳା ବହି ପଢ଼ି, ବଙ୍ଗସାହିତ୍ୟ ପ୍ରତି ଅନୁରକ୍ତ ହୋଇ ପଡ଼ୁଥିଲେ ।

ଆଜି କହିବାକୁ ଗଲେ ଭୂମୂଳ ପରିବର୍ତ୍ତନର ଝଡ଼ ସୃଷ୍ଟି ହୋଇଛି । ସୃଜକମାନଙ୍କ ମଧ୍ୟରେ ଶିଶୁ-ତତ୍ତ୍ୱବିଦ୍ ଲେଖକ ଓ ପ୍ରକାଶକ ଆଗେଇ ଯିବାଭଳି ଚିତ୍ର ପ୍ରସ୍ତୁତ କରିବାକୁ ବ୍ୟଗ୍ର । ଏତେ ଦିନର ଅନୁସନ୍ଧିତ୍ସା ଓ ଅଭିଜ୍ଞତା ଚେତାଇ ଦେଇଛି ଯେ ଉପଯୁକ୍ତ ଅଳଂକରଣ ଅଭାବରେ ଶିଶୁ-ସାହିତ୍ୟ ଚିରଦିନ ଶିଶୁ-ମାନଙ୍କଠାରୁ ଦୂରରେଥିବ । ନିତ୍ୟ ନୂତନ ଜ୍ଞାନଲିପ୍ସୁ ପିଲାମାନଙ୍କର କାନଠାରୁ ଆଖିର ଅଧିକ କାର୍ଯକାରୀ ଶକ୍ତି ଅଛି ବୋଲି ଶିଶୁ-ମନଃ-ତତ୍ତ୍ୱବିଦ୍ ପଣ୍ଡିତମାନେ ମତ ଦେଇ ସାରିଲେଣି । ଶୁଣିଶୁଣି ଶିକ୍ଷା କରିବା ଏବଂ ଦେଖି ଦେଖି ଶିକ୍ଷାକରିବା ମଧ୍ୟରେ ଯଥେଷ୍ଟ ତାର-ତମ୍ୟ ଅଛି । ଏଇ ତାରତମ୍ୟର ପରୀକ୍ଷା ଉପଯୁକ୍ତ ଚିତ୍ର ମାଧ୍ୟମରେ ହିଁ କରାଯାଇ ଥାଏ । ସେଥିପାଇଁ ଶିଳ୍ପାଚାର୍ଯ୍ୟ ଅବନୀନ୍ଦ୍ରନାଥ କହନ୍ତି— "ଅକ୍ଷର ଚିହ୍ନିଲେ ଯାଇଁ ବୁଝିହେବ ଲେଖାର ଭାବ । ତାହା ନୋହିଲେ କେହି ବୁଝି ପାରିବ ନାହିଁ ସେଇଟି କାଉ କି ବଗ । କିନ୍ତୁ ଛବି ଅକ୍ଷରରେ ସେଇତକ ଭୁଲ ହୋବାଭଳି ଅବକାଶ ନାହିଁ"—(ସହଜ ଚିତ୍ରଶିକ୍ଷା) । ଏହାଗଲା ପ୍ରାଥମିକ ବିଚାର । ଏହା ବ୍ୟତୀତ ସଚିତ୍ର-ଶିଶୁ-ପୁସ୍ତକ ଦ୍ୱାରା ପିଲମାନଙ୍କର କୌତୁହଳ ଓ କଳ୍ପନା ସଂପ୍ରସାରିତ ହୋଇଥାଏ ।

ଇଂରାଜୀ ସାହିତ୍ୟରେ ସର୍ବପ୍ରଥମ ସଚିତ୍ର ଶିଶୁ-ପୁସ୍ତକ ହେଉଛି English Emblom Book । ସେ ସମୟରେ ରଙ୍ଗିନ୍

ଚିତ୍ରର ପରିକଳ୍ପନା ସେମାନଙ୍କୁ ଆକୃଷ୍ଟ କରି ନ ଥିଲା । ବହିର ପୃଷ୍ଠାଗୁଡ଼ିକ କାଠ ବ୍ଲକ ସାହାଯ୍ୟରେ ଚିତ୍ରିତ କରାଯାଉଥିଲା । ଏହାପରେ ୧୮୦୭ ମସିହାରେ ପ୍ରକାଶିତ Roseoe ର The Butterfly's Ball ଇଂଲଣ୍ଡର ପ୍ରଥମ ରଙ୍ଗିନ୍ ଚିତ୍ର ସମ୍ବଳିତ ଶିଶୁ ପୁସ୍ତକ । ଏ ବହିଟି ଆତ୍ମପ୍ରକାଶ କରିବା ସଙ୍ଗେସଙ୍ଗେ ସେ ଦେଶର ଗୋଟିଏ ପ୍ରାନ୍ତରୁ ଅପର ପ୍ରାନ୍ତ ଯାଏ ଗୃହଅଳ୍ପର ଭିତରେ ଚହଲି ଯାଇଥିଲା । ପ୍ରକାଶକମାନେ ଠିକ୍ ତାର ପରେ ପରେ ଉପଲବ୍‌ଧି କଲେ, ରଙ୍ଗିନ୍‌ଚିତ୍ରଯୁକ୍ତ ଶିଶୁ ପୁସ୍ତକର ଆବଶ୍ୟକତା ଓ ପ୍ରଭାବ । ଧୀରେ ଧୀରେ ମୁଦ୍ରାଯନ୍ତ୍ରର ବହୁଳ ପ୍ରଚଳନ ଓ ବିଭିନ୍ନ ବୈଜ୍ଞାନିକ ଦୃଷ୍ଟିଭଙ୍ଗି ସମ୍ପନ୍ନ ଏଚିଂ, ଲିଥୋଗ୍ରାଫ, ଅଫସେଟ୍ ଇତ୍ୟାଦି ଛପାଇର ଆବିଷ୍କାର ଫଳରେ ସେ ଦେଶର ମୁଦ୍ରଣଶିଳ୍ପ ଶିଶୁ-ସାହିତ୍ୟକୁ ଯଥେଷ୍ଟ ସମୃଦ୍ଧ କଲା ।

ଏଇ ଇତିହାସର ଦୃଷ୍ଟି ଦେଇ ବିଚାର କଲେ ସ୍ୱର୍ଗୀୟ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ବର୍ଣ୍ଣପରିଚୟ ପ୍ରକାଶ ଲାଭ କଲା ୧୮୫୪ ମସିହାରେ । ବର୍ଣ୍ଣପରିଚୟ ଓ ବର୍ଣ୍ଣବୋଧ ଉଭୟ ଗୋଟିଏ ଶ୍ରେଣୀର ଯାତ୍ରୀ । ଇଂରାଜୀ ସାହିତ୍ୟର ବ୍ୟାପ୍ତି ଓ ବିଶାଳତା ମଧ୍ୟରେ ସେମାନଙ୍କର ସଚିତ୍ର ଶିଶୁ-ପୁସ୍ତକର ଇତିହାସ ଯେତେବେଳେ ତିନିଶହବର୍ଷର ଆମର ସେତେବେଳକୁ ଶହେ ବର୍ଷ ବି ପୂରା ହୋଇନାହିଁ । ବର୍ଣ୍ଣବୋଧ ପରେପରେ 'ହସଖେଳ' ହିଁ ଯୁଗାନ୍ତକାରୀ ସୃଷ୍ଟି ରୂପେ ଶିଶୁ ମନକୁ ଆକୃଷ୍ଟ କରିଥିଲା । 'ହସଖେଳ'ର ଲେଖକ ପିଲାଙ୍କ ହାତରେ ଆଉ ଗୋଟିଏ ଅମୂଲ୍ୟରତ୍ନ ଉପହାର ଦେଲେ "ଝୁଅାଁ-ଝୁଇଁ" । "ଝୁଅାଁ-ଝୁଇଁ", "ହସଖେଳ" ଓ ତତ୍‌କାଳୀନ ଅନ୍ୟାନ୍ୟ ଶିଶୁ ପୁସ୍ତକର ଶିଳ୍ପୀ ଅନାଦି ମହାରଣାଙ୍କର

ଅଳଂକରଣ ଗୁଡ଼ିକ ବେଶିଦିନ ଜୀଇ ରହି ପାରିଲାନାହିଁ । ଓଡ଼ିଶାର ଖ୍ୟାତନାମା ଶିଳ୍ପୀମାନେ ଅନାଦିଙ୍କ ପରେ ପରେ ପିଲାଙ୍କଠାରୁ ବଡ଼ମାନଙ୍କ ପର୍ଯ୍ୟନ୍ତ ସମସ୍ତ ପ୍ରକାର ବହିର ରୂପସଜ୍ଜାରେ ଲାଗିପଡ଼ିଲେ । ସେମାନଙ୍କର ପ୍ରଚୁର ଖ୍ୟାତି ଓ ବଡ଼ିର ଥିଲେ ମଧ୍ୟ ତାଙ୍କର ଅଳଂକରଣରେ ନୂତନତ୍ୱ ଦେଖାଦେଲା ନାହିଁ । ପାଞ୍ଚଖଣ୍ଡ ବହି ବାହାରି ସାରିବା ପରେ ସେ ସବୁ ଯିମିତି ଆଖିକୁ ପୁରୁଣାଭଳି ଲାଗିଲା । ଅଳ୍ପବୁଦ୍ଧି, ଅର୍ଥପ୍ରିୟ ଓ ସ୍ୱାର୍ଥାନ୍ୱେଷୀ ପ୍ରକାଶକମାନଙ୍କର ଅଯଥା ଉତ୍ପୀଡ଼ନ ଫଳରେ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ ସେମାନେ ଯେ ବ୍ୟବସାୟୀ କଳାରେ ଚରମ ଅଯୋଗ୍ୟତା ଦେଖାଇଛନ୍ତି ଏହା ଦିବାଲୋକ ଭଳି ସୁସ୍ପଷ୍ଟ । ଏ ନଷ୍ଟ ନେତୃତ୍ୱରେ ପ୍ରଚୁର ଶିଶୁପୁସ୍ତକ ପ୍ରକାଶିତ ହୋଇଥିଲେ ମଧ୍ୟ କବି କୁଞ୍ଜବିହାରୀଙ୍କର "ଖେଳ ସାଥି" ହିଁ ସର୍ବୋତ୍କୃଷ୍ଟ । ଅଳ୍ପ ପରିସର ଓ ସଂକ୍ଷିପ୍ତ ଅଳଂକରଣ ମଧ୍ୟରେ 'ଖେଳ ସାଥି' ପିଲା ଖେଳର ସାଥି ହୋଇ ପାରିଥିଲା ।

ସଚିତ୍ର ଶିଶୁ-ପୁସ୍ତକ ପ୍ରକାଶନ ଓ ପ୍ରଣୟନ ବଙ୍ଗଳା ଓ ଓଡ଼ିଶା ସାହିତ୍ୟରେ ପ୍ରାୟ ଗୋଟିଏ ସମୟରେ ଆରମ୍ଭ ହୋଇଥିଲେ ମଧ୍ୟ ଓଡ଼ିଶା ମାଟିରେ ତାର ବିଫଳତା ସବୁଠାରୁ ବେଶି ଦୃଷ୍ଟିହୁଏ । ଏ ଯାଏ ପିଲାମାନଙ୍କ ହାତରେ ଉପହାର ରୂପେ ଦେଲାଭଳି ଖଣ୍ଡିଏ ବହି ବି ପ୍ରକାଶିତ ହୋଇ ପାରିଲା ନାହିଁ । ଦୁର୍ଭାଗ୍ୟ ନୁହେଁ ତ ଆଉ କଣ ? ପ୍ରତିବର୍ଷ ପିଲାଙ୍କ ନାମରେ ପ୍ରତି ପ୍ରକାଶକ ପ୍ରଚୁର ପୁସ୍ତକ ପ୍ରକାଶ କରୁଚନ୍ତି । କଟକ ସହରର ଗଳିଗଳିବୁଲି ଶିଳ୍ପୀ ଖୋଜିବାରେ ବ୍ୟସ୍ତ ରହୁଚନ୍ତି । କିନ୍ତୁ ଗୋଟିଏ ହେଲେ ସାର୍ଥକ ସୃଷ୍ଟି ଦେଖି ନିଶ୍ୱାସ ମାରିଲା ଭଳି ଅବସର ନାହିଁ । ଏତେ ଗୁଡ଼ାଏ ଆବର୍ଜନା ଫାନ୍ଦ

ପ୍ରସ୍ତୁତ କରି ଯେ କି ଭଳି ଲାଭ ହେଉଚି; ତାର ଉତ୍ତର କେବଳ ସେଇ ଚତ୍ୱରର ବ୍ୟବସାୟୀମାନେ ହିଁ ଦେଇ ପାରିବେ । ପଡ଼ୋଶୀ ବଙ୍ଗ ପ୍ରଦେଶରେ ଶୀରେର ପୁତୁଲ, ଗୁଡ଼ୀର ଛବି, ଆବଲ୍ ତାବଲ୍ ଖାଇ ଖାଇ, ସହଜ ପାଠ, ଶିଶୁବଚନ, ଶକୁନ୍ତଳା ଓ ରାଜକାହାନୀ ଭଳି ବହି ଦେଖିଲେ ଆମ ଚିଫାଡ଼୍‌ଶ୍ରୀ ଅତି ଉତ୍କଟରୂପେ ଆଖିରେ ଦେଖା ଦିଏ । ଏସବୁ ଅବ୍ୟବସ୍ଥା ମଧ୍ୟରେ ପ୍ରକାଶକର ବ୍ୟବସାୟୀହାତ ପ୍ରତିମୁହୂର୍ତ୍ତରେ ମୁନାଫାର ଆୟୋଜନ କରୁଥାଏ । ଶାରଧନୁ ସଜାଡ଼ି ଧରି ସ୍ୱର୍ଣ୍ଣମାରିଚ ପଛରେ ଧାଇଁ ଧାଇଁ ବୁଲିବାର କରୁଣ ଆନନ୍ଦକୁ ପୁଞ୍ଜି କରୁଥାଏ ।

ଭାରତୀୟ ସାହିତ୍ୟ ଏକାଡେମୀରୁ ପୁରସ୍କୃତ 'ଝିଣ୍ଟି ଝାଗୁଡ଼ି' 'କସି କାଲୁଡ଼ି', 'ଯାହାକୁ ଯିଏ' ଇତ୍ୟାଦି ପୁସ୍ତକର ଶିଶୁ ସମ୍ଭାର କୌଣସି ପ୍ରକାରରେ ଆଲୋଚ୍ୟ କିମ୍ବା ଉଲ୍ଲେଖଯୋଗ୍ୟ ନୁହେଁ । ବଙ୍ଗ ପ୍ରଦେଶରେ ଯେତେବେଳେ 'ଶିଶୁ ବଚନ' ଓ 'ଶକୁନ୍ତଳା' ଭଳି ପୁସ୍ତକର ସ୍ୱପ୍ନ ଦେଖାଯାଏ ସେତେବେଳେ ଆମର 'ଯାହାକୁ ଯିଏ'ର ଉଦ୍ୟମ କି କ୍ଷୀଣ ସତେ ? ହୁଏତ ଶିଶୁ ବଚନର ସ୍ରଷ୍ଟା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଓ ବିଶ୍ୱ-ଶିଳ୍ପୀ ନନ୍ଦଲାଲ ବସୁଙ୍କର ପ୍ରକାଶ-ଶକ୍ତି ତୁଳନାରେ ଆମର ପ୍ରତିଭା ହୀନ-ପ୍ରଭ ହୋଇପାରେ, କିନ୍ତୁ ଏଇ ହୀନ-ପ୍ରଭର ମାନଦଣ୍ଡ ଏତେ ନିମ୍ନରେ ଯେ ତାହା ବର୍ଣ୍ଣନର ଅପେକ୍ଷା ରଖେ ନାହିଁ । ଯେତେ ଅଳ୍ପ ଆୟାସରେ ସୁନ୍ଦର, ସୁଲଭ ଓ ସୁପାଠ୍ୟ ହୋଇ ପାରେ, ତାହାର ହିଁ ବ୍ୟବସ୍ଥା କରା ହୋଇଚି । ଏବେ ଯେଉଁସବୁ ପିଲାଙ୍କ ବହିର ସିରିଜ ପ୍ରକାଶ ପାଉଚି, ତାହା ମଧ୍ୟରୁ ମୌଳିକ ରଚନାର ସନ୍ଧାନ ନେବା ଗୋଟିଏ ଦୁରୂହ ବ୍ୟାପାର । ମୌଳିକ ଶିଶୁ ସମ୍ଭାରର ପ୍ରଶ୍ନ ଉଠୁଚି କେଉଁଠୁ ?

ରାମପ୍ରସାଦ ମହାନ୍ତିଙ୍କର "ମନ ପବନ" ଓ ବିନୋଦ କାନୁନ୍‌ଗୋଙ୍କର 'ଚାଲନ୍ତା ରାଇଜର ଅମୁହାଁ ନଈ' ପୁସ୍ତକ ଦୁଇଟିକୁ ବର୍ତ୍ତମାନର ସାର୍ଥକ ସୃଷ୍ଟି ବୋଲି ଗ୍ରହଣ କରାଯାଇ ପାରେ । 'ଚାଲନ୍ତା ରାଇଜର ଅମୁହାଁ ନଈ'ର ଲେଖାର ବାହାଦୁରୀ ଯେଉଁ ପରିମାଣରେ ଉପଲବ୍ଧି କରାଯାଏ, ଚିତ୍ରଗୁଡ଼ିକର ବାହାଦୁରୀ ସେଇ ପରିମାଣରେ ଉପଲବ୍ଧି କରାଯାଇ ପାରେନାହିଁ । ଉକ୍ତ ପୁସ୍ତକର ଶିଳ୍ପୀ ଯେ କଥାର ଗୁରୁତ୍ୱ ସହିତ ସମତା ରକ୍ଷା କରି ପାରିନାହାନ୍ତି, ଏହା ଯେ କୌଣସି ଚିତ୍ର-ସମୀକ୍ଷକ ସ୍ୱୀକାର କରିବ । ଏହାପରେ ଶିକ୍ଷା ଓ ସାହିତ୍ୟ ଦୃଷ୍ଟିରୁ ବିଚାର କଲେ ବହିଟି ବେଶ ଉପଯୋଗୀ ହୋଇଛି । କିନ୍ତୁ ୧୬।୧୭ ବର୍ଷ ବୟସର ବାଳକ ବାଳିକାମାନଙ୍କ ଉଦ୍ଦେଶ୍ୟରେ ଲିଖିତ ହେବା ଉଚିତ ଥିଲା । ଷ୍ଟାଣ୍ଡିଫୋର୍ଡଙ୍କ ଭଳି ମନସ୍ତାତ୍ତ୍ୱିକଙ୍କ ମତରେ ୧୬।୧୭ବର୍ଷ ନ ହେବାଯାଏ ପିଲାଙ୍କୁ ଶରୀରତତ୍ତ୍ୱ ସଂପର୍କରେ ଶିକ୍ଷା ଦେବା ବୃଥା ! ଶାରୀରିକ ପରିବର୍ତ୍ତନ ଓ ପରିବର୍ଧନ ନହେବା ପୂର୍ବରୁ ଛୋଟ ପିଲାଙ୍କ ମନରେ ଶରୀରତତ୍ତ୍ୱ ସଂପର୍କରେ ଜ୍ଞାନ ଅର୍ଜନର ପ୍ରବୃତ୍ତି ବିକଶିତ ହୋଇ ନଥାଏ । ଏହାପରେ 'ମନ ପବନ' କଥା । ଗୋଟିଏ ବାକ୍ୟରେ କହିବାକୁ ଗଲେ ବର୍ତ୍ତମାନ ଓଡ଼ିଆ ବହି ପ୍ରକାଶନରେ ମନ ପବନର ଆଭିଜାତ୍ୟ ପ୍ରଶଂସନୀୟ । ତାହା ତଥାପି ତ୍ରୁଟିବିହୀନ ନୁହେଁ । ଦୁର୍ବଳ ଚିତ୍ରକଳା ଓ ରୂପ ସଜ୍ଜା ପ୍ରଚ୍ଛଦପଟଠାରୁ ଆରମ୍ଭ କରି ପ୍ରତି ପୃଷ୍ଠାରେ ଆପଣା ନଖ ଦାନ୍ତ ଚିହ୍ନ ରଖିବାକୁ ସମର୍ଥ ହୋଇଛି । ପ୍ରଚ୍ଛଦଚିତ୍ର ରଙ୍ଗିନ ହୋଇଛି ସତ କିନ୍ତୁ ପିଲାପ୍ରାଣକୁ ଛୁଇଁବା ଭଳି ପରିଚ୍ଛନ୍ନତାର ବୈଶିଷ୍ଟ୍ୟ ନାହିଁ । ନାନା ପ୍ରକାର ଫୁଲ, ଫଳ, ରଙ୍ଗ ଓ ବିଷୟବସ୍ତୁର ପରିବେଷଣ ଦ୍ୱାରା ଯଦି ଶିଶୁ ପ୍ରାଣକୁ ଆକୃଷ୍ଟ କରାଯାଏ ବୋଲି ପ୍ରକାଶକ ଭାବି ଥାଆନ୍ତି, ତେବେ ଭୁଲ ଭାବନ୍ତି

ବୋଲି କହିବାକୁ ହେବ । ଛବି ଯେତେ ପରିଚ୍ଛନ୍ନ ଓ ହୃଦୟଗ୍ରାହୀ ହେବ, ସେତିକି ପିଲାଙ୍କ ମନରେ ରେଖାପାତ କରିବ । ଅଯଥା ନାନାପ୍ରକାର ଜଟିଳ କାରୁକର୍ମର ସମାବେଶ କେବେହେଲେ ସାର୍ଥକ ସୃଷ୍ଟିର ମୂଳକଥା ନୁହେଁ । ଏ ପ୍ରକାର ବଳିଷ୍ଠ ରୂପସଜ୍ଜାର ଅଭାବ ଅଛି ।

ହଙ୍ଗେରୀ ଗୋଟିଏ କ୍ଷୁଦ୍ର ରାଜ୍ୟ । ଦୁଇବର୍ଷ ତଳେ "Youth Publishers" ସେଠାରେ ଶିଶୁମାନଙ୍କ ପାଇଁ ଉତ୍କୃଷ୍ଟ ଉପନ୍ୟାସର ଗୋଟିଏ ପୁରସ୍କାର ଘୋଷଣା କରିଥିଲେ ଏବଂ ବଡ଼ ବଡ଼ କବି ଓ ସାହିତ୍ୟିକମାନେ ଆନନ୍ଦର ସହିତ ସେଥିରେ ପ୍ରତିଯୋଗୀରୂପେ ଯୋଗ ଦେଇଥିଲେ । ଏଇ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ଦାନିୟୁବ ତଟ ଦେଶରେ ସାଇଗ ଗାର୍ଡ଼େନର ପ୍ରାକୃତିକ ସୌନ୍ଦର୍ଯ୍ୟ ବିମଣ୍ଡିତ ନିର୍ଜନ କୁଞ୍ଜ ମଧ୍ୟରେ—ଏକ ଅନୁକୂଳ ପରିବେଶ ମଧ୍ୟରେ । ତାହା ପରଠାରୁ ସେଇ ସ୍ଥାନଟି "Writer' Retreat" ନାମରେ ନାମିତ । ବିଦ୍ରୋହୀ କବି Sandor Petofiଙ୍କ ରଚିତ ମହାକାବ୍ୟ Janervityର ଚିତ୍ରୀକରଣ ପାଇଁ ଯେଉଁ ପ୍ରତି-ଯୋଗୀତା ହୋଇଥିଲା, ସେଥିରେ ହଙ୍ଗେରୀର ପାଞ୍ଚଜଣ ବିଶିଷ୍ଟ ଶିଳ୍ପୀ ଯୋଗ ଦେଇଥିଲେ । ଏସବୁ ଅନୁଷ୍ଠାନର ବ୍ୟାପକ ଯୋଜନା ସମ୍ପର୍କରେ ଆମର ପ୍ରକାଶକମାନେ କୌଣସି ସନ୍ଧାନ ନିଅନ୍ତି ବୋଲି ମନେହୁଏ ନାହିଁ । ଲେଖକମାନଙ୍କ ଭଳି ପ୍ରକାଶକମାନେ ମଧ୍ୟ ଦେଶ ବିଦେଶର ମୁଦ୍ରଣ ଶିଳ୍ପ ଓ ରୁଚିର ଉତ୍କର୍ଷପାଇଁ ଅଧିକ ସଚେତନ ହେବା ଆବଶ୍ୟକ । ନୋହିଲେ ଆମେ ଯେଉଁ ତିମିରେକୁ ସେଇ ତିମିରେ ହିଁ ରହି ଯାଇଥିବା । କେବଳ ଆପଣା ଚଉପାଢ଼ୀ ଉପରେ ଆସ୍ଥାନ ଜମାଇ ଆପଣାକୁ ବଡ଼ ବୋଲି କୁହାଟ ମାରୁଥିବା ।

ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ । ଆଜିର ସମସ୍ତ କର୍ମ ଓ ଧର୍ମ ତା'ର ମଧ୍ୟରେ ରୂପାୟିତ ହେବ । ପ୍ରଥମେ ବୃହତ୍ ଗଛର କେବଳ କାଣ୍ଡଟିଏ ଥାଏ । ପରେ ସେହି କାଣ୍ଡରୁ ଶାଖା-ପ୍ରଶାଖା ପ୍ରସାରିତ ହୋଇ ତାହାକୁ ବନସ୍ପତିରେ ପରିଣତ କରେ । ପ୍ରାଣୀଜଗତରେ ମଧ୍ୟ ଠିକ୍ ସେହିଭଳି ଦେଖାଯାଏ । ଧୀରେ ଧୀରେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ନିର୍ଜ୍ଞାନ ଅଭିଜ୍ଞତା, ସଜ୍ଞାନ ସଂବେଦନ, କର୍ମ ପ୍ରେରଣା ଓ ମନନ ଶକ୍ତି ବିକଶିତ ହୋଇଥାଏ । ଏଥିଲାଗି ସମାଜପତି, ଶିକ୍ଷାବିତ୍, ଶିଳ୍ପୀ ଓ ଶିଶୁତତ୍ତ୍ୱବିତ୍ ପ୍ରକାଶକମାନଙ୍କର ମିଳିତ କର୍ତ୍ତବ୍ୟବୋଧ ରହିଛି । ଶିଶୁ ଜୀବନର ସମବିକାଶ ପ୍ରତି ସଚେତନ ହୋଇ କର୍ତ୍ତବ୍ୟ ପରିପୂର୍ଣ ହେବା ମଧ୍ୟ ଗୋଟିଏ କର୍ତ୍ତବ୍ୟ । ଯେଉଁମାନେ ମନସ୍ତତ୍ତ୍ୱର ସୂକ୍ଷ୍ମଜ୍ଞାନରେ ଅଧିକାରୀ ଓ ଯେଉଁମାନଙ୍କର ତୁଳନାତ୍ମକ ବୈଜ୍ଞାନିକ ଦୃଷ୍ଟିକୋଣ ଅଛି—ସେହିମାନଙ୍କଦ୍ୱାରା ଶିଶୁ ପୁସ୍ତକ ରଚନାର ସୁବ୍ୟବସ୍ଥା କରାଗଲେ ଅଗ୍ରଗତିର ପଥ ପରିଷ୍କାର ହୋଇଯା'ନ୍ତା ।

କଟକ
୧୯୫୬

# କଳାଶିକ୍ଷା ଓ ଶିକ୍ଷାୟତନ

ସେଦିନ କୋଣାର୍କର ବାଲୁକା ପ୍ରାନ୍ତର ମୁଖରିତ ହୋଇ ଉଠିଥିଲା ବାରଶହ କାରିଗରଙ୍କ ନିହାଣ ଆଘାତରେ । ସମ୍ରାଟ ନରସିଂହଦେବଙ୍କ ଆଦେଶରେ କୋଣାର୍କ ମନ୍ଦିର ନିର୍ମାଣ, ସେ ଯୁଗରେ ନିଜସ୍ୱ କଳାବୋଧର ଗୋଟିଏ ସ୍ମାରକ ପର୍ବ । ଏଇ ପର୍ବରେ ଯେଉଁ ବାରଶହ କାରିଗର ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସି ଏକାଠ ହୋଇଥିଲେ, ଆନନ୍ଦ ଉଚ୍ଛ୍ୱାସ ମଧ୍ୟରେ ଅନୁଷ୍ଠାନଟିକୁ ଆପଣାର ବୋଲି ଗ୍ରହଣ କରିଥିଲେ ଓ ସ୍ୱୀୟ ପ୍ରତିଭାକୁ ପ୍ରସାରିତ କରିବାପାଇଁ ସୁବର୍ଣ୍ଣ ସୁଯୋଗ ପାଇଥିଲେ,—ସେମାନେ ସଭିଏ କ'ଣ ଗୋଟିଏ ଶ୍ରେଣୀର ଶିଳ୍ପୀ ? ଏହା ଏ ଯୁଗର ଗୋଟିଏ ପ୍ରଶ୍ନ । ଗୁରୁ ଶିଷ୍ୟ, ପ୍ରାଚୀନ ନବୀନ ସମସ୍ତେ ଏକାଠି ହୋଇ ସେ ଦିନର ମନୋଜ୍ଞ କଳାୟତନଟିଏ ବାଲିପଡ଼ିଆ ଉପରେ ଠିଆ କରିଥିଲେ । ଆଜି ସେ କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ! କି ଅପୂର୍ବ ରୂପର ନିଶା-ପିଇ ସେମାନେ ମାତାଲ ହୋଇଥିଲେ ସତେ ? ପ୍ରିୟ ପରିଜନଠାରୁ ଦୂରରେ ରହି ମଧ୍ୟ ମନ ମଧ୍ୟରେ ଗ୍ଲାନି ନଥିଲା । ଆନନ୍ଦ ଉଣା ପଡ଼ି

ନଥିଲା । କହିବାକୁ ଗଲେ, ଅତି ନମ୍ରତାର ସହିତ ଭାବ ବିନିମୟ ଦ୍ୱାରା ଏ ଦେଶ ସଂସ୍କୃତିର ମୂଳଦୁଆ ପଡ଼ିଥିଲା । ଚନ୍ଦ୍ରଭାଗା ଗର୍ଭରେ ପହିଲ ପଥର ପଡ଼ିଥିଲା, ଯେଉଁ ପୁଣ୍ୟ ଶ୍ଳୋକ ଶିଳ୍ପୀମାନଙ୍କର ସହଯୋଗରେ, ସେମାନଙ୍କ ନାମ ମଧ୍ୟ ଏ ଜାତି ମନେରଖି ପାରିନାହିଁ । କ୍ଷେତ୍ର ଅକ୍ଷେତ୍ରରେ କେବଳ ଶିବେଇ ସାମନ୍ତରାୟ ଓ ବିଶୁ ମହାରଣାଙ୍କୁ ଇତିହାସ ପୃଷ୍ଠାର ପ୍ରମୁଖ ନାୟକ ରୂପରେ ପ୍ରଣାମ ଜଣାଉଛି ।

କେବଳ କୋଣାର୍କ ନୁହେଁ, ସରନାଥ, ପୁରୀ, ଭୁବନେଶ୍ୱର, ଅଜନ୍ତା, ଖୁଜୁରାହୋ, ମହାବଳୀ ପୁରମ୍ ଓ ବାଗ ପ୍ରଭୃତି ସ୍ଥାନରେ ଯେଉଁ ଶିଳ୍ପୀକୁଳ ଉପସ୍ଥିତ ଥିଲେ, ସେମାନେ ମନ୍ଦିର, ବିହାର, ଚୈତ୍ୟ ଇତ୍ୟାଦି ନିର୍ମାଣ କରିବା ସଙ୍ଗେ ସଙ୍ଗେ ଶିଷ୍ୟ, ଉପଶିଷ୍ୟ-ମାନଙ୍କୁ ଶିକ୍ଷା ଦାନକରି ସାଧାରଣଙ୍କ ମଧ୍ୟରେ କଳାବୋଧର ପ୍ରଚାର କରୁଥିଲେ । ଉପସ୍ଥିତ ଜନମନର ସୂର୍ଯ୍ୟମୁଖୀକୁ ଆଲୋକ ଲାଗି ମୁକୁଳିତ କରାଉ ଥିଲେ—ସୁଷମାଗର୍ଭିକ କରାଉଥିଲେ । ସଂସ୍କୃତିର ଭୋଜି ମଣ୍ଡପରେ ଉକ୍ତ ଅନୁଷ୍ଠାନଗୁଡ଼ିକ ଆଜି ଗୁରୁ ଭୋଜ୍ୟ । ସାରନାଥ ଭିତ୍ତିଚିତ୍ରରେ ଯାପାନୀ ଓ ଚୀନା ଶିଷ୍ୟମାନଙ୍କ ତୂଳିର ପରଶ ମିଳେ । ଶହ ଶହ ବର୍ଷ ପର୍ଯ୍ୟନ୍ତ ଅଜନ୍ତାର ଗୁମ୍ଫା ଗୁଡ଼ିକ ସୁଷମାମଣ୍ଡିତ କରାଯାଇଥିଲେ ମଧ୍ୟ ରସ କିମ୍ବା ପରଂପରା ଦୃଷ୍ଟିରୁ ସେଥିରେ ଛନ୍ଦପତନ ଦେଖାଯାଏନାହିଁ । ଏହା ଭାରତୀୟ କଳାର ବୈଶିଷ୍ଟ୍ୟ । ଗୋଟିଏ ଶିଳ୍ପାନୁଷ୍ଠାନର ପ୍ରତ୍ୟେକ କର୍ମନିପୁଣ କାରିଗର-ମାନଙ୍କର ନିଖୁଣ ଅବଦାନ ନ ହେଲେ ବି ରସଦିଗରୁ ବିଚ୍ୟୁତି ଘଟାଇବା କିମ୍ବା ଦୃଷ୍ଟିଭଙ୍ଗୀର ଦାରିଦ୍ର୍ୟ ବହନ କରିବା ସମ୍ଭବ ହୋଇନାହିଁ ।

ଗୋଟିଏ କଥାରେ କହିବାକୁ ଗଲେ ପୂର୍ବକାଳରେ କଳା ବିଦ୍ୟାଳୟ ଗୁଡ଼ିକ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ପକ୍ଷହୀନ ମୈନାକଭଳି ଶୋଭାପାଉନଥିଲା । ରାଜାମାନଙ୍କ ଆଦେଶରେ ରାଜକୋଷ ଜୁରହୋଇ ଦେଶର ବିଭିନ୍ନ କ୍ଷେତ୍ରରେ କଳା ଦେବାଳୟ ମୁଣ୍ଡ ଉଠାଉଥିଲା । ଅନ୍ନଛତ୍ର ଓ ଜଳଛତ୍ରଭଳି ରାଜା ମହାରାଜାମାନେ ଦେଶର ବିଭିନ୍ନ ସ୍ଥାନରେ କଳାଛତ୍ର ବା ଜ୍ଞାନଛତ୍ର ପ୍ରତିଷ୍ଠା କରୁଥିଲେ । ଗ୍ରୀକ୍‌ମାନଙ୍କ ଭଳି ଜ୍ଞାନ ଏ ଦେଶରେ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । କଳା ଏ ଦେଶରେ କେବଳ ଶିଳ୍ପୀର ଅମୂଲ୍ୟ ମାଣିକ୍ୟ ନୁହେଁ । ତାହା ସମଗ୍ର ସମାଜର ସାଧନ ସାମଗ୍ରୀ—ସମସ୍ତଙ୍କ ହୃଦୟର ସ୍ପନ୍ଦନ । ସେଥିପାଇଁ କଳାତୀର୍ଥରେ ପ୍ରବୀଣ ଓ ନବୀନ ମଧ୍ୟରେ ଶିକ୍ଷାର ବିନିମୟ ହେଉଥିଲା । ଜନସାଧାରଣଙ୍କ ରସବୋଧକୁ ମାର୍ଜିତ କରାଇବାର ସୁଯୋଗ ଠିକକ ମିଳୁଥିଲା । ରସିକ ଶିଳ୍ପୀ ଆପେ ଆନନ୍ଦ ଗ୍ରହଣକରି ଅପରକୁ ସମର୍ପଣ କରୁଥିଲା । ପାଦପୂର୍ଣ୍ଣ କରିବାର ଆକାଂକ୍ଷା ପରେ ସମର୍ପଣ କରିଦେବାର ଉଦାର ମନୋଭାବ ଜନକୁଜନ ବଳିଷ୍ଠ ହେଉଥିଲା । ସେ ଯୁଗର ସ୍ନେହମୟ ଶ୍ରମଶୁଦ୍ଧ ଦେବାଳୟଗୁଡ଼ିକ ଆଜି ବହୁ ତୀର୍ଥଯାତ୍ରୀର ପୁଣ୍ୟପୀଠ ହୋଇ ରହିଛି । ଝଡ଼, ଝଞ୍ଜା, ଘାତ ପ୍ରତିଘାତରେ ସେ ଟେର ଦୋହଲି ପାରିନାହିଁ ।

ଆଜିର କଳା ଦେବାଳୟ ନିଜ ଗୃହପାଖର ସମ୍ପର୍କଠାରୁ ବିଚ୍ଛିନ୍ନ ହୋଇ ରହୁଥିବାରୁ ରୁଚି ବିଭ୍ରାଟ ଦେଶମୟ ଦେଖା ଦେଉଛି । ଜନକୁଜନ ରୁଚିର ମାର୍ଜିତ ସ୍ତରକୁ ଉଠିବା ହିଁ ପ୍ରଗତିର ଲକ୍ଷଣ । ପୁରାଣ ଯୁଗରୁ ଏଯାଏ ତୁଳନା କରି ଦେଖିଲେ ଆମର ମୌଳିକ ରୁଚି ଓ ବୋଧଶକ୍ତିର ବିପର୍ଯ୍ୟୟ ହିଁ ବେଶି ଆଖିରେ ପଡ଼େ । ଆଜି କଲିକତା, ବୋମ୍ବେ, ଲକ୍ଷ୍ନୌ, ମାନ୍ଦ୍ରାଜ ପ୍ରଭୃତି ସ୍ଥାନରେ

କଳା ମହାବିଦ୍ୟାଳୟ ସଗର୍ବରେ ଠିଆ ହୋଇଚି । ଶହ ଶହ ରସ-ପିପାସୁ ପ୍ରତିଭାକୁ ଗ୍ରହଣ କରୁଚି ଓ ବିଦାୟ ଦେଉଚି । କିନ୍ତୁ ସେଇସବୁ ମହାନଗରୀର ନାଗରିକମାନଙ୍କ ବ୍ୟବସାୟୀ ଆଖି ଯେଉଁ ରାସ୍ତାରେ ଥିଲା, ସେଇ ରାସ୍ତାରେ ଟଙ୍କା ଗଡ଼ି ଚାଲିଚି । ରୂପକୁଣ୍ଠିତ ହାତର ଅର୍ଥ ପ୍ରାଚୁର୍ଯ୍ୟ ପାନଦୁକାଆକୁ ଠିକ୍ ସେଇ ପ୍ରତିଧ୍ୱନୀରେ ପରିହାସ କରିବାଲାଗି କେଉଁଦିନ କୁଣ୍ଠିତ କରୁନାହିଁ । ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ଅଧ୍ୟୟନ ଓ ଅଧ୍ୟାପନର କୌଣସି ପ୍ରଲେପ ଦେଖିବାକୁ ମିଳେ ନାହିଁ । କର୍ମକୁଳୀଶିକ୍ଷା ସଂସ୍କାର ଏହା ଏକ ଜୀବନ୍ତ ଉଦାହରଣ ।

ବିଶ୍ୱଭାରତୀ ବିଶ୍ୱ-ବିଦ୍ୟାଳୟର ଶିକ୍ଷା ପ୍ରବାହ ଯେତେ କ୍ଷୀଣ ହେଲେ ମଧ୍ୟ ତାର ପ୍ରଭାବ କଳା ଓ ସଂସ୍କୃତି କ୍ଷେତ୍ରରେ ଅସମ୍ଭବ ସଫଳତା ଲାଭ କରିଚି । ନୂଆ ଶିକ୍ଷାସଂସ୍କାର କଳ୍ପନା ଆଜି ଯଦି କୌଣସି ଭାରତୀୟର ମାନସଲୋକକୁ ବିବ୍ରତ କରୁଥାଏ, ତେବେ ତାହା ମୂଳରେ ବିଶ୍ୱଭାରତୀ ଶିକ୍ଷାର ବୀଜ ଅଛି ବୋଲି ମନେ ହୁଏ । କଳାଶିକ୍ଷାର ଦୁର୍ଗତି ମର୍ମେ ମର୍ମେ ଉପଲବ୍ଧି କରି ଶିଳ୍ପାଚାର୍ଯ୍ୟ ନନ୍ଦଲାଲ ବସୁ ଦିନେ କଳ୍ପନା କରିଥିଲେ, କଳାବିଦ୍ୟାଳୟ ଗୁଡ଼ିକ ଗୋଟିଏ ଗୋଟିଏ ବୌଦ୍ଧ ସଂଘ ଭଳି ହେବା ଉଚିତ । ଦଳଦଳ ହୋଇ ଛାତ୍ରଛାତ୍ରୀ ସେମାନଙ୍କ ଅଧ୍ୟାପକମାନଙ୍କ ସହିତ ଗ୍ରାମେଗ୍ରାମେ ବୁଲି ପ୍ରକୃତିର ନିତ୍ୟନୂତନରୂପ, ଲୋକଚରିତ୍ରର ବହୁବିଧ ପ୍ରକାଶ ଓ ଜୀବଜନ୍ତୁଙ୍କର ଭାବବିଭବକୁ ଅନୁଧ୍ୟାନ କରିବେ । ଶ୍ରଦ୍ଧାର ସହିତ ଅନ୍ତରରେ ରୂପଲକ୍ଷ୍ମୀର ଅର୍ଚ୍ଚନା କରିବେ । ଅପର ପକ୍ଷରେ ପ୍ରତି ଅଞ୍ଚଳର ସାଧାରଣ ଲୋକହୃଦୟରେ ଶିଳ୍ପୀମାନେ ନିଖୁଣ କଳାବୋଧର ଧାରଣା

ଦେବେ । ଟୋକିଏ ଗୋଟିଏ ହୃଦୟର ଆନନ୍ଦ ବିନ୍ଦୁରେ ସହସ୍ର ଜୀବନ ସୂର୍ଯ୍ୟ ବିମ୍ବିତ ହୋଇପାରିବ । ବର୍ଷର ଶେଷାଂଶରେ ସମସ୍ତେ ନିଜ ଅନୁଷ୍ଠାନଟିରେ ଏକତ୍ରିତ ହୋଇ ପ୍ରଦର୍ଶନୀ କିମ୍ବା ସେଇ ପ୍ରକାରର ସାମାଜିକ ଉତ୍ସବଦ୍ୱାରା ଆପଣା ମଧ୍ୟରେ ଭାବ ବିନିମୟ କରିବେ । ଏ ଚିନ୍ତାଟି ଭାରତୀୟ ଜୀବନ ପକ୍ଷରେ ଏକାନ୍ତ ପ୍ରକୃଷ୍ଟ । ପ୍ରାଚୀନ ଯୁଗର ପରଂପରା ଓ ଋଷି ଆଶ୍ରମର ଚିତ୍ର ଆଖିଆଗରେ ଆଙ୍କି ହୋଇଯାଏ । ଆଚାର୍ଯ୍ୟ ମହାତ୍ମାଙ୍କର ଏଇ ମତ ଆଦ୍ୟରୁ ସ୍ପଷ୍ଟ ହୋଇଥିଲା, ଶାନ୍ତିନିକେତନ କଳାଭବନରେ ତାହା ପ୍ରୟୋଗ କରି । ଆଚାର୍ଯ୍ୟଙ୍କର ଛାତ୍ରମାନେ ଆଜି ଭାରତୀୟ କଳାକ୍ଷେତ୍ରରେ ଶ୍ରେଷ୍ଠ ଅଂଶ ଗ୍ରହଣ କରିଚନ୍ତି । ଅତି ସ୍ୱତନ୍ତ୍ର ଭାବରେ ସବୁପ୍ରକାର ଦୋଷାଗ୍ରହରୁ ଦୂରରେ ରହି ଆନନ୍ଦ ଓ ତାରୁଣ୍ୟର ବୀଜ ବିତରଣ କରିବା ହିଁ କଳା-ସାଧନାର ଉଦ୍ଦେଶ ମଧ୍ୟରୁ ଗୋଟିଏ ।

କଳାଶିକ୍ଷାରେ ଶିକ୍ଷକ, ଶିକ୍ଷାର୍ଥୀ ଓ ଶିକ୍ଷାୟତନ— ପ୍ରତ୍ୟେକର ଦାୟିତ୍ୱ ଜଟିଳ । ଶିକ୍ଷାର୍ଥୀ ଓ ଶିକ୍ଷକ ଉଭୟେ ଅନୁପୂରକ । ବିନୋବାଙ୍କ ଭାଷାରେ କହିଲେ, ଶିକ୍ଷକ ଛାତ୍ରପ୍ରିୟ ଓ ଛାତ୍ର ଶିକ୍ଷକପ୍ରିୟ ନହେଲେ ଦୁହିଁଙ୍କ ମଧ୍ୟରେ ଭାବ ବିନିମୟରେ ସ୍ୱଚ୍ଛତା ଆସେ ନାହିଁ । ଦୁହେଁ ପୁଣି ଶିକ୍ଷାପ୍ରିୟ ହୋଇଥିବା ଉଚିତ । ପରିଶେଷରେ ସେମାନଙ୍କର ଶିକ୍ଷା କଳାପ୍ରିୟ ବା କଳାବନ୍ତ ନ ହେଲେ ଶିକ୍ଷାୟତନ କିମ୍ବା ସମାଜ ଉପରେ ତା'ର ପ୍ରଭାବ ପଡ଼ିବା ଅସମ୍ଭବ । ଶିକ୍ଷାୟତନ ଗୁଡ଼ିକ ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ପୂର୍ବୋକ୍ତ ଗୁରୁ ଶିଷ୍ୟଙ୍କ ମଧୁର ମିଳନରେ ଶିକ୍ଷାୟତନ ଗୁଡ଼ିକ

ପୁଷ୍ଟ ଓ ଉଜ୍ଜ୍ୱଳିତ ହୋଇ ଥାଏ । ଶିକ୍ଷକର ଚରିତ୍ର ନିରୂପଣ କରିବାକୁ ଯାଇଁ ଲକ୍ଷ୍ନୌ କଳା ବିଦ୍ୟାଳୟର ଅଧ୍ୟକ୍ଷ ଅସିତ୍ କୁମାର ହାଲ୍‌ଦାର ଥରେ ସୂଚନା ଦେଇଥିଲେ—"ଅଭିଜ୍ଞତା ଅଭିମାନୀ ବ୍ୟକ୍ତି କେବେହେଲେ ଶିଳ୍ପ ଶିକ୍ଷକ ହେବାପାଇଁ ଯୋଗ୍ୟନୁହେଁ । ଶିଳ୍ପୀ ଆତ୍ମଭୋଳା, ତାହାପାଖରେ ଚେଲା ଓ ଗୁରୁର ଆସନ ସମାନ ମାଟି ଉପରେ ।" ଏ କଥା ପଦକ ଏକ ଉଜ୍ଜ୍ୱଳ ସତ୍ୟ ଭଳି ମନେହୁଏ । ଆଧୁନିକ କଳାସମୀକ୍ଷକ ହାର୍ବର୍ଟ ରିଡ୍, ଠିକ୍ ଏଇ କଥାଟି ତାଙ୍କର The Aesthetic method of Education ପ୍ରବନ୍ଧରେ ସ୍ୱୀକାର କରିଛନ୍ତି । ତାଙ୍କ ମତରେ, "ଉପଯୁକ୍ତ ଶିକ୍ଷକ କେବେହେଲେ ଶାସକ ହୋଇ ପାରେନାହିଁ । ବରଂ, ସେ ଆଙ୍ଗିକ ଓ ଅନ୍ୟାନ୍ୟ ପ୍ରକ୍ରିୟାରେ ଜଣେ ନିପୁଣ ଗୁରୁ ଭଳି ଗୁରୁମାନଙ୍କ ସହ ବ୍ୟବହାର କରିଥାଏ ।" ଗୁରୁ ଯଦି ଶିଷ୍ୟର ଆଗ୍ରହ ଉପଯୋଗୀ ପ୍ରୟୋଜନପାଇଁ କ'ଣ ପ୍ରୟୋଜନ ତାହା ଧାରଣା କରି ନ ପାରେ, ତେବେ ଶିଷ୍ୟର ସେ ଶିକ୍ଷା ପ୍ରତି ଆଗ୍ରହ କମିଯିବା ଗୋଟିଏ ସାଧାରଣ ସମସ୍ୟା । ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଥିବା ଦୁର୍ବଳ ସମ୍ପର୍କ ହିଁ ସବୁବେଳେ ଏଇ ଧାରାକୁ ପୁଷ୍ଟ କରେ । ଗୁରୁର ଅଯଥା ଦାମ୍ଭିକତା ଓ ଶିଷ୍ୟର ଦିନେ ଗୁରୁର ଆସନରେ ଆସୀନ ହେବାର ଲିପ୍ସା ହିଁ ପ୍ରତିଯୁଗରେ କଳା ସାଧନାକୁ ନିନ୍ଦିତ କରିଛି । ଏହାର ଅପରପକ୍ଷରେ ଯଦି ଶିଳ୍ପଶିକ୍ଷକ କହେ ଯେ, 'ମୋର ଶିଷ୍ୟର ସୃଷ୍ଟି ଦେଖିଲେ ଠିକ୍ ମୋ'ର ସୃଷ୍ଟିର ଅନୁରୂପ'—ସେଠାରେ ମଧ୍ୟ ଅନୁଷ୍ଠାନର ପତନ ହୋଇଛି ବୋଲି ବୁଝିବାକୁ ହେବ । ଏ ଧରଣର ଗୁରୁ ଚିରକାଳ ନିନ୍ଦିତ । ଶିଷ୍ୟକୁ ସେ ଅଜ୍ଞାତରେ ସ୍ୱକୀୟତାରୁ ବଞ୍ଚିତ କରିଛି । ପ୍ରାଚୀନ କାଳରେ

ଏଭଳି ବ୍ୟାଧିର ପ୍ରସାର ନ ଥିବାରୁ ସେ କ୍ଷେତ୍ରରେ ବହୁ ବିଚିତ୍ର ସୃଷ୍ଟି ଦେଖିବାକୁ ମିଳୁଛି ।

ଯେତେବେଳେ ଜେମସଙ୍କ ଭଳି ଅଭିଜ୍ଞ ଅଧ୍ୟାପକଗଣ ମତଦେଇଛନ୍ତି, "ମନସ୍ତତ୍ତ୍ୱର ଅତ୍ୟନ୍ତ ମୌଳିକ ବିଚାର ଗୁଡ଼ିକ ଶିକ୍ଷାର ପ୍ରୟୋଜନରେ ଲାଗୁଛି"; ସେତେବେଳେ କଳାଶିକ୍ଷାର ମନସ୍ତାତ୍ତ୍ୱିକ ବିଚାର ଓ ବିଶ୍ଳେଷଣ କରାଯିବା ଉଚିତ । ଏଇ ବିଚାର ଓ ବିଶ୍ଳେଷଣ ଅନ୍ତର୍ଦୃଷ୍ଟି ଦ୍ୱାରା ନହୋଇ, ଯେତେଦୂର ସମ୍ଭବ ପରୀକ୍ଷା-ମୂଳକ ହେବା ବିଧେୟ । ଜଣେ ସୁଧୀର ପଣ୍ଡିତର ଅନ୍ତର୍ଦୃଷ୍ଟିଦ୍ୱାରା ଜଡ଼ବୁଦ୍ଧିସମ୍ପନ୍ନ ବ୍ୟକ୍ତି, ଅପ୍ରାପ୍ତବୟସ୍କ ବାଳକବାଳିକା କିମ୍ବା ଅସଭ୍ୟ ବର୍ବର ମନର ପରିଚୟ ମିଳିବା କଠିନ । ସାଧାରଣତଃ ଅପ୍ରାପ୍ତବୟସ୍କ ବାଳକ-ବାଳିକାମାନେ ପ୍ରବୃତ୍ତିଦ୍ୱାରା ଚାଳିତ ହୋଇ ଥାଆନ୍ତି । ସେମାନଙ୍କୁ ଆଦର୍ଶ, ସଂଯମ ଓ ଚରିତ୍ରଗତ ଦୃଢ଼ତାର ବାଣୀ ନ ଶୁଣାଇ କଳାଶିକ୍ଷକ ସବୁବେଳେ ସହାନୁଭୂତିଶୀଳ ହେବା ଉଚିତ । ମୂଳ ପ୍ରବୃତ୍ତି ଗୁଡ଼ିକର ଧର୍ମ (Attributes) ସମ୍ପର୍କରେ ଧାରଣା ରଖି କ୍ରୀଡ଼ା, ଆନନ୍ଦ, ପ୍ରଦର୍ଶନୀ, ବନଭୋଜନ, ଋତୁଉତ୍ସବ ମଧ୍ୟରେ ପିଲମାନଙ୍କୁ କଳାବୋଧ ପ୍ରତି ଆକୃଷ୍ଟ କରାଯାଇପାରେ । ପରୀକ୍ଷା ମୂଳକ ବିଚାର ସବୁ ସମୟରେ ସଂବେଦନ, ପ୍ରତିବେଦନ, ପ୍ରତ୍ୟକ୍ଷୀକରଣ, ସ୍ମରଣ, ଅନୁକରଣ, ଅଭିଭାବନ, ଅଭିନିବେଶ, କାମନା, ପ୍ରେରଣା ଓ ଧାରଣା ପ୍ରଭୃତି ମାନବୀୟ ଆଚରଣ ଉପରେ ନିର୍ଭର କରେ । ଉପରୋକ୍ତ ଆଚରଣ ଗୁଡ଼ିକର ଶୋଧନ ଦ୍ୱାରା କଳାଶିକ୍ଷାର୍ଥୀମାନେ ଦିନକୁଦିନ ଶୁଦ୍ଧ ଓ ସୁଧୀର ହୋଇ ଥାଆନ୍ତି । ରୂପସୃଷ୍ଟିର ପ୍ରବୃତ୍ତି ଜନ୍ମହେବା ପୂର୍ବରୁ ଆମଦେଶରେ ଶିକ୍ଷକମାନଙ୍କର ସମସ୍ତ ଚେଷ୍ଟା ଯେମିତି ଅପାତ୍ରରେ

ପରିବେଷଣ କଲାଭଳି ହେଉଛି; ରୂପସୃଷ୍ଟିର ପ୍ରବୃତ୍ତି ଜାତହେବା ପରେ ଆମ ଦେଶରେ ଶିକ୍ଷକମାନେ ସତର୍କ ନହେବାରୁ ତାହା ମଧ୍ୟ ସେଇପରି ବ୍ୟର୍ଥ ହେଉଛି । ଏଣୁ ଏ ସମସ୍ତ କ୍ଷେତ୍ରରେ—"ଧୀରେ ଧୀରେ ପଦଧରୋ ମୁସାଫିର୍, ସିଡ଼ି ହେଁ ଅଧବଣା·····"

ୟୁରୋପୀୟ ଚିତ୍ରକଳାର ଇତିହାସ ପ୍ରତି ଲକ୍ଷ୍ୟ କଲେ ର୍ୟାଫେଲ୍, ଅଞ୍ଜେଲୋ, ଡ୍ୟୁରାର, ରେମ୍ବ୍ରାଣ୍ଡ ଓ ପିକାସୋ ପ୍ରଭୃତି ଆର୍ଟିଷ୍ଟମାନେ ଗୋଟିଏ ଗୋଟିଏ ନୂତନତମ ଯୁଗର ସ୍ରଷ୍ଟା । ଅତ୍ୟାଧୁନିକ ଚିତ୍ରକଳା ସମ୍ପର୍କରେ ଆଲୋଚନାକଲେ, ୟୁରୋପୀୟ ଶିଳ୍ପୀମାନେ ମାତ୍ର ବାରବର୍ଷ ମଧ୍ୟରେ ପାଞ୍ଚପ୍ରକାର ନୂତନ ଶୈଳୀ ଓ ମତବାଦକୁ ଆହ୍ୱାନ କରିଛନ୍ତି । ଅଧୁନିକ ଭାରତୀୟ ଚିତ୍ରକଳାରେ ଯୁଗସ୍ରଷ୍ଟାମାନଙ୍କ ତୁଳିର ପରଶ ଲକ୍ଷ୍ୟ କରାଯାଏ । ଅସିତ ହାଲଦାର, ନନ୍ଦଲାଲ ବସୁ, ଯାମିନୀ ରାୟ, ଶ୍ରୀଧର ମହାପାତ୍ର, ସୁରେନ୍ଦ୍ରନାଥ କର ପ୍ରଭୃତି ପ୍ରତ୍ୟେକ କଳାଗୁରୁ ଅବନୀବାବୁଙ୍କର ସୃଷ୍ଟି । ଅବନୀବାବୁଙ୍କ ବ୍ୟକ୍ତିଗତ ସମ୍ପର୍କରେ ଏମାନେ ଯଥେଷ୍ଟ ଆସିଛନ୍ତି । କିନ୍ତୁ ସମସ୍ତେ ମୌଳିକ ଦୃଷ୍ଟିକୋଣର ଅଧିକାରୀ । ଥରେ ଏଇ ପ୍ରସଙ୍ଗରେ ଅବନୀବାବୁ କହିଥିଲେ—"ଆମେ ସମସ୍ତେ କଳାଚର୍ଚ୍ଚା କରୁଛୁ । ଏହି ଭାବରେ ନିଜନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଦ୍ୱାରା ଆପଣା ବୈଶିଷ୍ଟ୍ୟ ରକ୍ଷାକରୁଛୁ । ସ୍ୱାତନ୍ତ୍ର୍ୟ ରକ୍ଷାକରି ଅନୁଶୀଳନ କରିବା ହିଁ ଶିକ୍ଷା ଦେବାର ସହଜ ଉପାୟ ।" ଆଉ ଥରେ ଆଉ ଏକ ପ୍ରସଙ୍ଗରେ ବିନୋବାଜୀ କହିଥିଲେ ଯେ, 'କଳାଶିକ୍ଷାର ଦୁଇଟି ଦିଗ ଅଛି । ଗୋଟିଏ ଭକ୍ତିଯୋଗ ଓ ଅପରଟି କର୍ମଯୋଗ ।' ଏଇ ଉକ୍ତିକୁ ପରିଷ୍କାର କରିଦେଲେ ବୁଝାଯାଏ, ଭକ୍ତିଯୋଗକୁ କଳାକାରମାନେ

ଗୃହକଳା ବୋଲି କହୁଥାଆନ୍ତି । ତାହା ଶିକ୍ଷାର୍ଥୀକୁ ଆଲୋକ ଓ ଆନନ୍ଦ ପ୍ରଦାନ କରେ । କର୍ମଯୋଗର ଅର୍ଥ କାରୁକଳା ।, ଶିକ୍ଷାର୍ଥୀମାନେ ବୟନଶିଳ୍ପ, ସୀବନଶିଳ୍ପ, କାଷ୍ଠଶିଳ୍ପ ପ୍ରଭୃତି ବ୍ୟବହାରିକ ଜୀବନର କାରୁଦ୍ରବ୍ୟ ଗଠନ ଓ ତାର ବ୍ୟବହାର କୌଶଳ ଶିକ୍ଷା କରିଥାଆନ୍ତି । ଗୃହକଳା ସହିତ କାରୁକଳା ମଧ୍ୟ କଳାବିଦ୍ୟାଳୟରେ ସ୍ଥାନ ପାଇବା ଉଚିତ । ଏହାଦ୍ୱାରା ମନ ଓ କର୍ମ ମଧ୍ୟରେ ଯୋଗସୂତ୍ର ସ୍ଥାପିତ ହୋଇ ଥାଏ । ଅବନୀବାବୁ ଓ ବିନୋବାଙ୍କ ଭଳି ଦୁଇଜଣ ବିଦଗ୍ଧ ଶିଳ୍ପୀ ଓ ଶିକ୍ଷକଙ୍କର ଉକ୍ତି କଳାବିଦ୍ୟାଳୟ ପକ୍ଷରେ ଗ୍ରହଣୀୟ ।

ମୋଟାମୋଟି କଳା ବିଦ୍ୟାଳୟ ଓ ସାଧାରଣ ବିଦ୍ୟାଳୟର କଳାଶିକ୍ଷା ସମ୍ପର୍କରେ ଆଲୋକପାତ କରିବା ହିଁ ଏ ପ୍ରବନ୍ଧର ଉଦ୍ଦେଶ୍ୟ । ଯୁକ୍ତପ୍ରଦେଶରେ ସାତ ଗୋଟି ବିଶ୍ୱବିଦ୍ୟାଳୟ । ସେଠାକାର କଲେଜମାନଙ୍କରେ ଇତିହାସ, ଭୂଗୋଳ, ଦର୍ଶନ ଓ ସାହିତ୍ୟ ଭଳି ଗୃହକଳା ବି ଗୋଟିଏ ପାଠ୍ୟ ବିଷୟ । ମଧ୍ୟପ୍ରଦେଶ ଓ ହାଇଦ୍ରାବାଦ ଇତ୍ୟାଦିରେ ବି କଲେଜମାନଙ୍କରେ କଳା ଚର୍ଚ୍ଚା ହୁଏ । ବନାରସ ଓ ଯାଦବପୁର ଇଞ୍ଜିନିୟରିଂ କଲେଜ ତରଫରୁ ପ୍ରତିବର୍ଷ ଗୃହକଳା ପ୍ରଦର୍ଶନୀ ହୋଇ ଆସୁଛି । ଭାରତର ବିଭିନ୍ନ କଳା ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଏହି ପ୍ରଦର୍ଶନୀରେ ଯୋଗ ଦେଇ ସମ୍ମାନିତ ହୋଉଛନ୍ତି । ଏକଥା ଶୁଣିବା ପରେ ଆମ କଥା ଭାବିଲେ ଲଜ୍ଜା ଓ ଅପମାନରେ ମସ୍ତକ ନଇଁ ପଡ଼େ । ଆମର ସୁଗଠିତ କଳା ମନ୍ଦିରଟିଏ ଗଢ଼ାହେବା ତ ଦୂରର କଥା, ସାଧାରଣ ପାଠ୍ୟକ୍ରମରେ ସୁନ୍ଦର ଓ ସୁଗଠିତ ରୂପେ କଳା ଚର୍ଚ୍ଚାର ସ୍ଥାନ ଦିଆଯାଇନାହିଁ । ଏ ପର୍ଯ୍ୟନ୍ତ ଆମର ବହୁମୁଖୀ ଶିକ୍ଷା ଯୋଜନା

ମଧ୍ୟରେ କେବଳ 'କଳା ପାଇଁ କଳାର ସାଧନା' ବୋଲି ଏକ ଦୃଶ୍ୟ ମନୋଭାବ କାର୍ଯ୍ୟକରି ଆସିଛି । ସୁନ୍ଦର ବ୍ୟକ୍ତିତ୍ୱ ବିକାଶ ଓ ପରିପୂର୍ଣ୍ଣ ଜୀବନ ପଥରେ ବି କଳାର ନିର୍ଦ୍ଦିଷ୍ଟ ପ୍ରୟୋଗ ଅଛି । ଏକଥା ଆମର ବୁଝିବା ଉଚିତ । ଶିକ୍ଷିତ ଓ ଆମମାନେ କେବେହେଲେ ଛବି ଦେଖି, ଚିହ୍ନି, ବୁଝିବାର ଚେଷ୍ଟା କରନ୍ତି ନାହିଁ । ଛବିକୁ ଶିକ୍ଷାର ଗୋଟିଏ ଶ୍ରେଷ୍ଠତମ ବାହନ ମଧ୍ୟରେ ଗଣିବାକୁ ଆମ ଶିକ୍ଷାବିତ୍‌ମାନଙ୍କର ସାହସ ପାଏନାହିଁ । ୧୯୩୩ ମସିହାରେ ଅଧ୍ୟାପକ ଗାଙ୍ଗୁଲି ମଡର୍ଣ୍ଣରିଭ୍ୟୁ ପତ୍ରିକାରେ "Art: An untouchable in Indian Education' ନାମକ ପ୍ରବନ୍ଧଟିଏ ଲେଖିଥିଲେ । ଏବେ ଯଦି ସେଇ ପ୍ରବନ୍ଧର ନାମ ପରିବର୍ତ୍ତନ କରି "Art: An untouchable in Orissian Education" ରୂପରେ ଅବିକଳ ପ୍ରକାଶ କରାଯାଆନ୍ତା, ତେବେ କୌଣସି କ୍ଷତି ଘଟନ୍ତା ନାହିଁ । ଅଥଚ କଥା କଥାକରେ ଆମେ ହିଁ ଗୁରୁକଳା ସାମ୍ରାଜ୍ୟର ଉପଯୁକ୍ତ ଦାୟାଦରୂପେ ଟେକି କରି ନାଶ ଫୁଲାଇ ଥାଉ । ଏଥିପ୍ରତି ବିଶ୍ୱ ବିଦ୍ୟାଳୟ ଓ ଶିକ୍ଷା ବିଭାଗର ଗୁରୁ ଦାୟିତ୍ୱ ଅଛି । ସରକାରଙ୍କ ଦ୍ୱାରା ପରିଚାଳିତ ସବୁ ବିଦ୍ୟାଳୟରେ ଉପଯୁକ୍ତ କଳା ଶିକ୍ଷକ ନାହାନ୍ତି, ସାଧାରଣ ବିଦ୍ୟାଳୟ କଥା କିଏ ପଚାରୁଛି ? ସର୍ବନିମ୍ନତମ ପାରିଶ୍ରମିକ ହାରରେ ଶିକ୍ଷକ ମଣ୍ଡଳୀର ଦୟନୀୟ ଜୀବ ରୂପେ କଳା ଶିକ୍ଷକ ହେବା, ଆଜି ବି ଆମ ଦେଶରେ ବିରଳ ନୁହେଁ । ସାପ ବର୍ତ୍ତିଲେ ଚିହ୍ନ ବଢ଼େ । ଉପଯୁକ୍ତ ଅର୍ଥ ଅଭାବରେ ଶିକ୍ଷାକ୍ଷେତ୍ର ଛାଡ଼ି ଅନ୍ୟ ବିଭାଗମାନଙ୍କରେ ଯୋଗ ଦେବାପାଇଁ ଆଜିର ଶିଳ୍ପୀ ବ୍ୟାକୁଳ ହୋଇ ଉଠୁଛି ।

ବିଦ୍ୟାୟତନର ସୌନ୍ଦର୍ଯ୍ୟ ଦୃଷ୍ଟିରୁ କାନ୍ଥମାନଙ୍କରେ ନାନା ପ୍ରକାର ମନୋଜ୍ଞ ଭିତ୍ତିଚିତ୍ରର ଅଭାବ ସବୁବେଳେ ଆଖିରେ ପଡ଼େ ।

ସୁନ୍ଦର ଫୁଲ ବଗିଚ୍ଛିଟିଏ ପାଇବା ସମ୍ଭବ ନୁହେଁ । ଛାତ୍ରମାନେ ଏ ଯୁଗରେ ବି ଅତି ଶଂକିତ ଚିତ୍ତରେ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରନ୍ତି । ମନର ସରସ ଝରଣାକୁ ପୋତି ଦେଇ ପାଠ୍ୟପୁସ୍ତକ ମୁଖସ୍ତ କରନ୍ତି । କଥା କଥାକରେ ଶିକ୍ଷକ ଆଡ଼କୁ ଭରସିକରି ଯିବାପାଇଁ ସାହସ କରନ୍ତି ନାହିଁ । ସେମାନେ ଉପଯୁକ୍ତ ଶିକ୍ଷା ପାଉଛନ୍ତି ବୋଲି କିପରି କହିବା ? ସ୍ୱାଧୀନ ହେବାର ଦଶବର୍ଷ ପରେ ବି ଏ ଦେଶର ଛାତ୍ର ଭାବୁଛି, ତାର କେବଳ ନାକ୍ସି ସୂତ୍ରରୂପେ ଘୋଳିଭିତ୍ର ଅଧିକାର ଅଛି । କର୍ତ୍ତୃତ୍ୱର ଅଧିକାର ଆଉ ଜଣକର । ଉପରର ଆଦେଶକୁ ପାଳନ କରିବା ବ୍ୟତୀତ ତାର ନୂଆ କରି ଚିନ୍ତା କରିବାର ଶକ୍ତି ନାହିଁ । ଆଜି ଶିକ୍ଷା ଓ ଶିକ୍ଷକଙ୍କ ଶିକ୍ଷି ପାଉଥିବା ଛାତ୍ର ହୁଏତ କାଲିକୁ ତାର ଉପରିସ୍ଥ କର୍ମଚାରୀ କିମ୍ବା ରାଷ୍ଟ୍ରନାୟକଙ୍କୁ ଅଯଥା ତୋଷାମଦ କରିବାକୁ ସତ୍‌କର୍ମ ବୋଲି ମନେ କରୁଛି, ଆପଣାକୁ ଗୌରବାନ୍ୱିତ ଭାବୁଛି । ରୂପ, ରସ ଓ ଆନନ୍ଦର ଦୈନ୍ୟ ସେମାନଙ୍କର ମନକୁ ଅତି ନିର୍ମମ ଭାବରେ କ୍ଷୁଦ୍ର କରି ପକାଇଛି ।

ଛବି ଆଙ୍କିବା କିମ୍ବା ଅଙ୍କାଇବାଟା ବଡ଼ କଥା ନୁହେଁ ! ଏଇଠାରେ ଆମର ଦାୟିତ୍ୱ ଶେଷ ହୋଇ ଯାଉନାହିଁ । ବରଂ ଆରମ୍ଭ ହେଉଛି ବୋଲି ଭାବିବାକୁ ହେବ । ଶିଳ୍ପ ଦୃଷ୍ଟିଦ୍ୱାରା ଯେତେବେଳେ ଛାତ୍ରଛାତ୍ରୀମାନେ ସ୍ଥାପତ୍ୟ, ବୟନଶିଳ୍ପ, ସୀବନଶିଳ୍ପ, ମୃତ୍‌ଶିଳ୍ପ, ନୃତ୍ୟ, ସଙ୍ଗୀତ, ନାଟକ ଓ ଜୀବନର ଧୂସରିତ ବିଭାଗ ଗୁଡ଼ିକୁ ରୁଚିମନ୍ତ କରିପାରିବେ, ସେତେବେଳେ କଳା ଶିକ୍ଷାର ପୂର୍ଣ୍ଣତା ଆସିଛି ବୋଲି କହିବାକୁ ହେବ । ପ୍ରତି ତରୁଣତମ ଛାତ୍ର ଛାତ୍ରୀଙ୍କ ଅନ୍ତରରେ ଯଥେଷ୍ଟ ପ୍ରକାଶ ଶକ୍ତି ଅଛି । କଳା ସମୀକ୍ଷକ ହାବର୍ଟ ରିଡ଼ଙ୍କ ମତରେ ତ, "ପ୍ରତି ପିଲାର ଅନ୍ତରରେ ସୌନ୍ଦର୍ଯ୍ୟ-

ବୋଧ ତା'ର ଜନ୍ମଗତ ଅଧିକାର ଭଳି ରହିବ ଏବଂ ତାହାକୁ ଯେ କୌଣସି ଅପ୍ରିୟ ବାତାବରଣ ମଧ୍ୟରେ କୁସୁମିତ କରାଯାଇ ପାରିବ ।" ଆମର କିନ୍ତୁ ଫୁଲଟି ଫୁଟି ବାସ ଚହଟିବା ପାଇଁ ଯେତିକି ଉଦ୍ୟମ ଆବଶ୍ୟକ, ସେଇତିକି ନାହିଁ । ଅତି ନିର୍ଭର ଦେଇ କୁହାଯାଇ ପାରେ ପିଲାଙ୍କ ମଧ୍ୟରେ ଯଦି ସଜୀବ କଳାବୋଧର ସ୍ରୋତ ବୁହାଇ ଦେବାପାଇଁ ଯତ୍ନ କରା ଯାଆନ୍ତା, ତେବେ ଆମ ସମାଜରୁ ରୁଚିର ଦୈନ୍ୟ ଅପସାରିତ ହୋଇପାରନ୍ତା । ସେଥିପାଇଁ ବିଦ୍ୟାଳୟମାନ-ଙ୍କରେ ଇଂରାଜୀ, ଗଣିତ, ସାହିତ୍ୟ ଓ ବିଜ୍ଞାନଭଳି ସଙ୍ଗୀତ, ନୃତ୍ୟ ଚିତ୍ରଣ ଓ କାରୁକଳା ମୌଳିକ ପାଠ ହୋଇ ରହିବା ବିଧେୟ । ଏହା ଫଳରେ ଶିଶୁ-ମନର ମୌଳିକ ନନ୍ଦନୀୟତା (Aesthetic) ଓ ସୃଜନଶକ୍ତି ବିକଶିତ ହେବା ସଙ୍ଗେ ସଙ୍ଗେ, ଛାତ୍ରଛାତ୍ରୀଙ୍କର ଅନୁଭୂତି, କଳ୍ପନା, ଆତ୍ମଚେତନା, ଆତ୍ମସମ୍ମାନ ଓ ଆତ୍ମନିର୍ଭରବୋଧ ପୁଷ୍ଟ ଓ ବଳିଷ୍ଠ ହୁଏ । ଶିଶୁମାନଙ୍କର ସୃଷ୍ଟି ମଧ୍ୟରେ ତ୍ରୁଟି ଅଛି ଯଥେଷ୍ଟ, ସମ୍ଭାବନା ମଧ୍ୟ ଅଛି ଯଥେଷ୍ଟ । ଜୀବନର ଅର୍ଦ୍ଧାଧିକ ସମୟ ଶିକ୍ଷକତା କରି ଶିଳ୍ପୀ ଗୋପାଳ କାନୁନ୍‌ଗୋ ଅଭିଜ୍ଞତା ଅର୍ଜନ କରିଚନ୍ତି—"ଶିଶୁଚିତ୍ରଣରେ ଅନୁପାତର ଅଭାବ ଲକ୍ଷିତ ହେଉଥିଲେ ହେଁ ଶିଶୁର ବିସ୍ମୟପୂର୍ଣ୍ଣ ମନୋଭାବର ଯେଉଁ ପରିଚୟ ମିଳୁଚି, ତାହାର ମୂଲ୍ୟ ତୁଳନାରେ ଅନୁପାତ ଅଧିକ ବିଗୁର୍ଯ ନୁହେଁ । ଶିକ୍ଷକ ଏଥିପ୍ରତି ଦୃଷ୍ଟି ଦେବେ ।"

ଆମେ କିନ୍ତୁ ଏଠାରେ କେବଳ ଶିକ୍ଷକଙ୍କୁ ଦୃଷ୍ଟି ଦେବାପାଇଁ ଅନୁରୋଧ କରୁନାହୁଁ । ଯେଉଁମାନେ ଅତି ଅବାଞ୍ଛିତ ଓ ନିର୍ମମ ହୋଇ ଶିକ୍ଷାର ଦଉଡ଼କୁ ଦିନକୁଦିନ ପାକଳ କରୁଚନ୍ତି, ସେମାନଙ୍କୁ

ମଧ୍ଯ ଅନୁରୋଧ କରୁଚୁ । ପିଲଙ୍କ ପରିବାରର କର୍ତ୍ତାମାନଙ୍କୁ ମଧ୍ଯ ଅନୁରୋଧ କରୁଚୁ । ଆମ ଜୀବନର ନିପୁଣତା ଧୀରେ ଧୀରେ ଫେରିଆସୁ । ଆନନ୍ଦ ରୂପକ ଅମୃତ ସମସ୍ତେ ସମାନ ଭାଗରେ ଭୋଜନ କରନ୍ତୁ । ଏ ଜୀବନ ଜଞ୍ଜାଳ ମୁକ୍ତ ହେଉ । ଉପନିଷଦ କହେ—"ଆନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ..."

ରମ୍ପ୍ୟୁ ତ୍ରିମୁଣ୍ଡା
୧୯୬୫

# ପୂଣ୍ୟ ପରଶ

ତିଥି, ବାର ଓ ତାରିଖ ବିଷୟ ମୋର ମନେ ନାହିଁ । ତେବେ ଏତିକି ମନେ ଅଛି ଯେ, ଗରମ ଛୁଟିରେ ସେଇଦିନ ଶାନ୍ତି ନିକେତନରୁ ଫେରିଥାଏ । ବହାଲ୍ବାଗ୍‌ଠାରେ ଝଙ୍କାର ପତ୍ରିକାର ତତ୍‌କାଳୀନ ପରିଚାଳନା ସଂପାଦକ ଶଶୀବାବୁଙ୍କ ସହିତ ଦେଖାହେଲା । କେତେକ ମାମୁଲି ଆଳାପ ଓ ଆଲୋଚନା ପରେ ସେ କହିଲେ, "ବର୍ମା ଆପଣଙ୍କୁ ଖୋଜୁଥିଲେ ।"

ନିକଟରେ ବି, ବର୍ମାଙ୍କର ବିରଙ୍ଗ ପ୍ରଚ୍ଛଦ ଚିତ୍ର ଝଙ୍କାର ପତ୍ରିକାକୁ ସୁନ୍ଦର କରିଥାଏ । ପ୍ରଜାତନ୍ତ୍ର ପ୍ରଚାର ସମିତି ତାଙ୍କୁ ପାରିତୋଷିକ ଉପହାର ଦେଇ ଥାଏ । ମୋର "ଶିଳ୍ପସ୍ୱାମୀ ବିମ୍ବାଧର ବର୍ମା" ପ୍ରବନ୍ଧଟି ସେଇ ବର୍ଷ ଝଙ୍କାରରେ ପ୍ରକାଶିତ ହୋଇଥାଏ ।

ପ୍ରାୟ ଦୁଇ, ତିନି ବର୍ଷ ହେବ ବର୍ମାଙ୍କ ସହିତ ଦେଖାହୋଇ ନାହିଁ । ପ୍ରଥମଥର ଶାନ୍ତିନିକେତନ ଯିବା ପୂର୍ବରୁ ଯେତିକି ଭେଟ ହୋଇଥିଲା ସେତିକି । ସେତେବେଳେ ସେ ରହୁଥିଲେ ବକ୍‌ସିବଜାରରେ

ଶଶୀଭବନ ପାଖରେ, ଗୋଟିଏ ଶ୍ରେଷ୍ଠ ଗୃହଲଘରେ । ସେଥିରେ ପୁଣି କୂଅ, ପାଇଖାନା ଉଭୟର ଅଭାବ । ଗୃହରୁ କେତେକ ଅଂଶ ଛପର ଜଡ଼ି ଯାଇଁ ଘରର ପଞ୍ଜର ଦେଖାଯାଉଥାଏ । ବର୍ମା ବର୍ମ ଥାଆନ୍ତି ବାହାରର ଚଉକାଠ ଉପରେ । ଦେହ ପ୍ରାୟ ଫୁଙ୍ଗୁଳା କହିଲେ ଚଳେ । କେବଳ ବାସନ୍ତି ରଙ୍ଗର ଲୁଙ୍ଗି ଓ ଧଳା ଗଞ୍ଜି ଖଣ୍ଡେ । ମୋତେ ଦେଖି ଆନନ୍ଦରେ ପାଛୋଟି ନେଲେ ଭିତରକୁ । ଗୋଟିଏ ଶ୍ରେଷ୍ଠ ବାସଘର, ଆଉ ବର୍ଷ୍ମାରିଏ ରହିବା ଘର । ସେଇଥିରୁ ଅଧିକରେ ଛବି, ବଛଣା, ଟ୍ରଙ୍କ ଓ ଆପଣେ। ଯ ଆସ୍ଥାନ । ଅପର ଅଧିକରେ ପାଣି ଝରେ । ଜୁଲାଇ ମାସର ମୌସୁମୀ କେତେବେଳେ ଆସେ ଠିକ୍ ନଥାଏ । ଅଲ୍ପକେତୋଟି ମୂହୂର୍ତ୍ତ ପୂର୍ବରୁ ଶିଳ୍ପୀ ଏଇଠାରେ ହିଁ ସାଧନା କରୁଥିଲେ । ତାର ପରିଚୟ ଦେଉଥିଲା ଅନେସମାପ୍ତ ବର୍ଷୀ ଯକ୍ଷ ଆଲେଲଖ୍ୟନ୍ତି ଏବଂ ବିକ୍ଷିପ୍ତ ରଙ୍ଗ ଓ ତୁଳି । ଏବେ ତାହା ରାଧାମୋହନ ବାବୁଙ୍କ ମେଘଦୂତ ଅନୁବାଦର ପ୍ରଥମ ଚିତ୍ରରୂପେ ଶୋଭା ପାଉଛି । ସେ ଦିନ ଯାଇଛି । ଆଜି ଅକସ୍ମାତ ସେ ନାକୁଚନ୍ଦ୍ର ଶୁଣି ଟିକେ ବିଚଳିତ ହୋଇ ପଡ଼ିଲି । ଆପଣାକୁ କମିତ ଅପରାଧୀ ଭଳି ମନେ ହେଲା । ଦୀର୍ଘ ଦିନଯାଏ ତାଙ୍କ ସହିତ ଯୋଗାଯୋଗ ରଖି ନପାରିଥିବାରୁ ଯିମିତ ଏକ ଅକ୍ଷମଣୀୟ ଅପରାଧ କରି ପକାଇଛି ! ପଚାରିଲି, "ସେ କଣ ସେଇ ଶଶୀଭବନ ସାମ୍ନାରେ ରହୁଛନ୍ତି ?"

"ନାହିଁ, ଏବେ ତାଙ୍କର ଆତ୍ମୀୟ ରାଜେନ୍ଦ୍ରବାବୁ ଓ ଜ୍ଞାନୀ ବାବୁଙ୍କ ସହିତ ଏଇ ରିଫ୍ୟୁଜି ବସ୍ତି ପାଖରେ ରହନ୍ତି –" କହି ଶଶୀବାବୁ ମୋତେ ସେ ରାସ୍ତାଟି ବତାଇ ଦେଲେ ।

\+ \+ \+ \+

ଦୁଇ ତିନି ଜଣକୁ ପଚାରିବାପରେ, ଘରଟିର ସନ୍ଧାନ ପାଇଲି । ଗୋଟିଏ ଇଟା ପାଚେରୀ ପାଖରେ କେତୋଟି ଆତ ଗଛ ମାତ୍ର । ଅଗଣା ସ୍ୱଳ୍ପ ପ୍ରଶସ୍ତ ହେଲେ ବି ଆବର୍ଜନା ପୂର୍ଣ୍ଣ । କୁଅଟିଏ, ଗୋଟିଏ ଗ୍ରୋଟ ଗୃହଘର । ବାହାରେ ପାଚେରୀ ପାଖରେ ରହି ଭିତରକୁ ସମ୍ବାଦ ପଠାଇଲି । ବେଶିକ୍ଷଣ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ବର୍ମା ଆସିଲେ—ରୋଗ, ବାର୍ଦ୍ଧକ୍ୟ ଓ ଅଭାବରେ କେବଳ ଶୁଖିଲା ଧଡ଼ିଟାଏ । ପାଦ ଦୁଇଟି ବହୁ ପୂର୍ବରୁ ସ୍ୱାଭାବିକତା ହରାଇଥିଲା । ହାତ ସରୁ ସରୁ ସୂତା ଖିଅ । ପେଟଟି ଫୁଲି ଶୁଣଖୁଣିଆ ଦେଖା ଯାଉଚି । ମୁଖମଣ୍ଡଳରେ ସେଇ ପରିଚିତ ଉନ୍ନତ ନାସାଗ୍ର ଓ ତା'ର ତଳକୁ ପାଚିଲା ନିଶଗାଚରେ । ଏହି ପ୍ରତିଭା ତାର ଅପରିସୀମ ଶକ୍ତିକୁ ତିଳ ତିଳ କରି ଆହୁତି ଦେଇ ଏ ଜାତିର ହୋମାଗ୍ନି ପ୍ରଜ୍ୱଳିତ କରି ରଖିଚି । ପୂର୍ବରୁ ବହୁଥର ଦର୍ଶନ ପାଇଚି । ବାହାରକୁ ବାହାରି ଆସିଲେ ଧୋତି, ପଞ୍ଜାବୀ, ଓ ହାତରେ ସିଙ୍ଗବେଣ୍ଟ ବାଡ଼ି । ଗୌରବ ଗୌର ଏକ ଦରବାରୀ ଚେହେରା । ଦୁରାରୋଗ୍ୟ ବ୍ୟାଧିର ଉଚ୍ଛିଷ୍ଟ ହୋଇଥିଲେ ବି ଚିର ରସୋଚ୍ଛଳ—ତାମ୍ବୂଳ ରଂଜିତ ଅଧର । ସେଦିନ ଯିମିତି ସବୁ ସ୍ୱପ୍ନ ଓ ସବୁ କଵିତ୍ୱର ବ୍ୟତିକ୍ରମ ଦେଖିଲି । ଯାହାର 'ନବ ବନିତା' ଏକ ମଧୁର ହୃଦୟ ମନ୍ଥନର ଗୌରବ ପାଇଥିଲା ଏବଂ ଯାହାର 'ପଲ୍ଲୀବଧୂ', 'ଗୋଧୂଳି ରାଗିଣୀ', 'ଦୀପାନ୍ୱିତା' ଓ 'ଅର୍ଦ୍ଧ ଶତବର୍ଷ ପରେ' ଚିର ଏ ଜାତିର ପ୍ରାଣରେ ଗଭୀର ଆତ୍ମପ୍ରତ୍ୟୟ ଆଣି ଦେଇଚି, ସେ ରସସ୍ରଷ୍ଟା ଆଜି ଯିମିତି ଜୀଇ ରହିବାପାଇଁ ଅପରର ସହାନୁଭୂତି ଟିକକ ଭିକ୍ଷା କରୁଚି । ଏ କଳଙ୍କର କାଳିମା ଧୋଇବାକୁ ଶକ୍ତି କାହିଁ ?

"କୌଣସି ଭଦ୍ରଲୋକଙ୍କୁ ଭିତରକୁ ନେଲାଭଳି ମୋର ଶକ୍ତି ନାହିଁ । ସେଥିପାଇଁ କାହାରିକୁ ମୋର ଘରପାଏ ଆସିବାକୁ

ଅନୁରୋଧ କରେନାହିଁ । ତେବେ ତମ ସହିତ ବହୁ ଦିନରୁ ଦେଖା ହୋଇ ନଥିଲା ବୋଲି ଶଶୀବାବୁଙ୍କୁ ଟିକେ କହିବାପାଇଁ କହିଥିଲି । ଚାଲ ଏଇ ଗଛ ମୂଳେ ଘଡ଼ିଏ ବସି ପଡ଼ିବା ।" —କହୁକହୁ ସେ ଖଣ୍ଡିଏ ଇଟା ଉପରେ ଆପଣାର ସମସ୍ତଭାର ନ୍ୟସ୍ତ କଲେ । ମୁଁ ମଧ୍ୟ ମୋର ମଣିପୁରୀ ବ୍ୟାଗଟି ସୁବିଧା ମୁତାବକ ଗଛ ଡାଳରେ ଝୁଲାଇ-ଦେଇ ଆସ୍ଥାନ ଗ୍ରହଣ କଲି ।

କେଇ ପଦ ସାଧାରଣ ସୁଖ ଦୁଃଖ ପରେ, ସତେ ଯେମିତି ମନେ ହେଲା ରୁଦ୍ଧ ଝରଣା ଦ୍ୱାରରୁ ପଥର ଖଣ୍ଡିଏ ଖସିଯାଇଚି । ସେ କହିଲେ—"ତମମାନଙ୍କୁ ଦେଖିଲେ ମୋର ବିଶ୍ୱାସ ହୁଏ, ଏ ଜାତିର ଜୀବନୀଶକ୍ତି ନିଶ୍ଚୟ ଫେରି ଆସିବ । ଦେହ ଦୁର୍ବଳ ହୋଇ ଆସିଲାଣି—ଆଉ ହୁଏତ ଏ ବ୍ୟାଧିରୁ ମୁକ୍ତି ମିଳିବ ନାହିଁ । ମନ ମଧ୍ୟରେ ଯେତେ କଳ୍ପନା ଓ ଆଶା ଜମାଇ ରଖିଥିଲି, ସବୁ ନିଷ୍ଫଳ ହୋଇଗଲା । ଓଡ଼ିଶାରେ ତ ଏତେ ଚିତ୍ରକାର ଅଛନ୍ତି, ସେଥିର କାହାକୁ ତମେ ଶିଳ୍ପୀ କହିବ ? କିଏ ନିର୍ଭୁଲ ରସ ହିଁ ପରିବେଷଣ କରୁଚି ? ମୁଁ ନୁହେଁ, ଅନ୍ୟମାନେ ବି ନୁହନ୍ତି । କେବଳ ଗୋଟିଏ ପିଲା ଦେଖିଥିଲି, ସେ ଗୌରାଙ୍ଗ । ଗୌରାଙ୍ଗ ସିଁ ଏ ମାଟିର ବେଦନା ଅନୁଭବ କରିପାରୁଥିଲା । ତା'ତୁଳି ମୁନରେ ରସର ଉତ୍ସ ଝଲମଲ କରୁଥିଲା । ତାର କଳ୍ପନାରେ ଆଭିଜାତ୍ୟର ପ୍ରଲେପ ଥିଲା । ଆଜି ତ ସମସ୍ତେ ରଙ୍ଗ ତୁଳି ପକେଟରେ ପକାଇ ପ୍ରକାଶକମାନଙ୍କ ଦୁଆରେ ଧାରଣା ଦେଉଚନ୍ତି । ସେ ଆଉ କଟକରେ ରହିପାରନ୍ତା କିମିତି ? ଦେଖ, ଯେଉଁ ତୁଳି ଧରିଚ ତାକୁ ବ୍ୟବହାର କରି ନ ପାରିଲେ କାନରେ ଖୋସି ଦେବ, କିନ୍ତୁ ବନ୍ଦୀ କରିଦେବ ନାହିଁ । ରୂପ-ଦେବତା ଅଭିଶାପ ଦେବେ ।"

ଏ ଶାଣିତ ବାକ୍ୟ ପ୍ରବାହରେ ମୁଁ କେତେବେଳେ ଭସିଯାଇ ଥିଲି । ଏ ଉତପ୍ତ ହୃଦୟ ନିକଟରେ କୈଫତ ଦେବାପାଇଁ ଭୁଣ୍ଡରେ ସ୍ପର୍ଦ୍ଧା ନଥିଲା । ବର୍ମାଙ୍କର ରୋଗଦଷ୍ଟ ଶରୀରରେ ସିଂହର ବିକ୍ରମ ଥିଲା । ରୋଗ ଓ ଦାରିଦ୍ର୍ୟର ଲାଞ୍ଛନା ସେ ହୃଦୟର ନିମ୍ନଭବକୁ ଛୁଇଁ ପାରି ନଥିଲା । ମାନସଲୋକକୁ ବିବ୍ରତ କରି ନଥିଲା । ବରଂ ଏଇ ନିର୍ବୋଧ ଜାତିର ହିଂସ୍ର କଳା-ବୋଧ ହିଁ ତାଙ୍କୁ ପ୍ରତି ମୁହୂର୍ତ୍ତରେ ଦଂଶନ କରୁଥିଲା । ଓଡ଼ିଆ ଜାତିର ମାନସିକ ଦୈନ୍ୟ ଦେଖି ସେ ପ୍ରତି ମୁହୂର୍ତ୍ତରେ ଚମକି ଉଠୁଥିଲେ । ବହୁ ସାହାସ ସଞ୍ଚୟ କରି କହିଲି— "ଏ ଦେଶରେ କଳା ବିଦ୍ୟାଳୟ ହେବ, ଆପଣଙ୍କ ମେଣ୍ଟୁକୁ ବିକ୍ରି କରି ଆମେ ସଂଗ୍ରାମ କରିବୁ ।"

"ଆଜି ଯାଏ ତ କିଛି ହୋଇ ପାରିଲା ନାହିଁ । କଳା ଗନ୍ତା-ଘରେ ଏବେ ବି କଳାକନା ବୁଲୁଛି । ଆଉ କେତେ ଦିନ ବୁଲିବ ଠିକ୍ ନାହିଁ । ଆମ ଦେଶରେ ପ୍ରତିଭାଶାଳୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କର ଅଭାବ ଅଛି । ରବୀନ୍ଦ୍ର ପ୍ରତିଭା ନାହିଁ ତ, କେବଳ ନିଛକ କଳାବୋଧ ଓ ଜାତୀୟଜୀବନ ଉପରେ ଅନୁଷ୍ଠାନ ଠିଆ ହେବ । ଯଦି କଳା-ବିଦ୍ୟାଳୟ ହୁଏ, ତାହା ସରକାରୀ ଉଦ୍ୟମରେ ହିଁ ହେବ । ଶିକ୍ଷା-ଦାନ ପ୍ରଣାଳୀ ଅପେକ୍ଷା କାଇଦାକାନୁନ୍‌ର ମୋହ ବେଶି ବଢ଼ିଯିବ । ଚୌରଙ୍ଗୀ ଛକ ଉପରେ ସରକାରୀ କଳା ବିଦ୍ୟାଳୟ ଠିଆ ହୋଇଛି । କିନ୍ତୁ କଲିକତା ମହାନଗରୀ ଉପରେ ତାର କୌଣସି ପ୍ରଭାବ ନାହିଁ । ଯେତେ ସବୁ ଅଜବ୍ ପେସନ୍ ଜନ୍ମ ନେଉଛି ସେଇ ମହାନଗରୀରୁ । କେହି ତାର କଣ୍ଠରୋଧ କରିପାରୁ ନାହାନ୍ତି । କଟକରେ ହୁଏତ ସେଇ ଭଳି ଗୋଟିଏ ଅନୁଷ୍ଠାନ ହେବ । କିନ୍ତୁ ଏ ଦରିଦ୍ର ଦେଶକୁ ଚହ୍ଲି ଚହ୍ଲାଇଲା ଭଳି ଶକ୍ତି କା'ର ଅଛି ?

ଜୀବନର ଚତୁର୍ଥାବସ୍ଥାରେ ଆସି ପହଞ୍ଚିଲଣି । ସାରା ଜୀବନ ବିତିଗଲା ରାସ୍ତାକଡ଼ର ନର୍ଦ୍ଦମା ସଫା କରିକରି । ଯିଏ ଯେତେ ଆବର୍ଜନା ଠୁଳ କଲେ, ସେଇଆକୁ ପୋଛୁ ପୋଛୁ ବଳବୟସ ଗଡ଼ିଗଲା । କାହିଁ ? କେଉଁ ଆଶାରେ ଆଜି ଶେଷନିଶ୍ୱାସ ତ୍ୟାଗ କରିବ ? ଦେଶ ସ୍ୱାଧୀନ ହେବାର କେତେ ବର୍ଷ ହୋଇ ଗଲଣି, କେହି ସ୍ୱାବଲମ୍ବୀ ହୋଇ ପାରିଲେ ନାହିଁ । ଅର୍ଥନୈତିକ ସ୍ୱାବଲମ୍ବନ ତ ଭିନ୍ନ କଥା; ମୁଁ କହୁଚି ମାନସିକ ସ୍ୱାବଲମ୍ବନ ସମ୍ପର୍କରେ । ଆଜିର କଳା ସାଧନା ସହିତ ଜୀବନର କୌଣସି ସମ୍ପର୍କ ନାହିଁ । କଳା ମଧ୍ୟ ଜୀଇଁ ରହିବା ପାଇଁ ପାଥେୟ ଯୋଗାଇବାକୁ ଅକ୍ଷମ । ଓଡ଼ିଆ ଆଜି ଆପଣାକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଦ୍ୱିଧା କରୁଚି । ଏଠାରେ ଶମ୍ଭାଦ୍ ସ୍ମୃତିମନ୍ଦିର ଗଢ଼ାହେଉଚି ବୌଦ୍ଧ ଯୁଗର ସ୍ଥାପତ୍ୟକୁ ସ୍ମରଣକରି, ଓଡ଼ିଶୀ ସ୍ଥାପତ୍ୟ କି କଳାର ନମୁନା ଖଣ୍ଡେ ରହିବ ନାହିଁ ସେଥିରେ ।"

"ଆପଣ ଏ ବିଷୟରେ ଲେଖାଲେଖିକରୁ ନାହାନ୍ତି ?"

"ଏ ଯାଏ ମୋ ଲେଖାର କିଛି ହେଲେ ଫଳ ଫଳି ନାହିଁ । ବିମ୍ବାଧର ବର୍ମା ଯଦି ଅନ୍ଧକାରରେ ଚିତ୍‌କାର କରି କରି ମରିଯାଏ, ତେବେ ଏ ଦେଶରେ ଜଣେ ମୁହୂର୍ତ୍ତେ ଅଟକି ଯିବ ନାହିଁ । ଏଣିକି ତମେମାନେ ଆସି ସଂଗଠିତ ଉଦ୍ୟମ କର । ରାସ୍ତାରେ ଯେତେ-ବେଳେ ମଣିଷ ଚାଲିଯାଏ, ସେତେବେଳେ ସେ ଖାମ୍‌ଖିଆଲିଙ୍କ ଭଳି ଚାଲିଥାଏ । ପଛରୁ କି ଆଗରୁ ସାଇକଲଟିଏ ଆସିଲେ ଟିକେ ସତର୍କ ହୋଇଯାଏ । ବଗି କିମ୍ବା ରିକ୍‌ସା ଆସିଲେ ବାଁ ପାଖ ମାଡ଼ି ଚାଲେ । ମଟରଗାଡ଼ି ଆସିଲେ ମୁହୂର୍ତ୍ତକ ପାଇଁ ପାଦ ତାର ଅଟକିଯାଏ । ମଟରର ଆଲୋକ ଓ ବେଗ ଆପଣା ପଥ ପରିଷ୍କାର କରିନିଏ । ତମେ

ମାନେ ଯଦି ସେହିଭଳି ଉଜ୍ଜ୍ୱଳ ଆଲୋକ ଦେଖାଇ ପାରିବ ଓ ବେଗବାନ ହୋଇ ପାରିବ, ତେବେ ସମସ୍ତେ ତମକୁ ବାଟ ଛାଡ଼ି ଦେବେ । ନୋହିଲେ ତମ ତଳେ ଚାପା ପଡ଼ିଯିବେ ।”

ପୂର୍ବରୁ କେବେହେଲେ, ତାଙ୍କ ଭିତରୁ ଏତେ ସ୍ପଷ୍ଟ ଓ ନିର୍ଭୀକ ବାଣୀ ଶୁଣି ନଥିଲି । ମୋର ସମସ୍ତ ବାକ୍‌ଶକ୍ତି ହରାଇ ମୁଁ ରହିଥାଏ ଲୁହା ପାତିଆ ଦିଆ ଟାଟ କରି ବାହାରକୁ, କେବଳ ମୂକଟି ଭଳି । ବୈଶାଖ ମାସର ଟାଣଖରା । ଯେଉଁ ଖରା ଆଲୋକ ଓ ଉତ୍ତାପ ବିକିରଣ କରି ଦିନକୁ ଦିନ ପୃଥିବୀକୁ ସମୃଦ୍ଧ କରୁଛି, ସେ ଯିମିତି ଆଜି ଆତଶ-କାଚ ଭିତରେ ପ୍ରତିହତ ହୋଇ ଗୋଟିଏ ମାତ୍ର ବିନ୍ଦୁରେ ସଂହତ ହେଉଛି, ସବୁ ଆବର୍ଜନାର କଳଙ୍କମୟ ସ୍ତୂପକୁ ଦହନ କରିବା ପାଇଁ । ରାଜ ରାସ୍ତାଟି ଯାଏଇ ସାଏଇ ଗୁଳିଯାଇଥାଏ । ରାଜେନ୍ଦ୍ର ବାବୁ କେଉଁଆଡ଼ୁ ଆସି ପହଞ୍ଚି ଗଲେ ଜାଣେ ନା । କଥାର ମୋଡ଼ ବୁଲିଲା ଭିନ୍ନ ଦିଗକୁ ।…

ତାପରେ ଆଉ ଦର୍ଶନ ହୋଇନି । ଶାନ୍ତିନିକେତନରେ ଥାଇ ଶୁଣିଛି ସେ ଆଉ ନାହାନ୍ତି ।

× × × ×

ଆଜି ଯେତେବେଳେ ଏ ଜାତିର ସ୍ୱପ୍ନ ସଫଳ ହେବାକୁ ଯାଉଛି, ସେତେବେଳେ ତାଙ୍କର ହିଂସ୍ର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ କ୍ଷମା ଦେବାର କଥା । ଆଜିର ପୁଣ୍ୟ ମୁହୂର୍ତ୍ତରେ ତାଙ୍କର କଥା କେତେ ପଦ ଭୁଲାଇ ଭୁଲାଇ ମନେ ପଡ଼ୁଥାଏ । ସେ ଯିମିତି ଗୋଟିଏ କରୁଣ ସ୍ୱରର ମୂର୍ଚ୍ଛନା ଭଳି ଦିଗନ୍ତରେ ବିଲୀନ ହୋଇଗଲେ । ଆମେ ତାଙ୍କର ଆଭାସ ପର୍ଯ୍ୟନ୍ତ ସଂଗ୍ରହ କରି ପାରିଲୁ ନାହିଁ । ଏ ସମ୍ପର୍କରେ ବହୁ ମତ ଆସୁଛି ଓ ଆସିବ । ଜଣେ ପ୍ରତିଭାବାନ୍ ପ୍ରବୀଣ ଶିଳ୍ପୀ

ଅରେ କହୁଥିଲେ—"ଅନେକ କହୁଚନ୍ତି ଭାବୀ ଉତ୍କଳର କଳା ବିଦ୍ୟାଳୟ ନାମ 'ବର୍ମା ବିଦ୍ୟାମନ୍ଦିର' ରଖାଯାଉ ! କିହୋ ! ବର୍ମାର କି କୃତି ଅଛି ? ତାଙ୍କର ପ୍ରତି ଛବିରେ ତ ତ୍ରୁଟି ଭୁଲ୍, ନେଇ ଆସ ଦେଖାଇ ଦେବି । ଓଡ଼ିଶାଠାରୁ କଣ ବର୍ମା ବଡ଼ ? କାହିଁକି ଓଡ଼ିଶା କଳାବିଦ୍ୟାଳୟ ନହେବ ?" ରୂପ ରଚନାରେ ତ୍ରୁଟିର ଆବଶ୍ୟକତା ଅଛି । କିନ୍ତୁ ନିର୍ଭୁଲ ତ୍ରୁଟି ଛବିର ପ୍ରଧାନ କଥା ନୁହେଁ । ଶିଳ୍ପ-ଶାସ୍ତ୍ରକାରମାନେ ତ ପୁଣି କହିଛନ୍ତି —

"ଲେଖ୍ୟା ଲେପ୍ୟା ସୈକତୀଚ ମୃଣ୍ମୟୀ ପୈଷ୍ଟିକୀ ତଥା
ଏତେଷାଂ ଲକ୍ଷଣାଭାବେ ନ କଶ୍ଚିତ ଦୋଷ ଇରିତଃ ।
ପ୍ରତିମାସ୍ୱାଶ୍ଚ ଯେ ଦୋଷାହ୍ୟର୍ଚ୍ଚକସ୍ୟ ତପୋବଳାତ
ସର୍ବେଶ୍ୱର ଚିତ୍ତସ୍ୟ ନାଶଂ ଯାନ୍ତି କ୍ଷଣାତ୍ କିଳ ।"

ପ୍ରତିମା ନିର୍ମାଣର ଯାବତୀୟ ଦୋଷ ଯେତେବେଳେ ଈଶ୍ୱର ଚିତ୍ତ ଅର୍ଚ୍ଚକର ତପସ୍ୟା ଫଳରେ ନିର୍ଦ୍ଦୋଷବୋଲି ଗ୍ରହଣ କରା ଯାଉଚି, ସେତେବେଳେ ଏଭଳି କ୍ଷଣକୋପୀ ଉକ୍ତି ପାଖରେ ମୋର ମୁକ୍ତିକରିବା ଉଚିତ ଥିଲା । 'ବର୍ମା କଳାବିଦ୍ୟାଳୟ' ପାଇଁ ଯେଉଁ କେତେ ଜଣ ଆବେଦନ କରିଥିଲେ, ସେମାନଙ୍କ ମଧ୍ୟରେ ମୁଁ ମଧ୍ୟ ଥିଲି । କିନ୍ତୁ ଏଠାରେ ଚୁପ୍ ରହିଲି, କେବଳ ବୟସର ଦୀନତା ଦୃଷ୍ଟିରୁ । ଗୋଟିଏ ବିଦଗ୍ଧ ରସସ୍ରଷ୍ଟାଙ୍କୁ ଆପଣା ଶିଳ୍ପୀକୁଳର ପ୍ରତୀକରୂପେ ଧରିଲେ କ୍ଷତି କ'ଣ ହେବ ବୁଝି ପାରେ ନା । ବରଂ ତାଙ୍କ ନାମର ପୁଣ୍ୟ ପରଶରେ ଆମର ସମସ୍ତ ଲୌହ ସ୍ୱର୍ଣ୍ଣ ପାଲଟନ୍ତା । ଓଡ଼ିଶୀ ଚିତ୍ର, କାଳିଘାଟ ଚିତ୍ର, ପାହାଡ଼ୀ ଚିତ୍ର, ମୋଗଲ ଚିତ୍ର, ରାଜପୁତ୍ ଚିତ୍ର ଇତ୍ୟାଦି ଯେତେବେଳେ ବିହୁବିଧ ପାରଂପରିକ ଶୈଳୀ ସମ୍ମୁଖ

ଶନ ଭାରତବର୍ଷରେ ଦେଖିବାକୁ ମିଳୁଚି, ସେତେବେଳେ 'ଓଡ଼ିଶା କଳାବିଦ୍ୟାଳୟ' କରିବାରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ହେବ । ବାହାରର ବହୁ ବିଦଗ୍ଧ ବ୍ୟକ୍ତି ଭ୍ରମ କରି ପାରନ୍ତି ।

ଓଡ଼ିଶାରେ କଳା ବିଦ୍ୟାଳୟ ହେବ । ହେଉଚି ମଧ୍ୟ । ବହୁ ପ୍ରତିଭାଶାଳୀ ତରୁଣ ଶିଳ୍ପୀ, ଏ ଦେଶରେ ଜନ୍ମଗ୍ରହଣ କରିବେ । ବର୍ମାଙ୍କର ଅଙ୍କିତ ତେଜପୁଞ୍ଜ ସେମାନଙ୍କୁ ପଥ ଦେଖାଉ !

କଟକ
୨.୯୫୭

# ପ୍ରଗତିଶୀଳ କଳା ଓ ଓଡ଼ିଆ ଶିଳ୍ପୀର ବ୍ୟକ୍ତିତ୍ୱ

ମୁଁ ଶିଳ୍ପୀ । ମୁଁ ସୃଷ୍ଟି କରେ । ନିଜକୁ ଏକ ବିଦଗ୍ଧ ସ୍ରଷ୍ଟାରୂପେ ଚିହ୍ନାଇ ଦେବା ହିଁ ମୋ ଜୀବନର ପ୍ରଥମ ଓ ଶେଷ ଉଦ୍ଦେଶ୍ୟ ହୋଇରହୁ । ବହୁ ବାଧା ଓ ବନ୍ଧନ ସତ୍ତ୍ୱେ ମୋର ଆତ୍ମପ୍ରକାଶ କରିବାର ସ୍ପୃହା ଅମର ହୋଇ ରହୁ । ମୋ ସୃଷ୍ଟିକୁ କେହି ଗ୍ରହଣ କରନ୍ତୁ ବା ନ କରନ୍ତୁ, ମୁଁ କିନ୍ତୁ ସୃଷ୍ଟି କରିଯିବି—ଅତି ନିର୍ଭୀକ ଭାବରେ । ଅତ୍ୟାଧୁନିକ ଚିତ୍ରକଳାର ଉପରୋକ୍ତ ବକ୍ତବ୍ୟ ଗୁଡ଼ିକ ଅଧୁନା ଏକ ବ୍ୟାଧିରେ ପରିଣତ ହୋଇଛି । ପିକାସୋ, ରାମକିଙ୍କର, ଗୃଓଡ଼ା—ଏମାନଙ୍କ ବ୍ୟକ୍ତିସ୍ୱାତନ୍ତ୍ର୍ୟ ଏତେ ପ୍ରବଳ ହୋଇ ଉଠିଲାଣି ଯେ, ଅନ୍ୟପାଇଁ ଅପେକ୍ଷା କରିବାଲାଗି ଆଜି ସେମାନଙ୍କର ସମୟ ନାହିଁ । ମୋ ରୁଚି ଓ ସମାଜର ରୁଚି, ମୋ ଦୃଷ୍ଟି ଓ ସମାଜର ଦୃଷ୍ଟି ଭିତରେ ଯେଉଁ ପ୍ରଭେଦ ଦେଖା ଦେଉଛି, ଆଜିର ଦୁନିଆଁରେ ତାହା ହିଁ ହୋଇଛି ପ୍ରଗତିର ପ୍ରଥମ ପାହାଚ ।

ମୋତେ ମାଛକଣ୍ଟା ଭଲଲାଗେ, ମୁଁ ଆନନ୍ଦର ସହିତ ମାଛକଣ୍ଟାକୁ ମୋର ପ୍ରିୟ ଖାଦ୍ୟରୂପେ ବ୍ୟବହାର କରି ପାରେ ;

କିନ୍ତୁ ଅନ୍ୟମାନଙ୍କ ପାଇଁରେ ପରିବେଷଣ କଲାବେଳେ ମୋତେ ମାଛ ହିଁ ପରିବେଷଣ କରିବାକୁ ହେବ । ଏଭଳି ଦୃଷ୍ଟିଭଙ୍ଗୀ ଆଜି ପୁରୁଣା ହୋଇଗଲାଣି । ଅନ୍ୟମାନଙ୍କୁ ଯେତେବେଳେ ମୋ ଦୁଆରକୁ ନିମନ୍ତ୍ରଣକରି ଆଣିଛି, ସେତେବେଳେ ମୋ'ର ଖାଦ୍ୟ ଖୁଆଇ, ମୋର ନିଜସ୍ୱ ରୁଚିର ପରିଚୟ ଯଦି ଦେଇ ନ ପାରିଲି ଆଉ ତେବେ ଦେଲି କଣ ? ଏଇ ମାନସିକ ଉଦ୍ଭାବନା ଆଜି ଯୁଦ୍ଧୋତ୍ତର କଳାଜଗତରେ ବଡ଼ ଉପାଦେୟ ଉପାଦାନ ହୋଇଛି ।

ସ୍ୱ ·ାରଣତଃ ଆମେ କଳାବୋଧର ପରିଚୟ ଦୁଇ ପ୍ରକାରରେ ପାଇ ଥାଉ । ପ୍ରଥମଟି ସଂସ୍କୃତିର ବନ୍ଧୁବିଧ ନୀତି ଓ ଗତି ମଧ୍ୟରେ ଏବଂ ଅପରଟି ଶିଳ୍ପୀର ବ୍ୟକ୍ତିତ୍ୱ ମଧ୍ୟରେ । ଅନେକ ସମୟରେ ଆମେ ଏଇ ବ୍ୟକ୍ତିତ୍ୱର ପ୍ରକାଶକୁ ମୌଳିକତା ବୋଲି କହିଥାଉଁ । ପୂର୍ବକାଳରେ ତାଜ୍‌ମହଲ ଓ କୋଣାର୍କ ଆଦି ନିପୁଣ କଳାଭିବନ ସବୁ ତିଆରି ହୋଇଛି । ସେଥିରେ କିନ୍ତୁ ବ୍ୟକ୍ତିର ବ୍ୟକ୍ତିତ୍ୱ ବଦଳରେ ଧର୍ମ ଓ ଧ୍ୱଜାର ଆଭିଜାତ୍ୟ ପ୍ରବଳତର । ଏ କଳାଭିବନ ଗୁଡ଼ିକ ଶିଳ୍ପୀର ସମସ୍ତ ବ୍ୟକ୍ତିତ୍ୱକୁ ଜୀର୍ଣ୍ଣକରି ଇତିହାସ ପୃଷ୍ଠା ମଣ୍ଡନ କରିଛି । କେବଳ କୋଣାର୍କଠାରେ କିଞ୍ଚିତ୍ ବ୍ୟତିକ୍ରମ । କୋଣାର୍କରେ ଅନାମଧେୟ ଶିଳ୍ପୀମାନଙ୍କମଧ୍ୟରୁ ବିଶୁ ମହାରଣା ଓ ଧର୍ମପଦ ନାମର ସନ୍ଧାନ ମିଳେ । ଗୋଟିଏ ବିଶିଷ୍ଟ ପୃଷ୍ଠଭୂମିର ମହତ୍ତ୍ୱପୂର୍ଣ୍ଣ ସାମାଜିକ ନୃଶଂସତା ମଧ୍ୟରେ ଯଦି କୋଣାର୍କ ନାଟକର ପରିସମାପ୍ତି ହୋଇ ନଥାଆନ୍ତା, ତେବେ ଏ ଦୁଇଟି ନାମର ସନ୍ଧାନକୁ ଆମେ ବଞ୍ଚିତ ହୋଇ ଥାଆନ୍ତେ । ସେ ଯୁଗରଶିଳ୍ପୀ ବଡ଼ ସୀମିତ ପରିବେଶ ମଧ୍ୟରେ, ରଜାର ଆଦେଶରେ, ଧର୍ମର ଧ୍ୱଜାତଳେ, ଆତ୍ମପ୍ରକାଶର ସଂକୀର୍ଣ୍ଣ ସୁଯୋଗ ଟିକକ ପାଇଛି । ସେଥିପାଇଁ ସେ

ଆତ୍ମପରିଚୟ ଦେବା ପୂର୍ବରୁ ସେମାନଙ୍କ ସିଦ୍ଧାନ୍ତକୁ ମାନି ନେଇଛି । ତାହା ବ୍ୟତୀତ ଅନ୍ୟ ଉପାୟ ନ ଥିଲା । ଅଗଣିତ ଶିଳ୍ପୀ ଜୀବନର ଅସରନ୍ତି ବ୍ୟକ୍ତିତ୍ୱକୁ ବଳିଦେଇ ଗୋଟିଏ ସୂର୍ଯ୍ୟମନ୍ଦିର, ଗୋଟିଏ ବୌଦ୍ଧବିହାର କିମ୍ବା ସେଇଭଳି ଗୋଟିଏ ବେଗମ୍‌ର ମହାସମାଧି ମୁଣ୍ଡଉଠାଇଛି ।

ଇତିହାସର ସେ ଆଦର୍ଶ ଆଜି ବଦଳିଗଲାଣି । ସେ ସଂଜ୍ଞା ଆଜି ଶିଳ୍ପୀପ୍ରାଣକୁ ଉଦ୍‌ବୁଦ୍ଧ କରୁନାହିଁ । ପ୍ରତିପ୍ରାଣରେ ଆପଣାର ଏକାନ୍ତ ପରିଚୟ ଟିକକ ଚିତ୍କାର କରି ଉଠୁଛି । ବସନ୍ତ ଋତୁ ଆସିଲା । ଋତୁରାଜର ଆଗମନରେ ପ୍ରକୃତି ସୌନ୍ଦର୍ଯ୍ୟ ଅଂଜଳି ପରିବେଷଣ କଲା । ପଳାଶ ଗଛର ଡାଳେଡାଳେ ନିଆଁର ଝଲକ ଖେଳାଇ ଦେଇ ପଳାଶ ଫୁଟିଉଠିଲା । ରସହୀନ ଶୁଖିଲା ଗଣ୍ଡିରୁ ପେନ୍ଥା ପେନ୍ଥା ଝୁଲିପଡ଼ିଲା ଅଶୋକ କଳିକା । ତାରାଯୁକ୍ତ ଆକାଶ ଭଳି ମଲ୍ଲୀ ଗଛଗୁଡ଼ିକ ଶୋଭା ପାଇଲା । ଆମ୍ବ ବଉଳ କିମ୍ବା ଶାଳ ମଂଜରୀ ତା'ର ବ୍ୟକ୍ତିତ୍ୱ ଟିକକ ବିକଶିତ କରି ଗନ୍ଧ ବିତରଣ କଲା । ଗୋଟିଏ ଫଗୁଣର ଆନନ୍ଦ-ନିକେତନରେ ଅଜସ୍ର ବ୍ୟକ୍ତିତ୍ୱ ଆପଣାଆପଣା ଯୋଗ୍ୟତା ଅନୁସାରେ ଉପସ୍ଥିତ ହୋଇ ପାରିଲେ । ଏସବୁ ବୈଚିତ୍ର୍ୟମୟ ସୃଷ୍ଟିପାଇଁ ବିଶ୍ୱକର୍ମା କୌଣସି କୈଫିୟତ୍ ଦେଉନାହାନ୍ତି । ଠିକ୍ ସେଇଭଳି ବିନାକୈଫିୟତ୍‌ରେ ପ୍ରତି ରସ ସ୍ରଷ୍ଟା ଆପଣାର ନିଜସ୍ୱ ଟିକକ ପ୍ରକାଶ କରିବାପାଇଁ ବ୍ୟାକୁଳ ହୋଇ ଉଠୁଛି ।

ବ୍ୟକ୍ତିତ୍ୱର ବିକଚ ବିକାଶ ପାଇଁ ସ୍ୱାଧୀନତା ଆବଶ୍ୟକ । ତେଣୁ ପ୍ରତି ସ୍ୱାଧୀନ ରାଷ୍ଟ୍ରରେ ପ୍ରଗତିଶୀଳ ଶିଳ୍ପାନ୍ଦୋଳନ ଆରମ୍ଭ

ହୋଇଛି । କିନ୍ତୁ ସ୍ରଷ୍ଟାର ସେଇ ପ୍ରକୃତ ସ୍ୱାଧୀନତା ଟିକକ କାହିଁ ? ଗଣତନ୍ତ୍ର, ସମାଜ, ସାଧୁନ୍ତା ଓ ସରକାରର ଦ୍ୱାହି ଦେଇ ମୌଳିକ ସ୍ୱାଧୀନତା ଟିକକ ମଧ୍ୟ ଅତି ଅସହାୟ ଅବସ୍ଥାରେ ଅନେକ ସମୟରେ ବିପନ୍ନ ହେବାକୁ ଯାଉଛି । ଦୃଷ୍ଟାନ୍ତ ସ୍ୱରୂପ— ସର୍ବପ୍ରଥମେ ଶିଳ୍ପ-ସହୀଦ୍ ଶ୍ରୀମତୀ କୋଟିକୋଲ୍ଭିଜଙ୍କ ନାମ ଉଲ୍ଲେଖଯୋଗ୍ୟ । ଏ ମହୀୟସୀ ମହିଳା ନାଜୀକର୍ତ୍ତାମାନଙ୍କ ହାତରେ ଗତ ମହାଯୁଦ୍ଧ ପୂର୍ବରୁ ଜୀବନ ଦେଇଥିଲେ । ବିଖ୍ୟାତ କଳା-ସମାଲୋଚକ ହାର୍ବର୍ଟ୍‌ରିଡ୍ ତାଙ୍କର "The Roots of the Artist" ପ୍ରବନ୍ଧଟିରେ ଶିଳ୍ପୀର ଜୈବିକ ସ୍ୱାଧୀନତା ସମ୍ପର୍କରେ ଆଲୋଚନା କରିଛନ୍ତି । କିନ୍ତୁ ସ୍ୱାଧୀନତା ପ୍ରଶ୍ନର ସମାଧାନ ସହିତ ସ୍ୱେଚ୍ଛାଚାରିତା ପ୍ରଶ୍ନ ବି ଆପେ ଆପେ ଆସି ପହଞ୍ଚି ଯାଉଛି । ଶିଳ୍ପୀ ସ୍ୱାଧୀନ । ପ୍ରକୃତ ଶିଳ୍ପ ହିଁ ସ୍ୱାଧୀନତାର ଉତ୍ସ । ସେଥିଲାଗି ଶିଳ୍ପାଚାର୍ଯ୍ୟ ନନ୍ଦଲାଲ ବସୁ ଥରେ କହିଥିଲେ—"ଯାହା ଇଚ୍ଛା ତାହା କର, କିନ୍ତୁ ଯାଚ୍ଛାତା କରନାହିଁ ।" ଯାହା ଇଚ୍ଛା ତାହା କରିବାର ସ୍ୱାଧୀନତା ଶିଳ୍ପୀ ମାନେ ହିଁ ପାଇଛନ୍ତି । କିନ୍ତୁ ଯାଚ୍ଛାତା କରିବାର ସ୍ୱାଧୀନତା କାହିଁ ? ଯାହା ପ୍ରକୃତରେ ପ୍ରଥମ ଶ୍ରେଣୀର ଶିଳ୍ପ ତାହା ଯାଚ୍ଛାତା' ହୋଇ ପାରିବ ନାହିଁ । ଏଭଳି ନିର୍ଭିକଶୀଳ ପ୍ରତିଶ୍ରୁତି ପ୍ରଥମ ପ୍ରଗତିଶୀଳ ଶିଳ୍ପୀ ପିକାସୋଙ୍କଠାରୁ ମିଳି ସାରିଲାଣି । ଏଣିକି ତାର ପରବର୍ତ୍ତୀ କଥା ।

ପୃଥିବୀର କଳାବୋଧ ନାନା ଶିବିର, ବାଦ ଓ ବିବାଦ ମଧ୍ୟରେ ଗତି କରୁଛି । ୟୁରୋପ ଏହାର ନେତୃତ୍ୱ ଗ୍ରହଣ କରିଛି । ଗତ ଶହେ ବର୍ଷର ତିକ୍ତ ଅନୁଭୂତି ଦୁଇଟି ମହାଯୁଦ୍ଧର ତାଡ଼ନା ଏବଂ ତୃତୀୟ ମହାଯୁଦ୍ଧର ଆତଙ୍କ ମଣିଷ ମନରୁ ଜୀଇଁରହିବାର ବିଶ୍ୱାସ

ଥିକକ ହଜାଇ ଦେଇଚ । ଏପର ସ୍ଥଳରେ ଈଶ୍ୱର ଶାନ୍ତି ଓ ମୈତ୍ରୀପାଇଁ ଶିଳ୍ପୀର ଯଥେଷ୍ଟ ଦାୟିତ୍ୱ ରହିଚ । ପୃଥିବୀ ଇତିହାସର ପୃଷ୍ଠା ଓଲଟାଇଲେ ରାଷ୍ଟ୍ରଗୁଡ଼ିକର ଦୁର୍ବଳତା ଆଖିରେ ପଡ଼େ । ରାଷ୍ଟ୍ର ବଡ଼ ଦୁର୍ବଳ । ରାଷ୍ଟ୍ରକର୍ତ୍ତାମାନେ ହିଁ ସେଇ ଦୌର୍ବଲ୍ୟର ଗୋଟିଏ ଗୋଟିଏ ପ୍ରତୀକ । ଶିଳ୍ପୀ ଓ କଳାବନ୍ତମାନେ ହିଁ ସେମାନଙ୍କୁ ନିୟନ୍ତ୍ରିତ କରି ଥାଆନ୍ତି । ରସସ୍ରଷ୍ଟାମାନେ ହିଁ କ୍ଷିର ସମୁଦ୍ର ମଧ୍ୟରୁ ବେଦୋଦ୍ଧାରର ପବିତ୍ର କର୍ତ୍ତବ୍ୟ ସାଧନ କରନ୍ତି । **Art is a natural descip-line** କହିବାବେଳେ ଶିଳ୍ପୀକୁ ଆହୁରି ଥରେ ତାର ଗୁରୁଦାୟିତ୍ୱ-ପ୍ରତି ସଜାଗ କରାଇ ଦିଆ ଯାଉଚି ।

ଗୃହଆଡ଼େ ପ୍ରଗତିର ଚିତ୍କାର ! ପ୍ରଗତିଶୀଳ କଳା ଓ ରୁଚିର ବାହକ ରୂପେ ଦଳେ ଭକ୍ତ ହୋଇ ଯିବାକୁ ବସିଚନ୍ତି । ସେମାନଙ୍କ କଥାରେ ସେଇମାନଙ୍କୁ ବାଦ୍ ଦେଲେ, ଆଉ ଯେଉଁମାନେ ରହିଲେ— ସେମାନେ ହେଉଚନ୍ତି ଦୁର୍ଗତିଶୀଳ । ପ୍ରଗତି ଓ ଦୁର୍ଗତି ମଧ୍ୟରେ ସଂଘର୍ଷ ପ୍ରତ୍ୟେକ ହୃଦୟବାନ୍ ବ୍ୟକ୍ତିକୁ ଆଜି ଆଘାତ କରୁଚି । ଯେଉଁମାନେ ଏଇ ଦଳର କନ୍ଦଳରୁ ଆପଣାକୁ ଅଲଗା କରିବାକୁ ବସିଚନ୍ତି, ସେମାନେ ଆହୁରି ଅଦ୍ଭୁତଭାବରେ ପ୍ରମାଦ ଗଣୁଚନ୍ତି । ଏତିକି କହିପାରେ—ଅଭିନବ ଚିନ୍ତା, ନିତ୍ୟ ନୂତନ ରସ ସଂଗ୍ରହ ଗତିଶୀଳ କଳାର ବାହକ । ସୃଷ୍ଟିର ପ୍ରଥମ ଦିନର ନିର୍ଦ୍ଦିଷ୍ଟ ସୂର୍ଯ୍ୟ ନିର୍ଦ୍ଦିଷ୍ଟଭାବରେ ଆଲୋକ ବିତରଣ କରୁଚି । ବୈଦିକଯୁଗରୁ ଏଯାଏ କବିର ଚିନ୍ତା ଓ ବର୍ଣ୍ଣନାରେ ଯେଉଁ ଫରକ୍ ହୁଏ, ତାହା ହିଁ ଗତିର ସୂଚନା ବୋଲି ଧରାଯାଏ । ବୈଦିକ କବିର "ଜବାକୁସୁମ ସଂକାଶଂ" ଏବଂ ଆଧୁନିକ କବିର "ମୁଦପୀତ ଖିରି" ହିଁ ଗୋଟିଏ ନିର୍ଦ୍ଦିଷ୍ଟ ସୂର୍ଯ୍ୟର ଉପମା । ଠିକ୍ ସେଇଭଳି "ମଧୁମାଲୋ ବନସ୍ପତିଃ" ଏବଂ

“ଶ୍ୟାମଳ-ପ୍ରହର୍ଷ” ଗୋଟିଏ ପ୍ରକାର ବୃକ୍ଷର ଉପମା । କିନ୍ତୁ ପ୍ରାଚୀନତ୍ୱର ଅନ୍ଧବିଶ୍ୱାସ ଯେଉଁଭଳି ମଣିଷର ସତ୍ୟ-ଦୃଷ୍ଟିକୁ ଆଚ୍ଛନ୍ନ କରିରଖେ, ଆଧୁନିକତାର ଫେସନ୍ ମଧ୍ୟ ଠିକ୍ ସେଇଭଳି ଆଖିରେ ଅନ୍ଧ ପୁଟୁଳି ପିନ୍ଧାଇ ଦିଏ । ଇଂରାଜୀରେ ଗୋଟିଏ କଥା ଅଛି । ବର୍ମର ଦୁଇପାର୍ଶ୍ୱ ସମାନ । ଓଡ଼ିଆରେ ସେଇ ଅନୁରୂପ ବକ୍ତବ୍ୟ, ଟଙ୍କାର ଚିତ୍ ଓ ପଟ ସମାନ । ପ୍ରାଚୀନତାର ଅନ୍ଧବିଶ୍ୱାସ ଓ ଆଧୁନିକତାର ଫେସନ୍-ବିଳାସ ଉଭୟ କଳାର ସାଧନା କ୍ଷେତ୍ରରେ ପଥଭ୍ରଷ୍ଟର ସୂଚନା ଦେଇଥାଏ । ଆମକୁ ଉଭୟର ବନ୍ଧନ ଛିଡ଼ାଇ-ବାକୁ ପଡ଼ିବ । ଆମ ଜୀବନର ତାରୁଣ୍ୟ ମଧ୍ୟରେ ଏ ଦୁଇଟି ସ୍ଥାନ ନାହିଁ ବୋଲି ସନ୍ଦର୍ଶନରେ ସ୍ୱୀକାର କରିବାକୁ ହେବ । ଆମେ ଯେତେ ଉନ୍ନତ ହେବା, ଆମର ଚିନ୍ତା ଯେତେ ଅକଳଙ୍କ ହେବ, ଆମେ ସେତେ ଉଚ୍ଚ ସ୍ତରକୁ ଉନ୍ନୀତ ହେବୁ । ଆଜି ଯଦି କେହି ତରୁଣ ମନ ମାଧ୍ୟମରେ ରୂପ ରଚନା କରେ, ତା'ର ଦୃଷ୍ଟି ଦୁର୍ଗତିଶୀଳ ହେବାକୁ ବାଧ୍ୟ ହେବ । ବ୍ୟକ୍ତିର ନିଷ୍ଠା ଓ ଉଦାରତା କଳାର ପ୍ରକାଶକୁ ପ୍ରଭାବିତ କରେ ।

ଶାସ୍ତ୍ରରେ ଅଛି କେବଳ ଆନନ୍ଦ ଅନୁଭବ ପାଇଁ ହିଁ ବିଶ୍ୱ-କର୍ତ୍ତା ସୃଷ୍ଟି କରୁଛନ୍ତି । ନିଜେ ରସରେ ପରିତୃପ୍ତ ଏବଂ କୌଣସିଠାରେ କୌଣସି ପ୍ରକାର ରସର ଅଭାବ ନାହିଁ—“ରସେନ ତୃପ୍ତଃ ନ କୁତଶ୍ଚ-ନୋନ” । ଠିକ୍ ସେଇଭଳି ରୂପସ୍ରଷ୍ଟାର ହାତରେ କୌଣସି ପ୍ରକାର ରସର ଅଭାବ ନାହିଁ । ରସ ଓ ଆନନ୍ଦର ଦୈନ୍ୟ ହିଁ ଶିଳ୍ପର ଦୈନ୍ୟ ରୂପେ ବିବେଚିତ ହୋଇଥାଏ । ଏପରିସ୍ଥଳରେ ରାଜ-ନୈତିକ ଶିବିର ଭଳି କଳାଶିବିରର କୌଣସି ଆବଶ୍ୟକତା ନାହିଁ । ଆପଣା ଆପଣା ମଧ୍ୟରେ ବାଦାନୁବାଦ ଓ ସଂଘର୍ଷ କେବଳ ସଂଘର୍ଷ

ରୂପେ ଇତିହାସରେ ସ୍ଥାନ ପାଇବ । ସଂଘର୍ଷର ଇତିହାସ ଅଗ୍ରଗାମୀର ଇତିହାସ ନୁହେଁ । ପ୍ରତି ସ୍ରଷ୍ଟାର ଦୃଷ୍ଟିକୋଣ ଓ ପ୍ରକାଶ ପଦ୍ଧତି ଭିନ୍ନ ହୋଇପାରେ । ନିତ୍ୟ ନୂତନ ପରିଧେୟରେ କଳାଲକ୍ଷ୍ମୀ ଭୂଷିତା ହେଲେ, ତାଙ୍କ ଗନ୍ତାଘରର ଓଜନ ବଢ଼ିବ ସିନା, କମିବ ନାହିଁ । କିନ୍ତୁ ସତ୍ ଶିଳ୍ପ ମାନେ ହିଁ ସକଳ ଶିଳ୍ପର ମୌଳିକ ଉଦ୍ଦେଶ୍ୟ । ଏଥିରେ ଦ୍ୱିଧା ବା ସଂକୋଚର କାରଣ ନାହିଁ । ସବୁ ନନ୍ଦନ ତତ୍ତ୍ୱ ଏକ ଓ ଅଭିନ୍ନ । ଏଣୁ ସବୁ ଆଙ୍ଗିକକୁ ଆନନ୍ଦର ସହିତ ଗ୍ରହଣ କରିବା ପାଇଁ ଶିଳ୍ପୀର ସହଜ ରସ-ପିପାସା ଉଦ୍ରେକ ହେବା ଉଚିତ । ସନ୍ଥ କବୀରଙ୍କ ଭାଷାରେ କହିବାକୁ ଗଲେ —

"ସଂତୋ ସହଜ ସମାଧ ଭଲି...
ଆଁଖ ନା ମୁଁଦୁ, କାନ ନା ରୁନ୍ଧୁ,
କାୟା କଷ୍ଟ ନ ଧରୁଁ,
ଖୁଲେ ନୟନ ମେଁ ହଁସ ହଁସ ଦେଖୁଁ
ସୁନ୍ଦର ରୂପ ନେହାରୁଁ ।"

ଆଧୁନିକ ଓଡ଼ିଶାର ଶିଳ୍ପକଳା ଇତିହାସର ପୃଷ୍ଠା ଓଲଟାଇଲେ ବହୁ ଅପ୍ରିୟ ମନ୍ତବ୍ୟ ଉଚ୍ଚାରଣ କରିବାକୁ ହୁଏ । ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରୂପେ ଆପଣା ରାଜନୈତିକ ଓ ସାଂସ୍କୃତିକ ସୋପାନକୁ ଉନ୍ନତ କରିବା ପାଇଁ ସୁଯୋଗ ପାଇଲା, ୧୯୩୬ ମସିହାରେ । '୧୯୩୬ର ଅପ୍ରେଲ ପହିଲା' ନୂଆ ଲାଠି ସଙ୍ଗେ ଯେମିତି ଓଡ଼ିଶା ଅଇଲା ।' ୧୯୩୬ରୁ ୧୯୪୬ ମସିହା ପର୍ଯ୍ୟନ୍ତ ଦଶବର୍ଷ କାଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଇଂରେଜମାନଙ୍କ ଅଧୀନରେ ଥିଲା । ଏହି ସମୟରେ ଚିତ୍ରକଳା କ୍ଷେତ୍ରରେ ଆଧୁନିକ ଯୁଗର ସୂତ୍ରପାତ କରନ୍ତି ସ୍ୱର୍ଗୀୟ ଶିଳ୍ପୀ ବିମ୍ବାଧର ବର୍ମା । ପ୍ରଥମ କରି ଧର୍ମ ଓ ଧ୍ୱଜାର ଗଣ୍ଡି

ଭେଦକର ଆତ୍ମ-ପ୍ରକାଶ କଲା, ପଲ୍ଲୀବଧୂ, ଗୋଧୂଳି ରାଗିଣୀ, ଶୂନ୍ୟ ଓ ପୂର୍ଣ୍ଣ କମ୍ବା ଅର୍ଦ୍ଧ ଶତ ବର୍ଷ ପରେ । ପଲ୍ଲୀ ଜୀବନର ସରସମଧୁର ଜୀବନ-ଜାହ୍ନବୀ ଝରିଯାଇଥିଲା ବର୍ମାଙ୍କର ତୂଳିକୁ ଆଶ୍ରାକରି । ତାହାଙ୍କ ପରେ ଆମ ସ୍ଥାପତ୍ୟର ସୂକ୍ଷ୍ମତମ ସ୍ରଷ୍ଟା ଶ୍ରୀ ଶ୍ରୀଧର ମହାପାତ୍ର ମହାଭାରତୀୟ ଶ୍ରୀ ଖ ପଦର ଅଧିକାରୀରୂପେ ଦେଖାଦେଲେ । ଶିଳ୍ପଗୁରୁ ଅବନୀନ୍ଦ୍ରନାଥଙ୍କର ମୃଦୁଭର୍ତ୍ସନା ଓ ଶିଳ୍ପୀ-ପିତା ଗିରିଧାରୀ ମହାପାତ୍ରଙ୍କର କଠୋର ତାଡ଼ନା ଫଳ ସ୍ୱରୂପ ଓଡ଼ିଶା ପାଇଛି ଶ୍ରୀଧର ବାବୁଙ୍କୁ । କୋଣାର୍କ, ପୁରୀ, ଭୁବନେଶ୍ୱରର ଅଳସକନ୍ୟାଗଣ ପୁଣି ସିମିତ ଶ୍ରୀଧର ବାବୁଙ୍କ ନିହାଣ ମୁଗୁର ସାହାଯ୍ୟରେ ଆମମାନଙ୍କ ନିକଟବର୍ତ୍ତୀ ହୋଇଆସିଲେ । ବର୍ମା ଓ ଶ୍ରୀଧର ବାବୁ ଏ ଜାତିର ଚିର ନମସ୍ୟ ହୋଇ ରହିବେ । ଏମାନଙ୍କ ପରେ ଏଇ ଦଶନ୍ଧିର କଳାକାରରୂପେ ଉପେନ୍ଦ୍ର ମହାରଥୀ, ବସନ୍ତକୁମାର ପଣ୍ଡା, ଗୋପାଳ ଚରଣ କାନନ୍‌ଗୋ, ପୂର୍ଣ୍ଣଚନ୍ଦ୍ର ସିଂହ, ମୁରଲୀଧର ଟାଲି ଓ ବିଭୂତିଭୂଷଣ କାନୁନ୍‌ଗୋଙ୍କର ସୃଷ୍ଟି ଆମମାନଙ୍କର ଦୃଷ୍ଟି ଆକର୍ଷଣ କରେ । ଶ୍ରୀଯୁକ୍ତ ମହାରଥୀ ଓ ଶ୍ରୀଯୁକ୍ତ ଟାଲି ସରକାରୀ ଚାକିରୀରେ ଅର୍ଥ ଓ ସମ୍ମାନର ଅଧିକାରୀ ହେଲେ ସତ୍ୟ କିନ୍ତୁ ଦେଶ ସେମାନଙ୍କୁ ଉପଯୁକ୍ତ ସାଧନାର କ୍ଷେତ୍ର ଯୋଗାଇ ନ ପାରି ଅପୂର୍ବ ସୁଯୋଗରୁ ବଞ୍ଚିତ ହେଲା । ଟାଲିବାବୁଙ୍କ ଭଳି ଆମାୟିକ, ସରଳ ଓ ଚିତ୍ରକଳାରେ ସୁପଣ୍ଡିତ ଶିଳ୍ପୀ ସମଗ୍ର ଭାରତବର୍ଷରେ ବଡ଼ କମ୍ ଅଛନ୍ତି । ବସନ୍ତ କୁମାର ପଣ୍ଡା, ଗୋପାଳ ଚରଣ କାନୁନ୍‌ଗୋ ଓ ପୂର୍ଣ୍ଣଚନ୍ଦ୍ର ସିଂହଙ୍କର ସମସ୍ତ ସାଧନା ଓ ସାର୍ଥକତା ମାଧ୍ୟମିକ ଶିକ୍ଷାୟତନର ମାଟେରୀ ପଛପଟରେ ରହିଗଲା । ଶ୍ରୀଯୁକ୍ତ ଭଗବାନ ଦାସ ଓ ଗୋପାଳ କାନନ୍‌ଗୋ ପାଠ୍ୟପୁସ୍ତକ, ଶିଶୁ-

ପୁସ୍ତକର ଚିତ୍ରକାର ରୂପେ ବ୍ୟବସାୟୀ କଳାରେ ହାତ ଦେଇଥିଲେ କିନ୍ତୁ ସଫଳତା ଲାଭ କରି ପାରିନାହାନ୍ତି ।

ଅତ୍ୟାଧୁନିକ କଳାକଳ୍ପନା କଥା ବିଚାର କରିବାକୁ ଯିବା ସମୟରେ ପୂର୍ବୋକ୍ତ ପ୍ରତିଷ୍ଠିତ ଶିଳ୍ପୀମାନେ ଏଥିକୁ ଅତି ନିର୍ମମ ଭାବରେ ନିରାଶ କରନ୍ତି । ସେମାନଙ୍କର ଛଦ୍ମବେଶ ଅତି ସଂକୁଚିତ ମାନସ ବୃତ୍ତିର ପରିଚୟ ଦିଏ । ଓଡ଼ିଶାରେ କଳାର ଆଦର ନାହିଁ, ଲୋକସାଧାରଣଙ୍କ ରୁଚି ଦିନକୁ ଦିନ ନିମ୍ନଗାମୀ ହେଉଛି, ସରକାର କିମ୍ବା ବିଶ୍ୱବିଦ୍ୟାଳୟର ଗହନ ନିଦ ଭାଙ୍ଗିବାର ନୁହେଁ—ଏଭଳି କେତେକ ବୋଲି ସେମାନଙ୍କର ମୁଖସ୍ଥ ହୋଇ ଯାଇଛି । ଅନ୍ୟମାନେ ନିଜ ନିଜର କର୍ତ୍ତବ୍ୟ ପାଶୋରିଛନ୍ତି ସତ, କିନ୍ତୁ ପୂର୍ବୋକ୍ତ ଶିଳ୍ପୀମାନେ ଯେ କେତେ ଦୂର କର୍ତ୍ତବ୍ୟ-ପରାୟଣ, ତାହା ଦେଖିବାର କଥା । ଅତି ଉନ୍ନତ ସ୍ତରର ମାର୍ଜିତ ରୁଚି ଓ ବ୍ୟକ୍ତିତ୍ୱରେ ବିଶ୍ୱବିଜୟ କରି ଯେଉଁ ରଥ ଫେରିଆସିଥିଲା, ତାହାର ଜୀବନ ଯୁଦ୍ଧ ମଧ୍ୟରେ ଧ୍ୱଜଭଙ୍ଗ ଘଟିବ—ଏହା ବାସ୍ତବିକ ପରିତାପର ବିଷୟ । ଓଡ଼ିଆ ପ୍ରକାଶକ ଷ୍ଟାଣ୍ଡାର୍ଡ଼ ଛବି ପାଇଁ ଅତି ନିକୃଷ୍ଟ ସ୍ତରର ପାରିଶ୍ରମିକ ଦେଇ ପ୍ରତିଦିନ ଏଇ ବିଦାୟ ଉନ୍ମୁଖୀ ପ୍ରତିଭାମାନଙ୍କୁ ଦୋହନ କରୁଛି । ଆଉ ବି ସେମାନଙ୍କ ପ୍ରଚ୍ଛଦ-ଚିତ୍ର ଉପରେ ନିଜର ଅପକ୍ୱ ଦୃଷ୍ଟିକୋଣର ପରିଚୟ ଦେଇ ଆପଣାକୁ ଷ୍ଟାଣ୍ଡାର୍ଡ଼ ବୋଲି ପ୍ରଚାର କରୁଛି । କଳାକାରକୁ ମିସ୍ତ୍ରୀ ଆଖ୍ୟା ଦେଇ ଦର ଦାମ କଷିବାର ଅମାର୍ଜିତ ଅଧିକାର କେବଳ ଓଡ଼ିଆ ପ୍ରକାଶକମାନଙ୍କର ଅଛି । ଏ ଦୁର୍ଗତି ପ୍ରତ୍ୟେକ ହୃଦୟବାନ୍ ଓଡ଼ିଆକୁ ଆଘାତ ଦେଇଯାଏ ।

୧୯୪୭ ଠାରୁ ୧୯୫୭ ପର୍ଯ୍ୟନ୍ତ ଦଶନ୍ଧି ମଧ୍ୟରେ ସ୍ୱାଧୀନ ଓ ସ୍ୱତଂତ୍ର ଓଡ଼ିଶାର ଶିଳ୍ପୀମାନେ ଜନ୍ମଗ୍ରହଣ କରିଚନ୍ତି । ଏଇ ବିଗତ ଦଶବର୍ଷ ମଧ୍ୟରେ ଓଡ଼ିଶାର କଳାକ୍ଷେତ୍ରରେ ଯେଉଁ ଚିର-ନବୀନ ଅଗ୍ରଗାମୀ ପ୍ରତିଭାର ପରିଚୟ ମିଳୁଛି, ସେମାନଙ୍କ ସାଧନା ମଧ୍ୟରୁ ପ୍ରଚୁର ପ୍ରତିଶ୍ରୁତି ମିଳେ । ସେମାନେ ଯୁବକ ହୃଦୟର ଯଥେଷ୍ଟ ଉନ୍ମାଦନା ଓ କର୍ମପ୍ରେରଣା ନେଇ ସାଧନା ଆରମ୍ଭ କରିଚନ୍ତି । ଶିଳ୍ପୀ ଗୌରାଙ୍ଗଚରଣ ସୋମ, ଅଜିତ୍ କେଶରୀ ରାୟ, ନିରଂଜନ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର, ବିପ୍ରଚରଣ ମହାନ୍ତି, ଯଦୁନାଥ ସୂପକାର, ଲକ୍ଷ୍ମୀଧର ଦାସ ଓ ରବିନାରାୟଣ ନାୟକ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଗୌରାଙ୍ଗଙ୍କର ଅନବଦ୍ୟ ରେଖାଚିତ୍ର, ନିତ୍ୟାନନ୍ଦଙ୍କର ଦୈନନ୍ଦିନ ଜୀବନର ଛବି, ଲକ୍ଷ୍ମୀଧରଙ୍କର ତୈଳଚିତ୍ର, ଅଜିତ୍ କେଶରୀଙ୍କର ବଳିଷ୍ଠ ଅଭିବ୍ୟକ୍ତି, ବିପ୍ରଚରଣଙ୍କର ମୂର୍ତ୍ତି ଶିଳ୍ପ, ରବିନାରାୟଣଙ୍କର କାଠଖୋଦାଇ ଏବଂ ସୂପକାରଙ୍କର ସ୍କେଚ ଆଜି ଆମ୍ଭମାନଙ୍କ ଆଗରେ ଆଶାର ଆଲୁଅ ଜାଳି ଦେଉଛି । ଏମାନଙ୍କ ମଧ୍ୟରେ ଅଜିତ୍ ବାବୁ ହିଁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଶୈଳୀରେ ଦକ୍ଷତା ଅର୍ଜନ କରିଚନ୍ତି । ଏମାନଙ୍କ ବ୍ୟତୀତ କାରୁଶିଳ୍ପରେ ଶ୍ରୀମତୀ ବୀଣାପାଣି, ଭକ୍ତିଲତା, ଇଲା ଦାଶ, ବଂଶୀଧର ପ୍ରତିହାରୀ ଓ କେଶବଚନ୍ଦ୍ର ଦାସଙ୍କର ସାଧନା ଏକ ବିଶିଷ୍ଟ ସମ୍ଭାବନାର ସୂଚନା ଦେଉଛି ।

ଚମ୍ପତିମୁଣ୍ଡା

୧୯୫୭

# ଚିତ୍ର ପ୍ରଦର୍ଶନୀର ଆବଶ୍ୟକତା

ଦିନ ଥିଲା, ଯେତେବେଳେ ଏ ଧରଣ ଲେଖାର ଆବଶ୍ୟକତା ମନ ମଧ୍ୟରେ ନ ଥିଲା । ସେତେବେଳେ ଶିଳ୍ପୀମାନଙ୍କୁ କୁହାଯାଉଥିଲା କାରିଗର । ସେ ଯୁଗ ହେଉଚି ପୁରୀ, ଭୁବନେଶ୍ୱର,କୋଣାର୍କର ଯୁଗ । ଧର୍ମଚକ୍ରତଳେ ଶିଳ୍ପୀମାନେ ମୂର୍ତ୍ତି ତିଆରିକରି ମନ୍ଦିର, ମସ୍‌ଜିଦ୍‌, ଓ ଗୀର୍ଜା ସଜାଇ ନିର୍ମିଥିଲେ । ପରଂପରା କ୍ରମେ ଗୋଟିଏ ନିର୍ଦ୍ଦିଷ୍ଟ ଜାତିର ଲୋକ ଏଇ କାରିଗର ହେବାର ଯୋଗ୍ୟତା ପାଇଥିଲେ । ସେଇମାନଙ୍କୁ ସେ ଯୁଗ ବିଶ୍ୱକର୍ମା ନାମରେ ନାମିତ କରିଥିଲା । ଆଜି କିନ୍ତୁ ତାହା ପୁରାଣ, ଇତିହାସର କଥା ହୋଇଗଲଣି । ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ରୂପ-ତପସ୍ୟା କରିବାପାଇଁ ସୁବର୍ଣ୍ଣସୁଯୋଗ ପାଇଲେଣି । ଦେବତା-ବ୍ରାହ୍ମଣ ତିଆରି ସମାଜର କାନ୍ଥ ଭୁଷୁଡ଼ି ପଡ଼ିଲଣି । ଯେତେବେଳେ ରାଜା, ମହାରାଜା ଓ ବଡ଼ ବଡ଼ ପୁଞ୍ଜିପତିମାନେ ଯୁଗର ରୀତି ଅନୁସାରେ ଏଇ ପ୍ରାଚୀନ ପରଂପରାର ବ୍ୟତିକ୍ରମ ଦେଖାଇଲେ, ଚିତ୍ରକଳା ଇତିହାସରେ ସେ ଯୁଗକୁ ପ୍ରତିକୃତି ଚିତ୍ରଣରେ ଯୁଗ କୁହାଯାଏ । ଶିଳ୍ପୀମାନେ ବଡ଼ ବଡ଼ ଶେଠ ଓ ଜମିଦାରଙ୍କ ଦରବାରରେ

ପ୍ରତିକୃତିର ଚିତ୍ରକର ଓ ମୂର୍ତ୍ତି ନିର୍ମାଣକାରୀ ଅର୍ଥ ଓ ସମ୍ମାନ ପାଇଲେ। ପୁଞ୍ଜିପତିର ଚକେଟରେ ଆପଣାକୁ ହଜାଇ ଦେଇ ସମୟ ସମୟରେ ରୂପଲକ୍ଷ୍ମୀର ସ୍ୱପ୍ନ ଦେଖିଲେ ମାତ୍ର।

କାଳକ୍ରମେ ତାହା ପୁରୁଣା ହୋଇଗଲାଣି। ଫଟୋଗ୍ରାଫି ଓ ସିନେମା ଶିଳ୍ପର କ୍ରମବିକାଶ ଫଳରେ ପ୍ରତିକୃତି-ଚିତ୍ରଣ ଆଜି ବିଶେଷ କିଛି ନୂଆ କଥା ନୁହେଁ। ଏଣେ ବି ଯୁଗ ଯୁଗ ଧରି ଧର୍ମ ଓ ଅର୍ଥର ହୁକୁମ୍ ତାମିଲ୍ କରି କରି ଶିଳ୍ପୀ ଓ ଶିଳ୍ପ ଉଭୟ ଅତିଷ୍ଠ ହୋଇ ପଡ଼ିଲେଣି। ସବୁଶ୍ରେଣୀର ମଣିଷ ମନରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଚେଇଁ ଉଠିଲାଣି। ସବୁ ଦେଶର ଚିତ୍ରକାର ଆଜି ପ୍ରାଣଖୋଲି ଅତି ପରିଷ୍କାର ରୂପେ ଜଣାଇ ଦେଲେଣି ଯେ, ଅନ୍ୟର୍ ବରାଦ ଅନୁସାରେ ସଜାଇଦେବା ପାଇଁ ଅଧିକ ପସନ୍ଦ ମନେକରନ୍ତି ନାହିଁ। ଠିକ ଏଇ କଥାର ପଚ୍ଛେ ପଚ୍ଛେ ଚିତ୍ରପ୍ରଦର୍ଶନୀର ଆବଶ୍ୟକତା ଉପଲବ୍ଧି କରାଯାଉଚି। ଯେଉଁ ମୁହୂର୍ତ୍ତରେ ଶିଳ୍ପୀ ଜାଣି ଜାଣି ଆପଣା ମନ ଉପରୁ ଅପରର ହାତଟି ଦୁଆଇ ଦେଇଚି, ସେଇ ମୁହୂର୍ତ୍ତରେ ତାର ପେଟପୂରଣଖଣ୍ଡିକ ଅପୂର୍ଣ୍ଣ ରହିଚି। ଗୋଟିଏ ହାତରେ ପ୍ରତିଭା ଓ ଅପର ହାତରେ ଦାରିଦ୍ର୍ୟର ପସରା ଧରି ସେ ବାରଦ୍ୱାର ହୋଇଚି। ଅଭାବ ଅନାଟନରେ ଅତ୍ୟନ୍ତ ମ୍ରିୟମାଣ ହୋଇ ପଡ଼ିଚି। କାନରେ ଶୁଣିଚି—'ବାଣିଜ୍ୟେ ବସତିଲକ୍ଷ୍ମୀ'। କିନ୍ତୁ କଳାରେ ବ୍ୟବସାୟ ଏକ ନିନ୍ଦନୀୟ ବ୍ୟାପାର। ଆଜିର ପୃଥିବୀ ଯାହାକୁ ବାଣିଜ୍ୟ-କଳାବୋଲି ନାମିତ କରେ, ତାହା ମଣିଷକୁ ଶଠତା ଶିଖାଏ। ଯେଉଁ ଚତୁର ବୁଦ୍ଧିର ତୀକ୍ଷ୍ଣତା ବଳରେ ଅନ୍ୟକୁ ଠକିବାକୁ ହୁଏ, ସେ ବୁଦ୍ଧି ବିଚକ୍ଷଣତା ଠିକିକ ପ୍ରକୃତପକ୍ଷେ ସତ୍‌ଶିଳ୍ପର ଅନ୍ତରାୟ। ମାଛିକଶିଳ୍ପୀ ହିଁ ଆଜିର ଶଠତା ବଜାରରେ ଉଧାଇ ନ ପାରିବା

ସ୍ୱସ୍ତବନ୍ତ । ଏଣୁ ଚିତ୍ରପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ ହେଉଛି କ୍ରେତା ସଂଗ୍ରହର ଆୟୋଜନ ।

ଦର୍ଶକ ଓ ପ୍ରଦର୍ଶକ—ଏଇ ଦୁହିଁଙ୍କର ମଧୁର ମିଳନରେ ଚିତ୍ରପ୍ରଦର୍ଶନୀ ସୃଷ୍ଟିହୁଏ । ଜଣେ ଚିତ୍ର ସୃଷ୍ଟି କରିବାଦ୍ୱାରା ଆନନ୍ଦିତ ଓ ଅନ୍ୟ ଜଣେ ସେଇ ସୃଷ୍ଟିକୁ ଉପଭୋଗ କରିବାଦ୍ୱାରା ଆନନ୍ଦିତ । ଜଣେ ରସସୃଷ୍ଟି ପାଇଁ ତପସ୍ୟା କରୁଚି ଏବଂ ଅନ୍ୟ ଜଣକ ରସ ଉପଭୋଗପାଇଁ ତପସ୍ୟା କରୁଚି । ଉଭୟ ତପସ୍ୟାର ମିଳନ-ତୀର୍ଥ ଏଇ ପ୍ରଦର୍ଶନୀ ବୋଲି ଅବନୀନ୍ଦ୍ର ନାଥ ଠାକୁର କହିଚନ୍ତି । ଚିତ୍ରକାର ଆପଣା ଚିତ୍ରର ଉପଯୁକ୍ତ ଗ୍ରାହକ ପାଉଚି । ଠିକ୍ ସେଇଭଳି ଗ୍ରାହକ ମଧ୍ୟ ଆପଣା ରୁଚିର ଅନୁରୂପ ଚିତ୍ରପଟ ସଂଗ୍ରହ କରୁଚି । ମହାତ୍ମା କବୀର ସାହେବଙ୍କ କଣ୍ଠରେ କହିବାକୁ ଗଲେ—"ଜିନ୍ ଯହ ଚିତ୍ର ବନାବୟା ସାଁଚୁ ସୂତ୍ର ଧାରି, କହହିଁ କବିର ତେଜନ୍ ଭଲେ ଚିତ୍ରବନ୍ତ ଲେହି ବିଚୁରି ।" ତେବେ ଆଜିର ଦର୍ଶକ ବା କ୍ରେତା କିଏ ? କାହାପାଇଁ ଶିଳ୍ପୀର ସ୍ୱେଦସିକ୍ତ ସାଧନା ? ଏ ପ୍ରଶ୍ନର ସମାଧାନ ପାଇଁ ସହଜରେ ଜନ ସାଧାରଣଙ୍କ ପ୍ରତି ଦୃଷ୍ଟି ଯାଏ । ସଂଖ୍ୟାଧିକ ଲୋକଙ୍କର ସମର୍ଥନ ଯଦି ଚିତ୍ର ପ୍ରଦର୍ଶନୀ ନ ପାଇ ପାରିଲା, କେତେଖଣ୍ଡି ଚିତ୍ର ଯଦି ପ୍ରଦର୍ଶନୀରେ ବିକ୍ରୀ ହୋଇ ନ ପାରିଲା, ତେବେ ସେ ପ୍ରଦର୍ଶନୀର କୌଣସି ଅର୍ଥ ନାହିଁ । ଶିଳ୍ପୀ ଯେଉଁ ଭୋକିଲକୁ ସେଇ ଭୋକିଲ ହୋଇ ପଡ଼ିରହିଥିବ । କେବଳ ଖବରକାଗଜମାନେ ଯୁକ୍ତିତର୍କ, ଉପକାର ଓ ଅପକାରର ପ୍ରଶ୍ନଉଠାଇ କଲମ ପୂର୍ଣ୍ଣ କରୁଥିବେ । ଆଜି ସାଧାରଣ ମଣିଷର ଜୀବନ ଯାପନ ପ୍ରଣାଳୀ ଏତେ ସଂକୀର୍ଣ୍ଣ ହୋଇ ପଡ଼ିଚି ଯେ ପ୍ରତିମୁହୂର୍ତ୍ତରେ ପ୍ରତ୍ୟେକ ଲୋକ ପକେଟ ଉଣ୍ଡାଳିବାରେ ବ୍ୟସ୍ତ ।

ତେଲ ଲୁଣର ପ୍ରଶ୍ନ ସମାଧାନ ହୋଇ ନ ପାରୁଥିବା ବେଳେ କଳାନୁରାଗ ପ୍ରତି ମନବଳାଇବା ବିଡ଼ମ୍ବନା ମାତ୍ର । ସାଧାରଣଙ୍କ ତରଫରୁ ଯେତେବେଳେ ଏଭଳି ଉତ୍ତର ମିଳୁଚି, ସେତେବେଳେ ଶିଳ୍ପୀ ଯଦି ତା'ର ଛବି ଗୁଡ଼ିକର ମୂଲ୍ୟନିରୁପଣ ସମୟରେ ଜନତା ପ୍ରତି ସଚେତନ ରହେ, କଥାଟା ଅନେକାଂଶରେ ସମାଧାନ ହୋଇଯିବ । କିନ୍ତୁ ଶିଳ୍ପୀ ରୂପ-ପାଗଳ, ନାଁ ଅର୍ଥ ପାଗଳ ? ବାସ୍ତବିକ ଏହା ଗୋଟିଏ ଯୁଗୋପଯୋଗୀ ପ୍ରଶ୍ନ ! ଛବି ଆଙ୍କିବା ସମୟରେ ଶିଳ୍ପୀମନରେ ବିନ୍ଦୁଟିଏ ବି ପଇସାର ଦୁର୍ଭାବନା ନ ଥାଏ । ସେତେବେଳେ ସେ ଆପଣା ଖିଆଲ ଅନୁସାରେ ସୃଷ୍ଟିର ସୌନ୍ଦର୍ଯ୍ୟରେ ହିଁ ମୁଗ୍‌ଧ । ସେତେବେଳେ ଯଦି କେହି ତାକୁ ଅର୍ଥ ବିଷୟରେ ପରାମର୍ଶ ଦିଏ, ତେବେ ସେ ତତ୍‌କ୍ଷଣାତ୍ ଉଚ୍ଚାରଣ କରେ—"ଯେ ନାହଂ ନାମୃତାସ୍ୟାମ୍ କିମହଂ ତେନ କୁର୍ଯାମ ।" ଯାହାଦ୍ଵାରା ସେ ଅମୃତ ହୋଇ ପାରିବ ନାହିଁ ତାହା ପାଇ ଲଭ କଣ ? ସତେ ଯିମିତି ଶିଳ୍ପୀର ଅନ୍ତରରେ ଉପନିଷଦର ମହୀୟସୀ ମହିଳା ମୈତ୍ରେୟୀ ହିଁ କଥା କୁହନ୍ତି । ଛବି ତିଆରି ହେବା ପରେ ବହୁବର୍ଷ ପର୍ଯ୍ୟନ୍ତ ତାହା ବିକ୍ରୀ ନହୋଇ ପଡ଼ିରହେ । ଏହା ନିଛାଟ ସତକଥା । ଯେଉଁଯେଉଁ ପ୍ରଦର୍ଶନୀରେ ଛବିବିକ୍ରୀ ହୁଏ, ସେଠାରେ କେତେ ଖଣ୍ଡ ବା ବିକ୍ରୀ ହୁଏ ? କେତେଜଣ କଳାନୁରାଗୀ ଧନବାନ ବ୍ୟକ୍ତି ଆପଣା ବଦାନ୍ୟତାର ପରିଚୟ ଦିଅନ୍ତି ? ଏପରି କ୍ଷେତ୍ରରେ ଯଦି ଛବିର ମୂଲ୍ୟରେଖା ଉପରକୁ ନଉଠେ, ତେବେ ଶିଳ୍ପୀ ପଥର ଭିକାରି ହୋଇଯିବ । ଉପରୋକ୍ତ ବିରୋଧାତ୍ମକ ସମସ୍ୟା ମଧ୍ୟରେ ଗ୍ରାଫିକ୍ କଳାର ବହୁଳ ପ୍ରଚଳନ ଆଜି ପୃଥିବୀର ସବୁକ୍ଷେତ୍ରରେ ଦେଖାଯାଏ । ଶିଳ୍ପୀ ଯାହା ସୃଷ୍ଟି କରେ ତାହା ମାତ୍ର ଥରକପାଇଁ । ଦ୍ୱିତୀୟଥର ପାଇଁ, ଆଉ ଠିକ୍ ସେଇଭଳି ସାମଗ୍ରୀ ସୃଷ୍ଟି କରିପାରେ ନାହିଁ ।

କାଳିଦାସଙ୍କ ଭଳି କବି । ସେ କେବଳ ଥରକ ପାଇଁ ପ୍ରକାଶ କରିଛନ୍ତି—

"ତନ୍ୱୀ ଶ୍ୟାମା ଶିଖରି ଦଶନା ପକ୍ୱ ବିମ୍ବାଧରୋଷ୍ଠୀ,
ମଧ୍ୟକ୍ଷାମା ଚକିତ ହରିଣୀ ପ୍ରେକ୍ଷଣା ନିମ୍ନ ନାଭି
ଶ୍ରୋଣୀଭାରାଦଳସଗମନା ସ୍ତୋକ ନମ୍ରା ସ୍ତନାଭ୍ୟାଂ
ଯାତ୍ରେ ସ୍ୟାଦ୍ ଯୁବତି ବିଷୟେ ସୃଷ୍ଟିରାଦ୍ୟେବ ଧାତୁଃ !"

ଉମା କିମ୍ବା ଶକୁନ୍ତଳାଙ୍କର ରୂପ ଠିକ୍ ଯକ୍ଷବଧୂ ଭଳି ହୋଇନାହିଁ । ସେମାନେ ଭିନ୍ନ ଭିନ୍ନ । ଭିନ୍ନ ପଧା, ଭିନ୍ନ ରୂପ ଓ ଭିନ୍ନ ସ୍ୱର । ବୟସ ଖସିଗଲା ପରେ ଯିମିତି ଶତ ଅନୁଚିନ୍ତା ପରେ ବି ଫେରି-ଆସି ପାରେନାହିଁ, ସେଇଭଳି ଥରେ କାଳ ଝରିଗଲା ପରେ ଆଉ ଶତ ଅନୁଚିନ୍ତା ସତ୍ତ୍ୱେ ତାହା ଫେରି ଆସେନାହିଁ । ସପ୍ତମ ଆଶ୍ଚର୍ଯ୍ୟ ସୃଷ୍ଟି ହେଲା ପରେ, ଆଉଥରେ ସପ୍ତମ ଆଶ୍ଚର୍ଯ୍ୟ ସୃଷ୍ଟି ହୁଏ ନାହିଁ । ସେ ହୁଏ ଅଷ୍ଟମ ଆଶ୍ଚର୍ଯ୍ୟ । କିନ୍ତୁ ଶିଳ୍ପୀ ହାତର ଗୋଟିଏ ନିର୍ଦ୍ଦିଷ୍ଟ ସାମଗ୍ରୀ ବହୁ ହୃଦୟକୁ ଆଲୋଡ଼ିତ କରେ । ବହୁ ଦରଦୀ ମନରୁ 'ସେତିକ ଆପଣାର କରିବା ପାଇଁ ଲୋଭ ଝରେ । 'ଆଷାଢ଼ସ୍ୟ ପ୍ରଥମ ଦିବସେ' ବହୁ ଜନ ମନରେ 'ତନ୍ୱୀ ଶ୍ୟାମା'ର ଛବି ଉକୁଟି ଉଠେ । ଏଥିପାଇଁ ଚିତ୍ରକଳାର ଆଙ୍ଗିକ ମଧ୍ୟରେ ଗ୍ରାଫିକ୍ ମାଧ୍ୟମ ହିଁ ପ୍ରଶସ୍ତ । କିନ୍ତୁ ଏ ଆଙ୍ଗିକଟି ପ୍ରତିଶିଳ୍ପୀର ଲକ୍ଷ୍ୟ ନୁହେଁ ।

ଆଉ ଗୋଟିଏ କଥା । ପ୍ରତିବର୍ଷ କଳାପ୍ରଦର୍ଶନୀର ଗ୍ରାହକ ଓ ଦର୍ଶକର ରୁଚି ଶିଳ୍ପୀର ଆୟତ୍ତାଧୀନ ନୁହେଁ । ଏଣୁ ସେ ପ୍ରତି ମୁହୂର୍ତ୍ତରେ ଅଭିନବ ବିଷୟବସ୍ତୁ, ଆଙ୍ଗିକ ଓ ଅଭିବ୍ୟକ୍ତିର ଆଶ୍ରୟ ନେଉଛି । ଏହା ଶିଳ୍ପୀକୁ ଆପଣା ସ୍ୱାତନ୍ତ୍ର୍ୟ ଆଡ଼କୁ ଅତି ପ୍ରଚଣ୍ଡଭାବରେ ଆକର୍ଷଣ କରୁଛି । ୟୁରୋପ ମହାଦେଶରେ

ଚିତ୍ର ପ୍ରଦର୍ଶନୀ ସହିତ ପ୍ରଥମେ ପ୍ରଥମେ ଦେଖାଦେଇଥିଲା "ବ୍ୟକ୍ତି ସ୍ୱାତନ୍ତ୍ର୍ୟର ଯୁଗ । ଚିତ୍ରଶିଳ୍ପ ଇତିହାସରେ ତାହାକୁ Genere Painting ବୋଲି କହନ୍ତି । ଏଥିରେ ଶିଳ୍ପୀ ଯଦି କୌଣସି ଏକା ବିଶେଷ ଧରଣର ଛବି ଆଙ୍କି ନାମ କରିପାରିଲା, ତେବେ ସେ ଚିରଦିନ ସେଇ ଧରଣର ଛବି ହିଁ ଆଙ୍କୁଥିଲା । ଜନତା ତରଫରୁ ସେଇ ଧରଣର ଛବି ପାଇଁ ତାହା ପାଖକୁ ଅନବରତ ବରାଦ ଆସୁଥିଲା । ବିଶ୍ୱକବି ରବୀନ୍ଦ୍ରନାଥ ଯେତେବେଳେ ଆପଣା ଛବିର ପ୍ରଦର୍ଶନୀଟିଏ ସଙ୍ଗରେ ନେଇ ୟୁରୋପ ଯାଇଥିଲେ, ସେତେବେଳେ ତାଙ୍କ ଛବିର ଦୃଷ୍ଟାନ୍ତ ସ୍ୱାତନ୍ତ୍ର୍ୟ ପାଶ୍ଚାତ୍ୟ କଳାକାରମାନଙ୍କୁ ଆକୃଷ୍ଟ କରିଥିଲା । ଆଜି ସେ ଯୁଗ ବି ପୁରୁଣା ହୋଇ ଗଲଣି । ଗୋଟିଏ ଗୋଟିଏ ବିଷୟ ଓ ଆଙ୍ଗୀକ ପ୍ରତି ଗୁରୁତ୍ୱ ଦେବା ପୂର୍ବରୁ ଅନ୍ୟ ପାଞ୍ଚପ୍ରକାର ଆଙ୍ଗିକ ଜଣା ନ ଥିଲେ, ପ୍ରତି ମୁହୂର୍ତ୍ତରେ ଠକିବାକୁ ହେଉଛି ।

ପ୍ରଦର୍ଶନୀ କଥାଟି ଓଡ଼ିଶା କିମ୍ବା ଓଡ଼ିଆଙ୍କ ପକ୍ଷରେ ନୂଆ ନୁହେଁ । ପ୍ରତିବର୍ଷ ଓଣା ଅଧିକେ କିଛି କିଛି ପ୍ରଦର୍ଶନୀ ହେଉଛି । ତେବେ, ହୁଏତ ଦଶବର୍ଷ ତଳେ ପ୍ରଥମଥର ପାଇଁ ଶିଳ୍ପୀ ବସନ୍ତ କୁମାର ପଣ୍ଡାଙ୍କ ସଂପାଦନାରେ କଟକ ସହରର ଗୁଡ଼ିଏ ଉପରେ ଗୋଟିଏ ଚିତ୍ର-ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ତା'ପରେ ଦୀର୍ଘଦିନ ବିତି ଯାଇଛି । ଦ୍ୱିତୀୟବାର ପାଇଁ ଆଖି ମେଲାଇ ଆଲେଖ୍ୟ ଦର୍ଶନ କରିବାକୁ କାହାରି ଇଚ୍ଛା ହୋଇନାହିଁ । ଇଚ୍ଛାଥିଲେ ମଧ୍ୟ ତାହା କାର୍ଯ୍ୟରେ ପରିଣତ ହୋଇନାହିଁ । ୧୯୧୯ ମସିହାରେ ବଙ୍ଗଦେଶର ଜନସାଧାରଣ ଯେଉଁ ସ୍ତରରେ ଥିଲେ, ଆମେ ହୁଏତ ସେଇଭଳି ଏକ ସ୍ତରରେ ଅଛୁ । ସେତେବେଳେ ଜର୍ମାନର ପ୍ରଖ୍ୟାତଶିଳ୍ପୀ କାଣ୍ଡିନସ୍କି ଏବଂ ତାଙ୍କ ଦଳର (Blauer Reiter Group)

ଶହେଟି ଚିତ୍ରର ଗୋଟିଏ ସୁନ୍ଦର ପ୍ରଦର୍ଶନୀ କଲିକତାରେ ମାସାଧିକ କାଳ ଚାଲିଥିଲା । କିନ୍ତୁ ପ୍ରତି ସନ୍ଧ୍ୟାରେ ଅଧ୍ୟାପକ ଗାଙ୍ଗୁଲି ଓ ଶିଳ୍ପୀ ଖଗେନ୍ଦ୍ରନାଥଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ପ୍ରଦର୍ଶନୀ ମଣ୍ଡପରେ ଉପସ୍ଥିତ ହେଉ ନଥିଲେ । ଏବେ କିନ୍ତୁ ଓଡ଼ିଶାର ସବୁ କଳାବିତ୍‌ଙ୍କ ଆତ୍ମା କବିଗୁରୁଙ୍କ କଣ୍ଠ ସହିତ କଣ୍ଠ ମିଳାଇ ଘୋଷଣା କରୁଛି—

"ତୋର ମୋର ନାମ ଜାନ୍ ନାହିଁ ଜାନ ମାନ ।
ତୋର ମୋର କର୍ମ ଜାନ୍ ନାହିଁ ଜ୍ଞାନ ମର୍ମଗତ ପ୍ରାନ୍ !"

ବିଦେଶ କଥା ବାଦ୍ ଦିଆଯାଉ । ଆମ ପଡ଼ୋଶୀ ପ୍ରଦେଶ ବଙ୍ଗଳାରେ ପ୍ରତିବର୍ଷ ପ୍ରଚୁର ପରିମାଣରେ ଚିତ୍ର ପ୍ରଦର୍ଶନୀ ହେଉଛି । ଶରତ ଋତୁର ଆରମ୍ଭରେ କଲିକତାରେ ଚିତ୍ର ପ୍ରଦର୍ଶନୀ ଆରମ୍ଭ ହୋଇଯାଏ । କେତେ ମତ, କେତେ ଶିବିର, କେତେ ବାଦ ବିବାଦ, ଆହୁରି କେତେ ପ୍ରକାର ମିଳିତ ଐକ୍ୟର ପ୍ରତିଲିପି ଶୋଭପାଏ । ସବୁରି ଉପରେ ଏକାଡେ଼ମୀ ତ ଅଛି । ଏସବୁ ବ୍ୟତୀତ ଚିରସ୍ଥାୟୀ ଆର୍ଟ ଗ୍ୟାଲେରୀ ଭଳି ବିରାଟ ଅନୁଷ୍ଠାନ ଗୁଡ଼ିକ ଭାରତର ଅଧିକାଂଶ ରାଜ୍ୟରେ ଦେଖିବାକୁ ମିଳିବ । ସେଥିରେ ପାରଂପରିକ, ପ୍ରାଚୀନ ଓ ନବୀନ ପଦ୍ଧତିର ମୌଳିକ ଚିତ୍ରସବୁ ଶୋଭା ପାଉଥାଏ । ବନାରସ ବିଶ୍ୱବିଦ୍ୟାଳୟ, ଯାଦବପୁର ଇଂଜିନିୟରିଂ କଲେଜଭଳି ଅତି ସାଧାରଣ ଅନୁଷ୍ଠାନମାନେ ପ୍ରତିବର୍ଷ ଚିତ୍ର ପ୍ରଦର୍ଶନୀ କରାଇ ପୁରସ୍କାର ବିତରଣ କରନ୍ତି । ପଶ୍ଚିମବଙ୍ଗ ଯୁବୋଧିବ ତରଫରୁ ଚିତ୍ର ପ୍ରଦର୍ଶନୀ ଓ ପ୍ରତିଯୋଗିତା ଏକ ଉଲ୍ଲେଖଯୋଗ୍ୟ ବ୍ୟବସ୍ଥା । ଆମର ଓଡ଼ିଶାରେ କଅଣ କାହିଁ ? ଅଧାମଲି, ଅଧାଜୀଅନ୍ତା ଅବସ୍ଥାରେ ସାହିତ୍ୟ ସଭାମାନ ଅନୁଷ୍ଠିତ ହୁଏ । ସ୍ୱର୍ଗୀୟ କବି-

ମ୍ମାନଙ୍କର ସାହିତ୍ୟ ସଭାରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇଁ ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ରାଜନୈତିକ ଆକ୍ଷେପମାନ କରି ଜନମନ ରଂଜନକୁ ପସନ୍ଦଯୋଗ୍ୟ କର୍ମବୋଲି ମନେ କରିଥାନ୍ତି । ଆପଣା ସଂସ୍କୃତିର ଗୌରବଗାଥା ସ୍ମରଣ କରୁ କରୁ ଆଉ ପାଞ୍ଚଟା ସଂସ୍କୃତିରେ ନଖ ଓ ଦାନ୍ତ ଲଗାଇ ଦିଅନ୍ତି । ଶିଳ୍ପ ଓ ଶିଳ୍ପୀ କେବଳକୁ ସବୁଦ୍ୱାର ରୁଦ୍ଧ ! ଶିଳ୍ପୀ କୁଳର ସଂଗଠିତ ଅନୁଷ୍ଠାନ, ପ୍ରଦର୍ଶନୀ କିମ୍ବା ପ୍ରଗତିର ଖବର ସୂଚନା ପର୍ଯ୍ୟନ୍ତ ମିଳେ ନାହିଁ । ତା'ଫଳରେ ଓଡ଼ିଆ ଯେ ଛବି ଆଙ୍କେ, ବାହାରକୁ ଦେଖାଇଲାଭଳି ତା'ର କୌଣସି ଅନୁଷ୍ଠାନ ନାହିଁ । ଠିକ୍ ଛବିଟି ଭଳି ଶିଳ୍ପୀମାନେ, ମୂକ ମୌନ ଛବି କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ସମ୍ପର୍କରେ ଗୋଟିଏ ଉଦାହରଣ ଦେଲେ କଥାଟା ପରିଷ୍କାର ହୋଇଯିବ । ଭାରତ ସରକାରଙ୍କ ପକ୍ଷରୁ ଯୁଗର ଗତି ଅନୁସାରେ ଯେଉଁ ଭାରତୀୟ ଚିତ୍ର କଳାର ବହିଟି ପ୍ରକାଶିତ ହୋଇଛି, ସେଥିରେ ଆଧୁନିକ ଓଡ଼ିଆ ଶିଳ୍ପର ପ୍ରତିନିଧିତ୍ୱ କରିଛି ଶିଳ୍ପୀ ଶ୍ରୀଧର ମହାପାତ୍ରଙ୍କର ମୂର୍ତ୍ତିର ଫଟୋ ଖଣ୍ଡିଏ । ତାହା ପୁଣି ଆସିଛି ଲକ୍ଷ୍ନୌ କଳାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଜରିଆରେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଓଡ଼ିଶାରେ କଳାବିଦ୍ୟାଳୟଟିଏ ନାହିଁ କିମ୍ବା ସୁଗଠିତ କଳା ଅନୁଷ୍ଠାନଟିଏ ନାହିଁ, ଯାହା ଜରିଆରେ ଭାରତ ସରକାର ଓଡ଼ିଶାର ଶିଳ୍ପୀମାନଙ୍କୁ ଅନୁରୋଧ କରାଇ ଥାଆନ୍ତେ । ଭାରତ ସରକାରଙ୍କ ସାହିତ୍ୟ ଏକାଡେମୀରେ ଓଡ଼ିଶାରୁ ଅନ୍ୟୂନ ପାଞ୍ଚଜଣ ସାହିତ୍ୟିକ ସଭ୍ୟ ଅଛନ୍ତି । ସେମାନେ ଯାହା କରୁଛନ୍ତି କିମ୍ବା କରାଉଛନ୍ତି, ତାହା ଯଥା ସମୟରେ ଦୈନିକ ପତ୍ରିକା ମାଧ୍ୟମରେ ତାଙ୍କର ଲେଖକ ବନ୍ଧୁ ଓ ଜନସାଧାରଣଙ୍କୁ ଜଣାଇ ଦେଉଛନ୍ତି । କିନ୍ତୁ ଲଳିତକଳା ଏକାଡେମୀ ବିଷୟରେ କୌଣସି ଉଲ୍ଲେଖଯୋଗ୍ୟ ସମ୍ବାଦ ଓଡ଼ିଆ

ଖବର୍‌କାଗଜରେ ପ୍ରକାଶିତ ହୁଏନାହିଁ । ଶୁଣାଯାଏ ଓଡ଼ିଶା ତରଫରୁ ଜଣେ ମାତ୍ର ଶିଳ୍ପୀ ସଭ୍ୟ ଶ୍ରେଣୀରେ ଅଛନ୍ତି । ଆଉ ତିନିଜଣ ସଭ୍ୟ ଏକାଡେମୀକୁ ଯିବାର ସୁଯୋଗ କାହିଁକି ନାହିଁ, ତାହା ମଧ୍ୟ ଜଣା ନାହିଁ । ଅଥଚ ଓଡ଼ିଶାରେ ଯଥେଷ୍ଟ ନାମକରା ଶିଳ୍ପୀ ଅଛନ୍ତି । ପ୍ରତିବର୍ଷ ଓଡିଆ କଳାସ୍ରଷ୍ଟା ଆଶାତୀତ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଆସୁଚନ୍ତିବୋଲି ଶୁଣାଯାଇଥାଏ । ଆମର ତ୍ରୁଟି ଓ ଦୁର୍ବଳତା ହିଁ ଅନେକ ସମୟରେ ଆମକୁ ଅଯୋଗ୍ୟବୋଲି ପ୍ରମାଣିତ କରୁଚି । ଗାଇଲବାଲା, ନାଚିଲବାଲା ଓ ସାହିତ୍ୟ ସେବୀ-ମାନେ କିଛି କିଛି କାର୍ଯ୍ୟ କଲେଣି । କେବଳ ଶିଳ୍ପୀମାନେ ହିଁ ନୀରବ ।

ଆଜି ଓଡ଼ିଶାରେ ଶିଳ୍ପମାନଙ୍କର ଜୀଇ ରହିଲା ଭଳି ଏକମାତ୍ର ଅନୁଷ୍ଠାନ ପୁସ୍ତକାଳୟଗୁଡ଼ିକ । ନିହାତି ସତକଥା କହିବାକୁ ଗଲେ ଆମଦେଶର ପୁସ୍ତକ ଅଙ୍କା ଏପର୍ଯ୍ୟନ୍ତ ଆବର୍ଜନା ପାଇ ଯୋଗ୍ୟ ସାମଗ୍ରୀ ହୋଇ ରହିଚି । ପାଠ୍ୟ ପୁସ୍ତକ ଓ ଶିଶୁ ପୁସ୍ତକଗୁଡ଼ିକୁ ବଙ୍ଗ ବଣ୍ଟରକମାନଙ୍କ ଦ୍ୱାରା ଅନେକ ସମୟରେ ବର୍ଣ୍ଣର ହେଉଥିଲେ ମଧ୍ୟ ସେଥିରେ ଦୁର୍ବଳ ଚିତ୍ରର ନମୁନା ଦୁର୍ଲଭ ନୁହେଁ । ସମୀକ୍ଷକ ଓ ପ୍ରକାଶକମାନେ ଯେତେ ଦିନଯାଏ ବଳିଷ୍ଠ ଓ ସରସ ସୃଷ୍ଟି ସହିତ ପରିଚିତ ହୋଇନାହାନ୍ତି, ସେତେ ଦିନଯାଏ ସେମାନଙ୍କର ଛବି ବର୍ଣ୍ଣର କରିବାର ଯୋଗ୍ୟତା ଟିକିଏ ଦୁର୍ବଳ ହୋଇ ରହିଥିବ । ଏଥିଲାଗି ସମଗ୍ର ଓଡ଼ିଶାରେ ଚିତ୍ରପ୍ରଦର୍ଶନୀର ଉପଯୋଗିତା ବିଶେଷ-ରୂପେ ଉପଲବ୍ଧି କରାଯାଉଚି । ଚିତ୍ର ପ୍ରଦର୍ଶନୀ କେବଳ ଶିଳ୍ପୀ-ମାନଙ୍କୁ ସଂଗଠିତ ଓ ଉତ୍ସାହିତ କରେନାହିଁ, ଲୋକ ସାଧାରଣଙ୍କର ରୁଚିକୁ ଉନ୍ନତ ଓ ମାର୍ଜିତ କରୁଛି । ଯେଉଁମାନେ କଇଁଚମାର୍କା

ସିଗାରେଟ୍‌ର ପ୍ରଚ୍ଛଦପଟ କିମ୍ବା ପକ୍ଷୀମୁକ୍ତ ଲଙ୍ଗୁଳଓସ୍ତ ସବୁଦିନେ ଦେଖି ଦେଖି ଆଖିକୁ ମଣକର ହାରିଲେଣି, ସେମାନଙ୍କ ପ୍ରାଣରେ ପୁଣି ନିଚ୍ଛକ କଳାବୋଧ ଫେରାଇ ଆଣିବାପାଇଁ ଚିତ୍ର ପ୍ରଦର୍ଶନୀ ଏକ ଉଦ୍ଦେଶ ହୋଇ ରହିବା ଆବଶ୍ୟକ । ଭଲ ଫସଲପାଇଁ, ଭଲ ଗୋ-ପାଳନ ପାଇଁ, ଭଲ ଶିଶୁପାଳନ ପାଇଁ ଏବଂ ଭଲ ଶିଳ୍ପ ସାମଗ୍ରୀପାଇଁ ଲୋକମାନଙ୍କୁ ଉତ୍ସାହିତ କରାଯାଉଛି । ସେଥିପାଇଁ ପ୍ରତି ଅଂଚଳରେ ଉଣାଅଧିକେ ଛୋଟ ଛୋଟ ପ୍ରଦର୍ଶନୀ ହେଉଛି । ଠିକ୍ ସେଇଭଳି ସାଧାରଣରେ ରସବୋଧର ପ୍ରଚାର ଓ ରୁଚିକୁ ମାର୍ଜିତ କରାଇବା ପାଇଁ ଚିତ୍ର ପ୍ରଦର୍ଶନୀ କରାଇବା ଏକାନ୍ତ ବାଞ୍ଛନୀୟ ।

କଟକ
୧୯୫୭

# କଳା ଓ ସମାଜ

ବିଶ୍ୱକବି ରବୀନ୍ଦ୍ରନାଥ ଥରେ ଗୁରୁ ସଦୟ ଦତ୍ତଙ୍କ ନିକଟକୁ ଖଣ୍ଡିଏ ଚିଠି ଲେଖିଥିଲେ—"ସକଲ ରକମ ଆନନ୍ଦେର ପ୍ରକାଶ ମାନୁଷେର ପ୍ରାଣଶକ୍ତିକେ ଜାଗରୂକ କରିରାଖେ; ମାନୁଷ କେବଲ ଅନ୍ନେର ଅଭାବେ ମରେ ନା—ଆନନ୍ଦେର ଅଭାବେ ତାର ପୌରୁଷ ଶୁକିୟେ ମାରାଯାଏ।" ଏ ଚିଠି ୧୯୩୨ମସିହାର। ଏବେ ୨୪ବର୍ଷ ପରେ ବି ବିଷୟବସ୍ତୁ ଅଭିନବ ମନେ ହେଉଛି। ସ୍ୱାଧୀନ ହେବାର ତ ଏଗାରବର୍ଷ ହୋଇ ଗଲାଣି, ତଥାପି ଆମର ମାନସିକ ଓ ସାଂସ୍କୃତିକ ଆବିଳତାର ପରିବର୍ତ୍ତନ ହୋଇନାହିଁ।

ଚିତ୍ରକାରମାନେ ଆପଣା ପୈତୃକ ବ୍ୟବସାୟ ଉପରେ ଆସ୍ଥାବାନ ହୋଇପାରୁ ନାହାନ୍ତି। କେତେକ ସାଇକଲ ମରାମତି ଦୋକାନ କଲେଣି ତ ଆଉ କେତେକ ଖିଲିପାନ ବିକିଲେଣି। ସେମାନଙ୍କ ତୁଣ୍ଡରୁ ଶୁଣିବାକୁ ମିଳୁଛି—"ଚିତ୍ର କଲେ କଣ ପେଟ ପୁରିବ, ପିଠି ଲୁଚିବ?" ଅନ୍ନ ଓ ବସ୍ତ୍ରର ଦ୍ୱାହି ଦେଇ ସମଗ୍ର ସମାଜରୁ ଧୀରେ ଧୀରେ କଳାବୋଧ ଅପସରି ଯାଉଛି। ଏହା

ଦେଖିଲେ ବାସ୍ତବିକ ଦୁଃଖ ଲାଗେ । ଭୂଲି ଯାଇ ଦେବାକୁ ଇଚ୍ଛା-ହୁଏ । ଦେଶରେ ଅନ୍ନ ଓ ବସ୍ତ୍ରର ସମସ୍ୟା ଏକ ଜରୁରୀ ସମସ୍ୟା । ଏଥିରେ ସନ୍ଦେହ ନାହିଁ । କିନ୍ତୁ ପେଟପୂରି ପିଠି ଲୁଚିଲେ, ଲୋକର କଳାବୋଧ ବଢ଼େନାହିଁ । ଏ ଦରିଦ୍ର ଦେଶରେ ମୋଟା ଦରମା ପାଇ ଶାସନ କରୁଥିବା କୁଶଳୀ କର୍ମଚାରୀମାନଙ୍କର ପେଟ ପୂରିଚି ଓ ପିଠି ଲୁଚିଚି । କାହିଁ ସେମାନେ ତ କଳାକୁଶଳୀ ହେଉନାହାନ୍ତି ? କେବେହେଲେ ଜଣେ ବିଶିଷ୍ଟ ଓଡ଼ିଆ ଅନ୍ୟଜଣେ ଓଡ଼ିଆ ସହିତ ଇଂରାଜୀରେ ବାକ୍ୟାଳାପ କରିବାକୁ କୁଣ୍ଠିତ ହେଉନାହିଁ ? ପ୍ରତି ମୁହୂର୍ତ୍ତରେ ଷୋଳଟି ଟଙ୍କାକୁ ହାତପଡ଼ାଇ ଦେଉଥିବା ଠିକାଦାରମାନଙ୍କର ପେଟ ପୂରିଚି ଓ ପିଠି ଲୁଚିଚି । କାହିଁ ସେମାନେ ତ କଳାକୁଶଳୀ ହୋଇ ପାରୁନାହାନ୍ତି ? ବରଂ ଯାବତୀୟ ଉଦ୍ଭଟ୍ଟର ସଭ୍ୟତା ଓ ସଂସ୍କୃତିର ରୂପ ଆମରି ସମାଜରୁ ହିଁ ବିକଶିତ ହେଉଚି ।

କଳାକୁଶଳୀ ହେବାର ଅର୍ଥ ଚିତ୍ରକାର ହେବା ନୁହେଁ, ଚିତ୍ତ ପ୍ରିୟ ହେବା । ଚିତ୍ତ ପ୍ରିୟ ବ୍ୟକ୍ତି ସମଗ୍ର ହୃଦୟ ପଦ୍ମକୁ ଆନନ୍ଦରେ ସହିତ ପ୍ରସ୍ଫୁଟିତ କରାଏ, ଯେଉଁଠି ଅଧାପେଟ କିମ୍ବା ଚିରାକନା ପ୍ରତିବନ୍ଧକ ସୃଷ୍ଟିକରି ପାରେନାହିଁ । ଉପୁଡ଼ି ପଡ଼ିଥିବା ଆମ୍ବଗଛର ଗୋଟିଏ ଡାଳ ଜୀବନ୍ତଥିବା ଯାଏ, ସେ ବସନ୍ତର ଆଗମନକୁ ସ୍ୱାଗତ ଜଣାଉଥାଏ । ଆନନ୍ଦର ଉତ୍ସବରେ ଆପଣାକୁ ସମର୍ପଣ କରି କୃତଜ୍ଞ ହେଉଥାଏ । ଅନ୍ନ ଓ ବସ୍ତ୍ରରେ ସ୍ୱାବଲମ୍ବୀ ହେବା ପୂର୍ବରୁ ମାନସିକ ସ୍ୱାବଲମ୍ବନ ନ ଆସିଲେ ଆମ କର୍ମ ଓ ଚିନ୍ତା କେବେହେଲେ ସ୍ୱଚ୍ଛ ଓ ସମୃଦ୍ଧ ହେବନାହିଁ । ଅନେକେ ଆଲଙ୍କାରିକ କହିଥାନ୍ତି ଯେ, କଳାକାରମାନଙ୍କର ସୃଷ୍ଟି ବହୁକ୍ଷେତ୍ରରେ ଅସାଧା-

ରଣ, ଅପ୍ରାକୃତିକ ଓ ଏକାନ୍ତ ବ୍ୟକ୍ତିଗତ ହୋଇଥିବାରୁ, ସାଧାରଣ ମଣିଷ ପକ୍ଷରେ ବୋଧଗମ୍ୟ ହୋଇ ପାରୁନାହିଁ । ଆପଣାକୁ ଠକି ଦେଇ ପଳାଇ ଯିବାର ଏହା ଏକ ସୁଚତୁର କୌଶଳ । ଆମର ମାଆ ଓ ଭଉଣୀମାନେ ଅଗଣାରେ ଓ କାନ୍ଥରେ ଲେଖୁଥିବା ଚିତା ତ ଅସାଧାରଣ, ଅପ୍ରାକୃତିକ ଓ ଏକାନ୍ତ ବ୍ୟକ୍ତିଗତ । ସେସବୁକୁ କ'ଣ ଆମେ ବାଛନ୍ଦ କରି ରଖିଚୁ କି ? ବରଂ ସୁଗଠିତ ଶିଳ୍ପର ମାଧୁର୍ଯ୍ୟ ଓ ଛନ୍ଦ ପ୍ରତି ଆକୃଷ୍ଟ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି । ଏଥିରେ କୌଣସି ଅସାଧାରଣ ଓ ଅବୋଧତତ୍ତ୍ୱର ପାଚନ ନାହିଁ ।

ଆମର ପ୍ରାଚୀନ ସମାଜର ବ୍ୟବସ୍ଥା ସହିତ କଳାବୋଧ ଅତି ନିବିଡ଼ ଭାବରେ ମିଶି ରହିଥିଲା । ପୁରାଣ-ଶାସ୍ତ୍ରରେ କଳାକାରଙ୍କୁ ଆମର ପୂର୍ବାଚାର୍ଯ୍ୟମାନେ ବିଶ୍ୱକର୍ମା ନାମରେ ସ୍ତୁତି କରିଚନ୍ତି—

"ତୁମ୍ଭେ ଇନ୍ଦ୍ରଦେବଙ୍କୁ ଯେ ଶକ୍ତି ଦେଉଅଛ,
ସୂର୍ଯ୍ୟନାରାୟଣେ ତୁମ୍ଭେ ପ୍ରକାଶ କରୁଛ ।
ସମସ୍ତ ବ୍ରହ୍ମାଣ୍ଡ ଅଟେ ତୁମ୍ଭ କାର୍ଯ୍ୟକ୍ଷେତ୍ର,
ତୁମ୍ଭେ ବିଶ୍ୱକର୍ମା ସର୍ବ ଶ୍ରେଷ୍ଠ ଏକମାତ୍ର ।

(ପୃ ୪୪ —ବି. ମ. ପୁ.)

× × × × ×

ବିଶ୍ୱ ଯା'ର ଅଟେ ରୂପ ବିଶ୍ୱ ଯାର ଆତ୍ମା,
ସେ ସର୍ବ ପ୍ରାଣୀ ବ୍ୟାପକ ନିର୍ଲେପ ମହାତ୍ମା ।
ତାଙ୍କ ପାଦପଦ୍ମେ ମନ ରହୁ ନିରନ୍ତର,
ନମସ୍କାର କରୁଅଛୁ ଯୋଡ଼ି ବେନି କର ।"

(ପୃ ୫୦— ବି. ମ. ପୁ.)

ବିଶ୍ୱକର୍ମା ମହାପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଆଦ୍ୟମାତା ସୃଷ୍ଟିକୁ ପ୍ରକାଶ କରିବାପାଇଁ ସ୍ୱଇଚ୍ଛାରେ ଯେଉଁ ପୁତ୍ର ଓ କନ୍ୟାଙ୍କୁ ଜନ୍ମଦେଲେ, ସେ ହେଉଛନ୍ତି ବିଶ୍ୱକର୍ମା ଓ କୃତି। ଆଦ୍ୟମାତାଙ୍କ ଆଦେଶରେ ସେ ଦୁହେଁ ପରସ୍ପରକୁ ବିବାହ କରିଥିଲେ। ସେମାନଙ୍କର ମଧ୍ୟ ପାଞ୍ଚକନ୍ୟା ଓ ପାଞ୍ଚପୁତ୍ର ଜନ୍ମ ହୋଇଥିଲେ। ପାଞ୍ଚ କନ୍ୟାଙ୍କର ନାମ ଯଥାକ୍ରମେ—ଶିଦ୍ଧି, ବୁଦ୍ଧି, ଉର୍ଜସ୍ୱତୀ, ସଞ୍ଜ୍ଞା ଓ ପାଞ୍ଚବୀ ଏବଂ ପାଞ୍ଚ ପୁତ୍ରଙ୍କର ନାମ ଯଥାକ୍ରମେ:—ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦୈବଜ୍ଞ। ପ୍ରଥମା କନ୍ୟା ଦୁହେଁ ଗଣେଶଙ୍କୁ ବିବାହ କଲେ ଓ ସେମାନଙ୍କର ଦୁଇଟି ସନ୍ତାନ ହୋଇଥିଲ—ଲକ୍ଷ୍ୟ ଓ ଲାଭ। ଅନ୍ୟ ତିନି କନ୍ୟା କ୍ରମାନ୍ୱୟରେ ଶୁକ୍ରାଚାର୍ଯ୍ୟ, ସୂର୍ଯ୍ୟ ଓ ପ୍ରଥମ ପୁତ୍ର ମନୁଙ୍କୁ ବିବାହ କରିଥିଲେ। ବିଶ୍ୱକର୍ମାଙ୍କର ଆଦେଶରେ ମନୁ ଭୂବନ ସର୍ଜନା, ମୟ ଭୂବନ ପାଳନ, ତ୍ୱଷ୍ଟା ଧାତୁ ପାତ୍ର ନିର୍ମାଣ, ଶିଳ୍ପୀ ରସ ରଚନା ଓ ଦୈବଜ୍ଞ ସୁବର୍ଣ୍ଣ ଭେଦ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ। ଉପରୋକ୍ତ ଲେଖାଟିରୁ ଆମର ସମାଜ ବ୍ୟବସ୍ଥାରେ ବିଶ୍ୱକର୍ମା ଓ ତାହାଙ୍କର ପରିବାରବର୍ଗଙ୍କର ପ୍ରାଧାନ୍ୟ ସ୍ପଷ୍ଟ ଅନୁମାନ କରାଯାଇପାରେ। ଏବେ କେବଳ ଛବି ଦେଖିବା ବା ଛବିକୁ ଆଦର କରିବା ବ୍ୟତୀତ, ଆମର ଦୈନନ୍ଦିନ ଜୀବନପଥରେ ବି ଆମେ କଳାବୋଧକୁ ପାଶୋର ପକାଇଛୁ। ଚିତା ଲେଖିବା ବା ମୁରୁଜ ପକାଇବା ଆଉ ଆମ ଜୀବନ-ଧାରାରେ ବିଶିଷ୍ଟ ଅଂଶ ହୋଇ ନାହିଁ। ପ୍ରଚଳିତ ସମାଜରେ କଳା ଓ କଳାବିତ୍ ଉଭୟ ଅପାଂକ୍ତେୟ। ବିଶିଷ୍ଟ କଳାସମୀକ୍ଷକ ଅଧ୍ୟାପକ ଗାଙ୍ଗୁଲିଙ୍କ ଭାଷାରେ କହିବାକୁ ଗଲେ—"ଦୁର୍ଭାଗ୍ୟବଶତଃ ଆମର ସାମାଜିକ ଜୀବନ ମଧ୍ୟରୁ ସୌନ୍ଦର୍ଯ୍ୟବୋଧର ଉତ୍କର୍ଷତାକୁ ବର୍ତ୍ତମାନର ସମାଜ ପୂର୍ଣ୍ଣ ମାତ୍ରାରେ ଭୁଲି ଯାଇଛି ଏବଂ ଆମେ ମଧ୍ୟ ସୌନ୍ଦର୍ଯ୍ୟ-

ବୋଧର ସ୍ରଷ୍ଟା ଶିଳ୍ପୀକୁ ଆମର ସାମାଜିକ ସଂସ୍ଥା ମଧ୍ୟରେ ଆସ୍ଥାନଟିଏ ଯୋଗାଇବା କଥା ପାଶୋରି ପକାଇଛୁ ।”

କଳାବୋଧ ସମଗ୍ର ସାଂସ୍କୃତିକ ଜୀବନକୁ ସ୍ୱଚ୍ଛ କରାଏ, କିନ୍ତୁ ଆମର ବିଶ୍ୱ ବିଦ୍ୟାଳୟଠାରୁ ଆରମ୍ଭକରି ବେଶ୍ୟାଳୟଯାଏ ଆପଣା ଦୁର୍ଦ୍ଦଶା ଗୁଡ଼ିକ ଦେଖାଇ ବୁଲିବାର ଅହମିକା କୁହୁଡ଼ି କଟିନାହିଁ । ପ୍ରଥମ ଶ୍ରେଣୀର ଅଧ୍ୟାପକ ଅବସର ଗ୍ରହଣ କଲାପରେ ଏ ଦେଶରେ ପ୍ରଥମ ଶ୍ରେଣୀର ଡାଇଭର କିମ୍ବା କଣ୍ଟ୍ରାକ୍ଟର ହେବାକୁ ମନ ବଳାଉଛନ୍ତି । ଶିକ୍ଷାବିଭାଗର ଉପଯୁକ୍ତ ଶିକ୍ଷକ ମାନେ କେବଳ ମୁଦ୍ରା ଓ ମହତ୍ତ୍ୱ ପାଇଁ ଶାସନ ବିଭାଗକୁ ଯିବାକୁ ଲୋଭ କରୁଛନ୍ତି (?) । ଏସବୁ ଦୁର୍ଗତି ବ୍ୟତୀତ ରାସ୍ତାଘାଟରେ ମୂତ୍ରତ୍ୟାଗ କରିବା, ଟ୍ରେନ୍ ଡବାରେ ଛେପ ପକାଇବା କିମ୍ବା ଆପଣା ବାସଗୃହକୁ ଅସଜଡ଼ା କରି ରଖିବା ମଧ୍ୟ ଏକ ସାମାଜିକ ଭୂଷଣହୋଇ ଗଲଣି । ତାହା ଫଳରେ ମାନସିକ ଓ ଶାରୀରିକ ଉଭୟ ଦିଗରୁ କ୍ଷତି ସହିବାକୁ ହେଉଛି । ଅଥଚ ଏଥିପାଇଁ ଆମ ସଂସ୍କୃତିର ମୁକାପଣ୍ଡାମାନେ କେବେହେଲେ ଅଗୌରବ ମନେ କରୁନାହାନ୍ତି । କୋଣାର୍କ, ପୁରୀ, ଓ ସପ୍ତମାତୃକାର ପଥରମୂର୍ତ୍ତିକୁ ଦେଖାଇ ଯେତେ ବାହାସ୍ଫୋଟ ମାରୁଥିଲେ ବି ବର୍ତ୍ତମାନର ସ୍ୱର୍ଣ୍ଣପସରା ଶୂନ୍ୟ ପଡ଼ିଛି । ରୁଗ୍ଣ ସମାଜର ଅକ୍ଷମତା ଓ ଅନୁଦାରତାକୁ ଅଳଂକାର କରି ଆମେ ସାନ୍ତ୍ୱନା ପାଉଛୁ ।

ଏଭଳି ଏକ ଅଶୋଭନୀୟ ପରିବେଶ ମଧ୍ୟରେ ଆଜି କେତେଦିନ ଏ ଜାତି ବଂଚିବ ? ସାଂସ୍କୃତିକ ଜୀବନରେ ଯେଉଁ ଗୁରୁତର ସଙ୍କଟ ଦେଖାଦେଇଛି, ତାହାର ଛୁଟିକା ଉଣାଅଧିକେ

ଆମର କଳା ଓ କଳାକାରମାନଙ୍କୁ ପ୍ରଭାବିତ କରୁଛି । ସେହି ସଙ୍କଟମୟ ଦୁର୍ଗମ ପଥରୁ ଉଦ୍ଧାର ପାଇବାପାଇଁ ସମାଜର ସବୁ ଶ୍ରେଣୀରୁ ସମର୍ଥନ ମିଳିବା ଆବଶ୍ୟକ । ଏସ୍ଥଳରେ ବ୍ୟକ୍ତିଗତ ଭାବରେ କୌଣସି ଉଦ୍ୟମ କଲେ ତାହା ବିଶେଷ ଫଳପ୍ରଦ ହେଉନାହିଁ । ସାଂସ୍କୃତିକ ଜୀବନର ତୀର୍ଥଭୂମି ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଉଚ୍ଚତମ ମଣ୍ଡପମାନଙ୍କରୁ ଉପଯୁକ୍ତ ବ୍ୟବସ୍ଥା ଆଶା କରାଯାଇ ପାରେ । ଏବେ ବି ବିଶ୍ୱବିଦ୍ୟାଳୟର ପାଠ୍ୟ-କ୍ରମରେ କଳାଶିକ୍ଷାର ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ । କଳାଶିକ୍ଷକ ମାଧ୍ୟମିକ ବିଦ୍ୟାଳୟର ଅବହେଳିତ ଶିକ୍ଷକ ହୋଇ ପଡ଼ିରହିଛି । ତାର ଶିକ୍ଷା କେବଳ ଛାତ୍ର-ଛାତ୍ରୀଙ୍କର ଅବସର ବିନୋଦନଲାଗି ଉଦ୍ଦିଷ୍ଟ ହେଉଛି କହିଲେ ଚଳେ । ଡ୍ରଇଂରେ ଫେଲ୍ ହେଲେ କେହି କେବେ ହେଲେ ଫେଲ୍ ହେବାର ଶୁଣାଯାଇ ନାହିଁ । ବରଂ ଛାତ୍ରମାନେ ଡ୍ରଇଂ କରିବାଦ୍ୱାରା ଶିକ୍ଷକ ଓ ଶୁଭେଚ୍ଛୁମାନଙ୍କଠାରୁ କି ପ୍ରକାର ତାଡ଼ନା ପାଇ ଥାଆନ୍ତି, ତାହା ବହୁବ୍ୟକ୍ତି ଅଙ୍ଗେ ଲଭାଇଛନ୍ତି । ଆମ ଅଧ୍ୟାପକମାନେ ମନେକରନ୍ତି କଳାଶିକ୍ଷା କେତେ ଜଣ ପେଶାଦାର କାରିଗରଙ୍କର କର୍ମ । ଖାଲି ଉପରଠାଉରିଆ ଆଗ୍ରହରେ କୌଣସି ଜାତିର ନନ୍ଦନୀୟତା ବଞ୍ଚି ରହିନାହିଁ । ସେଥିଲାଗି କ୍ରିୟାତ୍ମକ ବ୍ୟବସ୍ଥା ହେବା ଉଚିତ୍ । ଗୋଟିଏ ଗୋଟିଏ ବକ୍ତୃତାରେ ରାଜନୈତିକ ଉତ୍ତେଜନା ସୃଷ୍ଟି କରାଯାଇପାରେ; କିନ୍ତୁ ସାଂସ୍କୃତିକ ଆନ୍ଦୋଳନ ସେଇ ସ୍ୱଳ୍ପ ସାଧନା-ମଧ୍ୟରେ ହୁଏନାହିଁ । ସେଥିରେ ରାଜନୈତିକ ଭୋଜବାଜିଠାରୁ ମର୍ମୀଙ୍କର ପୁରୋଦୃଷ୍ଟି ହିଁ ସଫଳ ନେତୃତ୍ୱ ଗ୍ରହଣ କରିଥାଏ ।

ଆପେ ବଞ୍ଚିରହି ଆପଣା ସମାଜକୁ ବଞ୍ଚାଇବାପାଇଁ ଜୀବ-ଜଗତର ଜୀବନେଚ୍ଛା (Horme) ଅନବରତ କାର୍ଯ୍ୟ କରୁଛି ।

ସ୍ୱାର୍ଥ ପ୍ରବୃତ୍ତି ଦ୍ୱାରା ମଣିଷ ଆପଣାକୁ ଜୀଆଇ ରଖୁଚି ଓ ଯୌନ ପ୍ରବୃତ୍ତିଦ୍ୱାରା ଆପଣା ବଂଶରକ୍ଷା କରୁଚି । ସେଥିପାଇଁ ବ୍ୟକ୍ତି ଓ ସମାଜ ବା ଦେହଗତ କ୍ଷୁଧା ଓ ସମାଜଗତ ଆଦର୍ଶ ମଧ୍ୟରେ ଅନବରତ ସଂଘର୍ଷ ଲଗିରହିଚି । ଦୈହିକ କ୍ଷୁଧାର ତାଡ଼ନାରେ କେଉଁଠି ସେ ସମାଜର ଶାସନକୁ ଅସ୍ୱୀକାର କରୁଚି ଏବଂ ଦୈହିକ କ୍ଷୁଧାକୁ ଦମନକରି କେଉଁଠି ସମାଜର କଲ୍ୟାଣ କରୁଚି । ଆମ ପୁରାଣରେ ସେଥିପାଇଁ ଉତ୍ତାନପାଦ ରାଜାର ସୁରୁଚି ଓ ସୁନୀତି ନାମ୍ନୀ ଦୁଇଟି ରାଣୀଙ୍କର ଚରିତ୍ର ଦେଖିବାକୁ ମିଳେ । ମୋଟାମୋଟି ଆମେ ଆଦର୍ଶ ଭେଦରେ ପ୍ରତିକ୍ଷେତ୍ରରେ 'ସୁ' ଓ 'କୁ'ର ପାଚେରି ବସାଇ ଥାଉଁ । ଆମ ବିଦ୍ୟାଳୟମାନଙ୍କରେ ଏଭଳି ଏକ ବ୍ୟବସ୍ଥା ଥାଆନ୍ତା, ଯାହାଦ୍ୱାରା ପିଲାଙ୍କ ରୁଚିକୁ କଳା ଓ ଆଦର୍ଶର ନିକଟବର୍ତ୍ତୀ କରାଯାଇପାରନ୍ତା । ରାସ୍ତା ମୋଡ଼ର ବଡ଼ ବିଜ୍ଞାପନ ଦେଖି ସେମାନେ ଆଉ ସହସ୍ରକଣ୍ଠ ହୁଅନ୍ତେ ନାହିଁ । ବିଦ୍ୟାଳୟ, ଗ୍ରନ୍ଥାଗାର ଓ ବିଶ୍ୱବିଦ୍ୟାଳୟ କାନ୍ଥରେ ଉପଯୁକ୍ତ ପାରଂପାରିକ ଶିଳ୍ପୀମାନଙ୍କ ହାତରେ ଭିତ୍ତିଚିତ୍ର ଅଙ୍କନ କରାଇବାର ବ୍ୟବସ୍ଥା ଥାଆନ୍ତା । ସେଇଭଳି ମହିଳା କଲେଜ ଓ ମହିଳା ଛାତ୍ରାବାସ ପ୍ରଭୃତିରେ ପ୍ରତିଦିନ ଚିତ୍ରାଙ୍କଣିବା ପାଇଁ ଆଗ୍ରହ ସୃଷ୍ଟି କରାହୁଅନ୍ତା । ସେବା ସପ୍ତାହ ଓ ଭ୍ରମଣ ସପ୍ତାହ ଭଳି ଶିଳ୍ପ ସପ୍ତାହ ପାଳନ କରାଇବାରେ କୌଣସି ବାଧା ନାହିଁ । ମଝିରେ ମଝିରେ ଛାତ୍ରମାନେ କଳା ଶିକ୍ଷକଙ୍କ ସହିତ ନିକଟସ୍ଥ ଚିତ୍ରଶାଳା ଓ ଚିତ୍ରକାର ପାଖକୁ ଯାଇ ଶିଳ୍ପସପ୍ତାହ ପାଳନ କରନ୍ତେ । ଏବେ ବହୁ କଲେଜର ସାଂସ୍କୃତିକ ସପ୍ତାହ ସହିତ ନୃତ୍ୟ ଓ ସଂଗୀତକୁ ଯୋଡ଼ି ଦିଆଗଲାଣି । ଏହା ନିଶ୍ଚୟ ଶୁଭଲକ୍ଷଣ । ଚିତ୍ରକଳା ଓ ମଣ୍ଡନ କଳାକୁ ସେଥିରେ ମିଳାଇ ନେବାପାଇଁ ଉଦାର ବ୍ୟବସ୍ଥା କଲେ କ୍ଷତି କଣ ହୁଅନ୍ତା ?

ଆଂଚଳିକ କାରିଗରମାନଙ୍କ ହାତରେ ଛୋଟ ଛୋଟ ପ୍ରଦର୍ଶନୀ ଭଳି କଳାକୁଂଜ ଓ ଗୋପଲ୍ଲୀର ବ୍ୟବସ୍ଥା ତ କରାଯାଇ ପାରନ୍ତା । ଶିକ୍ଷିତ ବ୍ୟକ୍ତିଙ୍କ ରୁଚି ମାର୍ଜିତ ହେବା ସଙ୍ଗେସଙ୍ଗେ ପୁଟୁଳିବାନ୍ଧି ବସିରହିଥିବା କାରିଗରମାନେ ବି ରଙ୍ଗ ସଢ଼େଇରେ ପାଣି ପକାଇବା ଲାଗି ସୁବିଧା ଓ ସୁଯୋଗ ପାଇ ପାରନ୍ତେ । ବିଦେଶ କଥା ବାଦ ଦିଆଯାଉ । ଏଇ ଭାରତରେ କେତେକ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟରେ ଚିତ୍ରାଳୟର ବ୍ୟବସ୍ଥା ଅଛି । ସେଥିରେ ପ୍ରାଚୀନ ଓ ନବୀନ ପଦ୍ଧତିର ମୌଳିକ ଚିତ୍ରାବଳୀ ଶୋଭାପାଉଛି । କଲିକତା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ କାନ୍ଥରେ ଶିଳ୍ପୀ ଧିରେନ୍ କୃଷ୍ଣ ଦେବବର୍ମାଙ୍କର କୁରୁକ୍ଷେତ୍ର ଭିତ୍ତିଚିତ୍ରଟି ଏହାର ଗୋଟିଏ ଶ୍ରେଷ୍ଠ ଉଦାହରଣ । ବନାରସ ବିଶ୍ୱବିଦ୍ୟାଳୟ ଓ ଜାଦବପୁର ଇଂଜିନିୟରିଂ କଲେଜ ଭଳି ସାଧାରଣ ଅନୁଷ୍ଠାନ ଗୁଡ଼ିକ ପ୍ରତିବର୍ଷ ଚିତ୍ରପ୍ରଦର୍ଶନୀ କରାଇ ପୁରସ୍କାର ବିତରଣ କରିଥାଆନ୍ତି । ୧୯୫୬-୫୭ ମସିହାର ପରିସଂଖ୍ୟାନରୁ ଜଣାଯାଏ, ସମଗ୍ର ଓଡ଼ିଶାରେ ୨୩ଟି କଲେଜ ଓ ୪୭ଟି ଛୋଟ ବଡ଼ ଶିକ୍ଷକ ତାଲିମ୍ କେନ୍ଦ୍ର ଅଛି । ଅନ୍ତତଃ ସେଇ କ୍ଷେତ୍ର ଗୁଡ଼ିକରୁ ଆପଣା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଅଭୟ ମିଳିବା ଆବଶ୍ୟକ । ଛାୟାଚିତ୍ର ସାହାଯ୍ୟରେ 'କାବୁଲିବାଲା', 'ଦୋବିଘା ଜମିନ୍' ପ୍ରଭୃତି ବହୁଚିତ୍ର ପ୍ରଚାର ଉଦ୍ଦେଶ୍ୟରେ ସ୍କୁଲମାନଙ୍କରେ ଦେଖାଯାଉଛି । ସ୍ୱାସ୍ଥ୍ୟର ଉନ୍ନତି, ଦେଶ ବିଦେଶର ଅଗ୍ରଗତି, ପଞ୍ଚବାର୍ଷିକ ଯୋଜନାର ଛାୟାଚିତ୍ର ସହିତ କଳାବୋଧର ଉତ୍କର୍ଷ ଲାଗି କେତେକ ଶିଳ୍ପ ନିଦର୍ଶନ ଯୋଡ଼ି ଦିଆଯାଇ ପାରନ୍ତା । ସ୍ୱଦେଶୀ ଓ ବିଦେଶୀ ଶିଳ୍ପର ଶ୍ରେଷ୍ଠ କୃତିଗୁଡ଼ିକ ପିଲାଙ୍କୁ ଦେଖାଇ ବୁଝାଇଦେଲେ, ସେମାନଙ୍କ ଆଖି ଉପରୁ ଭଲ ଓ ଭେଲର ଦ୍ୱନ୍ଦ ପରଦାଟି ଖସି ପଡ଼ନ୍ତା ଏବଂ

ହୃଦୟରେ ସ୍ଥାୟୀ କଳାବୋଧ ଜାଗ୍ରତ ହୋଇ ପାରନ୍ତା । ଶିଳ୍ପାଗୁରୁମାନେ କହନ୍ତି; ବାରମ୍ବାର ଦେଖି ଅନୁଭବ କରିବା ଫଳରେ ଶିଳ୍ପ ଦୃଷ୍ଟି ଅଧିକ ପ୍ରସାରିତ ହୋଇଥାଏ । ପ୍ରଥମେ ରୂପ ସହିତ ଆଖିର ପରିଚୟ ହେଲେ କ୍ରମେ କ୍ରମେ ଆତ୍ମାର ପରିଚୟ ହୋଇଥାଏ । ଏହା ବ୍ୟତୀତ ପାଠ୍ୟ ପୁସ୍ତକ ଓ ଶିଶୁ ପୁସ୍ତକ ଗୁଡ଼ିକର ସଂକଳନ ଓ ନିର୍ବାଚନ ବେଳେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇ ପାରନ୍ତା । ପ୍ରାଚୀନ ଇତିହାସ ଶ୍ରେଷ୍ଠ ଶିଳ୍ପୀମାନଙ୍କର ଜୀବନୀ ଓ ଛବିର ପ୍ରତିଲିପି ସେଥିରେ ଅତି ସମ୍ମାନିତ ରୂପେ ସ୍ଥାନ ପାଇ ପାରନ୍ତା । ପାଠ୍ୟ ପୁସ୍ତକ ଓ ଶିଶୁ ପୁସ୍ତକର ବିଷୟବସ୍ତୁ ଯେଉଁଭଳି ବିଜ୍ଞ ସମାଲୋଚକମାନଙ୍କ ହାତରେ ବିଚାର କରାଯାଉଛି, ସେଇଭଳି ଚିତ୍ର ଗୁଡ଼ିକ ମଧ୍ୟ ପଣ୍ଡିତ ଶିଳ୍ପୀମାନଙ୍କ ସାହାଯ୍ୟରେ ମନୋନୀତ ହୁଅନ୍ତା । ପିଲାଏ ବହୁ ଅପସୃଷ୍ଟି ଦେଖିବା ଦୋଷରୁ ନିସ୍ତାର ପାଆନ୍ତେ ।

ଲୋକଶିକ୍ଷା କ୍ଷେତ୍ରରେ ସାମୟିକ ପତ୍ରପତ୍ରିକା ଓ ପ୍ରକାଶିତ ପୁସ୍ତକଗୁଡ଼ିକର ଭଲ କିମ୍ବା ଭେଲ ପ୍ରଭାବ ବିସ୍ତାର କରିବା ଶକ୍ତି ଅସାମାନ୍ୟ । ସେଠାରେ ଅନେକ ସମୟରେ ବୁନ୍ଦାଏ ଗୋ ମୂତ୍ର ପଡ଼ି ସମଗ୍ର କ୍ଷୀର ଭାଣ୍ଡକୁ ଅପବିତ୍ର କରିଦେଉଛି । ମାଗଣାରେ ମିଳୁଥିବାରୁ ବହୁ ବିଚିତ୍ର ଚିତ୍ରସବୁ ଓଡ଼ିଆର କୀର୍ତ୍ତିରୂପେ ପତ୍ରିକାମାନଙ୍କରେ ପ୍ରକାଶିତ ହେଉଛି । ଲୋକ ରୁଚିକୁ ମାର୍ଜିତ କରାଇବା ପାଇଁ ସବୁ ଯୁଗରେ ସଂସ୍କୃତି ପ୍ରେମୀ ସମ୍ପାଦକଗଣ ନେତୃତ୍ୱ ଗ୍ରହଣ କରି ଥାଆନ୍ତି । କିନ୍ତୁ ଓଡ଼ିଶାର ବର୍ତ୍ତମାନ ଅବସ୍ଥାରେ ସବୁ କ୍ଷେତ୍ରରେ ଅଯୋଗ୍ୟ ବ୍ୟକ୍ତି ହିଁ ପୁସ୍ତକ ପ୍ରକାଶନ ଓ ପତ୍ରିକା ସମ୍ପାଦନରେ ବ୍ରତୀ ହେଉଛନ୍ତି କହିଲେ ଚଳେ । ତାହାଦ୍ୱାରା କୌଣସି କର୍ମ

ସମ୍ଭବ ହୁଏନାହିଁ, ସେ ଏ ଦେଶର ସାହିତ୍ୟରୁ ଚଳିବାକୁ ଚେଷ୍ଟା କରେ । ଆଜି ସାହିତ୍ୟକୁ ଯିମିତି ଗୋଟାଏ ଅଯୋଗ୍ୟ ମନର ଗ୍ରୋଚିତ ଗ୍ରାସ କରୁଛି । ସେଥିଲାଗି ଆମ ପତ୍ରପତ୍ରିକାର ଓ ପୁସ୍ତକର ମାନଦଣ୍ଡ ନିମ୍ନରେ । ପାଞ୍ଚବର୍ଷ ମଧ୍ୟରେ ଉଲ୍ଲେଖଯୋଗ୍ୟ ପୁସ୍ତକ ଓ ପତ୍ରିକା ସଂଖ୍ୟା ଅଙ୍ଗୁଳିମେୟ । ସଂପାଦକମାନେ ତ ନଗ୍ନନାରୀର ଗୋଟିଏ ଛବି ଦେଇ ଗୋଟିଏ ବର୍ଷ ବିତାଇ ଦେଉଛନ୍ତି । ପ୍ରକାଶକମାନଙ୍କ କଥା କହିଲେ ନ ସରେ । ଅଶ୍ଳୀଳ ଇଂଗିତ-ପୂର୍ଣ୍ଣ ସୁନ୍ଦର ମୁଖମଣ୍ଡଳ ଏବେ ବି ସେମାନଙ୍କ ଆଖିରେ ଭାସୁଛି । ଅପକ୍ୱ ଶିଳ୍ପୀର ଶସ୍ତା ଛବି କିମ୍ବା ନଗ୍ନ ନାରୀର ଫଟୋ ଗୁଡ଼ିଲେ ବ୍ୟାଙ୍କର ଅଙ୍କ ବଢ଼ି ପାରିବ; କିନ୍ତୁ ସାଂସ୍କୃତିକ ସୋପାନ ବଢ଼ିବ ନାହିଁ । ଅତି ଅଳ୍ପ ହେଲେ ବି ପତ୍ରପତ୍ରିକାରେ ଉତ୍କୃଷ୍ଟ ଶିଳ୍ପି-ମାନଙ୍କର ମୌଳିକ ରଚନାକୁ ସ୍ଥାନ ଦିଆଯାଇ ପାରନ୍ତା । ଗୋଟିଏ ସାର୍ଥକ କବିତା ଥରେ ପଢ଼ିଲେ ଯିମିତି ତାର ଭାବ ଓ ଛନ୍ଦ ମନ ମଧ୍ୟରେ ଭଉଁରୀ ସୃଷ୍ଟି କରୁଥାଏ, ସେଇଭଳି ଗୋଟିଏ ଶ୍ରେଷ୍ଠ ଚିତ୍ରର ପ୍ରତିଲିପି ଥରେ ଦେଖିଲେ ତାହା ମନମଧ୍ୟରେ ବାରଂବାର ଆଲୋଡ଼ନ ସୃଷ୍ଟି କରେ । ସାର୍ଥକ ଶିଳ୍ପୀର ଚିତ୍ର ଅଭାବରେ ପ୍ରାଚୀନ ପୋଥିଚିତ୍ର କିମ୍ବା ପଟଚିତ୍ରର ନମୁନା ଫଟୋ ଦିଆଯାଇ ପାରନ୍ତା । ସେଇଭଳି ପୁସ୍ତକର ପ୍ରଚ୍ଛଦ ସଜ୍ଜାରେ ପାଦପଦ୍ମ ଚିତା, କୁଟେଇ-ଚିତା କିମ୍ବା ମୁରୁଜ ଚିତାର ମଣ୍ଡଣି ଗ୍ରାହକ ସମାଜର ମନ କିଣି ପାରନ୍ତା ।

ନିରନ୍ତର କଳାବୋଧର ପ୍ରଚାର ଓ ପ୍ରସାର ପାଇଁ ବେତାର କେନ୍ଦ୍ରର କର୍ତ୍ତୃପକ୍ଷ ମଧ୍ୟ ବହୁମତେ ସାହାଯ୍ୟ କରି ପାରନ୍ତେ । ବେତାର ମାଧ୍ୟମରେ ଗାଁଗହଳି, ଶିଶୁମହଲ, ନାରୀମହଲ

ଓ ପଣ୍ଡିତ ସମାଜ ପାଇଁ କଳାର ବାର୍ତ୍ତା ପ୍ରତ୍ୟହ ପ୍ରଚାରିତ ହୋଇ ପାରନ୍ତା । ଭିନ୍ନ ଭିନ୍ନ ବିଭାଗ ପାଇଁ ଭିନ୍ନ ଭିନ୍ନ ସ୍ତରର ଶିଳ୍ପୀ ଓ ଶିଳ୍ପାନୁରାଗୀମାନେ ସେମାନଙ୍କ ଚିନ୍ତାକୁ ସମାଜ ସମ୍ମୁଖ ଉପସ୍ଥାପିତ କରିପାରନ୍ତେ । ଆମ ସମାଜର ସବୁସ୍ତରର ବ୍ୟକ୍ତି ନବ ସମାଚାର ଅନ୍ତତଃ ଶୁଣିବାକୁ ପାଇ ପାରନ୍ତେ ।

ବର୍ତ୍ତମାନ ଅବସ୍ଥାରେ ଆମର ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ଯେତେ ପରିମାଣରେ ଦାୟୀ, ବୁଦ୍ଧିଜୀବି ବିଦଗ୍ଧ ବ୍ୟକ୍ତିମାନେ ତାହାଠାରୁ କମ୍ ଦାୟୀ ନୁହନ୍ତି । ଆଦିକବି ସାରଳା ଦାସଙ୍କର ଘର ଓ ଜାତି ନିରୂପଣ ପାଇଁ ପଣ୍ଡିତ ମହଲରେ ଯେତେ ଉତ୍ତେଜନା ପ୍ରକାଶ ପାଉଛି, ସାରଳା ମହାଭାରତର ଶୁଦ୍ଧ ସଂସ୍କରଣପାଇଁ ସେତେ ଉତ୍ସାହ ଦେଖାଯାଉନାହିଁ । ଆପଣା ଆପଣା ସଂକୀର୍ଣ୍ଣତା ଓ ବିଭେଦର ଦୁର୍ଗନ୍ଧରେ ଆଜି ପବିତ୍ର ବାଣୀମନ୍ଦିର କଳୁଷିତ ହେବାକୁ ବସିଲାଣି । ଏସବୁ ଗୋଳିଆପାଣିର ଦାଶରଥି ସାଜିଛନ୍ତି ରାଜନୈତିକ ନେତାମାନେ । ସାଂସ୍କୃତିକ ଅବଚେତନାକୁ ସେମାନଙ୍କ ସଂଗ୍ରାମର ଅସ୍ତ୍ରରୂପେ ବ୍ୟବହାର କରୁଛନ୍ତି । ସମଗ୍ର ଓଡ଼ିଆ ସଂସ୍କୃତିର ଏ ଗୁରୁତର ସଂକଟବେଳେ ସବୁପ୍ରକାର ସ୍ୱାର୍ଥ ସାଧନାକୁ ପଛରେରଖି ଐତିହାସିକ, ସାହିତ୍ୟିକ ଓ ରାଜନୈତିକ-ମାନେ କଣ ଉଦାର ଓ ମହାନ୍ ହେବେ ନାହିଁ ? ଅନ୍ୟକୁ ଘୃଣା କରିବା ପୂର୍ବରୁ ଆପଣାର ଘୃଣ୍ୟ ଅଂଶତିକ ଦୟାକରି ପରିଷ୍କାର କରିବେ ନାହିଁ ? ଏ ଦେଶରେ ଉପାଧିଧାରୀ ଶିକ୍ଷିତ ଲୋକଙ୍କ ସଂଖ୍ୟା ବର୍ତ୍ତମାନ ବେଶ୍ ଜମି ଆସିଲାଣି । ସବୁବେଳେ କଳାକୁ ପ୍ରଗତି-ଶୀଳ କରିବାପାଇଁ ଉପରୋକ୍ତ ପଣ୍ଡିତମାନଙ୍କଠାରୁ ବହୁ ଉପଦେଶ ପାଇ ସାରିଲୁଣି । ଏଣିକି ସେମାନେ ଯଦି ସକଳ ପ୍ରକାର 'ବାଦ'କୁ

କଳାବନ୍ତ କରନ୍ତେ, ତେବେ ରକ୍ଷା ମିଳି ଯାଆନ୍ତା । "କଳା-କ୍ଷେତ୍ରରେ ଯେତିକି ନୈତିକ ଓ ରାଜନୈତିକ ମତବାଦକୁ ସ୍ଥାନ ଦିଆଯାଉଛି, ସେତିକି କଳା ଅତ୍ୟାଗୃହୀତ ହେଉଛି" ବୋଲି ଅତି ଦୁଃଖର ସହିତ କଳା ସମୀକ୍ଷକ ହାର୍ବର୍ଟ୍ ରିଡ୍ ପ୍ରକାଶ କରିଛନ୍ତି ।

ଓଡ଼ିଶୀ ଚିତ୍ରକୁ ନୂତନ ସମାଜ ଗଠନର ଉପଯୋଗୀ କରାଇବା ପାଇଁ ସର୍ବଶେଷ ଓ ସର୍ବଶ୍ରେଷ୍ଠ ଦାୟିତ୍ୱ ଆମ ଶିଳ୍ପୀମାନଙ୍କ ହାତରେ । ସେମାନେ ବିଶ୍ୱକର୍ମା ! ସେଇମାନଙ୍କର ସଂଗଠିତ ଉଦ୍ୟମ ଦ୍ୱାରା, କଳାର ନବତମ କୋଣାର୍କ ନିର୍ମାଣ ସମ୍ଭବ ହୋଇ ପାରନ୍ତା । ବର୍ତ୍ତମାନର ଜନଜୀବନ ସହିତ ଚିତ୍ରକଳାର ନିବିଡ଼ ସଂପର୍କ ସ୍ଥାପନ କରାଯାଇ ପାରନ୍ତା । ଗାଁ ଗହଳରେ ଚିତ୍ରକାର ଓ ପାଠପଢ଼ୁଆ ଶିଳ୍ପୀମାନଙ୍କ ମଧ୍ୟରେ ଆଜି ଯେଉଁ ଆକାଶ ପାତାଳ ତଫାତ୍ ଦେଖାଯାଉଛି, ତାର ମଧ୍ୟ ଅବସାନ ଘଟନ୍ତା । ଥରେ ସିଦ୍ଧ ଜାପାନୀ ଶିଳ୍ପୀ ଓକାକୁରା କହିଥିଲେ, "ପ୍ରକୃତି, ପରଂପରା ଓ ସ୍ୱକୀୟତା ହେଉଛି କଳାର ଜୀବନ ନାଡ଼ି । ଏଇ ତିନିଗୋଟି ଧାରା ବଳିଷ୍ଠ ନହେଲେ କଳା ଓ କଳାବିତ୍ କେହି ବଞ୍ଚିପାରିବେ ନାହିଁ ।" ଆଜି ଓକାକୁରା ନାହାନ୍ତି; କିନ୍ତୁ ତାଙ୍କର ଏ ଉପଦେଶ ପ୍ରତିଶିଳ୍ପୀ ପ୍ରତି ବୀଜମନ୍ତ୍ର ଭଳି କାର୍ଯ୍ୟ କରୁଛି, ବର୍ତ୍ତମାନ ବିଗ୍ଧିରକରି ଦେଖିଲେ ଜଣାଯାଏ ଯେ, ପାରଂପରିକ ଶିଳ୍ପୀମାନେ ପଟଚିତ୍ର ଓ ପୋଥିଚିତ୍ର ପ୍ରଭୃତିରେ ଓଡ଼ିଶାର ପରଂପରାକୁ ଶ୍ରଦ୍ଧାର ସହିତ ସାଇତି ରଖିଛନ୍ତି । କିନ୍ତୁ ପ୍ରକୃତି ସହିତ ସେମାନଙ୍କର ନିବିଡ଼ ପରିଚୟ ନଥିବାରୁ, ପଟଚିତ୍ର ଓ ପୋଥିଚିତ୍ର ମଧ୍ୟର ନୂତନ ଜୀବନର ସ୍ପନ୍ଦନ ମିଳୁନାହିଁ । ସେମାନଙ୍କ ଚିତ୍ର କ୍ରମେ କ୍ରମେ ଦୁର୍ବଳ ଓ କୃତ୍ରିମ ହୋଇ ପଡ଼ୁଛି । କେବଳ କାରିଗରି ହିଁ ସାର ହେଉଛି ।

ପାରଂପରିକ ଶିଳ୍ପୀମାନେ ଯଦି ପ୍ରକୃତିକୁ ଶ୍ରଦ୍ଧାର ସହିତ ଅନୁଶୀଳନ କରିପାରିବେ, ତେବେ ନିତ୍ୟ ନୂତନ ରୂପ ସମ୍ଭାରର ସନ୍ଧାନ ପାଇପାରିବେ । ସେଇଭଳି ଅପର ପକ୍ଷରୁ ବିଚାର କଲେ, ବର୍ତ୍ତମାନ ଓଡ଼ିଶାର ବହୁ ଆଧୁନିକ ଧ୍ୱଜାଧାରୀ ଶିଳ୍ପୀ ପ୍ରକୃତିର ଅବିକଳ ନକଲ ହିଁ ପରିବେଷଣ କରୁଛନ୍ତି, ସରସ୍ୱତୀଙ୍କ ମୂର୍ତ୍ତିରେ ସୁରେୟାର ଗୃହିଣୀ ଆଣିବାକୁ ଟିକେ ହେଲେ ସଂକୋଚ ମଧ୍ୟ କରୁନାହାନ୍ତି । ଫଟୋ ଓ ଛବି ମଧ୍ୟରେ କୌଣସି ତାରତମ୍ୟ ରହୁନାହିଁ । ସେମାନେ ଭୁଲିଯାଉଛନ୍ତି ଯେ, ସାର୍ଥକ ଶିଳ୍ପୀମାନେ ହିଁ ସବୁବେଳେ ପ୍ରକୃତିକୁ ଦେଖି ଓ ଅନୁଭବ କରି, ଆପଣାର ଅନୁଭୂତିକୁ ରଙ୍ଗ ଓ ତୂଳିମଧ୍ୟରେ ପ୍ରକାଶ କରିଥାଆନ୍ତି । ଏଇ କଥାକୁ **Bowie** ସାହେବ ତାହାଙ୍କର **On the Laws of Japanese painting** ପୁସ୍ତକରେ ଆହୁରି ପରିଷ୍କାର କରି ପ୍ରକାଶ କରିଛନ୍ତି – "ସେମାନେ ଯାହା ଦେଖନ୍ତି ତାହା ବାଦଦେଇ, ଯାହା ଅନୁଭବ କରନ୍ତି ତାହା ହିଁ ଚଦଣ କରନ୍ତି; କିନ୍ତୁ ସେମାନେ ପ୍ରଥମରୁ ହିଁ ଅତି ନିପୁଣ ଦୃଷ୍ଟିରେ ଦେଖି ଥାଆନ୍ତି ।"

ଆମ ଓଡ଼ିଶାରେ ଏଭଳି ଏକ ଅନୁଷ୍ଠାନ ଥାଆନ୍ତା, ଯେଉଁଠାରେ ଆମର ଆଧୁନିକ ଶିକ୍ଷିତ ଶିଳ୍ପୀମାନଙ୍କ ସହିତ ପାରଂପରିକ ଶିଳ୍ପୀମାନଙ୍କର ଏକ ସ୍ଥାୟୀ ଯୋଗାଯୋଗ ସମ୍ଭବ ହୁଅନ୍ତା । ଏକ ସଙ୍ଗରେ ପାରଂପରିକ ଶିଳ୍ପୀମାନେ ପ୍ରକୃତି ଅଧ୍ୟୟନ ଓ ଶିକ୍ଷାପ୍ରାପ୍ତ ଶିଳ୍ପୀମାନେ ପରଂପରା ପ୍ରତି ଅନୁଧ୍ୟାନ କରି ପାରନ୍ତେ । ନଚେତ୍ କର୍ପୂର ଉଡ଼ିଗଲା ପରେ ପଡ଼ିଥିବା କନାଖଣ୍ଡିକ କେଉଁ ଦିନ ମିଳାଇଯିବ, କେହି ତାର ସନ୍ଧାନ ପାଇବେ ନାହିଁ ।

ସ୍ୱକୀୟତା ବା ମୌଳିକତା ନଥିଲେ କୌଣସି ଶିଳ୍ପୀର ଛବି ସ୍ୱଚ୍ଛ ଓ ଜୀବନ୍ତ ହୁଏ ନାହିଁ । ଯେତେ ବିନୟ ଓ କୌଶଳ ପ୍ରଦର୍ଶନ କରି ମୃତ ସଂଜୀବନୀ ମନ୍ତ୍ର ଆବୃତ୍ତି କଲେ ମଧ ପ୍ରୟୋଗ କରିବାର ଯୋଗ୍ୟତା ଆସେ ନାହିଁ । ଆଧୁନିକ ଚୀନର ବିଶିଷ୍ଟ ସମାଲୋଚକ ଓ ସମ୍ପାଦକ **Mao Tun** ଆଧୁନିକ କଳା ଓ ସାହିତ୍ୟର ସମ୍ଭାରକୁ ପରୀକ୍ଷାକରି କହିଚନ୍ତି ଯେ — "ସୀମିତ ବିଷୟ-ବସ୍ତୁ ଓ ଚର୍ବିତଚର୍ବଣ ଶୈଳୀ ହିଁ ବର୍ତ୍ତମାନର କଳା ଓ ସାହିତ୍ୟର ଏକ ସାଧାରଣ ଦୁର୍ବଳତା ।" ମୌଳିକତା ସାଧାରଣତଃ ଦୁଇ ପ୍ରକାରର ଦେଖାଯାଏ — ବିଜ୍ଞ ବା ପଣ୍ଡିତ ଲୋକର ଏବଂ ମୂର୍ଖ ବା ଅଜ୍ଞଲୋକର । ବିଜ୍ଞବ୍ୟକ୍ତିର ମୌଳିକତାରେ ସମତା, ଉଦାରତା ଏବଂ ବ୍ୟକ୍ତି ଓ ବସ୍ତୁ ପ୍ରତି ସଚେତନ ସହାନୁଭୂତି ଥିବାରୁ ତାହାର ସୃଷ୍ଟି ସବୁବେଳେ ସହଜ, ସାବଲୀଳ ଓ ସ୍ୱଚ୍ଛ ହୋଇଥାଏ । ମୂର୍ଖ ଲୋକର ମୌଳିକତା ମଧରେ ଅହଂକାର, ସଂକୀର୍ଣ୍ଣତା ଓ ନିରର୍ଥକ ଜଟିଳତା ପ୍ରକାଶିତ ହୁଏ । ଅତି ଦୁଃଖର ସହିତ କହିବାକୁ ପଡୁଚି, ବହୁ ଓଡ଼ିଆଙ୍କର ମୌଳିକତା ମଧରେ ଏଇ ଦ୍ୱିତୀୟ ଶ୍ରେଣୀର ପ୍ରମତ୍ତଭାବ ଲକ୍ଷ୍ୟ କରାଯାଏ । ଏହାଦ୍ୱାରା ଆମେ ପ୍ରତି ମୁହୂର୍ତ୍ତରେ ଉପହସିତ ହେଉଁ । ଆମର ଯଥାର୍ଥ ପ୍ରକାଶରେ ବାଧା ଉପୁଜେ । ବର୍ତ୍ତମାନ ଓଡ଼ିଶାରେ ବହୁ ପ୍ରତିଭାବାନ ଚିତ୍ରଶିଳ୍ପୀ ଥିଲେ ମଧ ସେମାନଙ୍କ କର୍ମ ଓ ଧର୍ମରୁ ନବତମ ଜୀବନ ପଥର ସଂକେତ ପର୍ଯ୍ୟନ୍ତ ମିଳୁନାହିଁ ।

ପୂର୍ବକାଳରେ ସାହିତ୍ୟ ପ୍ରେମୀ, ପଣ୍ଡିତମାନେ ଆପଣା ଆପଣା ମଧରେ ଶ୍ଳୋକ ଆବୃତ୍ତିକରି ପରିଚିତ ହେଉଥିଲେ । ଏବେ ବ୍ରାହ୍ମଣମାନଙ୍କ ବିବାହ ଉତ୍ସବରେ ସେ ପରଂପରାର ସଂକେତ

ମିଳେ । ଠିକ୍ ସେଇଭଳି ଶିଳ୍ପୀମାନେ ଚିଠିପତ୍ରରେ ଶ୍ରେଷ୍ଠ ଶ୍ରେଷ୍ଠ ଶିଳ୍ପ ନିଦର୍ଶନ ଅଙ୍କନକରି ବନ୍ଧୁମାନଙ୍କ ନିକଟକୁ ପ୍ରେରଣକରି ପାରନ୍ତେ । ପ୍ରତି ଚିଠିରେ କିଛି କିଛି ନୂଆ ଛବି ଯୋଗାଇ ଦେବା ଦ୍ୱାରା ଆପଣା ପରିସର ମଧ୍ୟରେ ରୂପକଳ୍ପନାର ବାଣୀ ପ୍ରଚାରକରି ପାରନ୍ତେ । ଶିଳ୍ପାଚାର୍ଯ୍ୟ ନନ୍ଦଲାଲ୍ ବସୁଙ୍କର ଶ୍ରେଷ୍ଠ ଶ୍ରେଷ୍ଠ ଗୀତି କବିତା ଭଳି ସଂଖ୍ୟାତୀତ କାର୍ଡ଼ସ୍କେଚ ଦିନେ କେବଳ ଏଇଥିପାଇଁ ସୃଷ୍ଟି ହୋଇଥିଲା । ସାମାଜିକ ବ୍ୟବସ୍ଥା ମଧ୍ୟରେ ଛବି ଓ ସୁଦୃଶ୍ୟ ପୁସ୍ତକ ଉପହାର ଦେବା ବଙ୍ଗ ଦେଶର ଗୋଟିଏ ଉଲ୍ଲେଖଯୋଗ୍ୟ ପରଂପରା ହୋଇଗଲାଣି । ଏବେ ସେମାନେ ରବୀନ୍ଦ୍ର ଜୟନ୍ତୀ ଉତ୍ସବକୁ ଗ୍ରନ୍ଥ ପାର୍ବଣ ରୂପେ ପାଳନ କରୁଚନ୍ତି । 'ଦେଶ' ପତ୍ରିକାର ସାହିତ୍ୟ ସଂଖ୍ୟା ୧୩୬୨ରେ ପ୍ରେମେନ୍ଦ୍ର ମିତ୍ର ଲେଖିଥିଲେ "ପଚିଶ ବୈଶାଖଠାରୁ ସାତଦିନ ଯାଏ ପରସ୍ପରକୁ ଗ୍ରନ୍ଥ ଉପହାର ଦେବା ରୀତି ଯଦି ପ୍ରବର୍ତ୍ତନ କରାହୁଏ, କେମିତି ହେବ ?" ଆମ ଶିକ୍ଷିତ ମହଲ ସେଇ ସ୍ତରକୁ ଆସିବା ପାଇଁ କେଜାଣି କେତେଦିନ ବାକି ଅଛି ! ଏବେ ଯଦି ବିମସ୍ ସାହେବ ଥାଆନ୍ତେ ସେ କହନ୍ତେ—
"The Oriya never reads,"

ଶିଳ୍ପୀମାନଙ୍କ ବିଷୟରେ ବିଚାର କଲାବେଳେ ଆଖି ଆପେ ଆପେ ଚାଲିଯାଏ ଓଡ଼ିଶାର ନବନିର୍ମିତ କଳା ବିଦ୍ୟାଳୟ ଆଡ଼କୁ । କଳା ବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କର ଏସବୁ କ୍ଷେତ୍ରରେ ଗୁରୁଦାୟିତ୍ୱ ଅଛି । ସମାଜରେ କଳାବିତ୍ ଓ କଳାର ଯଥାଯଥ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ସେମାନେ ବିଶିଷ୍ଟ ଅଂଶ ଗ୍ରହଣ କରନ୍ତେ । ସେଇ ପଣ୍ଡିତ ଶିଳ୍ପୀମାନେ ଆମ ଆନ୍ଦୋଳନର

ନେତୃତ୍ୱ ନିଅନ୍ତେ । ସୌନ୍ଦର୍ଯବୋଧର ଉଦାତ୍ତ ବାଣୀ ଏବେ ସେଇମାନଙ୍କ କଣ୍ଠରୁ ଶୁଣାଯାଆନ୍ତା । ଆମେ ସମସ୍ତେ ଦେଖି, ଶୁଣି, ଅନୁଭବ କରି ଧନ୍ୟ ହୁଅନ୍ତେ । ଏ ସୌଭାଗ୍ୟ କଣ ଆସିବ ନାହିଁ ?

କଟକ
୧୯୫୮

# କଳା ଓ ଜୀବନ

ଏବେ ମନେପଡ଼େ ସାତବର୍ଷ ତଳର କଥା । ଦିନେ ମୁଁ କଳାକାର ହେବି, ଏଇ ମୋହରେ ପଡ଼ି ସାତବର୍ଷ ତଳେ ପାଗଳ-ପରି ଛୁଟି ଯାଇଥିଲି ଶାନ୍ତିନିକେତନ । ମହର୍ଷିଙ୍କର ସାଧନା ପିଠିକା ଉପରେ କବିଗୁରୁଙ୍କର ସ୍ୱପ୍ନନିକେତନ । ମେଘ ମୁଦିର ପ୍ରଭାତରେ ଆଶ୍ରମର ପ୍ରଥମ ବୈତାଳିକ ଶୁଣିଥିଲି—"ତୁମି କେମନ କରେ ଗାନ୍ କରୋ ହେ ଗୁନି, ଆମି ଅବାକ୍ ହଯେ ଶୁନି, କେବଲ ଶୁନି" । ବିଶ୍ୱବୀଣା ତାରର ମଧୁର ଝଂକାରକୁ ସେଇ ଦିନଠାରୁ କେବଳ ଅବାକ୍ ହୋଇ ଶୁଣିବାକୁ ଆରମ୍ଭ କରିନାହିଁ, ବିଶ୍ୱସ୍ରଷ୍ଟାଙ୍କର ମହନୀୟ ସୃଷ୍ଟିକୁ ମଧ୍ୟ ଅତ୍ୟନ୍ତ ସହାନୁଭୂତିଶୀଳ ଦୃଷ୍ଟିରେ ଦେଖିବାକୁ ଓ ଗ୍ରହଣ କରିବାକୁ ଆରମ୍ଭ କରିଛି । ମୋର କାନ କେବଳ ଉତ୍କର୍ଣ୍ଣ ହୋଇ ରହିନାହିଁ, ନୟନ ମନ ମଧ୍ୟ ଉତ୍ସୁକ ହୋଇ ରହିଛି । ଯେତେ ଯେତେ ଦେଖିଛି ସେତେସେତେ ଆଶ୍ରମର ତ୍ୟାଗପୂତ ସାଧନା ନୂଆ ଲାଗିଛି, ବିଚିତ୍ର ମନେ ହୋଇଛି ।

ରୂପ ପିପାସାର ଏକ ଅଦ୍ଭୁତ ସମ୍ମୋହନୀ ଶକ୍ତି ଅଛି । ମନ ଯେତେବେଳେ ଅତ୍ୟଧିକ ଚହଲି ଉଠିଚି, ଯେତେବେଳେ ସଂସାରର ପିଚ୍ଛିଳ ପଥରୁ ପାଦ ଦିଓଟି ଖସିଗଲି ଯାଇଚି, ସେତେବେଳେ ଏଇ ନିର୍ମଳ କଳାବୋଧ ହିଁ ମୋତେ ଆତ୍ମସ୍ଥ କରିଚି । ଗ୍ଳାନିତଳେ ବିଶ୍ୱାସର ବିଷଲ୍ୟକରଣୀ ବୋଲି ଦେଇଚି । ମନରେ ଦମ୍ଭ ଓ ସାହସ ଆସିଚି । "ରସୋବୈ ସଃ"—ତାହା ହିଁ ରସବନ୍ତ ବୋଲି ମନକୁ ପାଇଚି । ନିତ୍ୟନୂତନ ରୂପସମ୍ଭାର ସୃଷ୍ଟି କରିବାପାଇଁ ବିଶ୍ୱକର୍ମା ଭଳି ମୋର ବି ଶକ୍ତି ଆସିଚି । ସତେ ଯିମିତି ଜୀବନ ସହିତ ମୋର ସମସ୍ତ କଳାବୋଧ ଜଡ଼ିଉ ହୋଇ ଯାଇଚି । ବିପଦରେ ବିଶ୍ୱାସ ଓ ସଂଦେରେ ଶିଷ୍ଟତା ସେଇ ରସବନ୍ତ ମାଣିକ୍ୟ ମଧ୍ୟରୁ ମିଳିଚି ।

ସବୁଠାରୁ ମଜାର କଥାହେଉଚି, ଯେତେଦିନ ଶାନ୍ତିନିକେତନରେ ଥିଲି ସେତେଦିନ କେହି ମୋତେ ଛବି ଆଙ୍କିବାକୁ ବାଧ୍ୟ କରିନାହିଁ । ମୋର ପର୍ଣ୍ଣକୁଟୀରର ଧାରରେ କେହି ସ୍ୱର୍ଣ୍ଣ-ମାରିଚର ପ୍ରଲୋଭନ ଦେଖାଇ ବିବେକକୁ ଗ୍ରାସ କରିନାହିଁ । ଅନୁଷ୍ଠାନର ପାଠ୍ୟକ୍ରମ ମଧ୍ୟରେ ଛବି ଆଙ୍କିବା ହିଁ ମୋର ବିଶେଷ ଶିକ୍ଷଣୀୟ ବିଷୟ ହୋଇ ରହିଥିଲେ ବି ଅଧ୍ୟାପକଗଣ କେବେହେଲେ ସେଥିପ୍ରତି ଆଦେଶ କରି ନାହାନ୍ତି । ତତ୍କାଳୀନ ବନ୍ଧୁମାନଙ୍କ ପ୍ରତି ଠିକ୍ ମୋରିପରି, କୌଣସି ଅଙ୍କୁଶୀମୂନା କର୍ତ୍ତବ୍ୟର ସୂଚନା ଦେଇନାହିଁ । କିନ୍ତୁ ଆମେ ପ୍ରତ୍ୟହ ଛବି ଆଙ୍କିଚୁ । ଶହଶହ ଛବିରେ ପେଡ଼ି ପେଟରା ବୋଝାଇ କରିଦେଇଚୁ । କ୍ଳାନ୍ତି ଆସିନାହିଁ । ସତେ ଯିମିତି ସୃଷ୍ଟିରେ ହିଁ ଚରମ ସାର୍ଥକତା । ଜ୍ୟେଷ୍ଠମାସର ରୌଦ୍ରକ୍ଳିଷ୍ଟ ତରୁ ଆଦ୍ୟ ଆଷାଢ଼ର ଆକାଶ ନିକଟରେ ଆପଣାକୁ

ସମର୍ପଣ କରି ଦେଲାଭଳି ରୂପଦେବତାଙ୍କ ପାଦପୀଠରେ ଆମେ ସମସ୍ତେ ନିଜକୁ ଅର୍ପଣ କରିଦେଇଥିଲୁ । କିନ୍ତୁ ଓଡ଼ିଶା ଆସି ବହୁବାଦ ଓ ବିବାଦର ସୂଚନା ପାଇଲି । ପଣ୍ଡିତଠାରୁ ଅପଣ୍ଡିତ ପର୍ଯ୍ୟନ୍ତ ସମସ୍ତେ ମୋତେ ବଶ କରିବାକୁ ଚେଷ୍ଟାକଲେ । ସମସ୍ତେ ମୋ କାନରେ ସେମାନଙ୍କର ବ୍ୟକ୍ତିଗତ ମନ୍ତ୍ରଟିକିକ ଉଚ୍ଚାରଣ କରିବାକୁ ଆଗ୍ରହୀ ହେଲେ ।

ସାତ ବର୍ଷ ପରେ, ସେ ଦିନର କଳାବୋଧ ଏବେ ମୋ ପେଟକୁ ଅନ୍ନ ଯୋଗାଉଛି । ଷେତ୍ର ଅକ୍ଷେତ୍ରରେ ଅତୀତ ସାଧନାର ସମ୍ବଳକୁ ବାଉଁଶବାଣୀଭଳି ଦେଖାଇ ବୁଲି ମୁଁ ପଇସା ଉପାର୍ଜନ କରୁଛି । କିନ୍ତୁ ମୁହୂର୍ତ୍ତକ ପାଇଁ ଆତ୍ମସ୍ଥହେଲେ ଆପଣା ବିବେକର ନିର୍ଦ୍ଦେଶ ଦେଖୁଛି । ପରକ୍ଷଣରେ ପୁଣି ସିନେମାଘର ପର୍ଦ୍ଦାଭଳି ସବୁ ବଦଳି ଯାଉଛି—ପଥ ଭୁଲୁଛି, ଟାଣିଅସ୍ତୁ ଉଜାଡୁଛି । ସବୁବେଳେ ଗୋଟାଏ କମିତ ଅହେତୁକୀ ଜଡ଼ତା ମୋର ସମସ୍ତ କର୍ମପ୍ରେରଣାକୁ କାଖତଳେ ସାଇତି ରଖିଲାଭଳି ମନେ ହେଉଛି । କେବଳ ମୁଁ ନୁହେଁ, ମୋଭଳି ବହୁ ଯୁବକ କଳାକାରର ଏଇ ଦଶା । ଜଡ଼ତାକୁ ଯଦି ସଂସ୍କୃତି କୁହାଯାଏ, ତେବେ ଆମେ ସମସ୍ତେ ନିଶ୍ଚୟ ଜୀଇରହିଛୁ ବୋଲି କହିବ । ଏ ଦେଶର ସଂସ୍କୃତି ସଙ୍କଟ ଅଛି ବୋଲି କିଏ ଭୁଲାଇବ । କଟକ ନଗରର ନାଗରିକରୂପେ ଦୁଇଟିବର୍ଷ କଟାଇଲି । ଆଧୁନିକ ଓଡ଼ିଶାର ହୃତ୍‌ପିଣ୍ଡ ଉପରେ କାନପାରି ଦୁଇ ବର୍ଷକାଳ ତାର ଗତି ବେଗ ଲକ୍ଷ୍ୟକଲି । ବହୁ ପରିଷଦର ପାରିଷଦ ରୂପେ ସଭାମଣ୍ଡାଇ ବସିଲି । ଥରେ ହେଲେ ଆନନ୍ଦରେ ନିଶ୍ୱାସଟାଏ ମାରି ପାରିଲି ନାହିଁ । କଟକରେ ପ୍ରାୟ ପ୍ରତି ସପ୍ତାହରେ ସଂସ୍କୃତି ନାଁରେ ବକ୍ତୃତା ହେଉଛି । ସେଇ ବକ୍ତୃତାକୁ

ଗଣ୍ଡି ପକାଇ କେତେ ଆଲୋଚନା ଓ ଚର୍ଚ୍ଚା ଚାଲୁଚି । ସୂତ୍ରଧରଙ୍କ ଠାରୁ ଆରମ୍ଭ କରି ସଞ୍ଜୟଙ୍କ ପର୍ଯ୍ୟନ୍ତ ସମସ୍ତେ ସାଂସ୍କୃତିକ ସମ୍ବାଦ ପରିବେଷଣ କରୁଚନ୍ତି । କିନ୍ତୁ ହେଉଚି କଣ ? ଅନ୍ଧ ହିଁ ଅନ୍ଧର ସାହାଯ୍ୟ ଭିକ୍ଷା କରୁଚି । ପ୍ରଥମ ଅନ୍ଧ ଦ୍ୱିତୀୟ ଅନ୍ଧକୁ କାନ୍ଧରେ ବୋହିନେବା ପାଇଁ ପ୍ରବର୍ତ୍ତିଉଚି । ସଂସ୍କୃତିର ନାଁରେ ହଜାର ହଜାର ଟଙ୍କା ବ୍ୟୟ ହୋଇ ବିଳାସୀ ମଣିଷର ମହାର୍ଘ ସ୍ୱପ୍ନପୁରୀ ସୃଷ୍ଟି ହେଉଚି । ଟିକେ ତଳୁଆ ଆଖିରେ ଦେଖିଲେ ଗୋଟାଏ ବୁଦ୍ଧିଗତ ଜଡ଼ତା ସମସ୍ତଙ୍କୁ ଯେମିତି ଭେଳିକି ଲଗାଇ ରଖିଚି । ବୌଦ୍ଧିକ ବିଳାସର ପଛତଳେ ସଭ୍ୟ ଓ ଶିକ୍ଷିତ ମଣିଷମାନେ ବହୁ ଅନ୍ୟାୟ ଅବଲୀଳାକ୍ରମେ ସୃଷ୍ଟିକରୁଚନ୍ତି ଓ ଅନ୍ୟାୟକୁ ବରଦାସ୍ତ କରୁଚନ୍ତି । ହୃଦୟରୁ ଯେତେବେଳେ ପୌରୁଷ ମରିଯାଏ, ସେତେବେଳେ ବଞ୍ଚିଥିଲେ ବି ମଣିଷ ଜଡ଼ ପାଲଟିଯାଏ । ଆଜି ରାଜନୀତିର ପ୍ରୟୋଗକ୍ଷେତ୍ରରେ ସୁଚତୁର ଭାନୁମତୀର ସୁଆଙ୍ଗ ଚାଲିଚି, ଧର୍ମର ରଥ ଦଣ୍ଡି ଉପରେ ଅନ୍ଧବିଶ୍ୱାସର ଫୁଲଚନ୍ଦନ ଦିଆ ଚାଲିଚି ଏବଂ ସମାଜିକତା ନାଁରେ ଦରିଦ୍ର ମଣିଷକୁ ଆହୁରି ଦରିଦ୍ର କଲାଭଳି ସାମନ୍ତବାଦୀ ଖୋଳକୁ ସଜୀବ ରଖାଯାଉଚି । ରାଜନୀତି, ଧର୍ମନୀତି ଓ ସମାଜନୀତିର ନିରସତା ମଧ୍ୟରେ ଏ ଜୀବନ ଦିନକୁ ଦିନ ପଥର ପାଲଟୁଚି । ହୃଦୟ ପଙ୍ଗୁ ହେଉଚି । ଆଉ ମନକଥା ପଚାରେ କିଏ ? ମଣିଷ ପ୍ରକୃତି ମଧ୍ୟରେ ଯେଉଁଠି ଜଡ଼ତା ଓ କୃତ୍ରିମତାର କାଠ କାଠୁଚି, ସେଠାରେ ଦୈନନ୍ଦିନ ଜୀବନ ଯାତ୍ରା ଅସୁନ୍ଦର, ଅସଙ୍ଗତ ଓ ମଳିନ ।

ସ୍ୱାଧୀନ ହେବାପରେ ଆମର ଅନେକ କଥା ବଢ଼ିଚି । ଓଡ଼ିଶାର ଆୟତନ ବଢ଼ିଚି, ସରକାରୀ ସଂସ୍ଥାର ଇମାରତ

ବଢ଼ିଚି । ନେତାମାନଙ୍କର ସ୍ୱବୃତ୍ତି ବଢ଼ିଚି ଏବଂ ଟଙ୍କା ପଇସା କ୍ଷେତ୍ରରେ ଆଶାତୀତ ସୁଯୋଗ ଓ ସୁବିଧା ବଢ଼ିଚି । ଗରିବ ଓଡ଼ିଶା ଦିନକୁ ଦିନ ସମୃଦ୍ଧ ହେଉଚି । କେବଳ ବଢ଼ିନାହିଁ ମଣିଷ ମନର ରୁଚି ଓ ସୌନ୍ଦର୍ଯ୍ୟବୋଧ । ଦେଶ ପରାଧୀନ ଥିଲାବେଳେ ଯେଉଁ କର୍ମ ପ୍ରେରଣା ଓ ସଦିଚ୍ଛା ଦେଖା ଯାଉଥିଲା, ଦେଶ ସ୍ୱାଧୀନ ହେଲାପରେ ସେ ସବୁ ସିମିତ ବୋଧ ନେବାରେ ହିଁ ପର୍ଯ୍ୟବେଶିତ ହୋଇଚି । ପ୍ରତି କ୍ଷେତ୍ରରେ ମଣିଷ ଅସାଧୁ ଓ ଅସୁନ୍ଦର ଆଚରଣ କରିବାକୁ ସୁଖ ପାଉଚି । ସଂଶୟ ଓ ସଂକୋଚର ବନ୍ଧୁବିଧ ମଇଳା ବସି ବସି ହୃଦୟର ସହଜ ଗ୍ରହଣ ଓ ସମର୍ପଣର ଉତ୍ସ ଏକାବେଳକେ ବନ୍ଦ ହୋଇଗଲେଣି । ମଣିଷ ଆଉ ମଣିଷ ପାଖରେ ପ୍ରାଣର କଥା ବଖାଣି ପାରୁନାହିଁ ।

କଟକର ରାଜଦାଣ୍ଡରେ ଗାଡ଼ି, ଘୋଡ଼ା, ରିକ୍ସା ମଟରର ଶୋଭାଯାତ୍ରା ଚାଲିଗ୍ଲଚି । ପଛରେ ପଡ଼ିଯିବା ଭୟରେ ସମସ୍ତେ ସେଇ ଶୋଭାଯାତ୍ରାରେ ଆପଣା ଆପଣା ସମର୍ଥାନୁଯାୟୀ ଅଣନିଶ୍ୱାସୀ ହୋଇ ଛୁଟିଚନ୍ତି । ଗୁରିପାଖକୁ ଗୁହିଁ ବିଗ୍ୱର କରିବାକୁ ବେଳ ନାହିଁ । ପ୍ରମତ୍ତ ଓଡ଼ିଆ ମନରେ ପ୍ରତିଯୋଗୀର ଶଂକିତ ଭୂତ ନୀଡ଼ ରଚନା କରୁଚି । ସାହିତ୍ୟ କ୍ଷେତ୍ରରେ ଏଇ ପ୍ରଗତିର ଲକ୍ଷଣ ଆହୁରି ଉତ୍କଟ ହେଲାଣି । ପ୍ରବୀଣମାନେ ପଛରେ ପଡ଼ିଯିବା ଭୟରେ ଅର୍ବାଚୀନଙ୍କୁ ଅନୁକରଣ କରିବାକୁ ଆରମ୍ଭକରି ଦେଲେଣି । ସଂପାଦକମାନେ ପଛରେ ପଡ଼ିଯିବା ଭୟରେ ସମସ୍ତଙ୍କୁ ଉଦାର ବକ୍ଷରେ ସ୍ଥାନ ଦେଲେଣି । ଏଇ ପ୍ରତିଯୋଗୀତାମଧ୍ୟରେ ଯଦି କେହି ସମୟ ଅସମୟରେ ଝୁଣ୍ଟିପଡୁଚି, ତେବେ ଆମ ମଧ୍ୟରେ ଅହେତୁକୀ ରହସ୍ୟର କଲ୍ଲୋଳ ଛୁଟିଯାଉଚି । ରୁମମୂଳ ଉଲୁସି ଉଠିଚି । ଏହାଦ୍ୱାରା ଦିନକୁ ଦିନ ଆମର ହୀନମନୋଭାବ

ସୃଷ୍ଟି ହେଉଛି, ଏଥିରେ ସନ୍ଦେହ ନାହିଁ । ଆମ ଶରୀରରୁ କ୍ଷରିତ ଆଡ଼୍ରନାଲ ରସ ହିଁ (Adrinalin) ଆମ ଯାତ୍ରା ପଥରେ ପ୍ରତି-ବନ୍ଧକ ସୃଷ୍ଟି କରୁଛି । ପ୍ରକୃତରେ ଆମେ ଆଗକୁ ଯାଇପାରୁନାହିଁ । ବରଂ ଅପରକୁ ପଛରେ ପକାଇ ରଖିବାର ଅତି ଅଦ୍ଭୁତ ସାଆଁତଆ ରୁଚି ଆମ ମଧ୍ୟରେ ମୁଣ୍ଡ ଉଠାଉଛି । ଆପଣା ଆପଣା କ୍ଷେତ୍ରରେ ଆମେ ସମସ୍ତେ ଦୁଃଖ ଭୋଗ କରୁଚୁ । କିନ୍ତୁ ଅପର ଦୁଃଖର କାରଣ ହେଲବେଳକୁ ଆଦୌ ସଂକୋଚ ବୋଧ କରୁନାହୁଁ । ସୁସ୍ଥ ଓ ନିର୍ମଳ ଆନନ୍ଦ ଆଉ ଆମ ଜୀବନ ପଥର ହିସୀମାରେ ନାହିଁ । "ଆନନ୍ଦ ରୂପମ୍ ଅମୃତମ୍" ଉଚ୍ଚାରଣ କଲବେଳକୁ ଜିଭରେ ଦମ୍ଭ ଥିଲଭଳି ମନେ ହେଉ ନାହିଁ । ଓଡ଼ିଶାର ବହୁ କଳାପ୍ରେମୀ ଓ କଳାବିତ୍‌ଙ୍କ ସହ ବହୁବାର ଆଲୋଚନା କରିଚି । ମୋର ଶୂନ୍ୟ ହୃଦୟର ଥାଳ ପତାଇ ବାରମ୍ବାର ସୁର୍ଣ୍ଣ ପିଣ୍ଡା ହୋଇଚି । କିନ୍ତୁ କୌଣସି କ୍ଷେତ୍ରରୁ ପ୍ରେରଣାର ମୁଷ୍ଟିଭିକ୍ଷା ମିଳିନାହିଁ । ପ୍ରବୀଣଠାରୁ ନବୀନ ପର୍ଯ୍ୟନ୍ତ ସମସ୍ତେ କହୁଚନ୍ତି, ଏ ପୃଥିବୀ ଓ ତାର ବିଚିତ୍ର ବ୍ୟବସ୍ଥା ଆଉ ସହଣୀୟ ନୁହେଁ । ଅଧିକ ଗ୍ରହଣୀୟ ନୁହେଁ । ପ୍ରତିମୁହୂର୍ତ୍ତରେ କଳାବିତ୍ ମନର ଅତୃପ୍ତ ନିଶ୍ୱାସ ହିଁ କୁହୁଡ଼ି ସୃଷ୍ଟି କରୁଛି । ଜୀବନ ଯାପନ ପ୍ରଣାଳୀ ଦିନକୁଦିନ ସଂକୀର୍ଣ୍ଣ ହୋଇ ଯାଉଛି । କେହି ଆନନ୍ଦ ଅନୁଭବ କରିପାରୁନାହାନ୍ତି । ସ୍ୱାତୀର ଅମୃତ ବିନ୍ଦୁ ପାଇଁ ଉନ୍ମୁଖ ପ୍ରାଣଶୁକ୍ତି ହିଁ କେବଳ ଅସାର ପ୍ରତୀକ୍ଷା କରୁଛି । ଆନନ୍ଦ ପାଇଁ, ସଜ୍ଞାନ ମନରେ ଯେତିକ ଆୟୋଜନ ଆରମ୍ଭ ହେଉଛି, ଆମେ ଯେତିକ ଆପଣାର ଗୃହପାଖକୁ ସୁସମନ୍ୱିତ ରୂପେ ସଜାଇବାକୁ ଚେଷ୍ଟାକରୁଚୁ, ନିର୍ଜ୍ଞାନ ମନର ତାରୁଣ୍ୟ ସେତିକ ଉଭାଇ ଯାଉଛି । ଆପଣା ମଧ୍ୟରୁ ଯେତେବେଳେ ଆନନ୍ଦର ଉତ୍ସ ଉତ୍ସାରିତ

ହେଉନାହିଁ, ସେତେବେଳେ ଅପରକୁ ଆନନ୍ଦ ରୂପକ ଅମୃତ ବିତରଣ କଲାଭଳି ଶକ୍ତି କାହିଁ ? ସହସ୍ର ବିତୃଷ୍ଣା, ବୈଫଲ୍ୟ ଓ ଜ୍ୱରସତାର ଜ୍ୱାଳାରେ ଯାହାର ମନ ସର୍ବଦା ଜର୍ଜରିତ, ସେ ଅନ୍ୟର କ୍ଷତରେ ବିଷଲ୍ୟକରଣୀ ଲେପିବାକୁ ବେଳ କାହିଁ ? ବହୁବାର ତୂଳି ଧରି ବସିଚି । ପ୍ରତିଦିନ ପ୍ରତ୍ୟୁଷରୁ ନୂଆ କିଛି ସୃଷ୍ଟି କରିବା ପାଇଁ ଶପଥ ଭୁଞ୍ଜାଇ ଆପଣାକୁ ମଣ କରିଚି, କିନ୍ତୁ ପାରିନାହିଁ । ଏଇ କେତୋଟି ବର୍ଷ ମଧ୍ୟରେ ମୋ ଦ୍ୱାରା ଗୋଟିଏ ପୂର୍ଣାଙ୍ଗ ଚିତ୍ର ସମ୍ଭବ ହୋଇନାହିଁ । ବହୁ କଳ୍ପନା ମନକୁ ଛୁଇଁଚି । ସେଥିରୁ କେତେକୁ ଆରମ୍ଭ କରିଚି ମଧ୍ୟ । ଗୋଟିଏ ହେଲେ ଶେଷ କରି ପାରିନାହିଁ । ଆରମ୍ଭ କଲାବେଳର ଉନ୍ମାଦନା ଶେଷ କଲା ବେଳଯାଏ ରହୁ ନାହିଁ । ଏ ମାଟିକୁ ଓ ଏ ମାଟିର ମଣିଷକୁ ବେଶି ଭଲ ପାଇବା ପାଇଁ ଚେଷ୍ଟା କରୁଥିବାରୁ ହୁଏତ ବେଶି ବ୍ୟର୍ଥତା ମୋ ମଧ୍ୟରେ ଦେଖା ଦେଇଚି । କବିଗୁରୁ ଥରେ ଲେଖିଥିଲେ—"ସେ ପାଦକେର ତାଗଦା ଆମି ପାଇରେ, ଅନ୍ତରେର ତାଗ୍‌ଦା ଆମାର ନାଇଁରେ" — ଅନ୍ତରର ଯେଉଁ ତାଗ୍‌ଦା ଫଳରେ ହାତର ତୂଳି ବଳିଷ୍ଠ ହୁଏ, ସେ ତାଗ୍‌ଦା କାହିଁ ? ସେ ଉତ୍ସାହର ଉତ୍ସ କାହିଁ ? ବର୍ତ୍ତମାନର ସମସ୍ତ ଅବ୍ୟବସ୍ଥା ମଧ୍ୟରେ 'କଳା'ପାଇଁ ମୁହୂର୍ତ୍ତେ ସମୟ ମିଳିବା ବିଡ଼ମ୍ବନା ମାତ୍ର । ବିନୋବାଜୀ ତାଙ୍କର ଗୀତା ପ୍ରବଚନରେ ପ୍ରକାଶ କରିଛନ୍ତି, "କଳା ହିଁ ଜୀବନ ଧାରଣର କୌଶଳ ।" ଯେତେଦିନ ଯାଏ ମଣିଷ ଆପଣା ମଧ୍ୟରେ ଲୁଚି ରହିଥିବା ଚମତ୍କାରୀ ଶିଳ୍ପ ଶକ୍ତିକୁ ଚିହ୍ନିପାରି ନାହିଁ, ସେତେଦିନଯାଏ ଅଜ୍ଞତା ଓ ଅକ୍ଷମତା ତାହାର ଗୃହ ପାଖରେ ପାଚେରୀ ସୃଷ୍ଟି କରିଚି । ଆଦିମ ଯୁଗରୁ ଶିଳ୍ପ ବୁଦ୍ଧି ମଣିଷ ସମାଜକୁ ବହୁବିଧ ସଙ୍କଟରୁ ବଞ୍ଚାଇ ଆଣିଚି କହିଲେ ଆଦୌ ଅତ୍ୟୁକ୍ତି ହେବନାହିଁ ।

ଏବେ ନାନା ପ୍ରକାର ସଭ୍ୟ-କସରତ୍‌ର କ୍ଳିନ୍ନ ଧୂମ୍ର ପଟଳ ମଧ୍ୟରେ ଏ ପ୍ରାଣପକ୍ଷୀ କେବଳ ବଞ୍ଚି ରହିବା ପାଇଁ ହିଁ ଧାଇଁ ବୁଲୁଚି । ତଥାପି ଏ ଜୀବନମା·ଦୂରକୁ ଦୂରକୁ ଗୁଲି ଯାଉଚି ।

ଏଭଳି ହୀନ ଦୁର୍ଦ୍ଦଶା ଘୋଟିଲା କାହିଁକି ? ଏ ଦୁର୍ଦ୍ଦଶାର ଅବସାନ ହେବ କିପରି ? ସମସ୍ତେ ଏଇ ପ୍ରଶ୍ନ ଦୁଇଟିର ବିଗୁର କରିବା ଉଚିତ । ମୁହୂର୍ତ୍ତକ ପାଇଁ ଆମର ସବୁ ପ୍ରକାର ସଫଳ ଆନ୍ଦୋଳନକୁ ବନ୍ଦ କରିଦେଇ ଆତ୍ମ ଚିନ୍ତା କରିବା ଉଚିତ । ମୁଁ ନିରାଶାବାଦୀ ନୁହେଁ । କେବଳ ସମସ୍ୟା ସୃଷ୍ଟି କରିବାର ନୀଚତମ ବ୍ୟସ୍ତତା ମୋ ମଧ୍ୟରେ ନାହିଁ । ଆଜିର ସଂକଟରୁ ଉଦ୍ଧାର ପାଇବା ପାଇଁ କୌଣସି ପ୍ରକାର ପାଚନ ମୋ ପାଖରେ ନ ଥିବାରୁ ତୁଣ୍ଡ ଖୋଲିବାକୁ ବାଧ ହେଲି । ନିୟମ କଡ଼ଆରେ ବାନ୍ଧିରଖି, ଅନୁଶାସନର ପାଚନ ପିଆଇ ବହୁ ଯୁଗରୁ ମଣିଷକୁ ସଭ୍ୟ କରିବା ପାଇଁ ଆୟୋଜନ ଗୁଲିଲାଣି । କିନ୍ତୁ ଏ ପର୍ଯ୍ୟନ୍ତ ହୋଇଚି କଣ ? ମଣିଷ ଯେତେ ପାଖକୁ ପାଖ ଲଗାଲଗି ହୋଇ ବସିବାର ଛଳନା କରୁଚି, ସେତିକି ମନ ମଧ୍ୟରେ ଯୋଜନ ଯୋଜନ ଦୂରକୁ ଗୁଲି ଯାଉଚି । ସେତିକି ପ୍ରତିଦ୍ୱନ୍ଦ୍ୱିତା ଦେଖା ଯାଉଚି । ସବୁ ସ୍ନେହ, ସବୁ ଭକ୍ତି ଓ ସବୁ ପ୍ରେମର ପସରା ମୁହୂର୍ତ୍ତକ ମଧ୍ୟରେ ଉଜୁଡ଼ି ଯାଉଚି । ଅନୁଶାସନକୁ ଆଧାର ରୂପେ ଗ୍ରହଣ କରାଯାଇ ପାରେ । କିନ୍ତୁ ଅନୁଶାସନକୁ ଆଶ୍ରୟ ରୂପେ ଗ୍ରହଣ କରି ବଞ୍ଚିବା ଭଳି ହୀନତା ବୋଧହୁଏ ଦ୍ୱିତୀୟ ନାହିଁ । ଷଡ଼ରିପୁକୁ ଦମନ କରିବା ପାଇ ଆମେ ଅନୁଶାସନ ଗ୍ରହଣ କରୁ । ଇତିହାସରେ କିନ୍ତୁ ଅନୁଶାସନର ଲୋଭ ମଣିଷ ଜୀବନ ମଧ୍ୟରେ ସପ୍ତମରିପୁ ରୂପେ ଦେଖା ଦେବା ବିଚିତ୍ର ନୁହେଁ । ଗତ ଦଶବର୍ଷ ମଧ୍ୟରେ ଆମେ ଗାନ୍ଧି ଭଳି

ମହାପୁରୁଷଙ୍କୁ ଜୀର୍ଣ୍ଣ କରିଦେଲୁ । ଗାନ୍ଧିବାଦର ପଇତା ପକାଇ ପୂଜକ ହୋଇ ବସିଲୁ । ଅହିଂସା ଓ ସତ୍ୟର ତୁଳସୀ ସ୍ତବକ ଦ୍ୱାରା ସବୁ ପ୍ରକାର ପାପକୁ ପବିତ୍ର ମଣିଲୁ । ଖ୍ରୀଷ୍ଟିୟାନ ସମାଜ ଓ ବୌଦ୍ଧ ସଂଘର ହୀନତା ହିଁ ଆମକୁ ଗ୍ରାସ କରି ବସିଲା ? ଜୀବନକୁ କଳାତ୍ମକ କରିବା ପାଇଁ ଆମେ ସ୍ଥାନେ ସ୍ଥାନେ ଆଶ୍ରମ ଗଢ଼ିଲୁ । ପ୍ରାଚୀନ ଋଷି ଜୀବନର ପ୍ରୟୋଗକୁ ଆପଣା ଜୀବନର ଧ୍ୟେୟ ବୋଲି ଗ୍ରହଣ କରିବାକୁ ଶପଥ ନେଲୁ । ଶେଷରେ ଆମ ଆଶ୍ରମ ଗୁଡ଼ିକ ହେଲା ଆଶ୍ରୟ ସ୍ଥଳୀ । ପାଞ୍ଚ ଜଣଙ୍କ ମଙ୍ଗଳ କାମନା କରିବା ସଙ୍ଗେ ସଙ୍ଗେ ଆଉ ପାଞ୍ଚ ଜଣଙ୍କ ଅନିଷ୍ଟ ମଧ୍ୟ ବାଞ୍ଛା କରିବାକୁ କୁଣ୍ଠିତ ହେଲୁ-ନାହିଁ । ଆମର ନୀତି ଧନ-ଜୀରସତା ମଧ୍ୟରେ ଆଜି ସବୁପ୍ରକାର ଆନନ୍ଦର ସୌଧ ଭୁସୁଡ଼ି ପଡ଼ିଛି । ମଣିଷ ଆପଣା ଚରିତ୍ର ମଧ୍ୟରେ ଯଥେଷ୍ଟ ଅରଣା ହୋଇଛି । ନିୟମ ହିଁ ସତ୍ୟ । ଏଣୁ ସତ୍ୟର ଅଭାବ ଅତି ସହଜରେ ଅନୁଭବ କରି ଯାଇପାରେ । ସେଥିପାଇଁ ହୁଏତ ଆମେ ନିୟମର କଡ଼ିଆକୁ ଦିନକୁ ଦିନ ଟାଣ କରି ସଫଳ ସାମାଜିକ ଜୀବ ବୋଲାଉଛୁ, ସେଥିରେ ଆନନ୍ଦ ନାହିଁ । ଆନନ୍ଦର ପ୍ରକାଶ ସୌନ୍ଦର୍ଯ୍ୟବୋଧ ମଧ୍ୟରେ । ସେଥିପାଇଁ ଆନନ୍ଦ ବା ସୌନ୍ଦର୍ଯ୍ୟବୋଧର ଅଭାବଟା ସତ୍ୟର ଅଭାବ ଭଳି ଅତି ସହଜରେ ଅନୁଭବ କରି ହୁଏନାହିଁ । ସୂର୍ଯ୍ୟୋଦୟ କିମ୍ବା ସୂର୍ଯ୍ୟାସ୍ତର ବର୍ଣ୍ଣାଢ୍ୟ ସୁଷମାକୁ ଉପଭୋଗ ନ କଲେ ପୃଥିବୀର ଦୂର୍ଦ୍ଦିନ ଅଟକି ଯାଏ ନାହିଁ । ସେଥିପାଇଁ ଆନନ୍ଦର ପ୍ରାଙ୍ଗଣରେ ଉପସ୍ଥିତ ହୋଇ ମଧ୍ୟ ଆମେ ସମସ୍ତେ କିମିତି ଉଦାସୀନ ହୋଇ ରହିଛୁ । ଶାନ୍ତି ନିକେତନ ଆଶ୍ରମରେ ଆଚାର୍ଯ୍ୟଙ୍କ କଣ୍ଠରୁ ଶୁଣିଥିଲି ଉପନିଷଦର ପବିତ୍ର ବାଣୀ— "ନମଃ ସମ୍ଭବାୟଚ ମୟୋଭବାୟଚ !" ମୁଁ ସୁଖକରକୁ ପ୍ରଣାମ କରୁଛି, କଲ୍ୟାଣକରକୁ ପ୍ରଣାମ କରୁଛି । ସେ ଆଚାର୍ଯ୍ୟ

ଥିଲେ ମହା ପଣ୍ଡିତ କ୍ଷିତିମୋହନ ସେନ୍ ! ଆଜି କିନ୍ତୁ ଆମେ ଜୀବନର ପ୍ରୟୋଗ ଶାଳାରେ ସୁଖକରକୁ ଖୋଜି ବୁଲୁଚୁ, ସୁଖ-କରକୁ ପ୍ରଣାମ କରୁଚୁ । କଲ୍ୟାଣକରକୁ ପ୍ରଣାମ ଜଣାଇଲା ଭଳି ଦ୍ୟୋତନା ଆମ ମଧ୍ୟରେ ନାହିଁ । ତେଣୁ ବ୍ୟକ୍ତିଗତ ସୁଖପାଇଁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟର ଅକଲ୍ୟାଣ କରିବାକୁ ଆଦୌ କୁଣ୍ଠିତ ହେଉନାହିଁ ।

କଳାବୋଧ ଶିଳ୍ପୀର ନନ୍ଦନ କାନନରେ ପାରିଜାତ ଭଳି ଫୁଟି ନାହିଁ ଯେ, ସେ ସମାଜର ପ୍ରତ୍ୟେକ ବ୍ୟକ୍ତିକୁ ବିତରଣ କରି ପାରିବ ? କିମ୍ବା ସବୁ ଅସୁନ୍ଦରକୁ ସୁନ୍ଦର କରିବାର ଗୌରବ ଅର୍ଜନ କରି ପାରିବ ? ସମସ୍ତେ ଆପଣା ଆପଣା ପରିସର ମଧ୍ୟରେ କଲ୍ୟାଣ-କରକୁ ପ୍ରଣାମ କରିବା ପାଇଁ ଅବସର ସୃଷ୍ଟି କଲେ ଜୀବନ କଳାବନ୍ତ ହୋଇ ପାରନ୍ତା । ଆମେ କେବଳ ଇତର ଜୀବମାନଙ୍କ ଭଳି ଜୀଇ ରହିବା ପାଇଁ ଜନ୍ମ ହୋଇନାହୁଁ । ଆମ ମଧ୍ୟରେ ଜୀବନେଚ୍ଛା (**Horme**) ଅନ୍ଧ ଭଳି କାର୍ଯ କରୁନାହିଁ । ବରଂ ଅନ୍ଧ ଜୀବନେଚ୍ଛା କ୍ରମଶଃ ସଜ୍ଞାନ କର୍ମ ପ୍ରେରଣାରେ ( **Conation** ) ପରିଣତ ହେଉଚି । ଆମ ମଧ୍ୟରେ ଇତର ଜୀବର ସତ୍ତା ସହିତ ଆଉ ଏକ ଅପୂର୍ବ ସତ୍ତା ରହିଚି । ସେ ସତ୍ତା ଜୀବନର ପ୍ରତି ମୁହୂର୍ତ୍ତରେ କୌଣସି ଏକ ମହତ୍ତ୍ୱ କର୍ମର ସାଧନ ପାଇଁ ପ୍ରତୀକ୍ଷା କରୁଚି । ଏଇତକ ପାଶୋରି ପକାଇଲେ ଆମେ ସମଗ୍ର କଳାର ସାଧନାକୁ ପାଶୋରି ପକାଇବା । ଆମ ସମାଜ, ଆମ ରାଜନୀତି ଓ ଆମ ଧର୍ମକୁ ଅବହେଳା କରିବା । ଅର୍ଥ ଓ ଅନର୍ଥ ହିଁ ଜୀବନର ସାର କଥା ହୋଇ ରହିବ ।

ଅନଗୋଳ
୧୯୪୮

# କଳା ଓ ସୌନ୍ଦର୍ଯ୍ୟବୋଧ

ଯାହା ସୁନ୍ଦର, ତାହା କଳାବନ୍ତ । ସେଥିପାଇଁ କଳାକାର ହାତର ସାମଗ୍ରୀଟିଏ ଦେଖିଲେ ଆମେ ତାହାକୁ 'ସୁନ୍ଦର' କହି ଅଭିନନ୍ଦନ ଜଣାଉ । ତେବେ କଣ ସୁନ୍ଦର, କିଏ ସୁନ୍ଦର ଓ କାହିଁକି ସୁନ୍ଦର ? ଏ ପ୍ରଶ୍ନ ବହୁ ପଣ୍ଡିତ, କବି, ଦାର୍ଶନିକ ଓ ଶିଳ୍ପକାରଙ୍କୁ ବ୍ୟଥିତ କରିଛି । ଯେଉଁମାନେ ଥରକ ପାଇଁ ରୂପ ନଦୀର ବିମଳ ଜଳରେ ସ୍ନାନ କରିଛନ୍ତି, ସେମାନେ ସମସ୍ତେ ଆପଣା ଆପଣା ଶକ୍ତି ଅନୁସାରେ ସୁନ୍ଦରର ଉତ୍ସ ଖୋଜି ବାହାରିଛନ୍ତି । ସେଇମାନଙ୍କର ଅନୁସନ୍ଧିତ୍ସା, ବିଚାର, ଅନୁଭୂତି ଓ ସୃଷ୍ଟି ହିଁ ଆମର ପାଥେୟ ।

ଆମେ ସାଧାରଣ ମଣିଷ । ଆମ ଶରୀରର ଭିତ୍ତି ଏତେ ଶିଥିଳ ଯେ, ଆମେ ଅତି ଅଳ୍ପରେ ସନ୍ତୁଷ୍ଟ ହୋଇଯାଉ । ସୁନ୍ଦରର ସଂଜ୍ଞା ନିର୍ଣ୍ଣୟ କରିବାକୁ ଯାଇଁ କେବଳ ସତ୍ୟ, ଶିବ ଓ ସୁନ୍ଦର କହି ଚୁପ୍ ହୋଇ ବସୁ । ସତ୍ୟ ଓ ଶିବର ସାଧନା କେତେକାଂଶରେ ସହଜ ହୋଇଥିବାରୁ, ତାହା ସହିତ ସୁନ୍ଦରକୁ ଯୋଡ଼ିଦେଇ ନିଜର

କର୍ତ୍ତବ୍ୟ ସମ୍ପାଦନ କରୁ । ଅବଶ୍ୟ ସତ୍ୟ, ଶିବ ଓ ସୁନ୍ଦରର କେନ୍ଦ୍ର ବିନ୍ଦୁ ଗୋଟିଏ । ତାହା ହେଉଛି—ଶକ୍ତି । ଶକ୍ତିହୀନ ସତ୍ୟ କେବଳ ସ୍ୱପ୍ନ ବ୍ୟତୀତ ଅନ୍ୟ କିଛି ନୁହେଁ । ଶିବ ଓ ସୁନ୍ଦର ଶକ୍ତିଶାଳୀ ନ ହେଲେ ତାହା ଅପଚରା ଓ ପାପକାମୀରେ ପରିଣତ ହୁଏ । ଏଭଳି ବିଚିତ୍ର ଦୃଷ୍ଟାନ୍ତ ଏକାନ୍ତ ଦୁର୍ଲଭ ନୁହେଁ । ସତ୍ୟ, ଶିବ ଓ ସୁନ୍ଦରର କେନ୍ଦ୍ରବିନ୍ଦୁ ଏକ ହେଲେ ମଧ୍ୟ ତେଥି ଭିନ୍ନ ଭିନ୍ନ । ସେଥିପାଇଁ ପରିବେଶ ମଧ୍ୟ ଭିନ୍ନ ଭିନ୍ନ । ସତ୍ୟର ମାର୍ଗ ହେଉଛି ବିଜ୍ଞାନର ମାର୍ଗ । ସେଠାରେ ବୁଦ୍ଧିର ତୀକ୍ଷ୍ଣତା ପ୍ରକାଶ ପାଇଥାଏ । ଫୁଲଟିର ଅକୁଣ୍ଠ ସୁଷମା ଓ ଗନ୍ଧ ଅପେକ୍ଷା ବିଚାର ଓ ବିଶ୍ଳେଷଣ ବିଜ୍ଞାନୀକୁ ଅଧିକ ଆକୃଷ୍ଟ କରେ । ଠିକ୍ ସେଇଭଳି ଶିବ ବା ମଙ୍ଗଳମୟ ପଥରେ ପରମାର୍ଥିକମାନେ ପଥିକ ହୋଇ ଥାଆନ୍ତି । ବୁଦ୍ଧ, ଖ୍ରୀଷ୍ଟ, ଗାନ୍ଧି ଓ ମହମ୍ମଦଙ୍କ ଭଳି ପୁରୁଷମାନେ ସେମାନଙ୍କର ପଥ ପ୍ରଦର୍ଶକ । ଶିଳ୍ପୀ ହିଁ ସୁନ୍ଦରର ପୂଜାରୀ । ରସିକ ହୃଦୟର ଅନୁଭୂତି ଦ୍ୱାରା ସେ ସୁନ୍ଦରର ଅର୍ଚ୍ଚନା କରେ । ଯାହା ନିରୁତା ମଙ୍ଗଳକର ଓ ସତ୍ୟ, ତାହା କେବେହେଲେ ନିରୁତା ସୁନ୍ଦର ନୁହେଁ ।

ଶକ୍ତିକୁ ସୌନ୍ଦର୍ଯ୍ୟବୋଧର ଆଧାର ରୂପେ ଗ୍ରହଣକରି ଏ ଯୁଗର ଶିଳ୍ପୀ ପ୍ୟାବ୍ଲୋ ପିକାସୋ ଚତୁଃଷ୍କୋଣବାଦର ପ୍ରତିଷ୍ଠା କରିଚନ୍ତି । ତାହାଙ୍କ ମତରେ, "ଶକ୍ତି ହିଁ ସୌନ୍ଦର୍ଯ୍ୟବୋଧ ଓ ସରଳରେଖା ବକ୍ରରେଖାଠାରୁ ଅଧିକ ଶକ୍ତିଶାଳୀ ।" ପିକାସୋଙ୍କର ବିଚାର ଓ ଦୃଷ୍ଟିକୋଣ ସହିତ ହୁଏତ ଅନେକ ଏକମତ ହୋଇ ନ ପାରନ୍ତି । କେବଳ ସରଳରେଖାଦ୍ୱାରା ସୁନ୍ଦରର ଅର୍ଚ୍ଚନା କରିବାପାଇଁ କେହି କେହି ଦ୍ୱିଧା ବୋଧ କରିପାରନ୍ତି କିନ୍ତୁ ବିଶ୍ୱ

ପ୍ରକୃତରେ ଯାହା ସୁନ୍ଦର, ମାନବୀୟ ସୌନ୍ଦର୍ଯବୋଧ ଯେ ତାହାଠାରୁ ଅଧିକ ମୂଲ୍ୟବାନ୍ ଏଥିରେ ସନ୍ଦେହର ପ୍ରଶ୍ନ ନାହିଁ । ବିଶ୍ୱ ପ୍ରକୃତରେ ଆମେ ଯାହାକୁ ସୁନ୍ଦର ବୋଲି କହୁଚୁ, ତାହାର କୌଣସି ଗୋଟିଏ ବିଶିଷ୍ଟ ଭଙ୍ଗୀ ବା ଅଂଶ ଆମର ମନୋଦର୍ପଣରେ ପ୍ରତିଫଳିତ ହେଉଚି ମାତ୍ର । ସେଠାରେ ଆମର ହୃଦୟ ଲଖିରହୁଚି । ତଦ୍ ରମ୍ୟଂ ଯତ୍ର ନଗ୍ନହୃଦୟସ୍ୟ ହୃତ୍ । ଯାହା ମନୋଦର୍ପଣରେ ପ୍ରତିଫଳିତ ନ ହେଉଚି, ତାହା ଅସ୍ପଷ୍ଟ ରହିଯାଉଚି । ଏଇ ଅସ୍ପଷ୍ଟତା ହିଁ ଦୁଃଖ ! ଆମର ମନ ତାହାକୁ ଉପେକ୍ଷା କରୁଚି । ପ୍ରକୃତିରୁ ଏଇଭଳି ସହସ୍ର ସହସ୍ର ସୌନ୍ଦର୍ଯ-ଖଣ୍ଡିତାକୁ ଆପଣା ମନ ମଧ୍ୟରେ ପ୍ରତିଫଳିତ କରାଇ ଏ ଦେଶର ଶିଳ୍ପୀ ସୁନ୍ଦରର ସିଂହାସନ ସଜାଡିଚି । ସିଂହ କଟୀ, ବୃଷ ସ୍କନ୍ଧ, ଚମ୍ପକ ଅଙ୍ଗୁଳି, କରପଲ୍ଲବ, ପାଦପଦ୍ମ, କମ୍ବୁକଣ୍ଠ, ଏଣୀନୟନ ଓ ମୁଖଚନ୍ଦ୍ର ପ୍ରଭୃତି ତାହାର ଆଦର୍ଶ ହୋଇରହିଚି । ସଞ୍ଚୀୟ ମହୁମାଛି ଭଳି ଶିଳ୍ପୀ ବିଶ୍ୱପ୍ରକୃତିର ରେଣୁ ରେଣୁ ରସ ସଂଗ୍ରହ କରି ଗୋଟିଏ ସୁନ୍ଦରର ମଧୁଚକ୍ର ପ୍ରସ୍ତୁତ କରୁଚି । ସେଥିପାଇଁ ବିଶ୍ୱକର୍ମା ମହାପୁରାଣରେ ଅଛି—

"ବସ୍ତୁର ସ୍ୱରୂପ ମନ ପ୍ରେରଣା କରନ୍ତା
ଏହି ମନ ଅଟଇ ଯେ ସର୍ବ ସିଦ୍ଧିଦାତା ।"

(ପୃଷ୍ଠା-୨୧)

ଶିଳ୍ପୀର ସୃଷ୍ଟି ସୌନ୍ଦର୍ଯର ମଧୁଚକ୍ର ହୋଇଥିବାରୁ ତାହାର ବିନାଶ ନାହିଁ । ଦରବିଲ୍ଲ ସଂଗୀତର ମୂର୍ଚ୍ଛନା ଭଳି ଗୋଟିଏ ସାର୍ଥକ ସୃଷ୍ଟିର କ୍ଷୁଦ୍ର ଏକ ଭଗ୍ନାଂଶ ମଧ୍ୟ ହୃଦୟରେ ଆଲୋଡ଼ନ

ସୃଷ୍ଟି କରେ । ସେଥିପାଇଁ ବହୁ ପୁରାଣ ଓ କାବ୍ୟ କବିତାର ଖଣ୍ଡିତ ଅଂଶ ଏବେ ବି ପ୍ରୀତ ତୁଣ୍ଡରେ ଉଡ଼ି ବୁଲୁଛି । ବହୁ ପ୍ରାକୃତିକ ବିପର୍ଯ୍ୟୟ ପରେ ବି କୋଣାର୍କର ଭଗ୍ନ ସୂର୍ଯ୍ୟ ମୂର୍ତ୍ତି, ଇଟାଲିର ବିକଳାଙ୍ଗ ଭେନସ୍ ମୂର୍ତ୍ତି ସୁନ୍ଦର ! ଅଥଚ ମଲାମଣିଷର ହାତ ଖଣ୍ଡେ କିମ୍ବା କଟା ହୋଇ ପଡ଼ିଥିବା ଗଛର ଡାଳଟାଏ ମନକୁ ଆକର୍ଷଣ କରିପାରୁନାହିଁ । ଏ ଦେଶର ଶିଳ୍ପୀ ଦିନେ ବହୁବିଧ ପଶୁ ଓ ପକ୍ଷୀର ସୁନ୍ଦର ସୁନ୍ଦର ଅଂଶକୁ ଏକାଠିକରି ନବଗୁଞ୍ଜର ଚିତ୍ରପଟ ନିର୍ମାଣ କରିଥିଲା । ଏବେ ବି ଆମେ ସେଇ ଚିତ୍ରପଟର ଭଗ୍ନାଂଶଟିଏ ଦେଖିଲେ ରସ ଗ୍ରହଣକରି କୃତ୍ୟ କୃତ୍ୟ ହେଉଛୁ । କିନ୍ତୁ ଗୋଟିଏ ପାଟିରେ ସେଇ ପଶୁପକ୍ଷୀମାନଙ୍କର ନିର୍ଦ୍ଦିଷ୍ଟ ଅଂଶଗୁଡ଼ିକ ସଜାଇ ରଖି ରସ ଗ୍ରହଣ କରିପାରୁନାହୁଁ । ଶିଳ୍ପୀ ହାତର ସୁନ୍ଦର ସାମଗ୍ରୀ ବାସ୍ତବିକ ପ୍ରକୃତିର ସୁନ୍ଦର ସାମଗ୍ରୀଠାରୁ ଅଧିକ ବିଭବଶାଳୀ ଓ ଚିରନ୍ତନ ।

ପ୍ରତ୍ୟେକ ବସ୍ତୁ ନିଜର ଗଢ଼ଣ, ପରିପାଟୀ ଓ ସୌନ୍ଦର୍ଯ୍ୟବୋଧ ବଳରେ ସୁନ୍ଦର । ସୁନ୍ଦରର ପ୍ରଲେପ ସେଥିରେ ଦିଆହୋଇ ନ ଥାଏ କିମ୍ବା ବଜାରରେ ସୌନ୍ଦର୍ଯ୍ୟବୋଧର ପୁଟି କିଣିବାକୁ ମିଳେ ନାହିଁ । ବସ୍ତୁର ଲାବଣ୍ୟକୁ ଅନୁଭବ କରିବାଦ୍ୱାରା ଆମେ ସୌନ୍ଦର୍ଯ୍ୟବୋଧକୁ ଅନୁଭବ କରୁ । ସେଥିପାଇଁ ଚୀନା ଭାଷାରେ ଛବିକୁ ସେଙ୍ଗ ବା ଭାବସଂଚରଣ କୁହାଯାଏ । ମନ ସହିତ ଅନୁଭବ କରିବା ଶକ୍ତିର ସଂପର୍କ ଏକାନ୍ତ ଆତ୍ମିକ । ସେଥିପାଇଁ ମନ ହିଁ ସୁନ୍ଦର ଓ ଅସୁନ୍ଦରର ଏକମାତ୍ର ବିଚାରକ । ସୌନ୍ଦର୍ଯ୍ୟବୋଧ ସଂପର୍କରେ ବିଚାର କରିବାକୁ ଯାଇଁ ମନସ୍ତାତ୍ତ୍ୱିକ ପଣ୍ଡିତମାନେ ମଣିଷ ମନକୁ ମୋଟାମୋଟି ଦୁଇଭାଗରେ ବିଭକ୍ତ

କରିଚନ୍ତି । ପ୍ରଥମଟି କାର୍ଯ୍ୟକାରୀ ମନ ଓ ଦ୍ୱିତୀୟଟି ରସାଗ୍ରାହୀ ମନ । ଏଇ କାର୍ଯ୍ୟକାରୀ ମନର ସୀମା ଅତିକ୍ରମ କଲେ ରସଗ୍ରାହୀ ମନ ମଧ୍ୟରେ ପ୍ରବେଶ କରାଯାଏ । ସେଥିପାଇଁ ନଗ୍ନ ବାସ୍ତବକୁ ସୁନ୍ଦର କହିବାପାଇଁ ସାଧାରଣ ମଣିଷ ବହୁ ସମୟରେ କୁଣ୍ଠିତ । ସେଠାରେ ତାର କାର୍ଯ୍ୟକାରୀ ମନର ପ୍ରାଧାନ୍ୟ ଅଧିକ । ଉତ୍କଳରେ ମାୟାଧର ମାନସିଂହଙ୍କର "ଆମ୍ବପର" କବିତାଟି ଉଭୟ ପ୍ରକାର ମନର ଗୋଟିଏ ଚମତ୍କାର ବିଶ୍ଳେଷଣ । କଳାହାଣ୍ଡିଆ ମେଘ ସହିତ ଝଡ଼ବର୍ଷା ମାଡ଼ିଆସିଲେ, ସେଥିରେ ନିଜକୁ ମିଶାଇଦେଇ କେହି ଆନନ୍ଦ ଅନୁଭବ କରେନାହିଁ, କିମ୍ବା କରିବାକୁ ସାହସ ମଧ୍ୟ କରେନାହିଁ । ଏହା ବାସ୍ତବ ଓ ସତ୍ୟ ! କିନ୍ତୁ ପ୍ରବଳ ବର୍ଷାର ସାହିତ୍ୟ, ଚିତ୍ର କିମ୍ବା ଅଭିନୟକୁ ଦେଖି ସମସ୍ତେ ଅକୁଣ୍ଠିତ ଚିତ୍ତରେ ଉପଭୋଗ କରିଥାନ୍ତି । ଝଡ଼ ଓ ବର୍ଷା ଯେତେବେଳେ କାର୍ଯ୍ୟକାରୀ ମନର ସ୍ତର ଅତିକ୍ରମ କରୁଚି ଓ କଳା ମାଧ୍ୟମରେ ପରିବେଷିତ ହେଉଚି, ସେତେବେଳେ ଆମର ରସଗ୍ରାହୀ ମନ ତାହାକୁ ଅତି ଆଦରରେ ଗ୍ରହଣ କରୁଚି । ବର୍ଷାର ସହସ୍ର କରୁଣାତ୍ମକ ପରିଣତି ସତ୍ତ୍ୱେ ଆମେ 'ବର୍ଷା ମଙ୍ଗଳ'କୁ ଏକ ଉଲ୍ଲେଖଯୋଗ୍ୟ ଋତୁଉତ୍ସବ ରୂପେ ପାଳନ କରୁଚୁ ।

ନିଜର ସୌନ୍ଦର୍ଯ୍ୟବୋଧର ବିଚାର କଲାବେଳେ ଆମେ ଭାବ ଅପେକ୍ଷା ରସକୁ ଅଧିକ ଗୌରବ ଦେଇଥାଉଁ । ପାବ୍ଲୋଙ୍କ ଭଳି ଆମେ ମଧ୍ୟ କହିଥାଉ, "ମମାତ୍ର ଭାବିକ ରସ ମନଃ ସ୍ଥିତମ୍ ।" ମୋର ମନ ଏକମାତ୍ର ଭାବର ରସ ମଧ୍ୟରେ ଅବସ୍ଥାନ କରୁଚି । ଭାବ ପ୍ରକାଶ କରିବାକୁ ଯାଇଁ ଯେଉଁଠି ରସହାନୀ ଘଟିଚି, ଯେଉଁଠି ଶିଳ୍ପୀ ଅକୃତକାର୍ଯ୍ୟ ହୋଇଚି, ତାହା ହିଁ ଅସୁନ୍ଦର । ଯେ କୌଣସି

ସାହିତ୍ୟର ଇତିହାସରୁ ଦେଖାଯାଏ କେବଳ ତତ୍ତ୍ୱ, ସତ୍ୟ, ନୀତିକଥା କେବେହେଲେ ରସଘନ କବିତା ରୂପେ ଗୃହୀତ ହୋଇ ନାହିଁ । ଖନାବଚନ, ଚାଣକ୍ୟ ଶ୍ଳୋକ ଓ ନୀତି ମଞ୍ଜରୀ ପ୍ରଭୃତି ଆପ୍ତବାକ୍ୟ ରୂପେ ବ୍ୟବହୃତ ହେଉଛି ସତ, କିନ୍ତୁ କେତେଜଣ ଲୋକ ତାହାକୁ ଜୀବନର ସୁଖ ଦୁଃଖ ସହିତ ମିଳାଇ ରସାସ୍ୱାଦନ କରନ୍ତି ?

"ଆଗେ ବୁଣ୍ ପଛେ ବୁଣ୍
ଗର୍ଭିଣୀକୁ ଠୁଣ୍ ଠୁଣ୍ ।"

କିମ୍ବା

"ଅରଣା ମଇଁଷି ରହିଚ ଅନାଇ
ମଇଁଷିର ପାଶ ନ ଯାଅ ଦନାଇ ।"

କିମ୍ବା

"କଟକ ନଗର, ଧବଳ ଠେଗର..."

ପ୍ରଭୃତି ପଦ୍ୟାଂଶରେ କେବଳ ଉତ୍କଟ ସତ୍ୟ ଅଛି, ପଦ ଅଛି ଓ ପାଦ ମିଳିଛି ବୋଲି ତାହାକୁ କ'ଣ ସୁନ୍ଦର କବିତା ପଂକ୍ତି କୁହାଯିବ ? ଯିଏ ସୌନ୍ଦର୍ଯ୍ୟ ଉପଲବ୍ଧି ଓ ରସାସ୍ୱାଦନ କରିବ ବା କରାଇବ, ପ୍ରଥମରୁ ତାହାକୁ ନିଜର ମନକୁ ସାଧାରଣ କାମନା ଓ ବାସନାରୁ ଊର୍ଦ୍ଧ୍ୱକୁ ଉଠାଇବାକୁ ପଡ଼ିବ । ସିଏ ହୃଦୟକୁ ସହାନୁଭୂତିସମ୍ପନ୍ନ କରିବ ଓ ବିସ୍ତୃତ କରିବ ।

ଯେଉଁମାନେ ନିଜର ମନକୁ ସାଧାରଣ କାମନା ଓ ବାସନାର ଉପରକୁ ଉଠାଇଚନ୍ତି, ସେମାନେ ପ୍ରକୃତିର ନଗ୍ନ ଓ କଦର୍ଯ୍ୟତା ମଧ୍ୟରୁ ରସାସ୍ୱାଦନ କରିଚନ୍ତି । ସମସ୍ତ ପ୍ରକାରର ଦ୍ୱନ୍ଦ୍ୱ

ଓ ବିବେଚନ ମଧ୍ୟରେ ସୁନ୍ଦରର ସ୍ପର୍ଶ ପାଇଥାନ୍ତି । ସେମାନଙ୍କ ଆଖିରେ ପ୍ରକୃତିର ଭୀମକାନ୍ତ ଶ୍ରୀ ଆଦୌ ଭୟପ୍ରଦ ନୁହେଁ । ଗଗନଚୁମ୍ବୀ ପର୍ବତ, ବିକ୍ଷୁବ୍ଧ ସମୁଦ୍ର, ଲେଲିହାନ ବନାଗ୍ନି ଓ ଅମାବାସ୍ୟାର ଗଭୀର ରାତି ନିକଟରେ ସେମାନେ ଅଭିଭୂତ ହୋଇଥାନ୍ତି । ଏଭଳି ରୂପବିନ୍ୟାସକୁ ଇଂରାଜୀରେ Sublime କୁହାଯାଏ । ଅଥର୍ବ ବେଦରେ ଏହି ଅର୍ଥରେ 'ବିରାଟ' ଶବ୍ଦ ପ୍ରୟୋଗ ହୋଇଛି । କଳାତୀର୍ଥମାନଙ୍କରେ ଏହି ବିରାଟତ୍ୱକୁ ଅତି ଉଚ୍ଚ ସ୍ଥାନ ଦିଆଯାଇଛି । ଶିଳ୍ପ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି, ଯେଉଁ ଶିଳ୍ପୀ ଶଙ୍ଖଚକ୍ର, ଆହତ, ବୃଦ୍ଧ, ସମୀରଣ ସଂଚରଣ, ଜଳତରଙ୍ଗ, ପ୍ରଜ୍ୱଳିତ ଶିଖା, ଗଗନାବେହୀ ଧୂମ ଓ ଶୂନ୍ୟେ ବିସ୍ତାରିତ ପତାକାର ଗତିଭଙ୍ଗୀ ପ୍ରଭୃତି ଅଙ୍କନ ସମ୍ପର୍କରେ ଅସାଧାରଣ ଦକ୍ଷତା ଦେଖାଇପାରୁଥିଲେ, ତାହାଙ୍କୁ ଚିତ୍ରବିତ୍ର ସମ୍ମାନ ଦିଆ ଯାଉଥିଲା । ସେ ଚିତ୍ରକର୍ମ ଆରମ୍ଭ କରିବା ପୂର୍ବରୁ ଅଥର୍ବବେଦ ଓ ୩୨ଟି ଶିଳ୍ପ ଶାସ୍ତ୍ରକୁ ଆପଣା ଆୟତ୍ତରେ ରଖୁଥିଲେ । ମହାଶିଳ୍ପୀ ଓ ମହାକବିମାନେ ଚିରକାଳ ଭୀମକାନ୍ତ ଶ୍ରୀର ଗତିଶୀଳ ଛନ୍ଦ ପ୍ରତି ଆକୃଷ୍ଟ ହୋଇଥାନ୍ତି । ବିଶ୍ୱକବି ରବୀନ୍ଦ୍ରନାଥ ମୃତ୍ୟୁର ବିରାଟତାକୁ ଅତି ସହଜ କଣ୍ଠରେ ସମ୍ବୋଧନ କରିଥାନ୍ତି — "ମରନରେ ତୁହୁ ମମ ଶ୍ୟାମ ସମାନ·····" । ଶିଳ୍ପାଚାର୍ଯ୍ୟ ନନ୍ଦଲାଲ ବସୁଙ୍କର ଯୋଗମୂର୍ତ୍ତି ଗିରୀଶ ଓ ଦାବାଗ୍ନି ଚିତ୍ର ଦୁଇଟି ବିରାଟ ସୌନ୍ଦର୍ଯ୍ୟବୋଧର ଆଂଶିକ ପ୍ରକାଶ ମାତ୍ର । ଦାବାଗ୍ନିର ଅତି ଗତିବାନ ବର୍ଣ୍ଣନା କେବଳ କାଳିଦାସଙ୍କ ଭଳି କବି ହିଁ ପ୍ରକାଶ କରିପାରିଥାନ୍ତି —

"ଜ୍ୱଳିତ ପବନ ବୃଦ୍ଧଃ ପର୍ବତାନାଂ ଦରୀଷୁ ।
ସ୍ଫୁଟିତ ପଟୁ ନିନାଦୈଃ ଶୁଷ୍କ ବଂଶସ୍ଥଲୀଷୁ ॥

ପ୍ରସରତି ତୃଣ ମଧ୍ୟଂ ଲବ୍ଧ ବୃଦ୍ଧିଃ କ୍ଷଣେନ ।
ଗ୍ଲପୟତି ମୃଗବର୍ଗଂ ପ୍ରାନ୍ତଲଗ୍ନୋ ଦାବାଗ୍ନିଃ ॥
ବହୁତର ଇବଜାତଃ ଶାଲ୍ମଲୀନାଂ ବନେଷୁ ।
ସ୍ଫୁରତି କନକ ଗୌରଃ କୋଟରେଷୁ ଦ୍ରୁମାଣାମ୍ ॥
ପରିଣତ ଦଳଶାଖାନୁତ୍ ପତତ୍ପ୍ରାଂଶୁବୃକ୍ଷାନ୍ ।
ଭ୍ରମତି ପବନ ଧୂତଃ ସର୍ବତୋଽଗ୍ନି ର୍ବନାନ୍ତେ ॥

[ ଋତୁସଂହାର ]

ମନ ସହିତ ସୌନ୍ଦର୍ଯ୍ୟବୋଧର ସଂପର୍କ ନିବଡ଼ ହୋଇଥିବାରୁ, ମନଭଳି ସୌନ୍ଦର୍ଯ୍ୟବୋଧକୁ ମଧ୍ୟ ଦୁଇ ଭାଗରେ ଭାଗ କରାଯାଇ-ପାରେ । ସୌନ୍ଦର୍ଯ୍ୟବୋଧ ଜୀବନ ନଦୀର ଦୁଇଟି ଧାରମାତ୍ର । ବହୁ କ୍ଷେତ୍ରରେ ବହୁ ଉପାଦେୟ ଉପାଦାନଗୁଡ଼ିକ ଅକବି ହାତରେ ପଡ଼ି ଅସୁନ୍ଦର ହୋଇଛି । ଦେବତା ଗଢ଼ିବାକୁ ଯାଇଁ ମର୍କଟ ସୃଷ୍ଟି ହୋଇଛି । ଠିକ୍ ସେଇଭଳି ବହୁ କ୍ଷେତ୍ରରେ ବହୁ ଅବାଞ୍ଛିତ ଉପାଦାନ ସୁକବି ହାତରେ ସୁନ୍ଦର ହୋଇଛି । ସଂସ୍କୃତର ପୃଷ୍ଠା ଓଲଟି ଗଲେ ଜଣାଯାଏ ପ୍ରତି ଯୁଗରେ ବହୁ କବି, ପଣ୍ଡିତ ଓ ଚିତ୍ରକାର ଜନ୍ମ-ଗ୍ରହଣ କରିଚନ୍ତି । ନିଜ ନିଜର ଶକ୍ତି ଅନୁସାରେ ସାଧନା କରିଚନ୍ତି । କିନ୍ତୁ କଳାକାର ଦରବାରରେ ସମ୍ମାନିତ ହୋଇଚନ୍ତି ଅଳ୍ପ କେତେ ଜଣ ମାତ୍ର । ଆଜି ଏ ଯୁଗରେ ଯେଉଁମାନେ କବିରୂପେ ବାହୁସ୍ଫୋଟ ପାରୁଚନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ଜୀଇ ରହିବେ ସେ କଥା କାଳ ଓ କଳା ଉଭୟ ବିଚାର କରିବେ । ଯେଉଁଠି ରସର ପ୍ରାଚୁର୍ଯ୍ୟ ଘଟିଚି ତାହା ରସାଳ ହୋଇଚି । ଏଇ ରସକୁ ପାଇବା ଦ୍ୱାରା ମଣିଷ ଆନନ୍ଦକୁ ପାଇଚି । ଉପନିଷଦ କହେ—"ରସୋ ବୈସଃ । ରସଂ ହ୍ୟେବାୟଂ ଲବ୍ଧାନନ୍ଦୀ ଭବତି ।"

"ଏହି ଦେଶରେ ଲଭିଲେ ଜନମ,
ସବୁ ମନୁଷ୍ୟ ମଧ୍ୟରେ ଉତ୍ତମ ।
ଗାନ୍ଧି ମହାତ୍ମା ନାମରେ ବିଖ୍ୟାତ,
ମହା ଗୁଣବନ୍ତ ଜନ ସାକ୍ଷାତ ।"
(କାଳନ୍ଦୀଚରଣ)

ଏଇ ଭଳି କବିତାର ସୌନ୍ଦର୍ଯ୍ୟବୋଧ କେବଳ ପ୍ରାଥମିକ ସ୍ତରରେ ରହିଛି । ବିଷୟବସ୍ତୁର ପ୍ରାଧାନ୍ୟ ହିଁ ଏ କବିତାର ଏକମାତ୍ର ସମ୍ବଳ । କିନ୍ତୁ ସୌନ୍ଦର୍ଯ୍ୟବୋଧର ଶୀର୍ଷତମ ସ୍ତରରେ ବିଷୟବସ୍ତୁ ଗୌଣ । ସେଠାରେ ରସର ପ୍ରାଧାନ୍ୟ ଓ ଆଧାରର ପ୍ରାଧାନ୍ୟ ଲକ୍ଷ୍ୟ କରାଯାଏ –

"ଗାନ୍ଧି ଗାନ୍ଧି କହୁଛି କାହାକୁ ଦେଉଛି କାହାକୁ ଗୋଟିଏ ରୂପ ?
ହାଡ଼ ମାଉଁସର ନୁହେଁ ତ ଗଢ଼ା ସେ, ଗାନ୍ଧି ଯେ ଏକ ଅପରୂପ;
ସଉରଭ ତାର ମହୁଆ ଭରା,
ଭାରତ ସାରା ମତ୍ତ କରିଛି, ମୁଗ୍ଧ କରିଛି ସାରା ଏ ଧରା ।"
(କାନ୍ତକବି ଲକ୍ଷ୍ମୀକାନ୍ତ)

ଗାନ୍ଧି ଏ ଯୁଗର ମହାପୁରୁଷ । ତାଙ୍କୁ କେନ୍ଦ୍ରକରି ମଣିଷ କ'ଣ ନ କରିଛି, କ'ଣ ନ ହୋଇଛି ଓ କ'ଣ ନ ଭବିଛି ? ସେ ସବୁର ବାହ୍ୟ ଆବରଣକୁ ଖସାଇ ଦେଇ ନନ୍ଦନ ତତ୍ତ୍ୱରୂପେ ଯାହା ରହେ, ତାହାର ବ୍ୟାପ୍ତି ଓ ଗଭୀରତାକୁ ସମ୍ବଳକରି ବିଗ୍ରହ କଲେ ବହୁ ଶିଳ୍ପୀ ହୀନ-ପ୍ରଭ ହୋଇଯାଆନ୍ତି । ହୋଇଯିବାଟା ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ । ଗାନ୍ଧିଜୀଙ୍କୁ କେନ୍ଦ୍ରକରି ବହୁ ମୂର୍ତ୍ତି, ଚିତ୍ର ଓ ଫଳକ ସୃଷ୍ଟି ହୋଇ ଥିଲେ ମଧ୍ୟ, ଆଚାର୍ଯ୍ୟ ନନ୍ଦଲାଲ ବସୁଙ୍କର "ଦାଣ୍ଡିଯାତ୍ରା" ଚିତ୍ରଫଳକ

ଏକମାତ୍ର ସାର୍ଥକ ସୃଷ୍ଟି । ୧୯୩୦ ମସିହାର ଏଇ ଶକ୍ତିଶାଳୀ ବେଗବାନ ଅହିଂସ ଅଭିଯାନକୁ ମୂଳକରି ସେ ରୂପ-ରାଜ୍ୟର ଅନାସ୍ୱାଦିତ ତୋରଣ ଉଦ୍‌ଘାଟନ କରିଚନ୍ତି । ଗାନ୍ଧିଜୀଙ୍କର ପ୍ରତିକୃତି ସେଠାରେ ଗୌଣ, ଅଥଚ ତାହା ସମଗ୍ର ଛବିର ଭରକେନ୍ଦ୍ର । ଠିକ ସେଇଭଳି ପ୍ରଚୁର କାବ୍ୟ—କବିତା ଲେଖା ହୋଇଚି । କେଉଁଠି ଗାନ୍ଧିଜୀଙ୍କୁ ଦେବତା ସ୍ଥାନରେ ରଖି କବି ନିଜର ପ୍ରଚୁର ଗୁରୁଭକ୍ତି ଦେଖାଇ ଦେଇଚନ୍ତି । ମାତ୍ର ବିଶ୍ୱକବି ରବିନ୍ଦ୍ରନାଥଙ୍କର 'ପ୍ରବେଶିକା' କବିତାଟି ସେ ସବୁର ବ୍ୟତିକ୍ରମ । କେତେ ଅଳ୍ପ କଥା ଓ ଅଳ୍ପ ବ୍ୟଞ୍ଜନା ମଧ୍ୟରେ ବିରାଟ ପ୍ରାଣଶକ୍ତିକୁ ପ୍ରକାଶ କଲାଭଳି ଲେଖନୀ ଯିମିତି ବିଶ୍ୱକବିଙ୍କ ହାତରେ ହିଁ ଥିଲା ! ସେ ଲେଖିଚନ୍ତି —

"ଊର୍ଦ୍ଧ୍ୱେ ଗିରିଚୂଡ଼ାୟ ବସେ ଆଛେ ଭକ୍ତ
ତୁଷାର ଶୁଭ୍ର ନିରବତାର ମଧ୍ୟେ
ଆକାଶେ ତାର ତନ୍ଦ୍ରାହୀନ ଚକ୍ଷୁ ଖୋଁଜେ ଆଲୋକେର ଇଙ୍ଗିତ ।
ମେଘ ଯଖନ ଘନୀଭୂତ; ନିଶାଚର ପାଖି ଚିତ୍‌କାର ଶବ୍ଦେ
ଯଖନ ଉଡ଼େ ଯାୟ
ସେ ବଲେ, 'ଭୟ ନେଇ ଭାଇ ମାନବକେ
ମହାନ ବଲେ ଜେନୋ' ।"

(ରବୀନ୍ଦ୍ରନାଥ)

ଯେଉଁଠି ବିଷୟବସ୍ତୁର ପ୍ରାଧାନ୍ୟ ଉଙ୍କିମାରି ଉଠେ ତାହାକୁ ଯେତେ ପ୍ରତିଷ୍ଠିତ କଳାବିତ୍ ପ୍ରକାଶ କଲେ ବି ତାହା ପ୍ରଥମ ସ୍ତରର ଶିଳ୍ପ ହୋଇ ପାରେ ନାହିଁ । ନାଟକ ଓ ପ୍ରତିକୃତି ଚିତ୍ରଣରେ ବିଷୟବସ୍ତୁର ପ୍ରାଧାନ୍ୟ ଲକ୍ଷ୍ୟ କରାଯାଏ । ସେଥିପାଇଁ ପୃଥିବୀର କଳା

ଇତିହାସରେ ନାଟକ ଓ ପ୍ରତିକୃତି ଚିତ୍ରଙ୍କୁ ନିଜର ସର୍ବଶ୍ରେଷ୍ଠ ପ୍ରକାଶ ପଦ୍ଧତି ରୂପେ ଗ୍ରହଣ କରି ମାନବ ଚରିତ୍ରଜ୍ଞ କଳାବିତ୍ ସଫଳକାମ ହୋଇଛନ୍ତି — ସେକ୍‌ସପିୟର, ବାର୍ଣ୍ଣାଡସ୍, ଲିଓନାର୍ଦୋଦାଭିଞ୍ଚି ଓ ଅବନୀନ୍ଦ୍ରନାଥ ଠାକୁର । ତଥାପି ଦାଭିଞ୍ଚି ଜଣେ ବିରଳ ରୂପାନ୍ୱେଷୀ ଭଳି କହିଛନ୍ତି :- "ପରମ ସୁନ୍ଦର ଚମତ୍କାର ଅସୁନ୍ଦର ଏ ଦୁଇଟି ଦୁର୍ଲଭ ।" ବିପରୀତରେ ଗ୍ରହଣ କରିବାକୁ ଗଲେ ଶାସ୍ତ୍ରୀୟ ସଙ୍ଗୀତର ଧ୍ୱନି, କାରୁକାର୍ଯ୍ୟ ଓ ଚିତ୍ରାଚିହ୍ନଗୁଡ଼ିକ କେବଳ ରସ-ପ୍ରଧାନ ସୌନ୍ଦର୍ଯ୍ୟତତ୍ତ୍ୱ ରୂପେ ଗୃହୀତ । ଚିତ୍ର ମାଧ୍ୟମରେ ଶିଳ୍ପୀଙ୍କୁ କଳ୍ପନାର ପାରିଜାତ ଫୁଲ ଫୁଟାଇ ଦେବାପାଇଁ ଯଥେଷ୍ଟ ଅବକାଶ ଦିଆଯାଇଛି । ପ୍ରବନ୍ଧର ପ୍ରଥମରୁ କୁହାଯାଇଥିବା ପ୍ୟାବ୍ଲୋ ପିକାସୋଙ୍କର ଦୃଷ୍ଟିକୋଣ ଚରିତ୍ରସାଶ୍ରୟୀ ଦୃଷ୍ଟିକୋଣର ଅଂଶ ବିଶେଷ । ୟୁରୋପୀୟ ଚିତ୍ରକଳାର ଇତିହାସ ଆଲୋଚନା କଲେ ଜଣାଯାଏ, ପିକାସୋଙ୍କ ଜନ୍ମ ପରେ ସେ ଦେଶର ଚିତ୍ରଶିଳ୍ପ ଗତିଶୀଳ ହୋଇଛି । ଐତିହାସିକ ସ୍ଥାଣୁତା ହରାଇଛି ।

ଓଡ଼ିଶାରେ ରସାଶ୍ରୟୀ ସୌନ୍ଦର୍ଯ୍ୟବୋଧର ଅଭାବ ନ ଥିଲା । ଆମ ପିଲାଦିନର କଥା, ଏବେ ମନେ ପଡ଼େ । ଶ୍ରୀପଞ୍ଚମୀରେ ଆମେ ଚିତ୍ରିତ ନାରିକେଳର ପୂଜା କରୁଥିଲୁ । ଗୋଟିଏ ନିଖୁଣ ନାରିକେଳ ଉପରେ ଗ୍ରାମର ମାଲ୍ୟାଣୀ ସୋଲ ଓ ଜରି କାଗଜର କାରୁକାର୍ଯ୍ୟ କରି ଦେଉଥିଲା । ଏଇ ନାରିକେଳକୁ ପୂଜା ପରେ ହାତରେ ଧରି ଘରକୁ ଘର ଭିକ୍ଷାକରି ଯାଉଥିଲୁ । ଗଳା ଫଟାଇ ଗାଉଥିଲୁ — "ପିତୁଳା ଲେଖାଇ ବୁଲି ସେ ଯା'ନ୍ତି; ଶ୍ରୀଫଳ, ପୁସ୍ତକ ହସ୍ତେ ଘେନନ୍ତି ।" ଏଭଳି ରସଘନ ବାଣୀ ଅର୍ଚ୍ଚନାର ପରମ୍ପରା ଆଉ କେଉଁଠି ଥିଲା ବୋଲି ଜଣା ନାହିଁ । ପଣ୍ଡିତ ନୀଳକଣ୍ଠ ଦାସ, ତାଙ୍କର 'ଓଡ଼ିଆ

ସାହିତ୍ୟର କ୍ରମ ପରିଣାମ' ପୁସ୍ତକରେ ଚର୍ଚ୍ଚିତ ନାରିକେଳ ପୂଜାର ସୂଚନା ଦେଇଚନ୍ତି । ଏବେ ପ୍ରତି ଛକରେ ଅଧାଲଙ୍ଗଳା ସରସ୍ୱତୀ ମୂର୍ତ୍ତିମାନ ଦେଖିଲେ ବାସ୍ତବିକ୍ ଦୁଃଖ ଆସେ !

ଦୁଇଟା ମହାସମରର କାରୁଣ୍ୟକୁ ଜୀର୍ଣ୍ଣକରି ଆମର ମସ୍ତିଷ୍କ ସମାଜ ଏବେ କ'ଣ ନ ହୋଇଚି, କ'ଣ ନ ଶିଖିଚି ଓ କ'ଣ ନ କରିଚି ? ସତ୍ୟର ଗବେଷଣା ପାଇଁ ବୀକ୍ଷଣାଗାରମାନ ଖୋଲୁଚି, କିନ୍ତୁ ସେଠାରେ ଅନ୍ୟକୁ ଗ୍ରାସ କରିବା ପାଇଁ ଯେତିକି ଚତୁର ବୁଦ୍ଧିର ଆବଶ୍ୟକ, ତାହାର ଶ୍ରୀବିଶେଷ ହେଉଚି । ଶିବ ବା ମଙ୍ଗଳକରର ଉପାସନା ପାଇଁ ସ୍ଥାନେ ସ୍ଥାନେ ଆଶ୍ରମ ଖୋଲା ହେଉଚି । ତାହା କ୍ରମେ କ୍ରମେ ଆଶ୍ରୟସ୍ଥଳୀରେ ପରିଣତ ହେଉଚି । ସୁନ୍ଦରର କଥା ନ କହିବା ହିଁ ଭଲ ! ସୌନ୍ଦର୍ଯ୍ୟ ମନ୍ଦିରର ସିଂହଦ୍ୱାରରେ ଭିତରୁ ଅର୍ଗଳି ଦିଆହୋଇଚି । ସୁନ୍ଦରକୁ ଉପଭୋଗ କରିବାର ତୃଷ୍ଣା ଆମ ମଧ୍ୟରୁ ମରିଯାଇଚି । ସମସ୍ତେ ଏବେ ସମସ୍ୱରରେ କହିଲେଣି ଦେବୀ ମେଢ଼ରେ ଦୁର୍ଗା, କାର୍ତ୍ତିକ ସରସ୍ୱତୀ ଓ ଲକ୍ଷ୍ମୀ ପ୍ରଭୃତିଙ୍କ ମୁହଁ ସିନେମା ସୁନ୍ଦରୀମାନଙ୍କ ମୁହଁ ଭଳି ହେଉ । ମେଢ଼ଟାଏ ଗଢ଼ୁ ଗଢ଼ୁ କାରିଗର ସହିତ ସହସ୍ରଥର ବଚସା ହୋଇଯାଉଚି, କେହି କିନ୍ତୁ ଥରେ ହେଲେ ଭାବୁ ନାହାନ୍ତି ; ଗଣେଶ କିମ୍ବା ମହିଷାସୁରର କଥା । ସେମାନେ ଯେ ଏ ଅତ୍ୟାଧୁନିକ ଯୁଗରେ କେଉଁଭଳି ଚେହେରା ଗ୍ରହଣ କରିବେ, ତାର ବ୍ୟବସ୍ଥା କେବଳ କାରିଗର ହିଁ କରୁଚି । ବହୁ ଲୁଗା ଦୋକାନରେ ପ୍ରାପ୍ତ ଅଧାଲଙ୍ଗଳା ପ୍ଲାଷ୍ଟିକ୍ କୁଣ୍ଢାଇ ସବୁ ନିର୍ଲଜ ରୂପେ ଶୋଭାବର୍ଦ୍ଧନ କରୁଚି । ମହାନଗରୀର ନିର୍ଦ୍ଦିଷ୍ଟ ରାଜପଥମାନଙ୍କରେ ଚଳିକୁ ମୁହଁ ପୋତି

ଚାଲିବାକୁ ପଡ଼ୁଛି । ବାପ ପୁଅ, ଭାଇ ଭଉଣୀ ଓ ମାଆ ପୁଅ ଏକାଠି ରାସ୍ତାକୁ ବାହାରିବାକୁ କୁଣ୍ଠିତ ହେଉଛନ୍ତି । ଆଗ କାଳରେ ଭଲ ହେଉ ବା ମନ୍ଦ ହେଉ କଳା ବସ୍ତୁରର ଗୋଟାଏ ସ୍ତର ଥିଲା; ଏବେ କିନ୍ତୁ ଗୁଣିଆମାନେ ନିଜ ଆସ୍ଥାନକୁ ଇନ୍ଦ୍ରସଭା ମନେକଲା ଭଳି, ଆମେ ଆମର ସମସ୍ତ ପ୍ରମତ୍ତତାକୁ ସଭ୍ୟତା ବୋଲି ଭାବୁଛୁ । କିନ୍ତୁ ଯେଉଁମାନେ ବାହାର ପୃଥିବୀ ସହିତ ମିଶାଇ ଦେଖୁଛନ୍ତି, ସେଇମାନେ ହିଁ ମର୍ମାହତ ହେଉଛନ୍ତି ।

ସମାଜ ସହିତ ଆମର କେବଳ ପ୍ରୟୋଜନୀୟ ସମ୍ପର୍କ ନାହିଁ । ଆମେ କେବଳ ନାରକୀୟ ବୀଭତ୍ସତା ମଧ୍ୟରେ ଚୁପ୍ ହୋଇ ବସିରହିବାକୁ ଜନ୍ମଗ୍ରହଣ କରିନାହୁଁ । ସମାଜ ସହିତ ଆମର ଆନନ୍ଦର ସମ୍ପର୍କ ଅଛି । ହୃଦୟର ସମ୍ପର୍କ ମଧ୍ୟ ଅଛି । କେଉଁ କାମଟି କଲେ ଆମ ମଧ୍ୟରେ ସାମଞ୍ଜସ୍ୟର ସୁଷମା ଫୁଟିବ, ସେ ବିଷୟ ସମସ୍ତେ ଅନ୍ତତଃ ଚିନ୍ତା କରିବା ଉଚିତ ।

ଅନଗୋଳ
୧୯୪୯

# ରୂପାନ୍ୱେଷୀର ସ୍ୱାକ୍ଷର

୧୯୫୬ ଜୁନରୁ ୧୯୫୮ ଜୁନ ପର୍ଯ୍ୟନ୍ତ ମାତ୍ର ଦୁଇଟି ବର୍ଷ । ଏଇ ଦୁଇବର୍ଷ ମଧ୍ୟରେ ମୋର ସବୁଦିନିଆ ପରିଚିତ ରାସ୍ତାକଥା ଶୁଣାଇବି । ରାସ୍ତାର ଦୁଇପାଖରେ ଦୁଇ ଧାଡ଼ି ଗୁଳଘର, ନୂଆଣିଆ ପିଣ୍ଡା । ଆଗରେ ଗ୍ଳେଣ୍ଟ ଗ୍ଳେଣ୍ଟ କାଠପଟା ଓ ବାଉଁଶର ଖଡ଼ି ଛଆର ହୋଇଥାଏ । ସେ ଖଡ଼ି ଉପରେ ପୁଞ୍ଜାଏ କି ଦୁଇପୁଞ୍ଜା ସରିକା ମାଟିର ମୂର୍ତ୍ତି ଗଡ଼ୁଥାଏ । ରାସ୍ତାର ଧୂଳି ବାଜି ଧୂସର ହୋଇଥାଏ । କାହାର ହାତ ଭାଙ୍ଗି ଯାଇଥାଏ ତ କାହାର ରଙ୍ଗ ଧୋଇହୋଇ ଯାଇଥାଏ । ଏ ସାହିଟି କାଠକର ଚିତ୍ରକାର ସାହି । କଣ୍ଢେଇ ମୂର୍ତ୍ତିକାର-ମାନଙ୍କ ହାତରେ ପୋଡ଼ାମାଟିର ମୂର୍ତ୍ତି ଦିନେ ସମଗ୍ର ଓଡ଼ିଶାରେ ସମ୍ମାନ ପାଉଥିଲା । କେବଳ ଗଞ୍ଜାମର ବଜାରରେ ହଜାର ହଜାର ଟଙ୍କାର କଣ୍ଢେଇ କୁଣ୍ଢାଇ ବିକ୍ରୀ ହେଉଥିଲା । ଆଜି ତାହା ଭାବିଲେ ସ୍ୱପ୍ନ ଭଳି ମନେହୁଏ । ପିଲାବେଳେ ଦେଖିଛି ଆମ ଦାଣ୍ଡରେ ମେଳଣ ହେଲେ ଝୋକାଇ ଠୋକାଇ କଣ୍ଢେଇ କୁଣ୍ଢାଇ ଯାଇଁ ସେଠାରେ ପହଞ୍ଚୁଥିଲା । ଏବେ ଦଶହରା କମ୍ପା ଦୋଳବେଳକୁ

ଥରେ ଅଧେ ନୂଆ ବାର୍ଣିସର ଗନ୍ଧ ନାକରେ ବାଜେ । ଚିତ୍ରକାର ସାହିମାନଙ୍କରେ ରଙ୍ଗ ସଫେଇର କାରବାର ଲାଗିଥାଏ । ସେମାନେ ଆଠକାଳ ବାରମାସ ଆପଣା ବ୍ୟବସାୟ ଉପରେ ଆସ୍ଥାରଖି ଚଳି ପାରୁନାହାନ୍ତି । ଅଧିକାଂଶ ଚିତ୍ରକାର ପ୍ରକୃତ ଚିତ୍ର ଫଳକ ଆଙ୍କୁଚନ୍ତି । କେତେକ ଟାଇଲ୍ ଗଡ଼ି ଖପରଲ୍ ବ୍ୟବସାୟ ଆରମ୍ଭ କରି ଦେଲେଣି । ଅଳ୍ପ କେତେଜଣ ସାହସ ସଂଚୟ କରି ଧନୀ ଲୋକଙ୍କ ଘର ଆଗରେ ଓ ଗ୍ରେଟ ଗ୍ରେଟ ମନ୍ଦିରମାନଙ୍କରେ ସିମେଣ୍ଟ ମୂର୍ତ୍ତି ତିଆରି କରି ପେଟ ପୋଷୁଚନ୍ତି । କଥାରେ ଅଛି 'ପେଟ ପୋଷ ନାହିଁ ଦୋଷ ।' ଏବେ ଏଇ ଅଦ୍ଭୁତ ଉପଦେଶଟି କାରିଗର ସଂପ୍ରଦାୟ ପ୍ରତି ଔଷଧ ଭଳି କାର୍ଯ୍ୟ କରୁଚି । ଅର୍ଥନୈତିକ ଦୁର୍ଗତି ଓ ଦୁଃସ୍ଥିତି ଅତୀତର ସବୁ ଶାଳୀନତାକୁ ଚୂନା ଚୂନା କରିଦେଇଚି । ବଜାରରେ ପ୍ଲାଷ୍ଟିକ କୁଣ୍ଢାଇର ଚଳଣି ଫଳରେ ଚିତ୍ରକାରମାନେ ହାତବାନ୍ଧି ହୋଇ ବସିଚନ୍ତି କହିଲେ ଚଳେ ।

କେବଳି କଟକର ମୂର୍ତ୍ତିକାରମାନେ କାମ ପାଉନାହାନ୍ତି କହିଲେ କଥାଟା ଆଦୌ ପରିଷ୍କାର ହେଉନାହିଁ ବରଂ ସାରା ଓଡ଼ିଶାର କାରିଗର ସମ୍ପ୍ରଦାୟ ଏଇଭଳି ଏକ ସଂକଟରେ ସମ୍ମୁଖିନ ହୋଇଚନ୍ତି କହିବା ଠିକ୍ ହେବ । ପିପିଲର ଯେଉଁ କାରିଗରମାନେ ଚାନ୍ଦୁଆ, ଛତ୍ର ଓ ତରାସ ଆଦି ତିଆରି କରୁଥିଲେ, ରେମୁଣାର ଯେଉଁ ଥଟାରୀମାନେ କଂସାବାସନ ଗଢ଼ୁଥିଲେ, ମାଳାକାରମାନେ ଫୁଲ ଓ ସୋଲର ନାନାବିଧ ଅଳଂକାର ପ୍ରସ୍ତୁତ କରୁଥିଲେ, କୁମ୍ଭକାରମାନେ ମାଟିର ଚଉଗଂ, ଗ୍ରାମଦେବତୀଙ୍କ ଦୀପ ଓ ଘୋଡ଼ାଅାଦି ଗଢ଼ୁଥିଲେ, ଏବଂ ଯେଉଁ କାରିଗରମାନେ ଚୁମୁକି ଓ ବୁଲଅନା ଦେଇ ରାଜାଘର ପୋଷାକରେ ଜରିକାମ କରୁଥିଲେ—ସେମାନେ

ସମସ୍ତେ ଲୋପ ହେବାକୁ ବସିଲେଣି । ଏହା ଫଳରେ ଜାତୀୟ ଶିଳ୍ପର ଯାହା ଅଧୋଗତି ହେଉଚି, ତାହା କେହି ଅନୁଭବ କରୁ ନାହାନ୍ତି, ଅନୁଭବ କଲେ ମଧ୍ଧ ମନ ମଧ୍ୟରେ ସ୍ଥାନ ଦେବାକୁ ସାହସ କରୁନାହାନ୍ତି । ଯେ କୌଣସି ଗୋଟିଏ ଗାଁକୁ ବୁଲିଗଲେ ଛତିଶ ପାଟକ ମଧ୍ୟରୁ ଜଣା ଅଧିକେ ତନ୍ତୀ, ବଢେଇ, କମାର, କୁମ୍ଭାର, ମାଳି ପ୍ରଭୃତି ବହୁବିଧ କାରୁ ଶିଳ୍ପୀଙ୍କର ଦେଖା ମିଳୁଥିଲା । ପୁରୀ ମନ୍ଦିରକୁ ତ କେନ୍ଦ୍ର କରି ବହୁ କାରିଗର ସେମାନଙ୍କର ଧାରାକୁ ଜୀଆଇ ରଖି ପେଟ ପୋଷୁଥିଲେ । କେବଳ ଧାର୍ମିକ ନୁହନ୍ତି, ସଂସ୍କୃତିକାଙ୍ଗାଳମାନଙ୍କ ପାଇଁ ବି ଜଗନ୍ନାଥ ମନ୍ଦିର କୈବଲ୍ୟ କଣିକା ବିତରଣ କରୁଥିଲା । ଏବେ ସେତିକ ସରି ଆସିଲାଣି । ଜାତୀୟ ଶିଳ୍ପର ଅଧୋଗତି ସହିତ ଆମର ସାମାଜିକ ଜୀବନରୁ ସନ୍ତୋଷ ଓ ରୁଚି ବିଲୋପ ହୋଇ ଯାଉଚି । ବର୍ତ୍ତମାନ ଓଡ଼ିଶାର ସଂସ୍କୃତିକ ମେରୁଦଣ୍ଡ ଦୋହଲି ଗଲାଭଳି ମନେ ହେଉଚି ।

କେନ୍ଦ୍ର ସରକାରଙ୍କ ତରଫରୁ କୁଣ୍ଢାଇ ଶିଳ୍ପର ଗବେଷଣା ପାଇଁ ଭାରତର ଅନ୍ୟାନ୍ୟ ପ୍ରଦେଶ ଗୁଡ଼ିକ ଆର୍ଥିକ ସାହାଯ୍ୟ ପାଇଚନ୍ତି । ଗୁମ୍ଫା ନାଟ୍ୟ ଓ କୁଣ୍ଢାଇ ନାଚର ବିକାଶ ବିକାଶପାଇଁ ମାନ୍ଦ୍ରାଜ ଓ ଜୟପୁରୀ କାରିଗରମାନେ ଆପ୍ରାଣଯତ୍ନ କରୁଚନ୍ତି ଆମର କିନ୍ତୁ କୁମ୍ଭକର୍ଣ୍ଣ ନିଦ ଭାଙ୍ଗିବାପାଇଁ ହୁଏତ ଆହୁରି ଅନେକ ଦିନ ଅପେକ୍ଷା କରିବାକୁ ହେବ । ଏ ସଂପର୍କରେ ଓଡ଼ିଶାର ଜଣେ ପାର୍ଲାମେଣ୍ଟ ସଦସ୍ୟ ସବୁ କଥା ଖବର କାଗଜରେ ଜଣାଇ ଦେଇଚନ୍ତି । ପଶ୍ଚିମ ବଙ୍ଗର କୃଷ୍ଣନଗର ମୂର୍ତ୍ତିକାରମାନଙ୍କ ତୁଲ୍ୟ ମୂର୍ତ୍ତିକାର ବି କଟକରେ ଅଛନ୍ତି । ରଣା ଓ ସେନାପତି ପରିବାରର କାରିଗରମାନଙ୍କ ନାମ ଉଲ୍ଲେଖଯୋଗ୍ୟ । ରାଜସ୍ଥାନର କୁଣ୍ଢାଇ

ନାଚ ସମ୍ପ୍ରଦାୟ ଭଳି ସମ୍ପ୍ରଦାୟ ମଧ୍ୟ ଓଡ଼ିଶାରେ ଗୋପଲୀଳା ପ୍ରଦର୍ଶନ କରିଥାଆନ୍ତି । ସେମାନଙ୍କୁ ଅହିର ଗଉଡ଼ କୁହାଯାଏ । ପ୍ରତି ଗ୍ରାମରେ ବୁଲି ଦିନରେ ଭାନୁମତୀ ଖେଳ ଓ ରାତିରେ ଗୋପଲୀଳା କରିବା ସେମାନଙ୍କର ପେଷା । କେଳାମାନଙ୍କ ମଧ୍ୟରେ ଗୋଟିଏ ଉଲ୍ଲେଖଯୋଗ୍ୟ ପରିବାର ଅଛି । ସେମାନେ ଢୋଲକୀ ବଜାଇ, ସଖୀନାଚ କରି ଭିକ୍ଷାନ୍ନରେ ସଂସାର ଚଳାନ୍ତି । ଓଡ଼ିଶାରେ କୁଣ୍ଢାଇ ଶିଳ୍ପର ଗବେଷଣା ଓ ପାରଂପରିକ କାରିଗରମାନଙ୍କ ମୂଲ୍ୟାଙ୍କନ ପାଇଁ ପ୍ରଶସ୍ତ କ୍ଷେତ୍ର ଅଛି । କିନ୍ତୁ ଯେଉଁମାନେ କାରିଗରୀ ପ୍ରକୃତରେ ଜାଣନ୍ତି, ସେମାନେ ସବୁବେଳେ ଚନ୍ଦ୍ରବନ୍ଧାଣୀ ମଧ୍ୟରେ ରହି ଆସିଚନ୍ତି । ସେ ସମସ୍ତଙ୍କୁ ଏକାଠି କରି ଅନୁଷ୍ଠାନଟିଏ ଠିଆ କରାଇବା ସରକାର ଓ ଜନସାଧାରଣର କର୍ମ । ଓଡ଼ିଶୀନାଚ୍ୟ ସଂପର୍କରେ ଅଳ୍ପ କେତେଦିନ ତଳେ ଯେଉଁ ଦ୍ୱନ୍ଦ୍ୱ ଓ ସଂଘର୍ଷ ଉପୁଜିଲା, ଏଠାରେ ତାହାର ପିମିତ ପୁନରାବୃତ୍ତି ନ ହୁଏ । ଆମର ଏଭଳି ବାଳଲୀଳା ହୁଏ ତ ଗୋଟାଏ ସଂସ୍କୃତିଶୀଳ ଜାତି ପକ୍ଷରେ ପ୍ରଥମ ସ୍ତରର ଦୁର୍ଘଟଣା ବୋଲି କହିବାକୁ ହେବ । ଯେଉଁମାନେ ଏ ଦେଶର ସାଂସ୍କୃତିକ ଦଉଡ଼ିକୁ ଦିନକୁଦିନ ପାକଲ କରୁଛନ୍ତି, ସେମାନେ ସବୁବେଳେ ଉନ୍ନତ ହେବା ଉଚିତ ।

ଦେଶ ପରାଧୀନ ଥିଲାବେଳେ ଯେଉଁମାନେ ସ୍ୱଦେଶୀ ଆନ୍ଦୋଳନକୁ ଆଗେଇ ନେଉଥିଲେ, ଦେଶ ସ୍ୱାଧୀନ ହେଲା ପରେ ସେଇମାନେ ସ୍ୱଦେଶୀ କାରିଗରକୁ ସାଧାରଣ ମଜୁରିଆ ସହିତ ସମାନ କରୁଚନ୍ତି । ଏହା ଅପ୍ରିୟ ହେଲେ ବି ସତ୍ୟ ! ଆମ୍ଭ ମଧ୍ୟରେ ସ୍ୱରାଜର ସ୍ୱାଦ ନ ଚାଖିଲେ ବ୍ୟବହାରିକ ଜୀବନରେ ସ୍ୱରାଜର ସ୍ୱାଦ ଚାଖିବା ବୃଥା । ପୂର୍ବ କାଳରେ ପ୍ରତି ଓଡ଼ିଆଣୀ ଜଣେ ଜଣେ

କଳାବତୀ ମହିଳା ଥିଲେ । ଐତରେୟ ବର୍ଣ୍ଣିତ ଚଉଷଠୀ ପ୍ରକାର କାରୁକର୍ମରେ ସେମାନେ ଧୁରୀଣ ଥିଲେ । ଉଣା ଅଧିକେ ସେମାନେ ତାହାକୁ ଆପଣା ଜୀବନ ମଧ୍ୟରେ ଫଳାଇବାକୁ ଚେଷ୍ଟା କରୁଥିଲେ । ଛତା କୁଟିବା, ମୁରୁଜ ଦେବା, ଫୁଲ ଗୁନ୍ଥିବା, ଠାଆ ଭାଙ୍ଗିବା, ବଡ଼ି ପାରିବା, ପିଠା ଗଢ଼ିବା, ଲୁଗା କୁଞ୍ଚିବା, ପାନ ଭାଙ୍ଗିବା, ନଖ ପରୁଇବା, ଶିକା ବୁଣିବା ଓ ଧାନ ମେଣ୍ଟି ପ୍ରସ୍ତୁତ କରିବା ଭଳି ଯାବତୀୟ ଗୃହ କର୍ମରେ ଆପଣା ନିପୁଣ ହାତର ପରିଚୟ ଦେଉଥିଲେ । ଝିଅ ଶାଶୁଘରକୁ ଯିବା ପୂର୍ବରୁ ଉପରୋକ୍ତ ଯାଣୁଣା-ମାନ ଶିକ୍ଷା କରୁଥିଲା । ସେଥିରେ ଆମ ସାମାଜିକ ଚଳଣି, ପରଂପରା ଓ ରୁଚିର ଏକ ବଶିଷ୍ଟ ବିନ୍ୟାସ ପୁରୁଷାନୁକ୍ରମିକ ନାରୀ ସମାଜର ଭୂଷଣ ହୋଇ ରହୁଥିଲା । ଏକ ସମୟରେ ସମସ୍ତ କୁଟୀରଶିଳ୍ପ କେବଳ ଗୃହଶିଳ୍ପ ଥିଲାବୋଲି ଆନନ୍ଦକୁମାର ସ୍ୱାମୀ ମତ ପ୍ରକାଶ କରିଛନ୍ତି । ଉପନିଷଦରେ ଅଛି "ଆତ୍ମସଂସ୍କୃତିର୍ବାବ ଶିଳ୍ପାନି ।" ଶିଳ୍ପଦ୍ୱାରା ଆତ୍ମା ସଂସ୍କୃତବନ୍ତ ହୁଏ । ଏଣୁ ପ୍ରତିଗୃହସ୍ଥ ନିକଟରେ ଶିଳ୍ପ-ସାଧନାକୁ ଏକ ପ୍ରକାର ଉପାସନାବୋଲି କୁହା-ଯାଇଥାଏ । ବିଶ୍ୱକର୍ମା ପୁରାଣକାର ଲେଖିଛନ୍ତି—"ସମସ୍ତ ସୁନ୍ଦର ବସ୍ତୁ କଲେ ଯେ ଉତ୍ପନ୍ନ, ସେଇ ବିଶ୍ୱକର୍ମାଦେବ ବ୍ରହ୍ମ ନିକେତନ ।" ଜାପାନୀମାନଙ୍କ ନିକଟରେ ଶିଳ୍ପ ତ ଗୋଟାଏ ସ୍ୱର୍ଗୀୟ ସାମଗ୍ରୀ । ପ୍ରତିବର୍ଷ ମାର୍ଚ୍ଚ ମାସରେ ଜାପାନୀମାନେ କୁଣ୍ଢାଇ ଉତ୍ସବ ପାଳନ କରନ୍ତି । ସେ ଦିନ ପ୍ରତିଗୃହସ୍ଥ ଆପଣା ଆପଣା ଘରେ କୁଣ୍ଢାଇ ପ୍ରଦର୍ଶନୀର ବ୍ୟବସ୍ଥାକରି ଥାଆନ୍ତି । ଲାଲ ରଙ୍ଗରେ ଲୁଗା ବିଛାଇ ତା ଉପରେ କୁଣ୍ଢାଇ ଗୁଡ଼ିକ ଅତି ଯତ୍ନରେ ସଜାଇ ରଖି ଥାଆନ୍ତି । ପୂର୍ବ ପୁରୁଷମାନେ ଯେଉଁସବୁ କୁଣ୍ଢାଇ କିଣିଥିଲେ କିମ୍ବା ସାଇତି ରଖିଥିଲେ, ସେ ଗୁଡ଼ିକ ମଧ୍ୟ ଏ ପ୍ରଦର୍ଶନୀର ଜୋଟିଏ

ବିଶିଷ୍ଟ ଅଙ୍ଗ । ଯେଉଁସବୁ କୁଣ୍ଢାଇ ଭାଙ୍ଗିଯାଏ, ଆଉ ସେ ଗୁଡ଼ିକ ମରାମତି କରି ରଖାଯାଇ ପାରେ ନାହିଁ—ସେ ଗୁଡ଼ିକପାଇଁ ବର୍ଷକ ମଧ୍ୟରେ ଦିନେ ଅନ୍ତତଃ ବୁଦ୍ଧଦେବଙ୍କ ମନ୍ଦିରରେ ପୂଜା କରାଯାଏ । ଆମର ମୂର୍ତ୍ତି ଓ କୁଣ୍ଢାଇ ପୂଜାର ବ୍ୟବସ୍ଥା ଅଛି ସତ, କିନ୍ତୁ ତାହା ଦେବତାଙ୍କୁ ଅବଲମ୍ବନରୂପେ ଗ୍ରହଣକରି ! କେବଳ ସୌନ୍ଦର୍ଯ୍ୟବୋଧ ଦୃଷ୍ଟିରୁ ମୂର୍ତ୍ତିପାଇଁ ମୂର୍ତ୍ତି ପୂଜା ଆମ ଦେଶରେ ବିରଳ । ଜାପାନୀମାନଙ୍କଭଳି କୁଣ୍ଢାଇ ଆମର ଏକାନ୍ତ ଆତ୍ମୀୟ ନୁହେଁ । ବଙ୍ଗାଳୀମାନେ ଦୁର୍ଗା ମୂର୍ତ୍ତିକୁ ବିସର୍ଜନ ଦେଲାପରେ, ଉକ୍ତ ଦିନଟିକୁ ଦୁଃଖର ଦିନରୂପେ ସ୍ମରଣ କରିଥାନ୍ତି । କିନ୍ତୁ ସେମାନଙ୍କର ଦୁର୍ଗାମୂର୍ତ୍ତିପାଇଁ ଶୋକ କେବଳ କନ୍ୟାବିଦାୟର ଶୋକ । ଆଜିକାଲି ଅତ୍ୟଧିକ ତାଚ୍ଛଲ୍ୟଯୋଗୁଁ ଆମ ପରଂପରାର ବହୁ ବିଶିଷ୍ଟ ଅଂଶ ଧୀରେ ଧୀରେ ଲୋପ ପାଇ ଗଲାଣି । ହୁଏତ ଆଉ ପଚିଶବର୍ଷ ପରେ ଚିତ୍ରକାର, ମାଲ୍ୟକାର ଓ କୁମ୍ଭକାର ପ୍ରଭୃତି ଶବ୍ଦ କେବଳ ଭାଷାକୋଷ ଓ ପ୍ରାଚୀନ କାବ୍ୟ କବିତାର ଭୂଷଣହୋଇ ରହିବ । କବିମାନେ ଆମ କାରିଗରମାନଙ୍କୁ କେନ୍ଦ୍ରକରି ମାନସିକ ବିଳାପ କରିବେ ।

ଆମ ଜାତୀୟତା ଓ ଜାତୀୟ-ଜୀବନ, ଏତେ ସ୍ଥାଣୁହୋଇ ପଡ଼ିଲାଣି ଯେ, ସଂସ୍କୃତି କହିଲେ କେବଳ ଅନ୍ଧାରରେ ବାଡ଼ି ବୁଲାଇ-ବାଆକୁ ହିଁ ବୁଝାଯାଉଛି । ଯିଏ ଯେତେ ବାଡ଼ିବୁଲାଇ ଅପରକୁ ଆହତ କରି ପାରିଲା, ସିଏ ସେତେ ସଂସ୍କୃତିମନ୍ତ ବୋଲି ସମ୍ମାନ ଲୋଡ଼ୁଛି । ଏ ଅବସ୍ଥାରେ ଆମର କାରିଗରମାନଙ୍କୁ କିପରି ନବ-ଜନ୍ମ ଦିଆଯିବ, ତାର ବିଚାର ହେବା ଉଚିତ । ନାନାପ୍ରକାର କାମକାରୁ ହୋଇଥିବା ମାଟି ତିଆରି ବଦଳରେ ସୁରେଇ ଓ ଫୁଲ

କୁଣ୍ଡରେ କାରୁକାର୍ଯ୍ୟ କରାଇଲେ, ଜରୀକାମ କରା ରାଜ ପୋଷାକ ବଦଳରେ ମହିଳାମାନଙ୍କ ବ୍ୟବହାରୋପଯୋଗୀ ବ୍ୟାଗ ଓ ବଟୁଆ ପ୍ରଭୃତି ତିଆରି କରାଇଲେ—ତାହାସବୁ ଦେଶର ବଜାରରେ ସମ୍ମାନ ପାଇ ପାରନ୍ତା । ଆମର କୁମ୍ଭାରମାନଙ୍କୁ ଯଦି ଗ୍ରୀକ୍ ଧରଣର ମାଟି ପାତ୍ର ଗଢ଼ିବାପାଇଁ ତାଲିମ ଦିଆ ହୁଅନ୍ତା ଏବଂ ସେମାନେ ଯଦି ଏସ୍‌କସ୍, କାଇଲକ୍‌ସ, ଲେକଥସ୍ ଓ ଏମ୍‌ଫୋରା ପ୍ରଭୃତିକୁ ଆପଣା ପାରଂପରିକ ପଦ୍ଧତିରେ ତିଆରି କରନ୍ତେ, ତେବେ ତାହା ପୃଥିବୀର ଯେ କୌଣସି ବଜାରରେ ଆଦୃତ ହୁଅନ୍ତା, ଠିକ ମେସପଟୋମିୟା ଓ ବ୍ୟାବଲୋନିଆର ପୋଡ଼ା ମାଟିରୁ ମୋଜାଇକ ଭଳି ଆମର ଏଠି ମାଟିର ମୋଜାଇକ କରିବାପାଇଁ ଅବସର ସୃଷ୍ଟି ହୁଅନ୍ତା । ଉତ୍କଳ-ସାହିତ୍ୟ ସମାଜର ଅଷ୍ଟାବିଂଶ ବାର୍ଷିକ ଅଧିବେଶନର ସଭାପତି ରୂପେ ସୁସାହିତ୍ୟିକ ଜଳନ୍ଧର ଦେବ ୧୯୩୩ମସିହାରେ ଭାଷଣ ଦେଇ କହିଥିଲେ—"ମହେନ୍-ଜୋଦୋଡ଼ାରେ ଅଧୁନା ଆବିଷ୍କୃତ ମୃଣ୍ମୟ ପାତ୍ର ସହିତ ଏ ସହରର କୁମ୍ଭକାରମାନଙ୍କର ନିର୍ମିତ ପାତ୍ରର ତୁଳନା କଲେ ଆମ୍ଭମାନଙ୍କୁ ଲଜ୍ଜିତ ହେବାକୁ ପଡ଼ିବ । ପାଞ୍ଚ ହଜାର ବର୍ଷ ପରେ ଏତାଦୃଶ ବ୍ୟାପାର ଭାରତବାସୀର ଉନ୍ନତି ନା ଅଧୋଗତିର ପରିଚାୟକ ! ପୋରସିଲେନ୍ ପାତ୍ର ସହିତ ବ୍ରାହ୍ମଣମାନଙ୍କ ହାଣ୍ଡିର ତୁଳନା କର, ଜାଣିପାରିବ ସାହିତ୍ୟ ଦ୍ୱାରା କୁଟୀରଶିଳ୍ପର କି ଅଦ୍‌ଭୁତ ପରିବର୍ତ୍ତନ ଘଟିଅଛି । ଏହି ହାଣ୍ଡି ନିର୍ମାଣ କୌଶଳ ଜୀବନ ମରଣର ସମସ୍ୟା ସମାଧାନ କରେ ବୋଇଲେ ଅତ୍ୟୁକ୍ତି ନୁହେଁ । ତଥାପି ଭାରତବାସୀ ଏହି ଆବଶ୍ୟକ ଶିଳ୍ପର ଭାର 'ଦଶ ସ୍ଥାନଃ ସମସ୍ଥଳୀ' ହସ୍ତରେ ନ୍ୟସ୍ତକରି ଦେଇ ନିଶ୍ଚିନ୍ତ । ଯେଉଁ ମୁଷ୍ଟିମେୟ ବ୍ୟକ୍ତି ଅନ୍ୟ ଜାତି ଗୁଡ଼ାଙ୍କୁ ରନ୍ଧନପାତ୍ର ଯୋଗାଇ ବଞ୍ଚାଇ ରଖିଅଛନ୍ତି, ସେ ପୁଣି

ହେସ୍ତ, ଘୃଣ୍ୟ, ଅସ୍ପୃଶ୍ୟ ଓ ଅଶିକ୍ଷିତ । କୁମ୍ଭକାରମାନେ ଶିକ୍ଷିତ ହୋଇଥିଲେ କ ପାଞ୍ଚହଜାର ବର୍ଷରେ ରନ୍ଧନପାତ୍ରର ଉନ୍ନତି ହୋଇ ନ ଥାନ୍ତା !"

ଆମର ସେସବୁ ଦିଗ ପ୍ରତି ଏବେ ବି ଆଦୌ ଦୃଷ୍ଟି ନାହିଁ କହିଲେ ଚଳେ । ଯେଉଁମାନେ ଦୟାର୍ଦ୍ର ହୃଦୟରେ ବର୍ତ୍ତିର କରୁଛନ୍ତି, ସେମାନଙ୍କର ବ୍ୟବସାୟୀ ବୁଦ୍ଧି ବି ଶିଳ୍ପୀ ସୁଲଭ ଦୃଷ୍ଟିକୋଣ ନ ଥିବାରୁ କୌଣସି କର୍ମ ସମ୍ଭବ ହେଉନାହିଁ । ଉଦାହରଣ ରୂପେ ଅଭଙ୍ଗାକୁଣ୍ଢାଇ କଥା କୁହାଯାଇ ପାରେ । ପିଲମାନଙ୍କର କଣ୍ଢାଇ ରଙ୍ଗିନ ଓ ଭଙ୍ଗୁର ହେବା ଉଚିତ । ମନସ୍ତାତ୍ତ୍ୱିକମାନଙ୍କ ମତରେ ପିଲାଏ ନିତ୍ୟ ନୂତନ ଖେଳଣା ଲୋଡ଼ନ୍ତି । ତାହାଦ୍ୱାରା ସେମାନଙ୍କର ଅଗ୍ରହ ଓ ରୁଚି ପୁଷ୍ଟ, ବିକଶିତ ଓ ମାର୍ଜିତ ହୁଏ । ଖେଳନାଗୁଡ଼ିକ ଭଙ୍ଗୁର ହେବା ଫଳରେ ବ୍ୟବସାୟୀ ମଧ୍ୟ ପାଞ୍ଚଟା ଜିନିସ ବିକି କରି ପେଟ ପୋଷିବାର ସୁଯୋଗ ପାଏ । ଏ ଦୁଇଟି ମଧ୍ୟରେ କୌଣସି ଗୋଟିଏ ହେଲେ ସମସ୍ୟା ଅଭଙ୍ଗା କୁଣ୍ଢାଇ ଦ୍ୱାରା ସମାଧାନ ହୋଇପାରୁ ନାହିଁ । ବରଂ ଗୋଟିଏ ନିର୍ଦ୍ଦିଷ୍ଟ କୁଣ୍ଢାଇକୁ ପୁନ ପୌନଃପୁନ କ୍ରମେ ଭୋଗ ଦଖଲ କରିବା ଫଳରେ କୁଣ୍ଢାଇର ଅସ୍ୱାଭାବିକ ଚେହେରା ଆମ ଶିଶୁମାନଙ୍କ ମନଃ ଦୃଷ୍ଟିର ସମ୍ବଳ ହୋଇ ରହୁଚି । ଫୁଲଟିର କଡ଼ଟିଏ ଜନ୍ମ ହେବା ଆଗରୁ ତାହା ବୁଢ଼ା ହେବାକୁ ବାଧ୍ୟ ହେଉଚି । ଆଜି ଆମର ଜାତୀୟ-ଜୀବନ ମଧ୍ୟରେ ତାରୁଣ୍ୟର ଅଭାବ ସର୍ବଦା ଆଖିରେ ପଡ଼ୁଚି । ପରନ୍ତୁ କାଗଜ ଗୁଣ୍ଡି ସାହାଯ୍ୟରେ କାଶ୍ମୀର ଦେଶର ଲୋକମାନେ ନାନାପ୍ରକାର ବ୍ୟବହାର୍ଯ୍ୟ ସାମଗ୍ରୀ ତିଆରି

କରନ୍ତି । ଛୋଟ ଛୋଟ ବହି ଆଲମାରି, ପାଠ ପଢ଼ିବା ଟେବୁଲ ଓ ଗହଣା ବାକ୍ସ ପ୍ରଭୃତି ତାର ଆଦର୍ଶ । ଦ୍ରବ୍ୟଗୁଡ଼ିକ ମଧ୍ୟ ସୁଦୃଶ୍ୟ ଓ ସ୍ଥାନାନ୍ତର ପାଇଁ ସୁବିଧାଜନକ ହୋଇଥାଏ । ଆମର ଶିଳ୍ପ ଉଦ୍ୟୋକ୍ତାମାନେ ଅଭଙ୍ଗା ଦ୍ରବ୍ୟର ଏ ଦିଗଟି ପ୍ରତି ସଚେତନ ହେବା ବାଞ୍ଛନୀୟ । ଏଭଳି ଅନ୍ୟ ଏକ ଉଦାହରଣ, ଜଗନ୍ନାଥ ମୂର୍ତ୍ତି । ଏଇ ମୂର୍ତ୍ତିଟି ଓଡ଼ିଆ ଜାତିର କୋଠ ସମ୍ପତ୍ତି । ଛୋଟ ବଡ଼, ଧନୀ ନିର୍ଧନ ସମସ୍ତେ ଏଇ ମୂର୍ତ୍ତିକୁ ଶ୍ରଦ୍ଧା କରନ୍ତି । ଧର୍ମ ଦିଗରୁ ବିଚାରିଲେ ଏହା ଓଡ଼ିଆ ଜାତିର କୁଳଦେବତା । ମୂର୍ତ୍ତିଟିର ଗଠନ ପ୍ରଣାଳୀ ଏତେ ସହଜ ଓ ବଳିଷ୍ଠ ଯେ, ଦେଶ ବିଦେଶର ପଣ୍ଡିତମାନଙ୍କ ମୁହଁରୁ ତା'ର ଅଜସ୍ର ପ୍ରଶଂସା ଶୁଣାଯାଏ । ସେ ମୂର୍ତ୍ତିକୁ ବ୍ୟବହାର କରି ଆମେ ଯଦି ଖଟଖୁରା, ସିଗାରେଟ ଝାଡ଼ିବା ପାତ୍ର କିମ୍ବା ବହିଥାକ ସଜାଡ଼ିବା ଉପକରଣ ତିଆରି କରିବା, ତେବେ ଆମ ରୁଚିର ବିବର୍ତ୍ତନ କେଉଁ ଦିଗକୁ ଘଟିବ ? ବରଂ ବିଭ୍ରାଟ ହେବାର ଆଶଙ୍କା ଅଧିକ ଅଛି ।

ଆମ ସରକାରଙ୍କ କାଗଜ କଲମରେ ଏଥିପାଇଁ କିଞ୍ଚିତ ଉଦ୍ୟମ କରାହୋଇଛି । ଶିଳ୍ପ ବିଭାଗର ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ଆମ କାରିଗରୀ ପାଇଁ କିଛି ଅର୍ଥ ନିର୍ଦ୍ଦିଷ୍ଟ ଅଛି । ତାହା କିନ୍ତୁ ଅଜବ ଦେଶର ଅଶୁଣା କଥା ଭଳି । ଆମ ପଡ଼ୋଶୀ ପ୍ରଦେଶମାନଙ୍କରେ ଜଣେ ଜଣେ ବିଦଗ୍ଧ ଶିଳ୍ପୀ ଏହାର ଦାୟିତ୍ୱରେ ଥିଲା ବେଳେ, ଆମର ଲୁହାଛଡ଼ ଓ ପ୍ଲାଷ୍ଟିକ ବୋତାମ ସହିତ ଯୁକ୍ତ ହୋଇ ସୂକ୍ଷ୍ମ କାରିଗରୀର ବିଚାର ହେଉଛି । ସଭ୍ୟ ଓ ଶିକ୍ଷିତ ଲୋକଙ୍କର ବାଣୀ ଓ ବଚନ ମଧ୍ୟରେ ତାହା ଯେପରି ଅସ୍ପୃଶ୍ୟତାର

କଳଙ୍କ ହୋଇ ରହିବ । ସାଂସ୍କୃତିକ ଜୀବନର ବିକାଶ ଓ ତାର ପ୍ରତିଷ୍ଠା ପାଇଁ ସବୁକ୍ଷେତ୍ରରେ ଦଳବଦ୍ଧ ହୋଇ ପାରଂପରିକ କାରିଗର ମାନଙ୍କ ସହିତ ଆଧୁନିକ ଦୃଷ୍ଟି ସମ୍ପନ୍ନ ତାଲିମ ପ୍ରାପ୍ତ ଶିଳ୍ପୀମାନେ କାର୍ଯ୍ୟ କରିବା ଉଚିତ । ପରଂପରା ଓ ଚଳଣିଗୁଡ଼ିକ ପ୍ରତି ଅଶେଷ ଶ୍ରଦ୍ଧାବନ୍ତ ହେବା ଉଚିତ । ଗୋଟାଏ ଜାତିକୁ ଗଢ଼ିଦେବା, କେବଳ କଥାର କଥା ନୁହେଁ; କିମ୍ବା ଜଣକ ସ୍ୱପ୍ନର ଖିଆଲ ନୁହେଁ ।

କଟକ
୧୯୫୮

ସାହାଯ୍ୟକାରୀ ଗ୍ରନ୍ଥ—

୧ । The Grass Roots of Art— Herbert Read

୨ । Art and Swadeshi— A. K. Coomara Swamy

୩ । Art and Child personality — Ruth Dunnett

୪ । Education and the significance of life J. Krishnamurty

୫ । Art : An untouchable in Indian Education O. C. Ganguli

୬ । Vision and Design Roger Fry

୭ । ଶାନ୍ତିନିକେତନ (୧ମ ଓ ୨ୟ) ରବୀନ୍ଦ୍ରନାଥ ଠାକୁର

୮ । ସାହିତ୍ୟ ... ରବୀନ୍ଦ୍ରନାଥ ଠାକୁର

୯ । ଶିଳ୍ପାୟନ ... ଅବନୀନ୍ଦ୍ରନାଥ ଠାକୁର

୧୦ । ଶିଳ୍ପ କଥା ... ନନ୍ଦଲାଲ ବସୁ

୧୧ । ଶିକ୍ଷାୟ ମନସ୍ତତ୍ତ୍ୱ ... ମଣୀନ୍ଦ୍ରନାଥ ମୁଖୋପାଧ୍ୟାୟ

୧୨ । ସୌନ୍ଦର୍ଯ୍ୟ ଦର୍ଶନ ... ପ୍ରବାସ ଜୀବନ ଚୌଧୁରୀ

୧୩ । ଶିକ୍ଷଣ ବିଚାର ... ବିନୋବା

୧୪ । ବିଶ୍ୱକର୍ମା ମହାପୁରାଣ ... ଫକୀରଚରଣ ଓଝା

# ପଢ଼ିବା ଲୋକର ମତାମତ

ଏକମାତ୍ର ପ୍ରାମାଣିକ ଗ୍ରନ୍ଥ—

# ଓଡ଼ିଶୀ ଚିତ୍ର

"ଓଡ଼ିଶୀ ଚିତ୍ରକଳା ପ୍ରତି ଓଡ଼ିଶାବାସୀଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଦିଗରେ ଏ ପୁସ୍ତକଟି ବିଶେଷ ଉପଯୋଗୀ ହୋଇଛି ।"

—ସମାଜ

"ବାସ୍ତବିକ ଲେଖକଙ୍କର ଏ ଉଦ୍ୟମ ଫଳରେ ଓଡ଼ିଶାର କଳା ଆଲୋଚନାର ଏକ ନୂତନ ଦିଗ ସୃଷ୍ଟି ହୋଇଛି ।"

—ପ୍ରଜାତନ୍ତ୍ର

"ଏ ପୁସ୍ତକରେ ଲେଖକ ବିଭିନ୍ନ ଚିତ୍ରସହ ଓଡ଼ିଶାର ଚିତ୍ର ଓ ମୂର୍ତ୍ତି ସାହିତ୍ୟର କ୍ରମବିକାଶ ସମ୍ପର୍କରେ ବହୁ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେଇଛନ୍ତି ।"

— ମାତୃଭୂମି

ଲେଖକ — **ବିନୋଦ ରାଉତରାୟ**

ମୂଲ୍ୟ — ଦୁଇଟଙ୍କା